# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୦/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, August 20/2019 | ★★★★★★

୪୫ଶ ଭାଗ ୨୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଶୁଟିଂ ସେଟ୍‌ରେ କୀର୍ତ୍ତି**

ଅଭିନେତ୍ରୀ କୀର୍ତ୍ତି କୁଲ୍ହାରୀ 'ଦି ଗର୍ଲ ଅନ୍ ଦି ଟ୍ରେନ୍'ର ଶୁଟିଂସେଟ୍‌ରୁ ପରିଣିତି ଚୋପ୍ରାଙ୍କୁ ଆଲିଙ୍ଗନ କରିଥିବାର ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।

୦୮

୧୯

**ସାକ୍ଷୀ ମଲିକଙ୍କୁ ନୋଟିସ**

ରେସ୍‌ଲିଂ ଫେଡେରେସନ ଅଫ୍ ଇଣ୍ଡିଆ ଅଲିମ୍ପିକ ପଦକ ବିଜୟିନୀ ସାକ୍ଷୀ ମଲିକଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିଛି।



■ ରାଶନ ପାଇଁ ଆଧାର ବାଧ୍ୟତାମୂଳକ

# ସବୁ ପିଡିଏସ୍‌ରୁ ନେଇପାରିବେ ଖାଦ୍ୟ ସାମଗ୍ରୀ

■ ସେପ୍ଟେମ୍ବର ପହିଲାରୁ ଲାଗୁ ହେବ

■ ବିଏମ୍‌ସିରୁ ଆରମ୍ଭ ପାଇଲଟ ପ୍ରକଳ୍ପ

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା ଏବଂ ରାଜ୍ୟ ଖାଦ୍ୟ ନିରାପତ୍ତା ସ୍କିମ୍ ହିତାଧିକାରୀମାନେ ଏଣିକି ରାଜ୍ୟର ଯେକୌଣସି ସାଧାରଣ ଖାଉଟି ବଣ୍ଟନ କେନ୍ଦ୍ର(ପିଡିଏସ୍)ରୁ ଚାଉଳ, ଗହମ ଓ କିରୋସିନ ନେଇପାରିବେ। ସେମାନଙ୍କୁ ଆଉ କେବଳ ଜଣେ ଡିଲର ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ କିମ୍ବା ରାଶନ ପାଇଁ ବାରମ୍ବାର ଦୌଡ଼ିବାକୁ ପଡ଼ିବ ନାହିଁ। ରାଶନ କାର୍ଡ ଦେଖାଇ ଯେକୌଣସି ଖାଉଟି କେନ୍ଦ୍ରରୁ ଖାଦ୍ୟ ସାମଗ୍ରୀ ନେଇପାରିବେ। ଆସନ୍ତା ସେପ୍ଟେମ୍ବର ପହିଲାରୁ ପାଇଲଟ ପ୍ରକଳ୍ପ ଭାବେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରୁ ଏହି ସୁବିଧା ଆରମ୍ଭ ହେବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଏନେଇ ଖୋର୍ଦ୍ଧା ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଦେଇଛନ୍ତି। ତେବେ ଏହି ସୁବିଧା ପାଇବା ପାଇଁ ରାଶନ କାର୍ଡ ହିତାଧିକାରୀଙ୍କୁ ଆଧାର କାର୍ଡ ଏବଂ ଫୋନ୍ ନମ୍ବର ଲିଙ୍କ୍ କରିବାକୁ ପଡ଼ିବ।

ଭୁବନେଶ୍ୱର ମହାନଗର ନିଗମରେ ଥିବା ୬୭ଟି ୱାର୍ଡରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହି ଅଞ୍ଚଳରେ ଥିବା ୧୨୭ଟି ସାଧାରଣ ଖାଉଟି ବଣ୍ଟନ କେନ୍ଦ୍ରକୁ ଆଇଆର୍‌ଆଇଏସ୍ ସ୍କାନର ମେଶିନ ମଧ୍ୟ ଯୋଗାଇ ଦିଆଯିବ। ଆଧାର କାର୍ଡର ଟିପଚିହ୍ନ ମ୍ୟାଚ୍ ନ କଲେ ଉକ୍ତ ମେଶିନ ଜରିଆରେ ଖାଉଟିଙ୍କୁ ଚିହ୍ନଟ କରାଯାଇପାରିବ। ଯେଉଁ ଖାଉଟିଙ୍କର ଆଧାର ସଂଯୋଗ ସମ୍ଭବ ହେବ ନାହିଁ ଅର୍ଥାତ୍ ରୋଗଗ୍ରସ୍ତ, ମାନସିକ ବିକାରଗ୍ରସ୍ତ, ବୃଦ୍ଧାବୃଦ୍ଧଙ୍କୁ ମାର୍କେଟିଂ ଇଣ୍ଟେଲିଜେନ୍ସ (ଏମ୍‌ଆଇ)ଙ୍କ ସାର୍ଟିଫିକେଟ ଆଧାରରେ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯିବ। ଏମ୍‌ଆଇ ଦେଇଥିବା ସାର୍ଟିଫିକେଟ ଠିକ୍ ଅଛି କି ନାହିଁ ତାହା ବର୍ଷକୁ ୪ ଥର ବିଭାଗୀୟ ସ୍କ୍ୱାଡ ଦ୍ୱାରା ସ୍ୱତନ୍ତ୍ର ଭାବେ ଯାଞ୍ଚ କରାଯିବ। ଜାଲିଆତି ହୋଇଥିବା ଧରାପଡ଼ିଲେ ସମ୍ପୃକ୍ତ ଏମ୍‌ଆଇଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ସହରାଞ୍ଚଳରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏହାପରେ ଏହି ବ୍ୟବସ୍ଥା ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ କରାଯିବ। ଆଇଆର୍‌ଆଇଏସ୍ ସ୍କାନର ବାବଦରେ କଣ୍ଟ୍ରୋଲ ଡିଲରଙ୍କୁ ୭୦୦୦ ଟଙ୍କା ରାଜ୍ୟ ସରକାର ଯୋଗାଇ ଦେବେ।

ସେପ୍ଟେମ୍ବର ପହିଲାରୁ ରାଶନ କାର୍ଡଧାରୀ ବିନା ଆଧାର ପଞ୍ଜୀକରଣରେ ଖାଦ୍ୟ ସାମଗ୍ରୀ ନେଇପାରିବେ ନାହିଁ। ଏ ପର୍ଯ୍ୟନ୍ତ ରାଜ୍ୟରେ ୯୬ ପ୍ରତିଶତ ପରିବାର ଆଧାର ପଞ୍ଜୀକରଣ କରିଛନ୍ତି। ଅବଶିଷ୍ଟ ଖୁବ୍‌ଶୀଘ୍ର ହେବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ୨ଲକ୍ଷ କୋଟିର ପୁଞ୍ଜିନିବେଶକୁ ମଞ୍ଜୁରୀ

ଭୁବନେଶ୍ୱର, ୧୯।୮ (ବ୍ୟୁରୋ)

ରାଜ୍ୟରେ ୨,୦୪,୦୬୯ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ସୋମବାର ଅପରାହ୍ନରେ ଖାରବେଳ ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉଚ୍ଚ କ୍ଷମତାସମ୍ପନ୍ନ କ୍ଲିୟରାନ୍ସ ଅଥରିଟି(ଏଚ୍‌ଏଲ୍‌ସିଏ)ବୈଠକରେ ୫ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଥିରେ ୨୭,୬୪୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପେଟ୍ରୋକେମିକାଲ ଓ ମେଟାଲ ଡାଉନ୍‌ଷ୍ଟ୍ରିମ ପ୍ରକଳ୍ପଗୁଡ଼ିକରେ ଏହି ପୁଞ୍ଜିନିବେଶ ହେବ।

ଜିନ୍ଦଲ (ଇଣ୍ଡିଆ) ଲିମିଟେଡ ଯାଜପୁର ଜିଲା କଳିଙ୍ଗନଗରଠାରେ ୦.୫୦ନିୟୁତ ଟନ୍‌ର କୋଲ୍ଡ ରୋଲିଂ କମ୍ପ୍ଲେକ୍ସ ଏବଂ ଷ୍ଟିଲ୍ ପ୍ରୋସେସିଂ ପ୍ଲାଣ୍ଟ ସ୍ଥାପନ କରିବ। ଏହି ପ୍ଲାଣ୍ଟରେ ଜିନ୍ଦଲ ୧୬୭୬ କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛି। ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ୧୩ଶହ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏହି ପ୍ରସ୍ତାବକୁ ଉଚ୍ଚସ୍ତରୀୟ କ୍ଲିୟରାନ୍ସ ଅଥରିଟି ବୈଠକରେ ଅନୁମୋଦନ କରାଯାଇଛି। ସେହିପରି ତାଳଚେର ସାର କାରଖାନା ପକ୍ଷରୁ ତାଳଚେରଠାରେ ବାର୍ଷିକ ୧୯୯ ନିୟୁତ ଟନ୍‌ର ଏକ କୋଇଲା ଚାଳିତ ୟୁରିଆ ସାର କାରଖାନା ସ୍ଥାପନ କରାଯିବ। ସେଥିରେ ୧୪,୭୩୨ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଏହି କମ୍ପ୍ଲେକ୍ସ କାର୍ଯ୍ୟକାରୀ ହେଲେ ୫୫୦ ଜଣଙ୍କୁ ନିଯୁକ୍ତି ମିଳିପାରିବ।

ପେଟ୍ରୋ କେମିକାଲ କ୍ଷେତ୍ରରେ ମଧ୍ୟ ଓଡ଼ିଶାରେ ବୃହତ୍ ପୁଞ୍ଜିନିବେଶ ହେବାକୁ ଯାଉଛି। ହଳଦିଆ ପେଟ୍ରୋ କେମିକାଲ୍‌ସ ଲିମିଟେଡ ପକ୍ଷରୁ ବାଲେଶ୍ୱର ଜିଲା ସୁବର୍ଣ୍ଣରେଖା ବନ୍ଦର ନିକଟରେ ତୈଳ ବିଶୋଧନାଗାର, ଏରୋମାଟିକ୍ସ କମ୍ପ୍ଲେକ୍ସ ଏବଂ ଏଥଲିନ କ୍ରାକର କମ୍ପ୍ଲେକ୍ସ ନିର୍ମାଣ କରାଯିବ। ଏଥିରେ ୭୮,୨୨୫କୋଟି ଟଙ୍କାର ପୁଞ୍ଜି ନିବେଶ ହେବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୧୦ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପାରାଦୀପ ତୈଳ ବିଶୋଧନାଗାର ସମ୍ପ୍ରସାରଣକୁ ମଧ୍ୟ ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟି ମଞ୍ଜୁର କରିଛି। ଭାରତୀୟ ତୈଳ ନିଗମ(ଆଇଓସିଏଲ) ପାରାଦୀପ ଠାରେ ଥିବା ବିଶୋଧନାଗାର ସମ୍ପ୍ରସାରଣ ସହ ଏକ ନୂଆ ପ୍ଲାଣ୍ଟ ନିର୍ମାଣ କରିବ। ବିଶୋଧନାଗାର କ୍ଷମତାକୁ ୧୫ ନିୟୁତ ଟନ୍‌ରୁ ୨୫ ନିୟୁତ ଟନ୍‌କୁ ବୃଦ୍ଧି କରାଯିବା ସହ ଏରୋମାଟିକ୍ସ କମ୍ପ୍ଲେକ୍ସ ଏବଂ ପେଟ୍‌କୋକ ଗ୍ୟାସିଫିକେଶନ ପ୍ଲାଣ୍ଟ ସ୍ଥାପନ ହେବ। ଏଥିରେ ୧ଲକ୍ଷ ୩୦୦ କୋଟି ଟଙ୍କାର ପୁଞ୍ଜି ନିବେଶ ହେବା ସହ ୧୨,୫୯୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଆଇଓସିଏଲ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ବୈଠକରେ ଅନୁମୋଦନ ଦିଆଯାଇଛି। ଏଥିସହିତ ଆଇଓସିଏଲ ପାରାଦୀପଠାରେ ୧.୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ପ୍ୟୁରିଫାଏଡ ଟେରିଫଥାଲିକ ଏସିଡ କମ୍ପ୍ଲେକ୍ସ(ପିଏକ୍ସ-ପିଟିଏ) ସ୍ଥାପନ କରିବ। ଏହି ପ୍ଲାଣ୍ଟରେ ୯,୧୩୬ କୋଟି ଟଙ୍କାର ପୁଞ୍ଜି ନିବେଶ ହେବା ସହିତ ୩୨ଶହ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିବ। ଏହି ପ୍ରକଳ୍ପ ସ୍ଥାପନ ହେଲେ ଓଡ଼ିଶା ପୂର୍ବ ଭାରତର ଶକ୍ତିର ଦ୍ୱାରଦେଶ ହେବ। ଉକ୍ତ ପ୍ରକଳ୍ପଗୁଡ଼ିକ ବନ୍ଦରଭିତ୍ତିକ ହୋଇଥିବାରୁ ଏହା ଆମଦାନୀ ଓ ରପ୍ତାନି କ୍ଷେତ୍ରକୁ ତ୍ୱରାନ୍ୱିତ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଏଚ୍‌ଏଲ୍‌ସିଏ ବୈଠକ।

■ ସୃଷ୍ଟି ହେବ ୨୭ ହଜାର ନିଯୁକ୍ତି ସୁଯୋଗ

■ କଳିଙ୍ଗ ନଗରରେ ଜିନ୍ଦଲ କରିବ ୧୬୭୬ କୋଟି ଟଙ୍କାର ପ୍ଲାଣ୍ଟ

■ ତାଳଚେରଠାରେ ୧୫ ହଜାର କୋଟିର ସାର କାରଖାନାକୁ ଅନୁମୋଦନ

■ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରିବ ଆଇଓସିଏଲ୍

■ ସୁବର୍ଣ୍ଣରେଖା ନିକଟରେ ୭୪ହଜାର କୋଟିର ହାଇଡ୍ରୋ କାର୍ବନ ପ୍ରୋସେସିଂ କମ୍ପ୍ଲେକ୍ସ

■ ପାରାଦୀପ ତୈଳ ବିଶୋଧନାଗାର ସମ୍ପ୍ରସାରଣକୁ ମଞ୍ଜୁରୀ

**ଆଜିର ସମ୍ପାଦକୀୟ**

ଲାଠି

**ଆଜିର ମନ୍ତବ୍ୟ**

"ଦେଶରେ ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଚାଲିବ।

-ପ୍ରମୋଦ ସାୱନ୍ତ, ଗୋଆ ମୁଖ୍ୟମନ୍ତ୍ରୀ






# ସୁଧାଂଶୁ ଷଡ଼ଙ୍ଗୀ ପୋଲିସ କମିଶନର

## ସତ୍ୟଜିତ୍ ମହାନ୍ତି ହେଲେ ଜେଲ ଏଡିଜି

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ରାଜ୍ୟ ସରକାର ସୋମବାର ଆଇପିଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। କଟକ-ଭୁବନେଶ୍ୱର ଟ୍ୱିନ୍ ସିଟି ପୋଲିସ କମିଶନର ଥିବା ୧୯୮୮ ବ୍ୟାଚର ଆଇପିଏସ୍ ଅଫିସର ସତ୍ୟଜିତ୍ ମହାନ୍ତିଙ୍କୁ ଜେଲ ଏଡିଜି ଭାବେ ବଦଳି କରାଯାଇଥିବା ବେଳେ ରାଜ୍ୟ ଅପରାଧ ପରିସଂଖ୍ୟାନ ବ୍ୟୁରୋ(ଏସ୍‌ସିଆରବି)ର ନିର୍ଦ୍ଦେଶକ ଥିବା ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ଡ. ସୁଧାଂଶୁ ଷଡ଼ଙ୍ଗୀଙ୍କୁ ପୋଲିସ କମିଶନର ଭାବେ ନିଯୁକ୍ତି ମିଳିଛି। ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ନବନିଯୁକ୍ତ ପୋଲିସ କମିଶନର ସୁଧାଂଶୁ ପୂର୍ବରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସୁଚାରୁରୂପେ ନିଜ ଦାୟିତ୍ୱ ତୁଲାଇ ଆସିଛନ୍ତି। ସେ ସେଣ୍ଟ୍ରାଲ ଡେପୁଟେଶନରେ ଯାଇ ଡିଜି ଅଫ୍ ସିକ୍ୟୁରିଟିର ଏଆରସିରେ ଯୁଗ୍ମ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ସେ ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିଲେ। ଗାଁ ସ୍କୁଲରୁ ପାଠପଢ଼ି ଉଚ୍ଚଶିକ୍ଷା ପାଇଁ ସେ ବ୍ରିଟେନ୍ ଯାଇଥିଲେ। ଲିଭରପୁଲ୍ ବିଶ୍ୱବିଦ୍ୟାଳୟରେ ଇନଭେଷ୍ଟିଗେଟିଭ ସାଇକୋଲୋଜିରେ ଏମ୍‌ଏସ୍‌ସି ଏବଂ ପିଏଚ୍‌ଡି କରିଥିଲେ। ଛୋଟବେଳରୁ ସେ ଲେଖାଲେଖି କରିବାକୁ ରୁଚି ରଖିଥିଲେ। ଚାକିରିର ବ୍ୟସ୍ତ ଜୀବନରୁ ସମୟ ବାହାର କରି ସେ ଲେଖାଲେଖି କରନ୍ତି। ଏପରି କି ବିଭିନ୍ନ ଗଣମାଧ୍ୟମରେ ତାଙ୍କର ଲେଖା ପ୍ରକାଶ ପାଇଛି।



ସୁଧାଂଶୁ ଷଡ଼ଙ୍ଗୀ

**ଆଇପିଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ**(ପୃଷ୍ଠା-୩)


NECC NATIONAL EGG CO-ORDINATION COMMITTEE | 19.08.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 71 | 120 | 130 |
| BLS | 72 | 122 | 132 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


**କିଛି ତଥ୍ୟ**

ଚଳିତ ମାସ ୧ରୁ ୧୬ ତାରିଖ ଯାଏ ବିଦେଶୀ ନିବେଶକମାନେ ଦେଶର ପୁଞ୍ଜି ବଜାର ଡେଟ୍ ସିକ୍ୟୁରିଟିଜରେ ୨୦୯୬.୩୮ କୋଟି ଟଙ୍କା ନେଟ୍ ନିବେଶ କରିଛନ୍ତି।

- ଷ୍ଟକ ବଜାର ଡିପୋଜିଟୋରୀ ଡାଟା

# ଉତ୍ତର ଭାରତରେ ବନ୍ୟା

■ ହିମାଚଳ ଓ ଉତ୍ତରାଖଣ୍ଡରେ ୩୮ ମୃତ

■ ଗଙ୍ଗା, ଯମୁନା ବିପଦସଙ୍କେତ ଉପରେ

■ ୧୦୦ କୋଟିର ସହାୟତା ଘୋଷଣା କଲେ ପଞ୍ଜାବ ସରକାର

ନୂଆଦିଲ୍ଲୀ/ହରିଦ୍ୱାର/ରୂପନଗର, ୧୯।୮(ପି.ଟି.)

ଉତ୍ତର ଭାରତରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟିହୋଇଛି। ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷାଜନିତ ବନ୍ୟା ପରିସ୍ଥିତି ଯୋଗୁ ସୋମବାର ସୁଦ୍ଧା ୩୮ ଜଣଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ହରିୟାଣା, ପଞ୍ଜାବ, ଜମ୍ମୁ-କଶ୍ମୀରରେ ବନ୍ୟା ଯୋଗୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ହରିଦ୍ୱାରରେ ଗଙ୍ଗା ନଦୀ ବିପଦସଙ୍କେତ ଉପରେ ପ୍ରବାହିତ ହେଉଥିବାବେଳେ ଦିଲ୍ଲୀରେ ଯମୁନା ନଦୀ ବିପଦସଙ୍କେତ ଟପିଥିବା ଜଣାପଡ଼ିଛି। ପଞ୍ଜାବରେ ଭାକ୍ରା ଜଳଭଣ୍ଡାରର ନିମ୍ନଭାଗ ଜଳାର୍ଣ୍ଣବ ହୋଇପଡ଼ିବାରୁ ଅନେକ କ୍ଷତି ଘଟିଛି। ବର୍ଷା ଓ ବନ୍ୟା ଯୋଗୁ ଅନେକ ଘର ଭାଙ୍ଗିଯାଇ ଥିବାବେଳେ ହଜାର ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଏପରିକି ବହୁ ଚାଷଜମି କ୍ଷତିଗ୍ରସ୍ତ ହେବା ସହ ଜଳାର୍ଣ୍ଣବ ଯୋଗୁ ଯାତାୟାତରେ ବାଧା ସୃଷ୍ଟିହୋଇଛି।

ହିମାଚଳ ପ୍ରଦେଶରେ ବର୍ଷାଜନିତ ବନ୍ୟା ଓ ଭୂସ୍ଖଳନ ଚିନ୍ତା ବଢାଇ ଦେଇଛି। ଏଠାରେ ସୋମବାର ସୁଦ୍ଧା ମୃତ୍ୟୁସଂଖ୍ୟା ୨୭ରେ ପହଞ୍ଚିଛି। ଲଗାଣ ବର୍ଷା ଯୋଗୁ ରାସ୍ତାଘାଟ ବିଭିନ୍ନ ସ୍ଥାନରେ ବୁଡ଼ିରହି ଥିବାରୁ ଯାତାୟାତରେ ବାଧା ସୃଷ୍ଟିହୋଇଛି। ଭୂସ୍ଖଳନ ଯୋଗୁ ପାଇପ୍‌ଲାଇନ୍ ଫାଟିଯିବାରୁ କାଙ୍ଗ୍ରା ଜିଲାକୁ ଦୁଇଦିନ ହେବ ଜଳଯୋଗାଣ ବନ୍ଦରହିଛି। ବର୍ଷା ଓ ବନ୍ୟା ଯୋଗୁ ରାଜ୍ୟ ୫୭୪ କୋଟି ଟଙ୍କାର କ୍ଷତି ହୋଇଥିବା ରାଜ୍ୟ ସରକାର ପ୍ରକାଶ କରିଛନ୍ତି।

☞ ପୃଷ୍ଠା-୪









ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୦ ଅଗଷ୍ଟ, ୨୦୧୯



"କଶ୍ମୀରରେ ମାନବାଧିକାରର ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଉଛି।"
- ମମତା ବାନାର୍ଜୀ
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



# ଯୁଦ୍ଧ ପାଇଁ ପ୍ରସ୍ତୁତ ଥିଲା ସେନା

ନୂଆଦିଲ୍ଲୀ,୧୯।୮(ପି.ଟି.)

ବାଲାକୋଟ ଏୟାରଷ୍ଟ୍ରାଇକ୍ ପରେ ପାକିସ୍ତାନ ଭିତରେ ପଶି ପାରମ୍ପରିକ ଯୁଦ୍ଧ ପାଇଁ ଭାରତୀୟ ସେନା ପୂରା ଦମ୍‌ରେ ପ୍ରସ୍ତୁତ ଥିଲା। ସେନାଧ୍ୟକ୍ଷ ଜେନେରାଲ ବିପିନ ରାୱତ ଏ ସମ୍ପର୍କରେ ସରକାରଙ୍କୁ ଜଣାଇଥିଲେ ବୋଲି ଉଚ୍ଚସ୍ତରୀୟ ସାମରିକ ସୂତ୍ରରୁ ଜଣାପଡିଛି। ପୁଲ୍‌ୱାମା ଆକ୍ରମଣ ପରେ ପାକିସ୍ତାନକୁ ଦଣ୍ଡ ଦେବା ପାଇଁ ବିମାନ ଆକ୍ରମଣ ସମେତ ବିଭିନ୍ନ ବିକଳ୍ପ ସମ୍ପର୍କରେ ଚିନ୍ତା କରାଯାଇଥିଲା। ବାଲାକୋଟ ପରେ ପାକିସ୍ତାନ କୌଣସି ପ୍ରକାର ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିଲେ ତାହାର ଠିକଣା ଜବାବ ଦିଆଯାଇଥାନ୍ତା। ଅର୍ଥାତ୍ ପାକିସ୍ତାନରେ ପଶି ଯୁଦ୍ଧ କରିବାକୁ ସେନା ପୂର୍ଣ୍ଣ ପ୍ରସ୍ତୁତ ରହିଥିଲା ବୋଲି ସୋମବାର ଅବସରପ୍ରାପ୍ତ ସେନାଧିକାରୀମାନଙ୍କ ସହ ଏକ ରୁଦ୍ଧଦ୍ୱାର ବୈଠକରେ ଜେନେରାଲ ରାୱତ କହିଛନ୍ତି।

୨୦୧୬ ସେପ୍ଟେମ୍ବରରେ ଉରିରେ ଆତଙ୍କବାଦୀ ଆକ୍ରମଣ ପରେ ୧୧୦୦୦ କୋଟି ଟଙ୍କାର ଗୁଳିଗୋଳା କିଣିବା ପାଇଁ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ବାଲାକୋଟ ଏୟାରଷ୍ଟ୍ରାଇକ୍ ବେଳକୁ ୯୫ ପ୍ରତିଶତ ଗୁଳିଗୋଳା ସେନାକୁ ମିଳିସାରିଥିଲା। ଏହାବ୍ୟତୀତ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ୭୦୦୦ କୋଟି ଟଙ୍କାରେ ୩୩ଟି ଚୁକ୍ତିନାମା ଚୂଡାନ୍ତ ହୋଇଥିବାବେଳେ ପରେ ଆଉ ୯୦୦୦ କୋଟି ଟଙ୍କାର ରାଜିନାମା ହୋଇଥିଲା। ଫେବୃୟାରୀ ୧୪ ପୁଲ୍‌ୱାମା ଆକ୍ରମଣ ପରେ ୨୬ରେ ବାୟୁସେନା ପାକିସ୍ତାନ ଭିତରେ ପଶି ବାଲାକୋଟରେ ଥିବା ଜୈଶ୍-ଇ-ମହମ୍ମଦର ଆତଙ୍କବାଦୀ ଶିବିର ଧ୍ୱଂସ କରିଥିଲା। ଏହା ପରଦିନ ପାକିସ୍ତାନୀ ବାୟୁସେନା ଭାରତୀୟ ସେନାର ଗୁରୁତ୍ୱପୂର୍ଣ୍ଣ ଘାଟିଗୁଡିକୁ ଟାର୍ଗେଟ କରିବାକୁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇପାରି ନ ଥିଲା। ବାୟୁସେନାର ଲଢୁଆ ବିମାନ ପାକ୍ ବିମାନକୁ ତଡିଦେଇଥିଲା।



**ପୁଲ୍‌ୱାମା ଆକ୍ରମଣ ପରେ ସରକାରଙ୍କୁ ଜଣାଇଥିଲେ ସେନାଧ୍ୟକ୍ଷ**

## ■ ଟ୍ରମ୍ପଙ୍କ ସହ ଫୋନ୍‌ରେ କଥାହେଲେ ମୋଦି
# ଭାରତ ବିରୋଧୀ ହିଂସା ଅଶାନ୍ତି ବଢ଼ାଉଛି

ନୂଆଦିଲ୍ଲୀ, ୧୯।୮(ପି.ଟି.)



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ସୋମବାର ଅଧଘଣ୍ଟା ଧରି ଟେଲିଫୋନରେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିଲା। ବିଶେଷକରି ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ପରେ କଶ୍ମୀରର ସାମ୍ପ୍ରତିକ ସ୍ଥିତିକୁ ନେଇ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ଏହାକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଏଥିଲାଗି ମୋଦି ସିଧାସଳଖ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଦାୟୀ କରିଛନ୍ତି। ଭାରତ ବିରୋଧୀ ହିଂସା ଓ କେତେକ ଆଞ୍ଚଳିକ ନେତାଙ୍କ ଉତ୍ତେଜନା ବୃଦ୍ଧି ଶାନ୍ତିରକ୍ଷା କ୍ଷେତ୍ରରେ ସମସ୍ୟା ସୃଷ୍ଟିକରୁଛି ବୋଲି ମୋଦି ଅବଗତ କରାଇଥିଲେ। ସୀମାପାର ଆତଙ୍କବାଦ ଦୂର କରିବା ଓ ଉପତ୍ୟକାରେ ଶାନ୍ତି ଫେରିବା ଲାଗି ଭାରତ ଉଦ୍ୟମ ଜାରି ରଖିଥିବା ମୋଦି କହିଥିଲେ। ପ୍ରକାଶଥାଉ କି, ଟ୍ରମ୍ପ ଦୁଇଦିନ ତଳେ ଇମ୍ରାନଙ୍କୁ ନୂଆଦିଲ୍ଲୀ ସହ ଶାନ୍ତିରକ୍ଷା ଉପରେ ଗୁରୁତ୍ୱ ଦେବା ଲାଗି ପରାମର୍ଶ ଦେଇଥିଲେ। ପୂର୍ବରୁ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବା ଲାଗି ଟ୍ରମ୍ପ ଇମ୍ରାନଙ୍କୁ କହିବା ପରେ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା। ଜାତିସଂଘ ସୁରକ୍ଷା ପରିଷଦରେ ଏହି ପ୍ରସଙ୍ଗ ଉଠାଇ କୌଣସି ସୁଫଳ ନ ପାଇବାରୁ ଏବେ ହତୋତ୍ସାହିତ ହୋଇପଡ଼ିଛି। ଭାରତ ବିରୋଧୀ ହିଂସା ଓ ସୀମାପାର ଆତଙ୍କବାଦ ବୃଦ୍ଧି ଲାଗି ପ୍ରୟାସ କରୁଥିବା ଜଣାପଡ଼ିଛି।

**ସଂକ୍ଷେପରେ**

## ଚିଦାମ୍ବରମ୍‌ଙ୍କୁ ଇଡି ସମନ



**ନୂଆଦିଲ୍ଲୀ,୧୯।୮(ପି.ଟି.)**-ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ସମନ ଜାରି କରିଛି। ଉପା ସରକାର ଅମଳରେ ହୋଇଥିବା ବିମାନ ଚଳାଚଳ ଦୁର୍ନୀତି ଅଭିଯୋଗର ତଦନ୍ତ ବେଳେ ମନିଲଣ୍ଡରିଂ ସହ ଚିଦାମ୍ବରମ ସମ୍ପୃକ୍ତ ଥିବା ଜଣାପଡ଼ିଛି। ୨୩ରେ ତାଙ୍କୁ ଇଡିରେ ହାଜର ହୋଇ ବୟାନ ରେକର୍ଡ କରାଇବାକୁ କୁହାଯାଇଛି।

## କିମ୍ବଦନ୍ତୀ ସଙ୍ଗୀତକାର ଖାୟମ୍‌ଙ୍କ ପରଲୋକ



**ମୁମ୍ବାଇ,୧୯।୮** - ଜାତୀୟ ପୁରସ୍କାରପ୍ରାପ୍ତ ବଲିଉଡ ସଙ୍ଗୀତ ନିର୍ଦ୍ଦେଶକ ମହମ୍ମଦ ଜାହିର ହାଶ୍ମି ସୋମବାର ଏକ ଘରୋଇ ହସ୍ପିଟାଲ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୯୨ବର୍ଷ ହୋଇଥିଲା। ସେ ସଙ୍ଗୀତ ଦୁନିଆରେ ଖାୟମ୍ ଭାବେ ସୁପରିଚିତ। ବଲିଉଡ୍ ଶାସ୍ତ୍ରୀୟ ସଙ୍ଗୀତଭିତ୍ତିକ 'କଭି କଭି', 'ତ୍ରିଶୂଳ', 'ରେଜିଆ ସୁଲତାନ', 'ନୁରି' ଏବଂ 'ଉମରାଓ ଜାନ୍' ଭଳି ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ପାଇଁ ବେଶ୍ ସୁପରିଚିତ। ଜାତୀୟ ପୁରସ୍କାର, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଏବଂ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ଖାୟମ୍ ଗତ ସପ୍ତାହରେ ଫୁସଫୁସ୍ ସଂକ୍ରମଣ ଯୋଗୁ ସୁଜୟ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ଏହି ସ୍ୱନାମଧନ୍ୟ କଳାକାର ୧୭ବର୍ଷ ବୟସରେ ଲୁଧିଆନାଠାରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ।

## କର୍ଣ୍ଣାଟକ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଆଜି

**ବେଙ୍ଗାଲୁରୁ,୧୯।୮(ପି.ଟି.)**-ମଙ୍ଗଳବାର କର୍ଣ୍ଣାଟକ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ବି.ଏସ୍.ୟେଦୁରପ୍ପା କହିବା ସହ ପ୍ରାୟ ୧୪ ଜଣ ମନ୍ତ୍ରୀ କ୍ୟାବିନେଟରେ ସ୍ଥାନ ପାଇବେ ବୋଲି କହିଛନ୍ତି। ଏନେଇ ରାଜ୍ୟପାଳଙ୍କୁ ଅବଗତ କରାଯିବା ସହ ରାଜ୍ୟ ମୁଖ୍ୟ ଶାସନସଚିବଙ୍କୁ ସମସ୍ତ ଆୟୋଜନ ଲାଗି କୁହାଯାଇଥିବା ୟେଦୁରପ୍ପା ପ୍ରକାଶ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦.୩୦ରୁ ୧୧.୩୦ ମଧ୍ୟରେ ଏହି ସମ୍ପ୍ରସାରଣ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରକାଶଥାଉ କି, ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିବାର ୨୪ ଦିନ ପରେ ୟେଦୁରପ୍ପା କ୍ୟାବିନେଟ ସମ୍ପ୍ରସାରଣ କରୁଛନ୍ତି। କ୍ୟାବିନେଟ ସମ୍ପ୍ରସାରଣରେ ବିଳମ୍ବ ଯୋଗୁ କଂଗ୍ରେସ ଓ ଜେଡିଏସ୍ ପକ୍ଷରୁ ସମାଲୋଚନା କରାଯାଉଥିଲା।

**ଅସ୍ତ୍ରବିରତି ଉଲ୍ଲଂଘନ**

## ଭାରତୀୟ ଉପଉଚ୍ଚାୟୁକ୍ତଙ୍କୁ ପାକିସ୍ତାନର ସମନ

**ଇସ୍‌ଲାମାବାଦ,୧୯।୮(ପି.ଟି.)**-ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଭାରତୀୟ ସେନାର ଅସ୍ତ୍ରବିରତି ଉଲ୍ଲଂଘନ ଅଭିଯୋଗରେ ପାକିସ୍ତାନ ସୋମବାର ଚତୁର୍ଥ ଥର ପାଇଁ ଭାରତର ଉପଉଚ୍ଚାୟୁକ୍ତ ଗୌରବ ଆହଲୁୱାଲିଆଙ୍କୁ ସମନ ଜାରି କରିଛି। ଗତ ୧୮ ତାରିଖରେ ହଟ୍ ସ୍ପ୍ରିଙ୍ଗ ଓ ଚିରିକୋଟ୍ ସେକ୍ଟରରେ ଅସ୍ତ୍ରବିରତି ଉଲ୍ଲଂଘନକୁ ଦକ୍ଷିଣ ଏସିଆ ଏବଂ ସାର୍କ ମହାନିର୍ଦ୍ଦେଶକ ମହମ୍ମଦ ଫୈଜଲ ନିନ୍ଦା କରିଛନ୍ତି। ସେ ପାକ୍ ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ମଧ ଅଛନ୍ତି। ଭାରତୀୟ ସେନାର ଅସ୍ତ୍ରବିରତି ଉଲ୍ଲଂଘନ ଯୋଗୁ ପାକିସ୍ତାନର ଦୁଇଜଣ ସାଧାରଣ ନାଗରିକ ନିହତ ହେବା ସହ ୭ ବର୍ଷର ବାଳକ ଗୁରୁତର ଆହତ ହୋଇଥିଲେ। ଅସ୍ତ୍ରବିରତି ଉଲ୍ଲଂଘନ ନେଇ ସପ୍ତାହେ ମଧ୍ୟରେ ଆହଲୁୱାଲିଆଙ୍କୁ ପାକିସ୍ତାନ ୪ ଥର ସମନ ଜାରି କଲାଣି। ପୂର୍ବରୁ ୧୪, ୧୫ ଓ ୧୬ ତାରିଖରେ ସମନ ଜାରି ହୋଇଥିଲା।

# ଜେଟ୍‌ଲୀଙ୍କୁ ଦେଖିବା ଲାଗି ଏମ୍ସରେ ଆଡଭାନୀ

ନୂଆଦିଲ୍ଲୀ, ୧୯।୮(ପି.ଟି.)

ପୂର୍ବତନ ଅର୍ଥମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଅରୁଣ ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସଙ୍କଟାପନ୍ନ ରହିଥିବାବେଳେ ତାଙ୍କୁ ଦେଖିବା ଲାଗି ସୋମବାର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ, କେନ୍ଦ୍ରମନ୍ତ୍ରୀ ମୁକ୍ତାର ଆବାସ୍ ନକ୍‌ଭି, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ରମ୍ ସିଂ ରାୱତ୍, ଭାଜପା ଜାତୀୟ ସାଧାରଣ ସମ୍ପାଦକ ଅରୁଣ ସିଂ ପ୍ରମୁଖ ଏମ୍ସ ଗସ୍ତ କରିଥିଲେ। ସେମାନେ ସେଠାରେ ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ଗତ ଅଗଷ୍ଟ ୯ରୁ ଜେଟ୍‌ଲୀଙ୍କୁ ଏମ୍ସରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ଏକ ଡ଼ାକ୍ତରୀ ଟିମ୍ ତାଙ୍କୁ ଚିକିତ୍ସା ଓ ନିରୀକ୍ଷଣ କରୁଛନ୍ତି।

ଆଡଭାନୀଙ୍କ ସହ ତାଙ୍କ ଝିଅ ପ୍ରତିଭା ଆଡଭାନୀ ମଧ୍ୟ ଏମ୍ସ ଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ସ୍ମୃତି ଇରାନୀ, ହର୍ଷବର୍ଦ୍ଧନ, ଜିତେନ୍ଦ୍ର ସିଂ, ରାମବିଳାସ ପାଶ୍ୱାନ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, କଂଗ୍ରେସ ନେତା ଅଭିଷେକ୍ ମନୁ ସିଙ୍ଘ୍‌ଭି, ଜ୍ୟୋତିରାଦିତ୍ୟ ସିନ୍ଧିଆ, ବିଏସ୍‌ପି ନେତ୍ରୀ ମାୟାବତୀ, ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ୍ ପ୍ରମୁଖ ଏମ୍ସ ଯାଇ ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

# ଜଗନ୍ନାଥ ମିଶ୍ରଙ୍କ ପରଲୋକ

ପାଟନା,୧୯।୮(ପି.ଟି.)



ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ରଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ସୋମବାର ସକାଳେ ଦିଲ୍ଲୀସ୍ଥିତ ଦ୍ୱାରକା ନିବାସରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କର ତିନି ପୁଅ ଓ ତିନି ଝିଅଙ୍କ ମଧ୍ୟରୁ ସାନପୁଅ ନୀତୀଶ ମିଶ୍ର ରାଜ୍ୟ ସରକାରରେ ମନ୍ତ୍ରୀ ଅଛନ୍ତି। ବୁଧବାର ଜଗନ୍ନାଥଙ୍କ ଶେଷକୃତ୍ୟ ନିଜ ଗାଁ ସୁପାଉଲ ଜିଲାର ବାଲୁଆ ବଜାରରେ ଅନୁଷ୍ଠିତ ହେବ।

ଅର୍ଥନୀତି ଅଧ୍ୟାପକରୁ ଜଗନ୍ନାଥ ୩ ଥର ବିହାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ମଣ୍ଡଳ ରାଜନୀତି ପୂର୍ବରୁ ୭୦ ଓ ୮୦ ଦଶକରେ ସେ ଥିଲେ ବିହାରର ସବୁଠୁ ପ୍ରଭାବଶାଳୀ ନେତା। କେନ୍ଦ୍ରରେ ପି.ଭି. ନରସିଂହ ରାଓଙ୍କ କ୍ୟାବିନେଟରେ ମଧ୍ୟ ସେ ମନ୍ତ୍ରୀ ଥିଲେ। ତାଙ୍କ ପରଲୋକରେ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ୪ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କଲା ବାୟୁସେନା

ଜମ୍ମୁ,୧୯।୮(ପି.ଟି.)

ଜମ୍ମୁରେ ପ୍ରବାହିତ ତାୱି ନଦୀରେ ବନ୍ୟା ଆସିଥିବାବେଳେ ସେଠାରେ ଫସିରହିଥିବା ୪ ମତ୍ସ୍ୟଜୀବୀଙ୍କୁ ସୋମବାର ବାୟୁସେନା ଉଦ୍ଧାର କରିଛି। ଖରାପ ପାଗ ଓ ବନ୍ୟାଜଳର ପ୍ରଖର ସ୍ରୋତକୁ ଖାତିର ନ କରି ବାୟୁସେନା ଦୁଃସାହସର ସହିତ ହେଲିକପ୍ଟର ଯୋଗେ ମତ୍ସ୍ୟଜୀବୀମାନଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା। ସେମାନେ ଏକ ନିର୍ମାଣାଧୀନ ବ୍ରିଜ୍‌ର ନିମ୍ନ ଭାଗରେ ରହିଯାଇଥିଲେ। ପ୍ରବଳ ବର୍ଷା ଯୋଗୁ ଉକ୍ତ ନଦୀର ଜଳପତନ ହଠାତ୍ ବଢ଼ିଯାଇଥିଲା। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ଏବଂ ପୋଲିସ ସେମାନଙ୍କ ପାଖରେ ପହଞ୍ଚିବାରେ ବିଫଳ ହେବା ପରେ ବାୟୁସେନାକୁ ଡକାଯାଇଥିଲା।

ବାୟୁସେନା ଯବାନମାନେ ହେଲିକପ୍ଟରରୁ ଦଉଡି ସହାୟତାରେ ୨ ଥରରେ ୪ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲେ। ହେଲିକପ୍ଟର ଘଟଣାସ୍ଥଳରେ ପହଞ୍ଚିବା ପରେ ଯବାନମାନେ ବ୍ରିଜ୍‌ର ପିଲାର ନିକଟରେ ଥିବା ସ୍ଲାବ୍ ଉପରେ ଓହ୍ଲାଇଥିଲେ। ସେମାନେ ୨ ଜଣ ଲେଖାଏ ମତ୍ସ୍ୟଜୀବୀଙ୍କୁ ହେଲିକପ୍ଟରରୁ ଝୁଲୁଥିବା ଦଉଡିରେ ବାନ୍ଧିଥିଲେ। ପରେ ହେଲିକପ୍ଟର ସେମାନଙ୍କୁ ନେଇ ନିରାପଦ ସ୍ଥାନରେ ଓହ୍ଲାଇଥିଲା। ଅନ୍ୟ ଏକ ଘଟଣାରେ ହର୍‌କୀ ପୌଡ଼ି ନିକଟରେ ବନ୍ୟାପାଣି ଘେରରେ ରହିଯାଇଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ଟିମ୍ ଉଦ୍ଧାର କରିଛି।




# ସ୍ତ୍ରୀଙ୍କୁ ଜିଅନ୍ତା ଜାଳିଦେଲେ

ଶ୍ରାବସ୍ତୀ,୧୯।୮(ପି.ଟି.)

**ତିନି ତଲାକ୍ ବିରୋଧରେ ଏତଲା ଦେବା ମହଙ୍ଗା ପଡ଼ିଲା**

ତିନି ତଲାକ ବିରୋଧରେ ଥାନାରେ ଏତଲା ଦେବା ଉତ୍ତରପ୍ରଦେଶର ଜଣେ ମହିଳାଙ୍କ ପାଇଁ ମହଙ୍ଗା ପଡିଛି। ଏହି ୨୨ ବର୍ଷୀୟା ମହିଳାଙ୍କୁ ତାଙ୍କୁ ସ୍ୱାମୀ ଓ ଶାଶୁଘର ଲୋକେ ଜିଅନ୍ତା ଜାଳିଦେଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଉଭୟଙ୍କ ମଧ୍ୟରେ ଆପୋସ ମିଳାମିଶା ଲାଗି ଉଦ୍ୟମ କରୁଥିଲା ବୋଲି ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ ସୟିଦା ନାମ୍ନୀ ମହିଳାଙ୍କ ସ୍ୱାମୀ ନଫିସ୍ ମୁମ୍ବାଇରେ କାମ କରନ୍ତି। ଗତ ୬ ତାରିଖରେ ସେ ସୟିଦାଙ୍କୁ ଟେଲିଫୋନରେ ତିନିଥର ତଲାକ କହିଥିଲେ। ଏହା ପରେ ମହିଳା ଜଣଙ୍କ ସ୍ଥାନୀୟ ଥାନାକୁ ଯାଇ ଏତଲା ଦାଏର କରିଥିଲେ। ପୋଲିସ ତାଙ୍କୁ ଘରକୁ ପଠାଇଦେଇ ସ୍ୱାମୀ ମୁମ୍ବାଇରୁ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲା ବୋଲି ମହିଳାଙ୍କ ବାପା ଅଭିଯୋଗ କରିଛନ୍ତି। ନଫିସ୍ ଅନେକ ସମୟରେ ସୟିଦାଙ୍କୁ ମାଡ଼ ମାରୁଥିଲେ। ଗତ ସପ୍ତାହରେ ପୋଲିସ ଉଭୟଙ୍କୁ ଥାନାକୁ ଡାକି ଏକାଠି ରହିବା ପାଇଁ କହିଥିଲେ। ପୋଲିସରେ କାହିଁକି ଏତଲା ଦେଲେ ବୋଲି କହି ନଫିସ୍ ପରଦିନ ସ୍ତ୍ରୀ ସହ ଝଗଡା କରିଥିଲେ। ପରେ ସେ ସୟିଦାଙ୍କୁ ନୁର୍ଦ୍ଧୁମ୍ ପିଟିବା ସହ ପରିବାରର ଅନ୍ୟ ସଦସ୍ୟମାନେ ମିଶି କିରୋସିନ ଢାଳି ନିଆଁ ଲଗାଇଦେଇଥିଲେ। ୫ ବର୍ଷର ଝିଅ ସମ୍ମୁଖରେ ସୟିଦା ଜିଅନ୍ତା ଜଳିଯାଇଥିଲେ। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରିବା ସହ ନଫିସ୍ ଓ ତାଙ୍କ ବାପାଙ୍କୁ ଗିରଫ କରିଛି। ୮ ଜଣଙ୍କ ବିରୋଧରେ ଏତଲା ଦାଏର ହୋଇଛି।

## ବସ୍‌କୁ ଧକ୍କାଦେଲା କଣ୍ଟେନର: ୧୩ ମୃତ

ଧୁଲେ, ୧୯।୮(ପି.ଟି.)

ମହାରାଷ୍ଟ୍ରର ଧୁଲେରେ ଏକ ରାଜ୍ୟ ପରିବହନ ବସ୍‌କୁ ଏକ କଣ୍ଟେନର ଟ୍ରକ ଧକ୍କା ହେବା ଫଳରେ ୧୩ ଜଣ ପ୍ରାଣ ହରାଇବା ସହ ୧୫ ଆହତ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣାଟି ରବିବାର ପୂର୍ବାହ୍ନରେ ଶହାଦା-ଧୋଣ୍ଡାଇଚା ରାସ୍ତାରେ ଥିବା ନିକ୍‌ଗୁଲ ଗ୍ରାମ ନିକଟରେ ହୋଇଥିଲା। ଟ୍ରକ ଡ୍ରାଇଭର ନିୟନ୍ତ୍ରଣ ହରାଇ ବସ୍‌ଟିକୁ ଧକ୍କା ଦେଇଥିଲା ବୋଲି ପୋଲିସ କହିଛି। ଫଳରେ ଉଭୟ ଗାଡ଼ିରେ ଥିବା ଦୁଇ ଶିଶୁଙ୍କ ସହ ୧୩ ଜଣ ପ୍ରାଣ ହରାଇଥିବାବେଳେ ୧୫ ଆହତଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

## ■ ଭୟ ଓ ଆଶଙ୍କାରେ ଜମ୍ମୁ-କଶ୍ମୀରବାସୀ
# ସ୍କୁଲ ଖୋଲିଲା: ଉପସ୍ଥାନ କମ୍

ଶ୍ରୀନଗର,୧୯।୮

ଅନୁଚ୍ଛେଦ ୩୭୦ ହଟିବା ପରେ ଜମ୍ମୁ-କଶ୍ମୀରରେ ଲାଗୁ ହୋଇଥିବା କଟକଣାକୁ କୋହଳ କରାଯାଇଛି। ସୋମବାର ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶିକ୍ଷାନୁଷ୍ଠାନ ଖୋଲିଥିବାବେଳେ ଉପସ୍ଥାନ ବହୁତ କମ୍ ଥିବା ଦେଖିବାକୁ ମିଳିଛି। ବହୁ ସ୍କୁଲରେ କେବଳ ଶିକ୍ଷକ ଓ କର୍ମଚାରୀ ଆସିଥିବାବେଳେ ପିଲାଙ୍କ ଦେଖା ମିଳି ନ ଥିଲା।

ଶ୍ରୀନଗରରେ ମୋଟ ୯୦୦ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ସୋମବାର ୧୯୬ଟି ଖୋଲିଥିଲା। ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିବା ପରେ କେତେକ ଅଞ୍ଚଳରେ ସ୍କୁଲ ଖୋଲାଯାଇଥିବା ଶ୍ରୀନଗରର ଡେପୁଟି କମିଶନର ଶାହିଦ ଇକ୍‌ବାଲ କହିଛନ୍ତି। ପିଲାଙ୍କୁ ସ୍କୁଲକୁ ପଠାଇବା ପାଇଁ ଅଭିଭାବକମାନଙ୍କୁ ଅନୁରୋଧ କରାଯାଇଛି। ତେବେ ପିଲା ନ ଆସିବାରୁ କିଛି ସମୟ ପରେ କେତେକ ସ୍କୁଲକୁ ବନ୍ଦ କରିଦିଆଯାଇଥିବା ଦେଖିବାକୁ ମିଳିଥିଲା। ଦୁଇଦିନ ହେଲା ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ ହେଉଥିବାରୁ ଅଭିଭାବକ ସେମାନଙ୍କ ପିଲାଙ୍କୁ ସ୍କୁଲ୍‌କୁ ପଠାଇବାକୁ ନିରାପଦ ମଣୁନାହାନ୍ତି। ତେଣୁ ଶ୍ରୀନଗରର ସମସ୍ତ ଘରୋଇ ବିଦ୍ୟାଳୟ ବନ୍ଦ ରହିଥିଲା।

ଅଗଷ୍ଟ ୫ ତାରିଖରେ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହୋଇଥିଲା। ଏହାର ଦିନକ ପୂର୍ବରୁ ଅର୍ଥାତ୍ ୪ ତାରିଖରୁ ସେଠାରେ କଟକଣା ଜାରି କରାଯାଇଥିଲା। ଆଇନଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ସତର୍କତା ପଦକ୍ଷେପ ସ୍ୱରୂପ ବିଭିନ୍ନ ଦଳର ନେତାମାନଙ୍କୁ ଗୃହବନ୍ଦୀ କରାଯାଇଥିଲା। ଉପତ୍ୟକାରେ ଟେଲିଫୋନ ଓ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଥିଲା। ଦୁଇ ସପ୍ତାହ ପରେ ରାଜ୍ୟର ସ୍ଥିତି କ୍ରମେ ସ୍ୱାଭାବିକ ହେଉଥିବାବେଳେ କେତେକ ଅଞ୍ଚଳରୁ କଟକଣା ହଟାଇଦିଆଯିବା ସହ ଅନ୍ୟ କେତେକ ସ୍ଥାନରେ କୋହଳ କରାଯାଇଛି।



## ଶାହଙ୍କୁ ସ୍ଥିତି ଜଣାଇଲେ ଡୋଭାଲ

ନୂଆଦିଲ୍ଲୀ,୧୯।୮(ପି.ଟି.)



ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କୁ ଭେଟି ଜମ୍ମୁ-କଶ୍ମୀର ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ସହ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ପାଇଁ ପାର୍ଲାମେଣ୍ଟରେ ବିଲ୍ ପାସ୍ ହେବା ପରେ ସେଠାର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଡୋଭାଲ ୧୦ ଦିନ ଉପତ୍ୟକାରେ ରହିଥିଲେ। ସେ ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ସୁରକ୍ଷା ଅଧିକାରୀଙ୍କୁ ଭେଟି ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ସେ ସାଧାରଣ ଜନତାଙ୍କ ସହ ମିଶି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲେ। ସେଠାରୁ ଫେରିବା ପରେ ପ୍ରଥମ ଥର ପାଇଁ ଡୋଭାଲ ଶାହଙ୍କୁ ଭେଟିଛନ୍ତି। କଶ୍ମୀର ସ୍ଥିତି ସମୀକ୍ଷା ବୈଠକରେ ଶାହଙ୍କ ସହିତ ଡୋଭାଲ, ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବା ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଭାଜପାରେ ଯୋଗଦେଲେ ୫୦ ଟିଡିପି ନେତା

ହାଇଦ୍ରାବାଦ,୧୯।୮

ତେଲେଙ୍ଗାନାରେ ତେଲୁଗୁ ଦେଶମ୍ ପାର୍ଟି(ଟିଡିପି)ର ୫୦ରୁ ଊର୍ଦ୍ଧ୍ୱ ନେତା ସୋମବାର ଭାଜପାରେ ଯୋଗ ଦେଇଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ମନ୍ତ୍ରୀ, ବିଧାୟକ ଓ ଅନ୍ୟାନ୍ୟ ସ୍ଥାନୀୟ ନେତା। ଏହା ଟିଡିପି ମୁଖ୍ୟ ଚନ୍ଦ୍ରାବାବୁ ନାଇଡୁଙ୍କ ଲାଗି ଶକ୍ତ ଧକ୍କା ସଦୃଶ ହୋଇଛି। କେତେକ କଂଗ୍ରେସ ନେତା ମଧ୍ୟ ଭାଜପାରେ ଯୋଗ ଦେଇଥିବା ଜଣାପଡ଼ିଛି। ତେଲେଙ୍ଗାନା ରାଷ୍ଟ୍ର ସମିତି(ଟିଆର୍‌ଏସ୍)କୁ କଂଗ୍ରେସ ବଦଳରେ ଏବେ ଭାଜପା ଟକ୍କର ଦେବ ବୋଲି କୁହାଯାଉଛି। ଭାଜପାର ଜାତୀୟ କାର୍ଯ୍ୟକାରୀ ସଭାପତି ଜେ.ପି.ନଡ୍ଡାଙ୍କ ଉପସ୍ଥିତିରେ ସୋମବାର ପ୍ରାୟ ୭୦ ନେତା ଭାଜପାରେ ସାମିଲ ହୋଇଥିବା ଜଣାପଡ଼ିଛି। ପ୍ରକାଶଥାଉ କି, ୨୦୧୯ ଲୋକ ସଭା ନିର୍ବାଚନରେ ଭାଜପାକୁ ତେଲେଙ୍ଗାନାରେ ୪, କଂଗ୍ରେସକୁ ୩ ଓ ଟିଆର୍‌ଏସ୍‌କୁ ୯ ଲୋକ ସଭା ଆସନ ମିଳିଥିଲା।

## ସଂକ୍ଷେପରେ

### ହାଇକୋର୍ଟରେ ନବୀନ ନିବାସ ବିବାଦ ମାମଲା

## ୨ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜସ୍ୱ ସଚିବଙ୍କୁ ନିର୍ଦ୍ଦେଶ

କଟକ ଅଫିସ, ୧୯।୮: ନବୀନ ନିବାସକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାର ଶୁଣାଣି ସୋମବାର ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏହାର ଶୁଣାଣି କରି ଆସନ୍ତା ୨ମାସ ମଧ୍ୟରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ରାଜସ୍ୱ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ୧୯୯୨ରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଭୀମପୁର ମୌଜାରେ ଖାତା ନମ୍ବର ୭୪୦ ଓ ପ୍ଲଟ ନମ୍ବର ୧୨୦୦ରୁ ୧୦୦ଡେସିମିଲ ଜମି ଜ୍ଞାନ ପଟ୍ଟନାୟକଙ୍କ ନାମରେ ଅନୁମୋଦନ କରାଯାଇଥିଲା। ମାତ୍ର ୨୦୦୯ରେ ଉକ୍ତ ପ୍ଲଟ୍‌କୁ ଲାଗି ଥିବା ୧୨୦୦, ୧୨୦୧ ଓ ୧୨୨୨ ପ୍ଲଟ୍‌ର ୨ ଏକର ୩୩ ଡେସିମିଲ ଜମି ବେଆଇନ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ଭଉଣୀ ଗୀତା ମେହେଟ୍ଟାଙ୍କ ନାମରେ ଦାଖଲ ଖାରଜ (ମ୍ୟୁଟେଶନ) କରାଯାଇଛି, ଯାହା ଗଭର୍ନମେଣ୍ଟ ଗ୍ରାଣ୍ଟସ୍ ଆକ୍ଟ-୧୮୯୫କୁ ଉଲ୍ଲଂଘନ କରୁଛି। ଏହାପୂର୍ବରୁ ଆବେଦନକାରୀ ଏ ସମ୍ପର୍କରେ ରାଜ୍ୟପାଳ, ମୁଖ୍ୟ ଶାସନ ସଚିବ ଓ ରାଜସ୍ୱ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ସଂଗ୍ରାମ କେଶରୀ ମିଶ୍ର, ସରୋଜ ପାଢୀ ଓ ତାପସ ଦ୍ୱିବେଦୀ ମାମଲା ପରିଚାଳନା କରୁଛନ୍ତି।

## ମନମୋହନ ରାଜ୍ୟ ସଭାକୁ ନିର୍ବାଚିତ

ଜୟପୁର/ଲକ୍ଷ୍ନୌ, ୧୯।୮(ପି.ଟି.)
ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ସୋମବାର ରାଜସ୍ଥାନରୁ ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପନିର୍ବାଚନ ଲାଗି ନାମାଙ୍କନପତ୍ର ପ୍ରତ୍ୟାହାର ସମୟସୀମା ଅପରାହ୍ନ ୩ଟାରେ ଶେଷ ହେବା ପରେ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଥିଲା।



ରାଜ୍ୟ ସଭା ସଦସ୍ୟ ମଦନ ଲାଲ୍ ସାଇନିଙ୍କ ପରଲୋକ ଯୋଗୁ ରାଜସ୍ଥାନର ଉକ୍ତ ଆସନ ପାଇଁ ଉପନିର୍ବାଚନର ଆବଶ୍ୟକତା ପଡିଥିଲା। କଂଗ୍ରେସ ଏହି ଆସନରୁ ମନମୋହନଙ୍କୁ ପ୍ରାର୍ଥୀ କରିଥିବାବେଳେ ଭାଜପା ପ୍ରାର୍ଥୀ ଦେଇ ନ ଥିଲା। ମନମୋହନ ତିନି ଦଶନ୍ଧି ହେଲା ଆସାମରୁ ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରିଆସୁଥିଲେ। ତାଙ୍କର କାର୍ଯ୍ୟକାଳ ଗତ ଜୁନ୍ ୧୪ରେ ଶେଷ ହୋଇଥିଲା। ଆସାମ ବିଧାନସଭାରେ କଂଗ୍ରେସର ଆବଶ୍ୟକ ସଂଖ୍ୟା ନ ଥିବାରୁ ସେ ପୁନର୍ବାର ନିର୍ବାଚିତ ହୋଇପାରି ନ ଥିଲେ। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ପୁଅ ନୀରଜ ଶେଖର ମଧ୍ୟ ସୋମବାର ଉତ୍ତରପ୍ରଦେଶରୁ ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି। ସେ ଭାଜପାରୁ ଗତ ୧୪ ତାରିଖରେ ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କ ବିରୋଧରେ ଅନ୍ୟ କେହି ପ୍ରାର୍ଥୀ ହୋଇ ନ ଥିବାରୁ ସୋମବାର ନାମାଙ୍କନପତ୍ର ପ୍ରତ୍ୟାହାର ସମୟସୀମା ଅତିକ୍ରାନ୍ତ ହେବା ପରେ ତାଙ୍କୁ ବିଜୟୀ ଘୋଷଣା କରାଯାଇଥିଲା।




# ବିଦ୍ୟୁତ୍ ଚୋରି, କ୍ଷତି ରୋକିବ ସ୍ମାର୍ଟ ମିଟର

- ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ଉପଭୋକ୍ତା ହେବେ ପରିସରଭୁକ୍ତ
- ସମ୍ବଲପୁର ଓ ରାଉରକେଲାରୁ ଆରମ୍ଭ ହେବ ପାଇଲଟ ପ୍ରକଳ୍ପ
- ଫାଇଦା ନେବେ ବଣ୍ଟନ କମ୍ପାନୀ, ଟଙ୍କା ଗଣିବେ ଉପଭୋକ୍ତା

**ଭୁବନେଶ୍ୱର, ୧୯।୮ (ବ୍ୟୁରୋ):** ଘରେ ଲାଗିଥିବା ପୁରୁଣା ବିଦ୍ୟୁତ୍ ମିଟର ବଦଳିଯିବ। ଲାଗିବ ନୂଆ ପ୍ରିପେଡ୍ ଓ ସ୍ମାର୍ଟ ମିଟର। ରାଜ୍ୟର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ଏହି ମିଟର ଯୋଗାଇ ଦିଆଯିବ। ବିଦ୍ୟୁତ୍ ଚୋରି ଏବଂ ବୈଷୟିକ ଓ ବାଣିଜ୍ୟିକ କ୍ଷତି (ଏ ଆଣ୍ଡ୍ ଟିସି)କୁ ରୋକିବା ପାଇଁ ଶକ୍ତି ବିଭାଗ ଏଭଳି ପଦକ୍ଷେପ ନେବାକୁ ଯାଉଛି। ସମ୍ବଲପୁର, ରାଉରକେଲାରେ ପ୍ରଥମେ ପାଇଲଟ ପ୍ରକଳ୍ପ ଭାବେ ଏହା ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସୋମବାର ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସୂଚନା ଦେଇଛନ୍ତି।

ପ୍ରିପେଡ୍ ସ୍ମାର୍ଟ ମିଟର ଲାଗିଲେ ବିଦ୍ୟୁତ୍ ସରବରାହ କ୍ଷେତ୍ରରେ ହେଉଥିବା ବାଣିଜ୍ୟିକ ଓ ବୈଷୟିକ କ୍ଷତିକୁ ରୋକିବା ସହିତ ବିଦ୍ୟୁତ୍ ଟାମ୍ପରିଂ ଓ ଚୋରି ଉପରେ ମଧ୍ୟ ଅଙ୍କୁଶ ଲଗାଯାଇପାରିବ। ପ୍ରିପେଡ୍ ମିଟର ଲାଗିଲେ ଗ୍ରାହକଙ୍କୁ ଆଗୁଆ ବିଦ୍ୟୁତ୍ ଦେୟ ଦେବାକୁ ହେବ। ଟେଲିଫୋନ୍ ଭଳି ପଇସା ସରିଗଲେ ପୁଣି ରିଚାର୍ଜ କରିବାକୁ ପଡ଼ିବ। ନଚେତ୍ ଅନ୍ଧାରରେ ରହିବାକୁ ହେବ। ରାଜ୍ୟରେ ଏ ଆଣ୍ଡ୍ ଟିସି କ୍ଷତି ୫୬ ପ୍ରତିଶତ ରହିଛି। ଏହାକୁ ପ୍ରତ୍ୟେକ ବର୍ଷ ୧୦ ପ୍ରତିଶତ କମାଇବାକୁ ବିଦ୍ୟୁତ୍ ବିଭାଗ ପ୍ରୟାସ ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୨୫ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପ୍ରି ପେଡ୍ ସ୍ମାର୍ଟ ମିଟର ଯୋଗାଇ ଦିଆଯିବ। ବିଦ୍ୟୁତ୍ ଯୋଗାଉଥିବା ୪ଟି ବଣ୍ଟନ କମ୍ପାନୀ ସେସୁ, ନେସ୍କୋ, ସାଉଥ୍‌କୋ ଏବଂ ୱେସ୍କୋକୁ ପ୍ରତ୍ୟେକ ୧ ଲକ୍ଷ ମିଟର ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ସରକାର ଗୋଟିଏ ପଟେ ବିଦ୍ୟୁତ୍ କ୍ଷତି କମାଇବାକୁ ଯୋଜନା କରୁଥିବା ବେଳେ ଅନ୍ୟପଟେ ମିଟର ବାବଦ ଖର୍ଚ୍ଚକୁ ବିଦ୍ୟୁତ୍ ଗ୍ରାହକଙ୍କ ମୁଣ୍ଡରେ ଲଦିବାକୁ ନିଷ୍ପତ୍ତି ନିଆଯାଇଛି। ମିଟର ପିଛା ଗ୍ରାହକଙ୍କୁ ୩ ହଜାର ୫ ଶହ ଟଙ୍କା ପୈଠ କରିବାକୁ ପଡ଼ିବ। ଏକକାଳୀନ ନ ହେଲେ ମଧ୍ୟ ବିଦ୍ୟୁତ୍ ବିଲ୍ ସହ ଏହାକୁ ଆଦାୟ କରାଯିବ। ମିଟର କିଣିବା ପାଇଁ ଖୁବ୍‌ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ ବୋଲି ଶକ୍ତି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଯଦି ପୂର୍ବ ମିଟର ଠିକ୍ କାର୍ଯ୍ୟ କରୁଛି ତେବେ ଉପଭୋକ୍ତା ନୂଆ ମିଟର ବ୍ୟୟଭାର କାହିଁକି ଭରଣା କରିବେ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନେଇ ଘରୋଇ ଉପଭୋକ୍ତାଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି।

# ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନେଲେ ଅସିତ୍

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ରାଜ୍ୟର ୪୩ତମ ମୁଖ୍ୟ ଶାସନ ସଚିବ ଭାବେ ଅସିତ୍ ତ୍ରିପାଠୀ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କିଛିଦିନ ତଳେ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ରାଜ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ମିଳିଥିବାବେଳେ ତାଙ୍କ ସ୍ଥାନରେ ଅସିତ୍‌ଙ୍କୁ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ନିଯୁକ୍ତି ଦେଇଛନ୍ତି। ୧୯୮୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅସିତ୍ ପୂର୍ବରୁ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସିଛନ୍ତି। ଦାୟିତ୍ୱ ନେବାପରେ ଅସିତ୍ ଏକ ଖବରଦାତା ସମ୍ମିଳନୀ କରି ସମୟ ଉପରେ ବିଶେଷ ଧ୍ୟାନ ଦେବା ପାଇଁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସବୁ ଜିନିଷରେ ଉନ୍ନତୀକରଣ କରାଯାଇପାରିବ। ପ୍ରଥମ ଗୁରୁତ୍ୱ ପରିଚାଳନା କ୍ଷେତ୍ରରେ ଦିଆଯିବ। ୨୦୧୯-୨୦ ପାଇଁ ଯେଉଁସବୁ ବିଭାଗ ଯାହା କରିବା ପାଇଁ କହିଛନ୍ତି, ତାହାକୁ କେମିତି ଠିକ୍‌ରେ ହେବ ସେଦିଗରେ ବିଶେଷ ଗୁରୁତ୍ୱ ଦିଆଯିବ। କାହାର ବ୍ୟକ୍ତିଗତ କାର୍ଯ୍ୟ ଥିଲେ ଯେପରି ଫାଇଲ୍ ରକେଟ୍ ପରି ଯାଇଥାଏ, ସବୁ କ୍ଷେତ୍ରରେ ସେମିତି କାର୍ଯ୍ୟ କରାଗଲେ ସାଧାରଣ ଲୋକଙ୍କ ସମସ୍ୟା ଦୂର ହୋଇପାରିବ। ଏହି କଥା ଉପରେ ବିଶେଷ ଧ୍ୟାନ ରହିବ। ୫ଟି ଢାଞ୍ଚାରେ ସରକାର ଚାଲିବ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯିବ। ଅନ୍‌ଲାଇନ ଖଜଣା ପ୍ରଦାନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଯେ କୌଣସି କାର୍ଯ୍ୟର ନିଷ୍ପତ୍ତି ତୁରନ୍ତ ନିଆଯିବ। ଏହି ଅବସରରେ ବିଭିନ୍ନ ବିଭାଗର ସଚିବ ଓ ଅନ୍ୟ ଅଧିକାରୀମାନେ ଅସିତ୍‌ଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଅପରପକ୍ଷରେ ଆଦିତ୍ୟ ପ୍ରସାଦ ପାଢୀ ମଧ୍ୟ ସୋମବାର ରାଜ୍ୟ ନିର୍ବାଚନ କମିଶନର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାଢୀ ମୁଖ୍ୟ ଶାସନ ସଚିବ ପଦରୁ ସ୍ୱେଚ୍ଛାକୃତ ଅବସର ନେବାପରେ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିଛନ୍ତି। ଗୋକୁଳ ଚନ୍ଦ୍ର ପତିଙ୍କ ପରେ ପାଢୀ ୨୦୧୫ ନଭେମ୍ବର ୩୦ରୁ ମୁଖ୍ୟ ଶାସନ ସଚିବ ପଦରେ ରହିଥିଲେ। ରାଜ୍ୟର ସପ୍ତମ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ନେବା ପରେ ପାଢୀ କହିଛନ୍ତି, ଆଗକୁ ପୌର ଓ ପଞ୍ଚାୟତ ନିର୍ବାଚନ ଆସୁଛି। ଏହାକୁ ସୁଚାରୁରୂପେ ତୁଲାଇବା ପାଇଁ ପ୍ରୟାସ କରିବେ ବୋଲି ସେ କହିଛନ୍ତି।



- ରକେଟ୍ ପରି ଯିବ ସରକାରୀ ଫାଇଲ: ମୁଖ୍ୟ ଶାସନ ସଚିବ
- ରାଜ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ନେଲେ ଆଦିତ୍ୟ ପ୍ରସାଦ ପାଢ଼ୀ
- ସୁରେଶ ମହାପାତ୍ର ଏବଂ ସଞ୍ଜୀବ ଚୋପ୍ରା ମଧ ନେଲେ ଦାୟିତ୍ୱ

ସେହିପରି ଦୁଇ ବରିଷ୍ଠ ଆଇଏଏସ୍ ଅଫିସର ସୁରେଶ କୁମାର ମହାପାତ୍ର ରାଜ୍ୟ ଉନ୍ନୟନ କମିଶନର ଭାବେ ଏବଂ ସଞ୍ଜୀବ ଚୋପ୍ରା ଗୃହ ବିଭାଗ ସଚିବ ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସୁରେଶ ମହାପାତ୍ର କହିଛନ୍ତି, ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ଯାହାସବୁ ଯୋଜନା ଓ କାର୍ଯ୍ୟକ୍ରମ ରହିଛି ତାକୁ ଠିକ୍‌ରେ ଲାଗୁ କରିବା ଉପରେ ଗୁରୁତ୍ୱ ଦେବି। ସବୁ ଅଞ୍ଚଳ ଏବଂ ସମସ୍ତ ବର୍ଗର ଉନ୍ନତିକୁ ଦାୟିତ୍ୱ ସହକାରେ ପାଳନ କରିବି। ସଞ୍ଜୀବ ଚୋପ୍ରା କହିଛନ୍ତି, ଗୃହ ବିଭାଗ ସଚିବ ଭାବେ ଯାହାସବୁ ଦାୟିତ୍ୱ ରହିଛି, ତାକୁ ଠିକ୍‌ରେ ପାଳନ କରିବି। ସୁସ୍ଥ ବାତାବରଣ ଏବଂ ଆଇନଶୃଙ୍ଖଳା ଉପରେ ବିଶେଷ ଗୁରୁତ୍ୱ ଦେବା ସହ ରାଜ୍ୟର ମହିଳା, ଦଳିତ, ପଛୁଆବର୍ଗଙ୍କ ସୁରକ୍ଷା ଉପରେ ଧ୍ୟାନ ଦେବି ବୋଲି ଚୋପ୍ରା କହିଛନ୍ତି।

## ଟଙ୍କପାଣିରେ ୨ କଲରାପତରିଆ ବାଘ

ଲାଠୋର, ୧୯।୮(ଡି.ଏନ.ଏ.)
ବଲାଙ୍ଗୀର ଜିଲା ଲାଠୋର ରେଞ୍ଜ ଅନ୍ତର୍ଗତ ଚାନ୍ଦଲି ସଂରକ୍ଷିତ ଜଙ୍ଗଲରେ ଥିବା ଚାନ୍ଦଲି ପାହାଡ ତଳି ଟଙ୍କପାଣି ଗାଁ ସମୀପ କ୍ଷେତରେ ଦୁଇଟି କଲରାପତରିଆ ବାଘ ବୁଲୁଥିବା ରବିବାର ଲୋକେ ଦେଖିବାକୁ ପାଇଥିଲେ। କେତେଜଣ ଲୋକ କ୍ଷେତରେ କାମ କରୁଥିବା ବେଳେ ବାଘ ଦୁଇଟିକୁ ଦେଖି ଭୟରେ ସେଠାରୁ ଦୌଡି ପଳାଇ ଆସିଥିଲେ। ବାଘର ଉପସ୍ଥିତି ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ପ୍ରକାଶ ପାଇଛି। ଖବର ପାଇ ଲାଠୋର ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ। ବିଭାଗୀୟ କର୍ମଚାରୀମାନେ ସେଠାରେ ବାଘକୁ ଦେଖିଥିବା ସ୍ପଷ୍ଟ କରିଛନ୍ତି। ନୂଆପଡ଼ା ଜିଲା ସୁନାବେଡା ଅଭୟାରଣ୍ୟରୁ ବାଘ ଦୁଇଟି ଏଠାକୁ ଆସିଥିବା ଅନୁମାନ କରାଯାଉଛି। ତେବେ ଦୁଇ କଲରାପତରିଆ ବାଘ ଏ ଯାଏ କାହାର କୌଣସି କ୍ଷତି କରିଥିବା ଖବର ମିଳିନାହିଁ। ବନ ବିଭାଗ ଏଥିପ୍ରତି ନଜର ରଖିଛି ବୋଲି ଲାଠୋର ବନାଞ୍ଚଳ ଅଧିକାରୀ ଦେବଦତ୍ତ ସୂତାର ସୂଚନା ଦେଇଛନ୍ତି।

### ଆଇପିଏସ ଅଫିସର ସ୍ତରରେ ଅଦଳବଦଳ

# ବଦଳିଲେ ୧୩ ଏସ୍‌ପି

ଭୁବନେଶ୍ୱର,୧୯।୮(ବ୍ୟୁରୋ)

- ସଞ୍ଜୀବ ପଣ୍ଡା ହେଲେ ପରିବହନ କମିଶନର
- ଆର.ପି. କୋଚେଙ୍କୁ ଲ ଆଣ୍ଡ ଅର୍ଡର ଏଡିଜି ଦାୟିତ୍ୱ

ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟ କରୁଥିବା ୩୯ଜଣ ଆଇପିଏସ୍ ଅଫିସରଙ୍କୁ ରାଜ୍ୟ ସରକାର ସୋମବାର ଅଦଳବଦଳ କରିଛନ୍ତି। ଜେଲ ଏଡିଜି ଥିବା ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ମହେନ୍ଦ୍ର ପ୍ରତାପଙ୍କୁ କଟକ ପ୍ରିଣ୍ଟିଂ ପ୍ରେସ୍ ଏବଂ ଷ୍ଟେସନାରିର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଲ ଆଣ୍ଡ ଅର୍ଡର ଏଡିଜି ପଦବୀରେ ଥିବା ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡାଙ୍କୁ ପରିବହନ କମିଶନର ଭାବେ ବଦଳି କରାଯାଇଛି। ଏଡିଜି ଅପରେଶନ ଦାୟିତ୍ୱରେ ଥିବା ୧୯୯୩ ବ୍ୟାଚ୍‌ର ଅଫିସର ଆର.ପି. କୋଚେଙ୍କୁ ଲ ଆଣ୍ଡ ଅର୍ଡର ଏଡିଜି ଭାବେ ନିଯୁକ୍ତି ମିଳିଛି। ସେହିଭଳି ଏଫ୍‌ଏସ୍, ଏର୍‌ଜି ଏବଂ ସିଡିରେ ଥିବା ଆଇଜି ରାଜେଶ କୁମାରଙ୍କୁ ଭୁବନେଶ୍ୱର ଏସ୍‌ସିଆରବି ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

ଗୋଇନ୍ଦା ବିଭାଗରେ ଥିବା ଡିଆଇଜି ଆଶିଷ କୁମାର ସିଂଙ୍କୁ କେନ୍ଦ୍ରାଞ୍ଚଳ ଡିଆଇଜି ଭାବେ ନିଯୁକ୍ତି ମିଳିଛି। ଅନୁସୂଚିତ ଜାତି ଓ ଜନଜାତି ଏବଂ ଏଚ୍‌ଆରପିସିରେ ଥିବା ଆଇପିଏସ୍ ଅଫିସର ଦୀପ୍ତେଶ କୁମାର ପଟ୍ଟନାୟକଙ୍କୁ ପୂର୍ବାଞ୍ଚଳ ଆଇଜି(ବାଲେଶ୍ୱର), ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଦକ୍ଷିଣାଞ୍ଚଳ ଡିଆଇଜି(ବ୍ରହ୍ମପୁର), ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଥିବା ହିମାଂଶୁ ଲାଲଙ୍କୁ ଉତ୍ତରାଞ୍ଚଳ(ସମ୍ବଲପୁର) ଡିଆଇଜି, ସଫିନ୍ ଅହମ୍ମଦ କେ.ଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି, ପୂର୍ବାଞ୍ଚଳ ଡିଆଇଜି ଅମିତେନ୍ଦ୍ରନାଥ ସିହ୍ନାଙ୍କୁ ଡିଆଇଜି ସିଆଇଡି କ୍ରାଇମବ୍ରାଞ୍ଚ ଭାବେ ଅବସ୍ଥାପିତ କରାଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ଥିବା ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀଙ୍କୁ ଆଇଜି ପର୍ସୋନେଲ ଭାବେ ନିଯୁକ୍ତି ମିଳିଛି। ଏସ୍‌ଆଇଡବ୍ଲ୍ୟୁ ଆଇଜି ଘନଶ୍ୟାମ ଉପାଧ୍ୟାୟଙ୍କୁ ଭୁବନେଶ୍ୱର ଇଓଡବ୍ଲ୍ୟୁ ଆଇଜି ଭାବେ ଦାୟିତ୍ୱ ମିଳିଛି। ଛୁଟିରେ ଥିବା ୧୯୯୮ ବ୍ୟାଚର ଆଇପିଏସ୍ ଅଫିସର ଏନ୍.ବି. ଭାରତୀଙ୍କୁ ଏଚ୍‌ଆରପିସି ଆଇଜି ଭାବେ ନିଯୁକ୍ତି ମିଳିଛି। ଏସ୍‌ଏପି(ସ୍ପେଶାଲ ଆର୍ମ ପୋଲିସ)ଆଇଜି ଅମିତାଭ ଠାକୁରଙ୍କୁ ଆଇଜି ପୋଲିସ ଅପରେଶନ୍, କଟକ ପୋଲିସ ପର୍ସୋନେଲ ଆଇଜି ପି.ଏସ୍. ରଣପିସେଙ୍କୁ ଭିଜିଲାନ୍ସ ଆଇଜି, ଆଇଜି ରେଖା ଲୋହାନୀଙ୍କୁ ପୋଲିସ ଆଧୁନିକୀକରଣ ଆଇଜି ଭାବେ ଅବସ୍ଥାପିତ କରାଯାଇଛି। ପୋଲିସ ମୁଖ୍ୟାଳୟ ଆଇଜି ଅସିତ୍ କୁମାର ପାଣିଗ୍ରାହୀଙ୍କୁ ଗୃହରକ୍ଷୀ, ଅଗ୍ନିଶମ ଆଇଜି ଭାବେ ନିଯୁକ୍ତି ମିଳିଛି। ଏସ୍‌ଓଜି କମାଣ୍ଡାଣ୍ଟ ଅନିରୁଦ୍ଧ ସିଂଙ୍କୁ ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ପଦ ମିଳିଛି।

ନୂଆପଡା ଏସ୍‌ପି ପରମାରସ୍ମିତ୍ ପୁରୁଷୋତ୍ତମ ଦାସଙ୍କୁ ମୟୂରଭଞ୍ଜ ଏସ୍‌ପି, ବରଗଡ ଏସ୍‌ପି ମୁକେଶ କୁମାର ଭାମୋଙ୍କୁ କୋରାପୁଟ ଏସ୍‌ପି ଭାବେ ନିଯୁକ୍ତ କରାଯାଇଛି। ବାଲିଗୁଡା ଏସ୍‌ଡିପିଓ ଭିନିତ ଅଗ୍ରୱାଲଙ୍କୁ ନୂଆପଡା ଏସ୍‌ପି(ଇନ୍‌ଚାର୍ଜ), ଜୟପୁର ଏସ୍‌ଡିପିଓ ସାଗରିକା ନାଥଙ୍କୁ କଟକ ଭୁବନେଶ୍ୱର କମିଶନରେଟ୍ ପୋଲିସର ଟ୍ରାଫିକ ଡିସିପି(ଇନ୍‌ଚାର୍ଜ), କୋରାପୁଟ ଏସ୍‌ପି କନ୍‌ୱର ବିଶାଲ ସିଂଙ୍କୁ ସମ୍ବଲପୁର ଏସ୍‌ପି, ମୟୂରଭଞ୍ଜ ଏସ୍‌ପି ଅବିନାଶ କୁମାରଙ୍କୁ ଭୁବନେଶ୍ୱର ଇଓଡବ୍ଲ୍ୟୁ ଏସ୍‌ପି, ମାଲକାନଗିରି ଏସ୍‌ଡିପିଓ ଖିଲାରୀ ରିଶିକେଶ ଦାନଦେଓଙ୍କୁ ମାଲକାନଗିରି ଏସ୍‌ପି(ଇନ୍‌ଚାର୍ଜ), କମିଶନରେଟ୍ ପୋଲିସ ମୁଖ୍ୟାଳୟ ଡିସିପି ପଦ୍ମିନୀ ସାହୁଙ୍କୁ ବରଗଡ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ଏସ୍‌ଆରପି ରାଉରକେଲାରେ ଥିବା ଅଜୟ ପ୍ରତାପ ସ୍ୱାଇଁଙ୍କୁ ଖୋର୍ଦ୍ଧା ଏସ୍‌ପି(ଇନ୍‌ଚାର୍ଜ), କମିଶନରେଟ ପୋଲିସ(ଭୁବନେଶ୍ୱର) ଅତିରିକ୍ତ ଡିସିପି ତ୍ରିନାଥ ପଟେଲଙ୍କୁ ରାଉରକେଲା ଏସ୍‌ଆରପି (ଇନ୍‌ଚାର୍ଜ), ବୌଦ୍ଧ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କୁ କ୍ରାଇମ୍‌ବ୍ରାଞ୍ଚ(କଟକ)ଏସ୍‌ପି, ଭିଜିଲାନ୍ସ ଏସ୍‌ପି ଆର. ପ୍ରକାଶଙ୍କୁ ଜଗତ୍‌ସିଂହପୁର ଏସ୍‌ପି, ରାୟଗଡାର ଅତିରିକ୍ତ ଏସ୍‌ପି ୱାଇ. ରଘୁନାଥ ରାଓଙ୍କୁ ବୌଦ୍ଧ ଏସ୍‌ପି(ଇନ୍‌ଚାର୍ଜ), ମାଲକାନଗିରି ଏସ୍‌ପି ଜଗମୋହନ ମିନାଙ୍କୁ ଅନୁଗୋଳ ଏସ୍‌ପି, ବଲାଙ୍ଗୀର ଏସ୍‌ପି କେ.ଶିବା ଶୁଭ୍ରମଣିଙ୍କୁ ରାଉରକେଲା ଏସ୍‌ପି, ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ କେନ୍ଦୁଝର ଏସ୍‌ପି, ରାଉରକେଲା ଏସ୍‌ପି ସାର୍ଥକ ଷଡ଼ଙ୍ଗୀଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସେହିପରି କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି ମଦକର ସନ୍ଦୀପ ସମ୍ପତଙ୍କୁ ବଲାଙ୍ଗୀର ଏସ୍‌ପି ଭାବେ ନିଯୁକ୍ତ କରାଯାଇଛି।

# ୭ ଦିନରେ ବଙ୍ଗଳା ଖାଲିକର

### ପୂର୍ବତନ ଏମ୍‌ପିଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୯।୮(ପି.ଟି.)

ସପ୍ତାହେ ମଧ୍ୟରେ ସରକାରୀ ବଙ୍ଗଳା ଖାଲି କରିବାକୁ ପୂର୍ବତନ ଏମ୍‌ପିମାନଙ୍କୁ ସୋମବାର ଲୋକ ସଭାର ଏକ କମିଟି ନିର୍ଦ୍ଦେଶ ଦେଇଛି। ଲୋକ ସଭା ହାଉସିଂ କମିଟିରେ ଏହି ନିଷ୍ପତ୍ତି ନିଆଯାଇଥିବା ଏହାର ଅଧ୍ୟକ୍ଷ ସି.ଆର୍. ପାଟିଲ କହିଛନ୍ତି। ତିନିଦିନ ମଧ୍ୟରେ ଉକ୍ତ କ୍ୱାର୍ଟର୍ସକୁ ବିଦ୍ୟୁତ୍, ପାଣି ଓ ଗ୍ୟାସ୍ ସଂଯୋଗ ବିଚ୍ଛିନ୍ନ କରାଯିବାକୁ ନିଷ୍ପତ୍ତି ହୋଇଛି।

ନିୟମ ଅନୁଯାୟୀ ପୂର୍ବ ଲୋକ ସଭା ଭଙ୍ଗ ହେବାର ୧ ମାସ ମଧ୍ୟରେ ପୂର୍ବତନ ଏମ୍‌ପିମାନେ ସେମାନଙ୍କ ବଙ୍ଗଳା ଖାଲି କରିବା କଥା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମେ ୨୫ରେ ଷୋଡ଼ଶ ଲୋକ ସଭା ଭଙ୍ଗ କରିଥିଲେ। ୨୦୧୪ରେ ନିର୍ବାଚିତ ହୋଇଥିବା ୨୦୦ରୁ ଊର୍ଦ୍ଧ୍ୱ ଏମ୍‌ପି ଏପର୍ଯ୍ୟନ୍ତ ସରକାରୀ ବଙ୍ଗଳା ଖାଲି କରିନାହାନ୍ତି। ଫଳରେ ନବନିର୍ବାଚିତ ଏମ୍‌ପିମାନଙ୍କୁ ଅସ୍ଥାୟୀ ଗୃହ ଯୋଗାଇ ଦିଆଯାଇଛି।

**UTKAL UNIVERSITY**
VANI VIHAR, BHUBANESWAR - 751004
ODISHA, INDIA
No. DRS/RUSA-1041-2016 (PDF) / 23787/2019 dated the 19 August 2019

RUSA
Post-Doctoral Fellowship @ ₹1,00,000 per month

*Established in 1943, Utkal University, a NAAC A+ and Category I University with graded autonomy, is a premier Higher Education Institution in India. The main campus at Vani Vihar is located in the capital city of Bhubaneswar spread over nearly 400 acres adjacent to National Highway 16. The new rural campus spreads over nearly 67 acres of land in the mountainous ranges of Chandikhole in Jajpur district. The University provides ample opportunities for research, innovation and modern knowledge delivery system. The University is in receipt of Rashtriya Uchchatar Shiksha Abhiyan (RUSA) for enriching quality and excellence in higher education.*

*With 29 Post-Graduate Departments and recently opened several Centers of Excellence (CoEs) with assistance from RUSA & World Bank, the University is engaged with cutting-edge research, innovative teaching pedagogy and knowledge production.*

The University announces RUSA Post-Doctoral Fellowship @ ₹1,00,000 per month depending on academic qualifications, research competencies and publications in high impact factor journals for maximum period of three years. Interested candidates may apply in the prescribed format to the *Coordinator RUSA 2.0, Utkal University, Vani Vihar, Bhubaneswar-751004*, India latest by 20 September 2019 with a soft copy to **uurusapdf@gmail.com**. The details of it are available at **www.utkaluniversity.nic.in**. For any queries, candidates may contact at **uurusapdf@gmail.com**.

Sd/- REGISTRAR

# ଭୁବନେଶ୍ୱରରୁ ଜଗଦଲପୁର, ଜୁନାଗଡ଼କୁ ଚାଲିବ ପୃଥକ୍ ଟ୍ରେନ୍

ଭୁବନେଶ୍ୱର,୧୯।୮(ବ୍ୟୁରୋ)

- ଧର୍ମେନ୍ଦ୍ରଙ୍କ ଚିଠି ପରେ ଘୋଷଣା କଲେ ରେଳମନ୍ତ୍ରୀ
- ରେଳଯାତ୍ରୀଙ୍କୁ ସୁବିଧା ହେବ: ଧର୍ମେନ୍ଦ୍ର

ଆଗକୁ ଭୁବନେଶ୍ୱରରୁ ଜୁନାଗଡ ଏବଂ ଭୁବନେଶ୍ୱରରୁ ଜଗଦଲପୁରକୁ ୨ଟି ପୃଥକ ଟ୍ରେନ୍ ଚଳାଚଳ କରିବ। ଏନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ କରିଥିବା ଅନୁରୋଧକୁ ରକ୍ଷା କରି ସେ ଏହାକୁ ସ୍ୱୀକୃତି ଦେଇଛନ୍ତି। ରେଳମନ୍ତ୍ରୀଙ୍କ ସ୍ୱୀକୃତି ମିଳିବାପରେ ଧର୍ମେନ୍ଦ୍ର ସାମାଜିକ ଗଣମାଧ୍ୟମ ଜରିଆରେ ଧନ୍ୟବାଦ ଜଣାଇଛନ୍ତି। ଏହାସହ ଧର୍ମେନ୍ଦ୍ର କହିଛନ୍ତି ଯେ, ଏହି ବ୍ୟବସ୍ଥା ଦ୍ୱାରା ରେଳଯାତ୍ରୀଙ୍କୁ ସୁବିଧା ମିଳିପାରିବ। ଟ୍ରେନ୍ ନମ୍ବର ୧୮୪୩୭/୧୮୪୩୮ ଭୁବନେଶ୍ୱର-ଜୁନାଗଡ ରୋଡ୍ ଏକ୍ସପ୍ରେସ ଭୁବନେଶ୍ୱର ଓ ଜୁନାଗଡ ମଧ୍ୟରେ ଏବଂ ଟ୍ରେନ୍ ନମ୍ବର ୧୮୪୪୭/୧୮୪୪୮ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍ ଭୁବନେଶ୍ୱର ଜଗଦଲପୁର ମଧ୍ୟରେ ପୃଥକଭାବେ ଚଳାଚଳ କରିବ। ଏନେଇ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ରେଳମନ୍ତ୍ରୀ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏହାଦ୍ୱାରା ଯାତ୍ରୀମାନେ ବିଶେଷ ଲାଭ ପାଇପାରିବେ ବୋଲି ଗୋୟଲ ଆଶାବ୍ୟକ୍ତ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଧର୍ମେନ୍ଦ୍ର ଜୁଲାଇ ୧୮ରେ ରେଳମନ୍ତ୍ରୀଙ୍କୁ ଚିଠି ଲେଖି ଭୁବନେଶ୍ୱର-ଜଗଦଲପୁର ଏବଂ ଭୁବନେଶ୍ୱର-ଜୁନାଗଡକୁ ଦୁଇଟି ପୃଥକ ଟ୍ରେନ୍ ଚଳାଚଳ କରିବା ଲାଗି ଅନୁରୋଧ କରିଥିଲେ। ଏହାସହ ଏହି ଦୁଇଟି ଟ୍ରେନ୍ ଚଳାଚଳ ଲାଗି କଳାହାଣ୍ଡି ଜିଲାର ଭବାନୀପାଟଣା ଓ ଜୁନାଗଡ ଅଞ୍ଚଳର ଲୋକମାନେ ଦୀର୍ଘଦିନରୁ ଦାବି କରି ଆସୁଥିବା ଜଣାଇଥିଲେ। ବର୍ତ୍ତମାନ ଭୁବନେଶ୍ୱରରୁ ଯାଉଥିବା ଟ୍ରେନ୍‌ର ୧୦ଟି ବଗି ରାୟଗଡା ଷ୍ଟେସନରେ ଅଲଗା ହୋଇ ଜୁନାଗଡ ଅଭିମୁଖେ ଯାଉଛି। ଅବଶିଷ୍ଟ ୧୨ଟି ବଗି ଜଗଦଲପୁର ଅଭିମୁଖେ ଯାତ୍ରା କରୁଛି। ଫେରିବା ସମୟରେ ଉଭୟ ଜଗଦଲପୁର ଏବଂ ଜୁନାଗଡରୁ ଆସୁଥିବା ଭିନ୍ନଭିନ୍ନ ଟ୍ରେନ୍ ରାୟଗଡା ଷ୍ଟେଶନରେ ଗୋଟିଏ ଇଞ୍ଜିନରେ ଯୋଡି ହୋଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଛି। ଉପରୋକ୍ତ ବ୍ୟବସ୍ଥା ବିଶେଷଭାବେ କଳାହାଣ୍ଡି ଟ୍ରେନ୍ ଯାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଏଭଳି ଜଟିଳ ବ୍ୟବସ୍ଥା ସମ୍ପର୍କରେ ସଚେତନ ନ ଥିବା ଯାତ୍ରୀମାନେ ଅନେକ ସମୟରେ ଠିକ୍ ବଗିରେ ଚଢି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଉପରୋକ୍ତ ପ୍ରସ୍ତାବକୁ ସ୍ୱୀକୃତି ମିଳିଲେ ରାଜଧାନୀ-ଭୁବନେଶ୍ୱର ଓ କଳାହାଣ୍ଡି ମଧ୍ୟରେ ଯାତାୟାତ ଲାଗି ବ୍ୟବସ୍ଥା ହେବ। ଏହାଦ୍ୱାରା ଯାତ୍ରୀଙ୍କ ଆଗ୍ରହ ଅଧିକ ଥିବାରୁ ଟ୍ରେନ୍‌ରେ ଯାତ୍ରୀ ଭିଡ ଅଧିକ ରହିବ ଏବଂ ପୂର୍ଣ୍ଣ ଯାତ୍ରୀ କ୍ଷମତାରେ ଚଳାଚଳ କରିବ। ଏହାବ୍ୟତୀତ ଯାତ୍ରୀଙ୍କ ପାଇଁ ଅଧିକ ସଂଖ୍ୟକ ସଂରକ୍ଷିତ ବଗି ଉପଲବ୍ଧ ହୋଇପାରିବ ବୋଲି ଧର୍ମେନ୍ଦ୍ର ଚିଠିରେ ଦର୍ଶାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଅରୋକୃପା
ପରିବାରବର୍ଗ


ଏଲିନା
ପରିବାରବର୍ଗ


ରିଶି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବଢ଼ିଲା ନଦୀ ଜଳସ୍ତର

- ଦୁଇ ଜିଲାପାଳଙ୍କୁ ସଜାଗ ରହିବାକୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ
- ୨୨ରୁ ପୁଣି ପ୍ରବଳ ବର୍ଷା

**ଭୁବନେଶ୍ୱର, ୧୯।୮ (ବ୍ୟୁରୋ)**

ଦୁଇଦିନ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ରାଜ୍ୟରେ ପୁଣି ବନ୍ୟା ପରିସ୍ଥିତି ଜଟିଳ ହେବାରେ ଲାଗିଛି। ଉପରମୁଣ୍ଡରେ ବର୍ଷା ହେବାରୁ ହୀରାକୁଦର ଜଳସ୍ତର ପୁଣି ବୃଦ୍ଧି ପାଇବାରେ ଲାଗିଛି। ସେଥିପାଇଁ ସୋମବାର ଆଉ ୭ଟି ଗେଟ୍ ଖୋଲାଯାଇଛି। ପୂର୍ବରୁ ୭ଟି ଗେଟ୍ ଦେଇ ଜଳନିଷ୍କାସିତ ହେଉଥିବାବେଳେ ଏବେ ମୋଟ ୧୪ ଗେଟ୍ ଦେଇ ଜଳଭଣ୍ଡାରରୁ ମହାନଦୀକୁ ଜଳ ଛଡ଼ାଯାଉଛି। ଜଳଭଣ୍ଡାରର ଜଳସ୍ତର ୬୨୦.୮୭୦ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୧ ଲକ୍ଷ ୭୫ ହଜାର ୩୭୧ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ପ୍ରତି ସେକେଣ୍ଡରେ ୨ଲକ୍ଷ ୨୦ ହଜାର ୩୧୮ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଜଳସ୍ତର ବୃଦ୍ଧି ପାଇବାରୁ ମନ୍ଦିରା ଡ୍ୟାମର ସମସ୍ତ ୧୧ଟି ଗେଟ୍ ଖୋଲାଯାଇଛି। ଶଙ୍ଖ ନଦୀ ଉପରେ ନିର୍ମିତ ଡ୍ୟାମର ସର୍ବାଧିକ ଜଳ ଧାରଣ କ୍ଷମତା ୬୯୦ ଫୁଟ ରହିଛି। ତେବେ ଏହି ବନ୍ୟା ପାଣି ବ୍ରାହ୍ମଣୀ ନଦୀକୁ ନିଷ୍କାସିତ ହେଉଥିବାରୁ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବାଲିମେଳା ଜଳଭଣ୍ଡାରରୁ ମଧ୍ୟ ଜଳ ନିଷ୍କାସନ କରାଯାଇଛି। ଜଳଭଣ୍ଡାରର ବିପଦ ସ୍ତର ୧୫ ଶହ ୧୪ ଫୁଟ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୪ ଶହ ୯୨ ଫୁଟ ଜଳ ରହିଛି। ଜଳଭଣ୍ଡାରର ୪ ନମ୍ବର ଗେଟ ଓ ସ୍ଲୁଇସ ଗେଟ ଖୋଲାଯାଇଛି। ପ୍ରତି ସେକେଣ୍ଡରେ ୬ ହଜାର କ୍ୟୁସେକ ଜଳ ନିଷ୍କାସିତ ହେଉଛି।

ଉପରମୁଣ୍ଡରେ ବର୍ଷା ଯୋଗୁ ବ୍ରାହ୍ମଣୀ, ଜଳକା, ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ଜଣାପଡ଼ିଛି। ଜଳକା ନଦୀରେ ଜଳସ୍ତର ବିପଦ ସଂକେତ ୫.୫୦ଫୁଟ ରହିଥିବା ବେଳେ ଏବେ ୬.୨୪ଫୁଟ ଉଚ୍ଚରେ ପ୍ରବାହିତ ହେଉଛି। ଜଳକାରେ ବନ୍ୟା ଆସିବା ଫଳରେ ଜଳେଶ୍ୱର ସହରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। କେତେକ ସ୍ଥାନରେ ଘର ଭିତରେ ପାଣି ପଶିଯାଇଛି। ଫଳରେ ହଜାର ହଜାର ଲୋକ ପାଣି ଘେରରେ ରହିଛନ୍ତି।

ଆଖୁଆପଦାଠାରେ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଉଛି। ଏଠାରେ ବିପଦ ସଙ୍କେତ ୧୭.୮୩ ମିଟର ରହିଥିବା ବେଳେ ସୋମବାର ରାତି ସୁଦ୍ଧା ୧୮ମିଟର ଛୁଇଁବା ଆଶଙ୍କା ରହିଛି। ତେଣୁ କେନ୍ଦୁଝର ଓ ଯାଜପୁର ଜିଲାପାଳଙ୍କୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆରସି) ବିଷ୍ଣୁପଦ ସେଠୀ ଚିଠି ଲେଖିଛନ୍ତି। ଏଠାରେ ବନ୍ୟା ପରିସ୍ଥିତି ଉପୁଜିପାରେ। ଆବଶ୍ୟକ ପଡ଼ିଲେ ଲୋକଙ୍କୁ ସ୍ଥାନାନ୍ତର କରି ସେମାନଙ୍କୁ ମାଗଣା ଖାଦ୍ୟ ପ୍ରଦାନ କରିବା, ସ୍ୱଚ୍ଛ ପାଣି ସହିତ ସ୍ୱାସ୍ଥ୍ୟକର ପରିବେଶରେ ରଖିବା ପାଇଁ କୁହାଯାଇଛି। ପର୍ଯ୍ୟାୟକ୍ରମେ ପରିସ୍ଥିତି ସମ୍ପର୍କରେ ରିପୋର୍ଟ ଦେବା ପାଇଁ ଏସ୍‌ଆର୍‌ସି ଚିଠିରେ ଲେଖିଛନ୍ତି।

ଅନ୍ୟପଟେ ଆସନ୍ତା ଦୁଇଦିନ ରାଜ୍ୟରେ ସେଭଳି ବର୍ଷା ହେବ ନାହିଁ। ମଙ୍ଗଳବାର ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାର କିଛି ସ୍ଥାନ ଏବଂ ବୁଧବାର ପଶ୍ଚିମ ଓଡ଼ିଶା, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ଓ ଉତ୍ତର ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବ। ତେବେ ବିଭିନ୍ନ ଜିଲାରେ ଝଡ଼ତୋଫାନ ସହିତ ବଜ୍ରପାତ ହେବା ସମ୍ଭାବନା ରହିଛି। ୨୨ତାରିଖରୁ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୨୨ରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର ଓ କନ୍ଧମାଳ ଏବଂ ୨୩ରେ କୋରାପୁଟ, ମାଲକାନଗିରି, ନୂଆପଡ଼ା, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ଜଗତସିଂହପୁର, ପୁରୀ, କଟକ ଓ ଯାଜପୁରରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

## ୪ ବର୍ଷର ଶିଶୁକନ୍ୟାକୁ ବଳାତ୍କାର

### ଅଭିଯୁକ୍ତ ଗିରଫ

**ବାଲିଆପାଳ/ବସ୍ତା,୧୯।୮(ସ୍ୱ.ପ୍ର.)**

ଶିଶୁକନ୍ୟାମାନଙ୍କ ପ୍ରତି ଅସଦାଚରଣ, ବଳାତ୍କାର ରୋକିବା ଲାଗି କଠୋର ଦଣ୍ଡ ପ୍ରଣୟନ କରାଯାଇଛି। ଏସବୁ ସତ୍ତ୍ୱେ ସେମାନଙ୍କ ପ୍ରତି ଅତ୍ୟାଚାର କମିବାର ନାଁ ନେଉନି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ବସ୍ତା ବ୍ଲକ ସିଂଲା ଥାନା ଅଞ୍ଚଳରେ। ଏହି ଅଞ୍ଚଳର ଏକ ୪ବର୍ଷର ଶିଶୁକନ୍ୟାକୁ ତାଙ୍କ ସମ୍ପର୍କୀୟ ଭାଇ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ମାମଲା (ନଂ. ୧୨୦/୧୯) ରୁଜୁ କରାଯାଇଛି। ଅଭିଯୁକ୍ତ ସଞ୍ଜୟ ଦାସ(୩୪)ଙ୍କୁ ଗିରଫ କରାଯାଇ ତଦନ୍ତ ଆରମ୍ଭ ହୋଇଛି ବୋଲି ଏସ୍‌ପି ବି.ଯୁଗଳକିଶୋର କୁମାର ସୂଚନା ଦେଇଛନ୍ତି।

ଗତ ୧୭ତାରିଖରେ ଜଣେ ୪ବର୍ଷର ଶିଶୁକନ୍ୟା ଘର ଅଗଣାରେ ଖେଳୁଥିଲେ। ଏହି ସମୟରେ ପଡ଼ୋଶୀ ଘର ସମ୍ପର୍କୀୟ ଭାଇ ସଞ୍ଜୟ ତାଙ୍କୁ ଘରୁ ପାଣି ଆଣିବାକୁ କହିଥିଲେ। ଶିଶୁକନ୍ୟା ଏ ନେଇ ତାଙ୍କ ମାଙ୍କୁ ଜଣାଇଥିଲେ। ତାଙ୍କ ମା' ନଳକୂପରୁ ପାଣି ଆଣି ଭାଇଙ୍କୁ ଦେଇ ଆସିବାକୁ କହିଥିଲେ। ସମ୍ପୃକ୍ତ ଶିଶୁକନ୍ୟା ପାଣି ନେଇଯିବାରୁ ସଞ୍ଜୟ ତାଙ୍କୁ ଘର ଭିତରକୁ ଡାକି ନେଇ ଅତି ନିର୍ମମ ଭାବେ ବଳାତ୍କାର କରିବା ସହ ଶରୀରର ବିଭିନ୍ନ ସ୍ଥାନକୁ କ୍ଷତାକ୍ତ କରି ପକାଇ ଦେଇଥିଲେ। ଝିଅ ଆସିବା ବିଳମ୍ବ ହେବାରୁ ମା' ଖୋଜିବାକୁ ଯାଇଥିଲେ। ଝିଅଟି କାନ୍ଦି କାନ୍ଦି ଆସି ମା'ଙ୍କୁ ସବୁ କଥା କହିଥିଲେ। ପରେ ଏନେଇ ଗ୍ରାମରେ ବିଚାର ହୋଇଥିଲା। ହେଲେ ସଞ୍ଜୟ ସେଠାରୁ ପଳାଇ ଯାଇଥିଲେ। ପରିବାର ଲୋକ ତୁରନ୍ତ ଶିଶୁକନ୍ୟାକୁ ଚିକିତ୍ସା ପାଇଁ ବସ୍ତା ଡାକ୍ତରଖାନାକୁ ନେଇ ଆଣିଥିଲେ। ଶିଶୁକନ୍ୟାଙ୍କ ପରିବାର ଲୋକେ ପ୍ରଥମେ ଚାଇଲ୍ଡଲାଇନର ବାଲିଆପାଳ ମୁଖ୍ୟ ପ୍ରଶାନ୍ତ ରାଉତଙ୍କୁ ଜଣାଇଥିଲେ। ଶିଶୁକନ୍ୟାଙ୍କ ଜେଜେବାପା ସୋମବାର ସିଂଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଉତ୍ତର ଭାରତରେ...

ପ୍ରଥମ ପୃଷ୍ଠାରୁ...


ହିମାଚଳ ପ୍ରଦେଶ-ଉତ୍ତରାଖଣ୍ଡ ରାଜପଥ ଉପରେ ବନ୍ୟାଜଳ।

ଉତ୍ତରାଖଣ୍ଡରେ ମଧ୍ୟ ସମାନ ସ୍ଥିତି। ଏଠାରେ ମୃତ୍ୟୁସଂଖ୍ୟା ୧୧ରେ ପହଞ୍ଚିଥିବାବେଳେ ଉତ୍ତରକାଶୀ ଜିଲାରେ ଏବେ ବି ୬ ଜଣ ନିଖୋଜ ଅଛନ୍ତି। ମୋରି ବ୍ଲକର ଅନେକ ଗାଁ ବାଦଲ ଫଟା ବର୍ଷା ଓ ଭୂସ୍ଖଳନରେ ଧୋଇଯାଇଥିବା ଜଣାପଡ଼ିଛି। ବାୟୁସେନା ହେଲିକପ୍ଟର ସହ ୩ଟି ହେଲିକପ୍ଟରକୁ ସେଠାରେ ରିଲିଫ ଓ ଉଦ୍ଧାର ଲାଗି ମୁତୟନ କରାଯାଇଛି। ଋଷୀକେଶର ତ୍ରିବେଣୀ ଘାଟ ନିକଟରେ ଗଙ୍ଗା ନଦୀ ଜଳ ପହଞ୍ଚିଥିବା ଜଣାପଡ଼ିଛି। ଦିଲ୍ଲୀରେ ଯମୁନା ନଦୀ ସୋମବାର ରାତିରେ ବିପଦସଙ୍କେତ ଟପିଥିବା ଜଣାପଡ଼ିଛି। ନିମ୍ନ ଭାଗରେ ରହୁଥିବା ଲୋକମାନେ ଘରଛାଡ଼ି ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ଚାଲିଆସିବାକୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ପ୍ରଶାସନ ପକ୍ଷରୁ ଯମୁନା ବ୍ରିଜ୍‌କୁ ସାମୟିକଭାବେ ବନ୍ଦ କରିଦିଆଯାଇଛି। ବନ୍ୟାସ୍ଥିତି ନେଇ ସରକାର ସମୀକ୍ଷା କରିଛନ୍ତି। ରବିବାର ହରିୟାଣା ୮.୨୮ ଲକ୍ଷ କ୍ୟୁସେକ୍ ପାଣି ଛାଡ଼ିବାରୁ ଏଭଳି ସ୍ଥିତି ଦେଖାଦେଇଛି। ତେବେ ଡରିବାର କିଛିନାହିଁ, ସରକାର ଯେକୌଣସି ପରିସ୍ଥିତି ଲାଗି ପ୍ରସ୍ତୁତ ଥିବା ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ କହିଛନ୍ତି।

ପଞ୍ଜାବ ଓ ଜମ୍ମୁ-କଶ୍ମୀରରେ ମଧ୍ୟ ବର୍ଷା ଓ ବନ୍ୟା ଲୋକଙ୍କ ନିଦ ହଜାଇ ଦେଇଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ସୋମବାର ବନ୍ୟାସ୍ଥିତିର ସମୀକ୍ଷା କରି ରିଲିଫ ଓ ପୁନଃ ଥଇଥାନ ଲାଗି ତୁରନ୍ତ ୧୦୦ କୋଟି ଟଙ୍କା ଘୋଷଣା କରିଛନ୍ତି। ଚଣ୍ଡିଗଡ଼ରୁ ରୂପନଗର ଗସ୍ତକରି ମୁଖ୍ୟମନ୍ତ୍ରୀ ସ୍ଥିତି ସମୀକ୍ଷା କରିଛନ୍ତି। ରୂପନଗର ଜିଲାରେ ବିଶେଷ କ୍ଷତି ହୋଇଥିବା ଜଣାପଡ଼ିଛି। ଭାକ୍ରା ଜଳଭଣ୍ଡାରର ନିମ୍ନଭାଗ ଜଳାର୍ଣ୍ଣବ ହୋଇପଡ଼ିବାରୁ ଅନେକ କ୍ଷତି ଘଟିଥିବା ପ୍ରକାଶ। ସେହିଭଳି ଜମ୍ମୁରେ ମଧ୍ୟ ବନ୍ୟାସ୍ଥିତି ଗୁରୁତର ରହିଛି। ତୱି ନଦୀ ବ୍ୟାରେଜ୍‌ରେ ଫସିଥିବା ୪ ମତ୍ସ୍ୟଜୀବୀଙ୍କୁ ଭାରତୀୟ ଯବାନମାନେ ବାୟୁସେନା ହେଲିକପ୍ଟର ସହାୟତାରେ ଉଦ୍ଧାର କରିଛନ୍ତି।

## ରାଜ୍ୟ ମାନବାଧିକାର କମିଶନ

# ଅଧ୍ୟକ୍ଷ, ସଦସ୍ୟଙ୍କ ନାମ ସୁପାରିସ କଲା ଚୟନ କମିଟି

**ଭୁବନେଶ୍ୱର, ୧୯।୮ (ବ୍ୟୁରୋ)**

ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ରେ ଖାଲି ପଡ଼ିଥିବା ଅଧ୍ୟକ୍ଷ ଓ ଜଣେ ସଦସ୍ୟ ପଦବୀ ପୂରଣ ପାଇଁ ଚୟନ କମିଟି ଦୁଇ ଜଣଙ୍କ ନାମ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ସୁପାରିସ କରିଛି। ସୋମବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚୟନ କମିଟି ବୈଠକରେ ଅଧ୍ୟକ୍ଷଙ୍କୁ ମିଶାଇ ଦୁଇ ଜଣଙ୍କ ନାମ ସୁପାରିସ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ଜଷ୍ଟିସ ରଘୁବୀର ଦାଶଙ୍କୁ ଓଏଚ୍‌ଆରସି ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିବା ବେଳେ ଜଣେ ଜିଲା ଜଜ୍ ଓ ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଥିବା ଜଣାପଡିଛି। ତେବେ କାହା ନାମ ସୁପାରିସ କରାଯାଇଛି ତାହା ଗୋପନ ରଖାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ଜଷ୍ଟିସ ଆର.କେ. ପାତ୍ର ମାନବାଧିକାର କମିଶନ ଅଧ୍ୟକ୍ଷ ପଦବୀରୁ ଅବସର ଗ୍ରହଣ କରିବା ପରେ ୨୦୧୨ରୁ ଏହା ଖାଲି ରହିଛି। ତେବେ ଜଷ୍ଟିସ ବୀର କିଶୋର ମିଶ୍ରଙ୍କୁ ଓଏଚଆରସିର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ଗତ ୧୫ ତାରିଖରେ ତାଙ୍କର କାର୍ଯ୍ୟକାଳ ଶେଷ ହେବା ପରେ ଅଧ୍ୟକ୍ଷ ପଦବୀ ଖାଲି ରହିଛି। ରାଜ୍ୟ ମାନବାଧିକାର କମିଶନରେ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି କିମ୍ବା ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଅଧ୍ୟକ୍ଷ ରହିବା ବ୍ୟବସ୍ଥା ଥିଲା। ତେବେ ଗତ ପାର୍ଲାମେଣ୍ଟ ଅଧିବେଶନ କାଳରେ ଏଥିରେ ସଂଶୋଧନ କରାଯାଇ ହାଇକୋର୍ଟର ବିଚାରପତିଙ୍କୁ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି କରିବା ପାଇଁ ବ୍ୟବସ୍ଥା ହୋଇଛି। ସେହି ଆଧାରରେ ରାଜ୍ୟ ସରକାର ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେବାକୁ ଚୂଡାନ୍ତ କରିଛନ୍ତି। ଏହି ବୈଠକରେ ବିଧାନସଭା ବାଚସ୍ପତି, ବିରୋଧୀ ଦଳ ନେତା ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତି ଯୋଗ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଦିନ ଭିତରେ ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ। ଆର୍ଥିକ ସ୍ଥିତି ସହିତ ପାରିବାରିକ କ୍ଷେତ୍ର ମଧ୍ୟ ମନ୍ଦ ହେବନି। ବନ୍ଧୁ ଆପଣଙ୍କୁ ଦେଖା କରିବାକୁ ଆସି କୌଣସି ନୂତନ ସନ୍ଦେଶ ଦେଇପାରନ୍ତି। ଅବଶ୍ୟ ଆଜିର ଯାତ୍ରାରେ ସତର୍କତା ଅଭାବରୁ ଧନହାନି କିମ୍ବା କଳହର ସୂଚନା ରହିଛି।

**ବୃଷ**
ଆର୍ଥିକ ପରିସ୍ଥିତି ଦୁଶ୍ଚିନ୍ତାର କାରଣ ହୋଇପାରେ। ପଡ଼ୋଶୀ,ବନ୍ଧୁ ପରିଜନଙ୍କ ଆଶ୍ୱାସନା ଓ ପ୍ରତିଶ୍ରୁତି ମନରେ ଆଶା ସଂଚାର କରିବ। କର୍ମକ୍ଷେତ୍ରରେ କୌଣସି ନିଷ୍ପତ୍ତିକୁ କେନ୍ଦ୍ରକରି ସହକର୍ମୀଙ୍କ ମଧ୍ୟରେ ଟଣାଓଟରା ଦେଖା ଦେଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାର ଆଶା କ୍ଷୀଣ ହୋଇପାରେ।

**ମିଥୁନ**
କୌଣସି ହିତକାଂକ୍ଷୀ ପଦାଧିକାରୀଙ୍କ ଆଶ୍ୱାସନାମୂଳକ ପ୍ରତିଶ୍ରୁତିରୁ ଖୁସି ହେବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ବ୍ୟବସାୟ, ପରିବହନ, ରପ୍ତାନି, ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। କୌଣସି ଜିନିଷଟି ପାଇଁ ପାଖ ପଡ଼ୋଶୀଙ୍କ ମଧ୍ୟରେ ତର୍କ ଓ ବିବାଦ ବୃଦ୍ଧି ପାଇବାର ସୂଚନା ରହିଛି।

**କର୍କଟ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବାରୁ ଏକପ୍ରକାର ଆତ୍ମତୃପ୍ତି ଅନୁଭବ କରିବେ। ଦୀର୍ଘଦିନର ଆଶା ଫଳବତୀ ହେବାରୁ ମନ ପ୍ରଫୁଲ୍ଲ ହୋଇଯିବ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଶାରୀରିକ ପରିଶ୍ରମଜନିତ ସାମୟିକ କ୍ଲାନ୍ତି ଅନୁଭବ କରିପାରନ୍ତି।

**ସିଂହ**
ଉପରିସ୍ଥ କର୍ମଚାରୀଙ୍କ ସହ ଯୁକ୍ତିତର୍କ କାରଣରୁ କୌଣସି ସମସ୍ୟା ଆଶଙ୍କାରେ ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ ହାସଲ କରି ଉପକୃତ ହେବେ। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଅର୍ଥନୈତିକ, ପାରିବାରିକ ସ୍ଥିତି କେତେକାଂଶରେ ଭଲ ରହିପାରେ।

**କନ୍ୟା**
କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହମତି ନେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରୋଗ, ଋଣ ଯୋଗୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ବିବାଦୀୟ ଘଟଣା ଓ ମାଲିମକଦ୍ଦମା ସମାଧାନ ହୋଇଯିବାର ଅନେକାଂଶରେ ଆତ୍ମତୃପ୍ତି ମିଳିପାରେ। କୌଣସି ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା**
କର୍ମାଧିପତି ଭାଗ୍ୟସ୍ଥାନରେ ରହି ଆପଣଙ୍କୁ ଅର୍ଥ,ସମ୍ମାନ ମାଧ୍ୟମରେ ସାମାଜିକ ପ୍ରତିଷ୍ଠା ପ୍ରଦାନ କରିବ। ଅନ୍ୟର ପ୍ରରୋଚନାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କଲେ ବିପରୀତ ପରିସ୍ଥିତି ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା କିମ୍ବା ଯାନବାହନ ଅଥବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**ବିଛା**
ନିଜ ଲୋକଙ୍କ ଅନାଦର ଭାବ ଆପଣଙ୍କୁ ସାମୟିକ ଭାବପ୍ରବଣତାରେ ହଜାଇ ଦେଇପାରେ। କର୍ମକ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ସାମାଜିକ ସ୍ତରରେ ସାମାନ୍ୟ ବିଳମ୍ବ ହେଲେ ମଧ୍ୟ ଅଭୀଷ୍ଟ ସିଦ୍ଧି ଘଟିବ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**
କୌଣସି ଅତୀତ ଘଟଣାକୁ ନେଇ ମାନସିକ ଅବସାଦ ଯୋଗୁ କାମ ଉତ୍ସାହପ୍ରଦ ନ ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ହେତୁ ମାନସିକ ସୁସ୍ଥତା ହରାଇପାରନ୍ତି। ପାରିବାରିକ, ଅର୍ଥନୈତିକ ତଥା ପ୍ରଶାସନିକ ସ୍ତରରେ ସମସ୍ୟାର ସମାଧାନ ହୋଇଯିବ। ସାମାଜିକ କ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ।

**ମକର**
କୌଣସି ବନ୍ଧୁଙ୍କ ସହ ନିବିଡ଼ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ ପ୍ରତିରୋଧର ସମ୍ମୁଖୀନ ହେବେ। ଏଣେ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ସୂଚନା ରହିଛି। ଆକସ୍ମିକ ଭାବରେ ପଡ଼ୋଶୀଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ।

**କୁମ୍ଭ**
ଆନୁଷ୍ଠାନିକ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପରିବାରର ଆବଶ୍ୟକତା ପୂରଣ କରିବା ପରିପ୍ରେକ୍ଷୀରେ ଧାରକରଜ କରିବାକୁ ପଡ଼ିପାରେ। ଇଲେକ୍‌ଟ୍ରୋନିକ୍ସ ଓ ଶିକ୍ଷାରେ ସଫଳତା ଲାଭ କରିବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବା ପୂର୍ବରୁ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ**
କୌଣସି ନୂତନ କର୍ମାରମ୍ଭ ସହଯୋଗ ମାଧ୍ୟମରେ ସମ୍ପନ୍ନ ହୋଇଯିବ। କର୍ମକ୍ଷେତ୍ରରେ ମନ କଥା ମନରେ ରଖି କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ରାଜନୈତିକ ସ୍ତରରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିପାରନ୍ତି। କୌଣସି ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଶ୍ରୀମନ୍ଦିରରେ ରେଖାପଞ୍ଚମୀ ମଙ୍ଗଳବାର, ଶ୍ରୀଜୀଉଙ୍କ ସୁବର୍ଣ୍ଣ ରାହୁରେଖା ଲାଗି, ପଶ୍ଚିମ ଦ୍ୱାରରେ ଘଣ୍ଟାକର୍ଣ୍ଣ ପୂଜା, ଅଗଷ୍ଟ ୨୦ ତାରିଖ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଓ ସଦ୍‌ଭାବନା ଦିବସ,ବିଶ୍ୱ ମଶକ ଦିବସ, ରାଶିନକ୍ଷତ୍ର-ରେବତୀ/ମୀନ, ମକର ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୮ ।୨୮ମି. ଗତେ, ଘ୧୦ ।୦୮ମି. ମଧ୍ୟେ, ଘ୧୧ ।୪୭ମି. ଗତେ ଘ୧୧ ।୨୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୮ମି. ଗତେ ଘ ୧୧ ।୪୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୩ ।୦୦ମି. ଗତେ ଘ୪ ।୩୪ମି. ମଧ୍ୟେ ରାହୁକାଳ।


## classifieds Everyday

0674-2580101, 2549302




**SALE**

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-13351

**Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730.** D-66760

Bhubaneswar ସୁନ୍ଦରପଦା କୁହାରେ sqft. 850/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-66177

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67355

Contact for complete simplex/duplex/triplex house construction with interior from the experts. Call: 7008550473. D-13908

**A best residential plot with gharabari/ compound wall 5600 sft. (or 2800 x 2 nos.) 11km. from Bhubaneswar, 18 km. from Cuttack and save at least 1.00 crore 1.5 crore with all facilities available at Bhubaneswar, Cuttack. 7809525452, 8249851363.** D-66944

2BHK simplex 26,00,000/- finishing, Hanspal / plot- Atala, Rangabazar. 9337155580, 8093465134. D-67043

Own stithiban residential 1200 sqft. plot for sale. 9937816565, 9937568585. D-13942

Bhubaneswar ପିତାପଲ୍ଲୀ ଛକରେ NH କଡ଼ରେ BDA plot sqft. 600/- ରେ କିଣନ୍ତୁ। Contact: 6371719107 / 9556730254. D-13967




ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା **NH-5,** ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। **7008439019, 8895436651.** D-66763




Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66945

Newly open Herbal full body massage lady & gents. 8018246332. D-66942

Monalisa Massage Club: Full time body massage with hiprofile smart lady rooms service available 9708545108. D-13931

Kajal ayurvedic massage club fully relaxed by smart lady, home service available. 9937637219. D-66943

Herbal full body massage by smart / expert therapist. Contact: 8338067247. D-67356

Summer special mesmerizing offer expert therapeutic refreshing massage appointment. 9668374480. D-67357

Full body herbal massage with refreshment expert therapist. 7381239385, 06742540855. D-67358

Experience full body massage with us (expert). Call: 7377048581, 06742597822. D-67359

Welcome to seva Enjoy sensual massage by smart Therapist- 6371291612. D-67045




ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13970

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Shivam logistic packers movers. Household/ car relocation countrywide. 9777044177, 9338461133. D-13903

**AFFIDAVIT**

By virtue of an affidavit sworn before Notary Public, Barbil, Dist. Keonjhar, Odisha, I Maheswar Sahoo S/o- Late Mani Charan Sahoo of Abulapura, Po-Sulan, Ps- Nandipada, Dist- keonjhar, Odisha declared that in my High School Certificate my name is wrongly written as Maheswar Sahu, S/o- Mani Charan Sahu instead of Maheswar Sahoo, S/o- Mani Charan Sahoo. I swear this affidavit to produce before the concerned authority as and when required. D-13971

ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି।
–ଶ୍ରୀଅରବିନ୍ଦ



# ଲାଠି

ଆୟକର (ଆଇଟି) ବିଭାଗ ଦେଶରେ ଟିକସ ଆତଙ୍କରାଜ ଚଳାଇଛି ବୋଲି ବ୍ୟକ୍ତିଗତ ଟିକସଦାତା ଓ ଉଦ୍ୟୋଗ ଜଗତ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ନିକଟରେ କାଫେ କଫି ଡେ (ସିସିଡି) ପ୍ରତିଷ୍ଠାତା ଭିଜି ସିଦ୍ଧାର୍ଥ ଆୟକର ଅଧିକାରୀଙ୍କ ଦ୍ୱାରା ନିର୍ଯାତିତ ହେବାରୁ ଆତ୍ମହତ୍ୟା କରିଥିବା ବିଷୟ ପଦାକୁ ଆସିଥିଲା। ଟିକସଦାତାଙ୍କ ପ୍ରତି ଆଇଟି ବିଭାଗ ଅଧିକାରୀଙ୍କ ବ୍ୟବହାର ଭଲ ହେଉ ନ ଥିବାରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। କରଦାତାଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ସେ ଆୟକର ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏଠାରେ ମତ ପ୍ରକାଶ ପାଉଛି ଯେ, ଏଭଳି ଦୁର୍ବ୍ୟବହାର ନୂଆ ଘଟଣା ନୁହେଁ। ସମ୍ଭବତଃ ଏବକାର ଅର୍ଥମନ୍ତ୍ରୀ ପୂର୍ବରୁ ସାଧାରଣ କରଦାତା ଭାବେ ଆୟକର ବିଭାଗର ସମ୍ମୁଖୀନ ହୋଇ ନାହାନ୍ତି। ମଧ୍ୟବିତ୍ତ ରୋଜଗାର ଗୋଷ୍ଠୀର କଳାଧନ ଉପାର୍ଜନ କରିବାର ସମ୍ଭାବନା ଅତ୍ୟନ୍ତ ସୀମିତ। ଯେତେ ସଚ୍ଚୋଟ ରହିଲେ ମଧ୍ୟ ଆୟକର ବିଭାଗର ଛନ୍ଦି ହେଉଥିବା ଆଇନ ଫଳରେ ସାଧାରଣ କରଦାତା ସବୁବେଳେ ହଇରାଣ ହୋଇଥାଆନ୍ତି। ବିଶେଷକରି ଏହି ବିଭାଗର ଆଇନକୁ ଜାଣିଶୁଣି ଜଟିଳ ରଖାଯାଇଛି ବୋଲି ଅନେକ ଟିକସଦାତା ମତ ଦିଅନ୍ତି। ଏବେ ବ୍ୟକ୍ତିଗତ ଟିକସ ଭରଣା କରିବା ପାଇଁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ସହଯୋଗ ଲୋଡ଼ିବା ଆବଶ୍ୟକ ହୋଇପଡ଼ିଲାଣି। ଅନ୍ୟପଟେ ଆମେରିକା ଭଳି ଦେଶରେ ବ୍ୟକ୍ତିଗତ ଟିକସଦାତାଙ୍କ ପାଇଁ ଆଇନକୁ ଅତି ସହଜ କରି ଦିଆଯାଇଥିବାରୁ ଯେକୌଣସି ବ୍ୟକ୍ତି ନିଜର ରିଟର୍ନ ଫାଇଲ କରିପାରୁଛନ୍ତି। ତଥାକଥିତ 'ନୂଆ ଭାରତ'ର ପ୍ରାରମ୍ଭିକ ଲକ୍ଷଣ ଦେଖିବାକୁ ଇଚ୍ଛୁକ ଥିବା ନାଗରିକ ପ୍ରଥମେ ଟିକସ ଦେବା ବ୍ୟବସ୍ଥାର ସରଳୀକରଣ ଆଶା ରଖୁଛନ୍ତି। ଏପର୍ଯ୍ୟନ୍ତ ସେ ଦିଗରେ କେହି ଦୃଷ୍ଟି ପକାଇବାର ଉଦାହରଣ ମିଳୁନାହିଁ।

ଦେଶର ବିକାଶ ଲାଗି ଟିକସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଯେଉଁ ଟିକସଦାତାମାନେ ଆୟକର ବିଭାଗ ନିକଟରେ ଠିକ୍ ସମୟରେ ଅର୍ଥ ପଇଠ କରୁଛନ୍ତି, ସେମାନଙ୍କୁ ଯେମିତି ସରକାରୀ ସ୍ତରରେ ଦୋଷୀ ଭାବେ ଗଣାଯାଉଛି। ଭାରତରେ ପ୍ରତ୍ୟେକ ନାଗରିକ କରଦାତା। ରୋଜଗାର କରୁ ନ ଥିବା ଯୁବତୀଯୁବକ ଯେତେବେଳେ କୌଣସି ଦୋକାନରୁ ହଲେ ଜିନ୍ସ କିଣୁଛନ୍ତି କିମ୍ବା ନିଜ ଦୁଇଚକିଆରେ ପେଟ୍ରୋଲ ପକାଉଛନ୍ତି, ସେତେବେଳେ ସେମାନେ ପ୍ରବଳ ମାତ୍ରାରେ ପରୋକ୍ଷ ଟିକସ ଦେଉଛନ୍ତି। ତେବେ ଆୟକର ଦେଉଥିବା ନାଗରିକ ସେମାନଙ୍କଠାରୁ ଭିନ୍ନ। ସବୁ ସାମଗ୍ରୀ ପାଇଁ ପରୋକ୍ଷ ଟିକସ ଦେବା ସହିତ ବ୍ୟକ୍ତିଗତ ଆୟକର ଦେଇଥାଆନ୍ତି। ଅର୍ଥାତ୍ 'ବେଢ଼ି ଉପରେ କୋରଡ଼ା ମାଡ଼' ଭଳି ଭାରତରେ ଏହି ଟିକସଦାତା ସବୁ ପ୍ରକାର କର ଦେବା ସହିତ ଆୟକର ମଧ୍ୟ ଦେଉଛନ୍ତି। ଏଭଳି ନାଗରିକଙ୍କ ସକାଶେ ଦେଶର ପ୍ରଶାସନରେ କୌଣସି ଭିନ୍ନ ସମ୍ମାନ ରହୁ ନାହିଁ। ଏବେ କୁହାଯାଉଛି ଯେ, ପାନ୍ କାର୍ଡ ଠକେଇ ହେଉଥିବାରୁ ତାହା ମୂଲ୍ୟହୀନ। ସେଥିପାଇଁ ପାନ୍ କାର୍ଡକୁ ଆଧାର କାର୍ଡ ସହ ସଂଯୋଗ କରିବା ବାଧ୍ୟତାମୂଳକ କରାଯାଉଛି। ଭବିଷ୍ୟତରେ ଆଧାରରେ ମଧ୍ୟ ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇପାରେ। ଏହା ଏବେଠାରୁ ଅନେକ ସ୍ଥାନରେ ଜଣାପଡ଼ିଲାଣି। ଭାରତ ସରକାର ପୁନର୍ବାର ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ କରି ଏକ ନୂଆ କାର୍ଡ ସୃଷ୍ଟି କରିବା ଅସମ୍ଭବ ନୁହେଁ। ତାହାର ସଂଯୋଗ ପଛରେ ଧାଇଁ ନାଗରିକର ପାଞ୍ଚବର୍ଷ ବିତିଯିବ।

ଏହି ଭାରତରେ ବିଭିନ୍ନ ଉପାୟରେ ଅର୍ଥ ଠୁଳ କରୁଥିବା ନିର୍ଦ୍ଦିଷ୍ଟ ବର୍ଗ ଟିକସ ପରିଧିରେ ଆସୁ ନାହାନ୍ତି। ଏଥିପାଇଁ ତ୍ରୁଟିପୂର୍ଣ୍ଣ ଭାରତୀୟ ଟିକସ ବ୍ୟବସ୍ଥା ଦାୟୀ। ସଚ୍ଚୋଟ କରଦାତା ଉଚିତ ସମୟରେ ଟିକସ ଦେଇଦେଉଥିବାରୁ ସେମାନଙ୍କ ଉପରେ ବିଭିନ୍ନ ପ୍ରକାର ସେସ୍ ବସାଯାଉଛି। ଅର୍ଥାତ୍ ୧୫୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତବର୍ଷରେ ମାତ୍ର ୨ କୋଟି ୭୦ ଲକ୍ଷ ଲୋକ ଟିକସ ଦେଉଛନ୍ତି। ଅବଶିଷ୍ଟ ବିଭିନ୍ନ ଉପାୟରେ ରୋଜଗାର କରୁଥିଲେ ମଧ୍ୟ ସେମାନଙ୍କୁ ଟିକସ ପରିସରକୁ ଅଣାଯିବାକୁ ଚେଷ୍ଟା କରାଯାଉ ନାହିଁ। ତେଣୁ ଯେଉଁମାନେ ଟିକସ ଦେଉଛନ୍ତି, ସେମାନଙ୍କଠାରୁ ଅଧିକ ଶୋଷିବାର ନୀତି ସର୍ବଦା କାର୍ଯ୍ୟ କରୁଛି। ଫଳରେ କେତେକେ ଟିକସ ଫାଙ୍କିବାର କୌଶଳ ଆପଣାଇବାକୁ ବାଧ୍ୟ ହେଉଛନ୍ତି। ଆୟକର ଅଧିକାରୀମାନେ ଯେତେବେଳେ କୌଣସି ଟିକସଦାତାଙ୍କ ରିଟର୍ନ ଫାଇଲ୍‌ରେ ତ୍ରୁଟି ଥିବା ଅନୁଭବ କରୁଛନ୍ତି, ସେତେବେଳେ ସେମାନଙ୍କ ଉପରେ ପର୍ଯ୍ୟାପ୍ତ ଜରିମାନା ଭିଡ଼ି ଦେଉଛନ୍ତି। ନିକଟ ଅତୀତରେ ଅର୍ଥ ମନ୍ତ୍ରଣାଳୟ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ, ଦୁର୍ନୀତିରେ ଜଡ଼ିତ ଥିବା ଆୟକର ବିଭାଗର ୧୨ ଜଣ ବରିଷ୍ଠ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିଦେଇଥିଲେ। ଏଥିରୁ ବୁଝିବାକୁ ହେବ ଯେ, ଆୟକର ବିଭାଗରେ କାର୍ଯ୍ୟରତ ଅଧିକାରୀଙ୍କ ହାତରେ ଟିକସ ଆଦାୟର ରଜ୍ଜୁ ରହିଯାଇଥିବାରୁ ସେମାନଙ୍କ ମଧ୍ୟରୁ କେତେ ଜଣ ଏହାର ଅପବ୍ୟବହାର କରୁଥିବା ଭଳି ମନେହେଉଛି। ତେଣୁ ଟିକସଦାତାଙ୍କୁ କୌଣସି ପ୍ରକାରେ ହଇରାଣ ନ କରି ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ପ୍ରୋତ୍ସାହନ ପ୍ରଦାନ କରାଗଲେ ଆୟକର ବିଭାଗ ପ୍ରତି ଥିବା ଭୟ ଦୂର ହୋଇପାରନ୍ତା। କିନ୍ତୁ ଏବେ ନୂଆ ଭାରତରେ କୌଣସି ସ୍ଥାନରେ ଭୟକୁ ଦୂର କରିବା ପରିବର୍ତ୍ତେ ଅଧିକ ଭୀତି ସଞ୍ଚାର କରାଯାଉଛି।

ଅର୍ଥ ମନ୍ତ୍ରଣାଳୟ ଡେରିରେ ହେଉ ପଛେ ଟିକସଦାତାଙ୍କ ଅସୁବିଧା ବୁଝି ଉପରଲିଖିତ ନିର୍ଦ୍ଦେଶ ଦେବା ଏକ ସକାରାତ୍ମକ ଦିଗକୁ ସୂଚାଇଛି। ଦେଶର ଧନ ସୃଷ୍ଟିକାରୀଙ୍କୁ ନାଲିଆଖି ନ ଦେଖାଇ ସେମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କଲେ ସୁଫଳ ମିଳିବ ବୋଲି ହୃଦ୍‌ବୋଧ ହେଉଛି। ହେଲେ ସରକାରଙ୍କ ଏଭଳି ଉପଦେଶ କେତେଦୂର ପାଳନ କରାଯାଉଛି, ତାହା ଠିକ୍ ଭାବେ ତଦାରଖ କରାଯିବା କଥା। ଆୟକର ବିଭାଗ ଅଧିକାରୀଙ୍କ ମନୋଭାବରେ ପରିବର୍ତ୍ତନ ହେଲେ ଟିକସଦାତାମାନେ ସ୍ୱତଃପ୍ରବୃତ୍ତ ନିଜ ଆୟର ଉଚିତ ବିବରଣୀ ପ୍ରଦାନ କରିବାକୁ ଆଗେଇ ଆସିବେ। କିନ୍ତୁ ଏହି ବିଭାଗୀୟ କର୍ମଚାରୀଙ୍କ ମନୋଭାବ ସହଜରେ ପରିବର୍ତ୍ତନ ହୋଇପାରିବ ବୋଲି ବିଶ୍ୱାସ ହେଉନାହିଁ। ଅନେକ କାଳ ଧରି କରଦାତାଙ୍କ ଉପରେ ଦାଉ ସାଜି ଆସିଥିବା ଆଇଟି ବିଭାଗ ନିଜ ଡିଏନ୍ଏ ବଦଳାଇପାରିବ ନାହିଁ। ସେଥିପାଇଁ ଆଇନକୁ ପରିବର୍ତ୍ତନ କରି ବିଭାଗୀୟ ସରକାରୀ କର୍ମଚାରୀଙ୍କ କ୍ଷମତା ହ୍ରାସ କରାଯାଇପାରିଲେ, ସମସ୍ୟାର କିଛି ସମାଧାନ ଆସିପାରେ। ମାତ୍ର ଆଜି ଗଢ଼ା ଯାଉଥିବା ନୂଆ ଭାରତ ପାଇଁ ଏହି ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ସାଜିଛି, ଯଦ୍ୱାରା ନିରୀହ ଜନସାଧାରଣଙ୍କୁ ସାବାଡ଼ କରି ରଖିହେବ। ସରକାରଙ୍କ ଏହା ହେଉଛି ଶକ୍ତିଶାଳୀ ଲାଠି।

# 'ଜୟ ଶ୍ରୀରାମ' ଓ ରାମଙ୍କ ଆଦର୍ଶ



ବୈକୁଣ୍ଠନାଥ ମିଶ୍ର

ଆଜିକାଲି 'ଜୟ ଶ୍ରୀରାମ' ଉଚ୍ଚାରଣ କରି ବନ୍ଧୁଙ୍କୁ ପ୍ରଥମ ସାକ୍ଷାତରେ ସମ୍ଭାଷଣ କରିବାର ଅଭିନବ ପରମ୍ପରା ସର୍ବତ୍ର ପରିଦୃଷ୍ଟ। ବନ୍ଧୁଙ୍କୁ ସାକ୍ଷାତ ସମୟରେ ଈଶ୍ୱରଙ୍କ ନାମ ଉଚ୍ଚାରଣ କରିବା ଭଲ କଥା; କିନ୍ତୁ ଏହାର ଅପବ୍ୟବହାର ଈଶ୍ୱରଙ୍କ ପ୍ରତି ତାଚ୍ଛଲ୍ୟ ପରି ମନେହୁଏ। ସପ୍ତଦଶ ଲୋକ ସଭାକୁ ନବନିର୍ବାଚିତ ସଭ୍ୟମାନଙ୍କ ପ୍ରଥମ ପ୍ରବେଶ ସମୟରେ, ବିଶେଷକରି ଶପଥଗ୍ରହଣ ଉତ୍ସବରେ ଯୋଗଦେବା ଅବସରରେ ଅଧିକାଂଶ ସଭ୍ୟ 'ଜୟ ଶ୍ରୀରାମ' ଧ୍ୱନିରେ ସଂସଦକୁ ପ୍ରକମ୍ପିତ କଲେ। କେହି କେହି ନିଜ ଦଳର ମୁଖ୍ୟଙ୍କ ନାମକୁ ନେଇ ଜୟ ଜୟକାର କରିବାକୁ ପଛାଇଲେ ନାହିଁ। ସଂସଦ ଗଣତନ୍ତ୍ରର ସର୍ବୋଚ୍ଚ କ୍ଷେତ୍ର ଯେଉଁଠାରେ ସର୍ବଧର୍ମ ସମନ୍ୱୟ ଘଟିଥାଏ। 'ଜୟ ଶ୍ରୀରାମ' ଉଚ୍ଚାରଣ ଯେତେ ପବିତ୍ର ହେଲେ ମଧ୍ୟ ଏହା ଭିନ୍ନ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ପୀଡ଼ା ଦେଇଥାଏ, ଏହା ଅନସ୍ୱୀକାର୍ଯ୍ୟ। ଈଶ୍ୱରପ୍ରେମୀ ଈଶ୍ୱରଙ୍କ ନାମ ଜପ କରିବାରେ କିମ୍ବା ଈଶ୍ୱରାନୁରାଗୀ ସାଧୁଙ୍କ ମେଳରେ ସତ୍‌ସଙ୍ଗ କରି ପ୍ରଭୁଙ୍କ ନାମ ନେବାରେ କୌଣସି ଅସୁବିଧା ନାହିଁ। ମାତ୍ର ସଂସଦ ଭଳି ଏକ ରାଜନୈତିକ ଅନୁଷ୍ଠାନରେ 'ଜୟ ଶ୍ରୀରାମ' ଉଚ୍ଚାରଣ କେତେ ଗ୍ରହଣୀୟ ତାହା ବିଚାରସାପେକ୍ଷ।

ତୁଣ୍ଡରେ 'ଜୟ ଶ୍ରୀରାମ' ଉଚ୍ଚାରଣରେ ଅଭ୍ୟସ୍ତ କିଛି ଲୋକ ଚାହାନ୍ତି ଯେ, ଜାତିଧର୍ମ ନିର୍ବିଶେଷରେ ସମସ୍ତେ ତାଙ୍କର ସମର୍ଥକ ସାଜି 'ଜୟ ଶ୍ରୀରାମ' ଉଚ୍ଚାରଣ କରନ୍ତୁ; ନଚେତ୍ ଶୋଚନୀୟ ପରିଣତି ଭୋଗ କରନ୍ତୁ। ଗତ କିଛିଦିନ ତଳର ଘଟଣା ପ୍ରବାହକୁ ଲକ୍ଷ୍ୟ କଲେ ଏହାର ସତ୍ୟତା ଅନୁଭବ କରିହେବ। ୧୫ ବର୍ଷୀୟ ମୁସଲମାନ ବାଳକ ଜୁନାଇଦ୍ ଖାଁ, ମହମ୍ମଦ ଅଖଲାଖ, ମହମ୍ମଦ ଆଫ୍ରାଜଲ, ଶେଖ ନଇମ୍ କିମ୍ବା ଗୋଚାଲାଣ ଅଭିଯୋଗରେ ପହେଲୁ ଖାଁ ପ୍ରମୁଖ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଆସାମ ଓ ପଶ୍ଚିମବଙ୍ଗରେ କିଛି ଭିନ୍ନ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ 'ଜୟ ଶ୍ରୀରାମ' କହିବାକୁ ବାଧ୍ୟ କରିବା ଏବଂ ଏହା ନ କରିବାରୁ ସେମାନଙ୍କୁ ନିର୍ଯାତନା ଦେବା, ଏପରି କି ମୃତ୍ୟୁମୁଖକୁ ଠେଲିଦେବା କ'ଣ ଶ୍ରୀରାମଙ୍କ ଆଦର୍ଶ? ଯଦି ଆକ୍ରମଣକାରୀଙ୍କୁ କୌଣସି ପରିସ୍ଥିତିରେ 'ଆଲ୍ଲା' ଉଚ୍ଚାରଣ କରିବା ପାଇଁ ବାଧ୍ୟ କରି ତାଙ୍କ ଧର୍ମର ରୀତିନୀତି ପାଳନ କରିବାକୁ କୁହାଯାଏ, ତେବେ ପରିସ୍ଥିତିର ଗମ୍ଭୀରତା ସହଜେ ଅନୁମେୟ। ତେଣୁ ଏ ଲୋକଦେଖାଣିଆ 'ଜୟ ଶ୍ରୀରାମ' ଉଚ୍ଚାରଣକୁ ଗୁରୁତ୍ୱ ନ ଦେଇ ନିଜ ହୃଦୟକୁ ଶ୍ରୀରାମଙ୍କ ପବିତ୍ର ଆଦର୍ଶ ରୂପକ ଗଙ୍ଗାଜଳରେ ଧୌତ କରିବା ଉଚିତ। ଶ୍ରୀରାମଙ୍କୁ ଜୀବନର ଆଦର୍ଶ ରୂପେ ଗ୍ରହଣ କରିଥିବା ବ୍ୟକ୍ତି ହିଁ ରାମନାମର ମହତ୍ତ୍ୱ ବୁଝେ, କାହାକୁ ବାଧ୍ୟ କଲେ ସେ ବୁଝିବ ନାହିଁ।

ବାଲ୍ମୀକି ରାମାୟଣ ଅନୁଯାୟୀ ଶ୍ରୀରାମ ହେଉଛନ୍ତି ଅହିଂସାର ପ୍ରତୀକ। ସେ ବୀର ଓ ଅନ୍ୟାୟକୁ ବିରୋଧ କରୁଥିବା ନୀତିନିଷ୍ଠ, ସତ୍ୟସନ୍ଧ, ମର୍ଯ୍ୟାଦା ପୁରୁଷୋତ୍ତମ। ସେ ଅରକ୍ଷ ରକ୍ଷକ, ଅନାଥର ବନ୍ଧୁ, ଅନ୍ୟାୟର ପ୍ରତିରୋଧକ ଏବଂ ସତ୍ୟ, ନ୍ୟାୟ ଓ ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ। ସନ୍ଥ ତୁଳସୀଦାସଙ୍କ ପ୍ରସିଦ୍ଧ 'ରାମଚରିତ ମାନସ'ରେ ଶ୍ରୀରାମଙ୍କୁ କମନୀୟ କାନ୍ତିଯୁକ୍ତ, ନମନୀୟ ସ୍ୱଭାବବିଶିଷ୍ଟ, ପ୍ରଜାବତ୍ସଳ, ଦୁର୍ବଳର ରକ୍ଷାକାରୀ ଭାବରେ ଯେପରି ବର୍ଣ୍ଣନା କରାଯାଇଛି, ଶତ୍ରୁ ସଂହାର ସମୟରେ ତାଙ୍କୁ ଠିକ୍ ସେହିପରି କଠୋରତାର ନିଦର୍ଶନ ରୂପେ ମଧ୍ୟ ଚିତ୍ରଣ କରାଯାଇଛି। ଜନ୍ ଗୀରସନ ନାମକ ଜଣେ ବିଦେଶୀ ସମୀକ୍ଷକଙ୍କ ମତରେ, ସନ୍ଥ ତୁଳସୀଦାସଙ୍କ ରାମଚରିତ ମାନସ ଆଉ ଯାହା ପ୍ରଚାର କରୁ କି ନ କରୁ ଶ୍ରୀରାମଙ୍କ ଉଦାରତା, ଦୁର୍ବଳଙ୍କୁ ରକ୍ଷା କରିବାର ପ୍ରତିବଦ୍ଧତା ଓ ସର୍ବୋପରି ସତ୍ୟ ପ୍ରତିଷ୍ଠା କରିବାର ଅଦମ୍ୟ ପ୍ରେରଣା ଯୁଗେ ଯୁଗେ ରାମାୟଣକୁ ଜନସମୁଦାୟର ନିକଟତର କରାଇବାରେ ସକ୍ଷମ ହେବ। ସନ୍ଥ ତୁଳସୀଦାସଙ୍କ ମତରେ ପ୍ରଭୁ ଶ୍ରୀରାମ ଶ୍ରେଷ୍ଠ ମାନବବାଦୀ ଏବଂ କର୍ମ ଓ ଜ୍ଞାନ ଯୋଗର ସର୍ବଶ୍ରେଷ୍ଠ ପ୍ରବକ୍ତା। ସେ ହେଉଛନ୍ତି ଉଭୟ ବୈରାଗ୍ୟ ଓ ଗାର୍ହସ୍ଥ୍ୟ ଧର୍ମର ଅପୂର୍ବ ସଂସ୍ଥାପକ। ସଂସାରରେ ଅବତୀର୍ଣ୍ଣ ହୋଇ ମଧ୍ୟ ବିଷୟ ବାସନାରେ ନିର୍ଲିପ୍ତ ରହିବା ରାମ ଚରିତ୍ରର ବିଶେଷତ୍ୱ।

ପିତାଙ୍କର କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ବିମାତା କୈକେୟୀଙ୍କୁ ବରପ୍ରଦାନର ପ୍ରତିବଦ୍ଧତା ଓ ରାଜାଭିଷେକର ଅବ୍ୟବହିତ ପୂର୍ବରୁ ଶ୍ରୀରାମଙ୍କୁ ରାଜସୁଖରୁ ବଞ୍ଚିତ କରି ସ୍ୱାମୀଙ୍କ ଦ୍ୱାରା ଯାଚିତ ବରପ୍ରାପ୍ତିର ଅଭୀପ୍ସାକୁ ଚରିତାର୍ଥ କରିବାର ହୀନ ପ୍ରୟାସକୁ ହୃଦୟଙ୍ଗମ କରି ପିତାଙ୍କୁ ଧର୍ମସଙ୍କଟରୁ ରକ୍ଷା କରିବାର ମହାନ ଲକ୍ଷ୍ୟକୁ ଅକ୍ଳେଶରେ ପୂରଣ କରାଇନେଲେ ଏହି ସୁପୁତ୍ର ଶ୍ରୀରାମ। କି ବିଶାଳ ହୃଦୟ! ବନବାସ ଉପରାନ୍ତେ ମାତା କୈକେୟୀଙ୍କୁ ସାକ୍ଷାତ ସମୟରେ କୈକେୟୀ କୋହଭରା କଣ୍ଠରେ କହିଛନ୍ତି, ମୁଁ ମାତା ନୁହେଁ ବିମାତା। ମୋ ଯୋଗୁ ତୋତେ ଏତେସବୁ ଦୁର୍ଦ୍ଦିନର ସମ୍ମୁଖୀନ ହେବାକୁ ପଡ଼ିଲା। ଉତ୍ତରରେ ଶ୍ରୀରାମ କହୁଛନ୍ତି– ମାତା! ଆପଣଙ୍କର ରାମ ପ୍ରତି ଦୟା ଅପାର। ବନବାସକୁ ଯାଇ ନ ଥିଲେ ରାମ କେବଳ ଜଣେ ସାଧାରଣ ରାଜା ହୋଇ ଅନ୍ୟ ନରପତିମାନଙ୍କ ପରି ଦିନେ ଇହଧାମ ତ୍ୟାଗ କରିଥାନ୍ତା। କିନ୍ତୁ ଆପଣଙ୍କ ଯୋଗୁ ରାମର ରାମତ୍ୱ ପୃଥିବୀରେ ପ୍ରସାରିତ ହେଲା। ବିଚିତ୍ର ରାମାୟଣରେ କବି ବିଶ୍ୱନାଥ ଖୁଣ୍ଟିଆ କହନ୍ତି– କରିଛ ମାତ ଯେଉଁ ଉପକାରମାନ, ବଚନରେ ତାହା ନୁହଁଇ ବର୍ଣ୍ଣନ। ସନ୍ଥ ତୁଳସୀଦାସ କହନ୍ତି– ଶୁନୁ ଜନନୀ ଶୋଇ ସୁତୁ ବଡ଼ଭାଗୀ, ଯୋ ପିତୁମାତୁ ବଚନ ଅନୁରାଗୀ। ତନୟ ମାତୁପିତୁ ଶୋକନିହାରା, ଦୁର୍ଲଭ ଜନନି ସକଳ ସଂସାରା। ମାତାପିତାଙ୍କ ବଚନ ରକ୍ଷା କରିବାଠାରୁ ବଳି ସୌଭାଗ୍ୟର କଥା ଆଉ କିଛି ନାହିଁ।

ଆଜି ଆମେ ଯେଉଁମାନେ କଥାକଥାକେ 'ଜୟ ଶ୍ରୀରାମ' କହି ଶ୍ରୀରାମଙ୍କ ଶ୍ରେଷ୍ଠ ଭକ୍ତ ଭାବେ ନିଜକୁ ପରିଚିତ କରାଉଛୁ, ଥରେ ନିଜକୁ ପ୍ରଶ୍ନ କରିବା ଦରକାର ଶ୍ରୀରାମଙ୍କ କେଉଁ ଗୁଣକୁ ଆମେ ହୃଦୟରେ ଧାରଣ କରିଛୁ ଓ ବାସ୍ତବତାରେ ରୂପାୟିତ କରିଛୁ। ଲୋକଦେଖାଣିଆ 'ଜୟ ଶ୍ରୀରାମ' ଉଚ୍ଚାରଣ କରି ସମସ୍ତ ଅନ୍ୟାୟ ଅନୀତିକୁ ପାଥେୟ କରି ଚାଲିଲେ ଏହା ଯେ କେବଳ ଶ୍ରୀରାମଙ୍କ ପ୍ରତି ଅପମାନ ତା' ନୁହେଁ, ନିଜ ପାଇଁ ମଧ୍ୟ ଘୋର କ୍ଷତିକୁ ଆମନ୍ତ୍ରଣ କରିବା।

ପାର୍ଲାମେଣ୍ଟରେ 'ଜୟ ଶ୍ରୀରାମ' ଧ୍ୱନି ଦେଉଥିବା କେତେ ଜଣ ସଭ୍ୟ ଶ୍ରୀରାମଙ୍କ ଆଦର୍ଶରେ ଅନୁପ୍ରାଣିତ? ଗାନ୍ଧିଜୀଙ୍କ ପରିକଳ୍ପିତ ରାମରାଜ୍ୟ ପ୍ରତିଷ୍ଠା ନିମିତ୍ତ କେତେଜଣ ଅଙ୍ଗୀକୃତ? କେତେ ଜଣ ତଥାକଥିତ ରାମ ଅନୁରାଗୀ ତାଙ୍କ ବଚନ ରକ୍ଷା କରୁଛନ୍ତି, ଯାହା ଥିଲା ରଘୁବଂଶର ଶ୍ରେଷ୍ଠ ଭୂଷଣ। ଗାନ୍ଧିଜୀ ପରିକଳ୍ପନା କରିଥିବା ରାମରାଜ୍ୟ କେଉଁଆଡେ ଉଭେଇଯାଇ କେବଳ ରାବଣର ରାଜୁତି ଚାଲିଛି। ହିଂସା, ଦ୍ୱେଷ, ପରଶ୍ରୀକାତରତାରେ ସାରା ଦେଶ ଆଚ୍ଛନ୍ନ। ନାରୀ ସମ୍ମାନ ଭୂଲୁଣ୍ଠିତ। ସଂଖ୍ୟାଲଘୁ ଓ ଦଳିତଙ୍କ ଉପରେ ହେଉଥିବା ହିଂସା ଭାରତୀୟ ସଂସ୍କୃତିର ପରିପନ୍ଥୀ। ତଥ୍ୟ ଅନୁସାରେ ୨୦୧୬ରେ ଦଳିତ ଓ ସଂଖ୍ୟାଲଘୁଙ୍କ ବିରୋଧରେ ୧୪୦ଟି ହିଂସାକାଣ୍ଡ ଘଟିଛି। ୨୦୧୮ ଅକ୍ଟୋବର ୨୯ରୁ ୨୦୧୯ ଜାନୁୟାରୀ ପହିଲା ମଧ୍ୟରେ ୨୫୪ଟି ହିଂସାକାଣ୍ଡ ଘଟି ମୋଟ ୯୧ ଜଣ ମୃତ୍ୟୁବରଣ କରିଛନ୍ତି ଓ ୫୭୯ ଜଣ ଆହତ ହୋଇଛନ୍ତି। 'ଜୟ ଶ୍ରୀରାମ' ଉଚ୍ଚାରଣ ପାଇଁ ବାଧ୍ୟ କରାଯାଇ ଏସବୁ ହିଂସାକାଣ୍ଡ ଘଟିଛି। ହିଂସାକାଣ୍ଡ ସୃଷ୍ଟି କରିବା ସମୟରେ ଘଟଣାର ଆଲୋକିତ ପାର୍ଶ୍ୱକୁ ଦୃଷ୍ଟିଦେବା ଉଚିତ। କେଉଁଠି ହିନ୍ଦୁମାନେ ମସଜିଦର ରକ୍ଷଣାବେକ୍ଷଣ କରୁଛନ୍ତି (ଯଥା ପଞ୍ଜାବର ହେଣ୍ଡୋନେଟ ଗ୍ରାମ) ତ କେଉଁଠି ମୁସଲମାନ ମୁରବି ହିନ୍ଦୁମାନଙ୍କର ଉପାସନା ପାଇଁ ନିର୍ମାଣ କରୁଛନ୍ତି ମନ୍ଦିର (ଯଥା ଉତ୍ତରପ୍ରଦେଶ ମଥୁରା ଜିଲାର ଅଜମଲ ଅଲି ଶେଖ୍)। ଯେଉଁ ଶ୍ରୀରାମ ଦଳିତ ରଜକୀର କଟୂ ମନ୍ତବ୍ୟକୁ ସମ୍ମାନ ଦେଇ ପ୍ରାଣପ୍ରିୟା ପତ୍ନୀଙ୍କୁ ନିର୍ବାସିତ କଲେ, ତାଙ୍କୁ ଜୀବନର ଆଦର୍ଶ ରୂପେ ଗ୍ରହଣ କରିଥିବା ବ୍ୟକ୍ତି ଦଳିତ ଓ ସଂଖ୍ୟାଲଘୁ ଉପରେ କୌଣସି ପ୍ରକାର ହିଂସାକୁ ବରଦାସ୍ତ କରିପାରିବ ନାହିଁ। ସଂଖ୍ୟାଲଘୁ ସଂପ୍ରଦାୟର ବ୍ୟକ୍ତିଙ୍କୁ 'ଜୟ ଶ୍ରୀରାମ' ଉଚ୍ଚାରଣ ପାଇଁ ବାଧ୍ୟକରିବା ଓ ଏହା ନ କଲେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିବା ରାମ ଉପାସନାର ଘୋର ପରିପନ୍ଥୀ। ଭ୍ରାତୃତ୍ୱ ଓ ବନ୍ଧୁତ୍ୱ ବଳରେ ସମଗ୍ର ପୃଥିବୀକୁ ଆପଣାର କରାଯାଇପାରେ। ବାନରଠାରୁ ଭଲ୍ଲୁକ ପର୍ଯ୍ୟନ୍ତ ଇତର ପ୍ରାଣୀଙ୍କୁ ଯଦି ଶ୍ରୀରାମ ବନ୍ଧୁତାର ହାତ ବଢ଼ାଇପାରିଲେ, ତାଙ୍କ ଅନୁଗାମୀ ହୋଇ ମଣିଷକୁ ଘୃଣା କରିବା କ'ଣ ଉଚିତ? ଆମେ କ'ଣ ଜାତିଧର୍ମର ପ୍ରାଚୀରକୁ ଭାଙ୍ଗି ନିଜ ଭିତରେ ମହାଭାରତୀୟ ଭାବ ସୃଷ୍ଟି କରି ପାରିବା ନାହିଁ?

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ–୯୯୩୭୪୫୦୫୪୦

# 'ବନ୍ଦେ ମାତରମ୍'ର ସର୍ଜନଭୂମି



ଡ. ଭାଗ୍ୟଲିପି ମଲ୍ଲ

ଆମ ପୂର୍ବ ଓ ଆମବେଳର କଥା ମଧ୍ୟ। ସେତେବେଳେ ଟେଲିଭିଜନର ପ୍ରାଦୁର୍ଭାବ ନ ଥିଲା। ସକାଳ ହେଲେ ରେଡିଓ ଖୋଲିବା ଏକ ରୀତିମତ ଅଭ୍ୟାସ ଥିଲା। ସକାଳର ରେଡିଓରୁ 'ବନ୍ଦେ ମାତରମ୍'ର ପ୍ରାଣଛୁଆଁ ସଙ୍ଗୀତ ସମଗ୍ର ଦିନକୁ ଯେମିତି ଶାନ୍ତ ଅଥଚ ଗତିଶୀଳ କରିଦେଉଥିଲା। ଏବେ ସେଇ ସୁମଧୁର ସଙ୍ଗୀତ କେବଳ ସ୍ୱାଧୀନତା ଦିବସ ଅଥବା ସାଧାରଣତନ୍ତ୍ର ଦିବସରେ କାନରେ ପଡ଼ୁଛି।

'ସୁଜଳାଂ ସୁଫଳାଂ ମଳୟଜ ଶୀତଳାମ୍ ଶସ୍ୟଶ୍ୟାମଳାମ୍ ମାତରମ୍...' ମାତୃଭୂମି ପ୍ରତି ମମତ୍ୱବୋଧର ଏକ ସାର୍ବକାଳିକ ଉଦାହରଣ। ବେଳେବେଳେ ମନରେ ପ୍ରଶ୍ନ ଆସେ, ଯେଉଁ ସଙ୍ଗୀତର ପ୍ରତିବେଦନ ମନ ଓ ପ୍ରାଣକୁ ଏତେ ସ୍ପନ୍ଦିତ କରେ, ଯେଉଁ ଗୀତର ସୁର କାନରେ ବାଜିବା ମାତ୍ରେ ଦେହରେ ଶିହରଣ ଖେଳିଯାଏ, ଶହୀଦମାନଙ୍କ ଆତ୍ମବଳି କଥା ମନେ ପଡ଼ିଯାଏ, ଭାରତମାତାର ପାଦତଳେ ମଥା ଆପେ ଆପେ ନଇଁଯାଏ, ସେ ଗୀତର ପଲ୍ଲବନ କେଉଁଠୁ ହୋଇଥିବ? କେଉଁ ଭୂମିର ପାଣି, ପବନ, ଗଛ, ଲତା, ଫୁଲ, ମହକ ସ୍ରଷ୍ଟାର ପ୍ରାଣକୁ ଉଜ୍ଜୀବିତ କରିଥିବ?

ତାହା ଆମ ଭୂମି ଓଡ଼ିଶା। ଓଡ଼ିଶାର ଯାଜପୁର। ଜନ୍ମ ୧୮୮୨ ମସିହା, ସ୍ରଷ୍ଟା ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ। ତତ୍କାଳୀନ ଯାଜପୁର ସବ୍‌ଡିଭିଜନର ଡେପୁଟି ମାଜିଷ୍ଟ୍ରେଟ୍। କାଳଖଣ୍ଡ ୧୮୮୨ରୁ ୧୮୮୪। ଏହି ସମୟ ମଧ୍ୟରେ ବଙ୍କିମଚନ୍ଦ୍ର ଯାଜପୁରର ମାଟି, ପାଣି, ପବନ ସହ ଗୀତ ଗାଇଛନ୍ତି, ମିତ ବସିଛନ୍ତି। ସାଉଁଟି ନେଇଛନ୍ତି ଓଡ଼ିଶା ଭୂମିରୁ ମାତୃବନ୍ଦନାର ଆଦ୍ୟ ଓଁକାରକୁ। ଓଡ଼ିଶା ପାଲଟିଛି ବଙ୍କିମଙ୍କ ସର୍ଜନର ଭବ୍ୟଭୂମି।

ବଙ୍କିମଚନ୍ଦ୍ର ଯାଜପୁରରେ ଥିବାବେଳେ ୧୮୮୨ରେ ଲେଖିଛନ୍ତି ବିଖ୍ୟାତ ଉପନ୍ୟାସ 'ଆନନ୍ଦମଠ'। ଏହି ଉପନ୍ୟାସରେ ଜାତୀୟତା ମନ୍ତ୍ରରେ ଉଦ୍‌ବୁଦ୍ଧ ଏହି କାଳଜୟୀ ସଙ୍ଗୀତ 'ବନ୍ଦେ ମାତରମ୍' ସ୍ଥାନିତ। ୧୮୯୮ରେ ଭାରତୀୟ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ରବୀନ୍ଦ୍ରନାଥ ଠାକୁରଙ୍କ କଣ୍ଠରେ ପ୍ରଥମେ ଯେତେବେଳେ ଏ ଗୀତ ପ୍ରତିଧ୍ୱନିତ ହୋଇଉଠିଛି, ସେତେବେଳେ ଏହାର ଗୁରୁତ୍ୱ ଆହୁରି ବଢ଼ିଯାଇଛି। ତତ୍କାଳୀନ ସମୟରେ ଏ ସଙ୍ଗୀତର ଚେତନା, ମାତୃଗୀତିକାର ଏ ଅଭିନବ ସ୍ୱର ସଞ୍ଚରି ଯାଇଛି ପ୍ରତି ଭାରତୀୟ ପ୍ରାଣରେ। ରବୀନ୍ଦ୍ରନାଥଙ୍କ ପରେ ୧୯୦୧ ମସିହାରେ କଲିକତାର ଅନ୍ୟ ଏକ ଅଧିବେଶନରେ ଦକ୍ଷିଣ ଚରଣ ସେନ୍ 'ବନ୍ଦେ ମାତରମ୍'କୁ ପାଞ୍ଚଥର ଗାଇଛନ୍ତି। କବି ସରଳାଦେବୀ ଚୌଧୁରାଣୀ ବନାରସ କଂଗ୍ରେସ ଅଧିବେଶନରେ ବନ୍ଦେ ମାତରମ୍ ଗାନକରି ଉପସ୍ଥିତ କର୍ମୀଙ୍କୁ ମନ୍ତ୍ରମୁଗ୍ଧ କରିଦେଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ, ୧୯୦୭ ମସିହାରେ ଭାରତବର୍ଷର ମୁକ୍ତି ଆନ୍ଦୋଳନକୁ ତୀବ୍ର କରିବାପାଇଁ ଏକ 'ପତାକା'ର ପରିକଳ୍ପନା କରାଗଲା। ପତାକାର ମଝିରେ ଲେଖାଗଲା 'ବନ୍ଦେ ମାତରମ୍'। ବିପ୍ଳବୀ ସଂଗ୍ରାମୀ ସୁଭାଷ ବୋଷଙ୍କର ବିପ୍ଳବର ଧ୍ୱନି ସାଜିଲା ବନ୍ଦେ ମାତରମ୍।

ସ୍ୱାଧୀନତାର ବିଶାଳ ଶୋଭାଯାତ୍ରା ହେଉ, କି ସ୍ୱାଧୀନତା ସଂଗ୍ରାମ ପାଇଁ ଉଦ୍ଦିଷ୍ଟ ସଭାସମିତି ହେଉ, ସବୁଠି ପ୍ରତିଧ୍ୱନିତ ହୋଇଉଠିଲା ବନ୍ଦେ ମାତରମ୍‌ର ସ୍ଲୋଗାନ। ଏ ସ୍ୱରର ନିନାଦରେ ଥରିଉଠିଲା ବ୍ରିଟିଶ ସରକାରର ଛାତି। ଫଳତଃ ଏ ଗୀତ ଓ ସ୍ଲୋଗାନ୍‌କୁ ନିଷିଦ୍ଧ କରାଗଲା। ଏହାକୁ ଅମାନ୍ୟ କରୁଥିବା ଲୋକମାନଙ୍କୁ କାରାବରଣ କରିବାକୁ ପଡୁଥିଲା।

ଲାହୋରର ଆର୍ଯ୍ୟ ପ୍ରିଣ୍ଟିଂ ପ୍ରେସ୍ ଓ ଡେରାଡୁନର ଭାରତୀୟ ପ୍ରେସ୍‌ରେ ୧୯୨୯ ମସିହାରେ 'କ୍ରାନ୍ତି ଗୀତାଞ୍ଜଳି' ନାମକ ବହିଟିଏ ପ୍ରକାଶ ପାଇଲା। ବହିର ଏଗାର ନମ୍ବର ପୃଷ୍ଠାରେ ମାତୃବନ୍ଦନା ଶିରୋନାମାରେ ବନ୍ଦେ ମାତରମ୍‌ର ପ୍ରଥମ ଦୁଇପଦ ସ୍ଥାନ ପାଇଲା। ପରପୃଷ୍ଠାରେ ବହିର ଲେଖକ କାକୋରୀର ପ୍ରସିଦ୍ଧ ଦେଶପ୍ରେମୀ ପଣ୍ଡିତ ରାମପ୍ରସାଦ ବିସମିଲଙ୍କ ଦ୍ୱାରା ସଂଯୋଜିତ ଏହି ଗୀତର ଗଜଲ ଯୋଡ଼ି ହୋଇଗଲା।

କେବଳ ସେତିକି ନୁହେଁ, ଏ ସଙ୍ଗୀତର ସମ୍ମୋହନ ଶ୍ରୀଅରବିନ୍ଦଙ୍କ ଚେତନାକୁ ମଧ୍ୟ ଆନ୍ଦୋଳିତ କରିଛି। ସେ ପ୍ରକାଶ କରିଛନ୍ତି ପତ୍ରିକା 'ବନ୍ଦେ ମାତରମ୍'। ୧୯୦୫ ବଙ୍ଗଭଙ୍ଗ ଆନ୍ଦୋଳନ ସମୟରେ ବନ୍ଦେ ମାତରମ୍‌ର ମନ୍ତ୍ର ହୋଇଛି ବଙ୍ଗଯୋଡ଼ଣର ଅଣୁଘଟକ, ବିପ୍ଳବର ବୀଜମନ୍ତ୍ର।

ଜୀତାୟତାର ମନ୍ତ୍ରରେ ଉଦ୍‌ବୁଦ୍ଧ 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ହେବା ଉଚିତ ବୋଲି ଭାରତୀୟ ଜାତୀୟ କଂଗ୍ରେସରେ ମତ ପ୍ରକାଶ ପାଇଲା। ସେତେବେଳେ ଅର୍ଥାତ୍ ୧୯୫୦ ଜାନୁୟାରୀ ୨୪ରେ ସମ୍ବିଧାନ ସଭାରେ ପୌରୋହିତ୍ୟ କରୁଥାନ୍ତି ରାଜେନ୍ଦ୍ର ପ୍ରସାଦ। ମାତ୍ର ସେତେବେଳକୁ ରବୀନ୍ଦ୍ରଙ୍କ 'ଜନ-ଗଣ-ମନ' ଜାତୀୟ ସଙ୍ଗୀତର ମାନ୍ୟତା ପାଇସାରିଥିବାରୁ ଏହି ମତ ଆଉ ଆଗକୁ ଯାଇପାରିଲା ନାହିଁ। ମାତ୍ର ରାଜେନ୍ଦ୍ର ପ୍ରସାଦଙ୍କ ମନ୍ତବ୍ୟ ଥିଲା– ଶବ୍ଦ ଓ ସୁରକୁ ନେଇ ସଂଯୋଜିତ ଜନ-ଗଣ-ମନ, ଆମ ଜାତୀୟତାର ପ୍ରତୀକ ହୋଇଛି ସତ ମାତ୍ର ବନ୍ଦେ ମାତରମ୍, ଜାତୀୟତା ଗଢ଼ଣରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଭୂମିକା ନିର୍ବାହ କରିଛି, ତାହା ଜନ-ଗଣ-ମନର ଅନୁରୂପ ଅଭିବ୍ୟଞ୍ଜନା। ଏକଥା ଭାରତୀୟ ସମ୍ବିଧାନର Vol.XII, ୨୪।୧।୧୯୫୦ରେ ଲିପିବଦ୍ଧ ହୋଇଛି।

ତେବେ 'ବନ୍ଦେ ମାତରମ୍'ର ଯେଉଁ ଦୁଇଟି ପଦକୁ ଆମେ ପ୍ରାୟତଃ ଗାଉ, ତାହା ବଙ୍କିମଚନ୍ଦ୍ରଙ୍କ ଲେଖନୀର ପ୍ରଥମ ଦୁଇଟି ପଦ। ଏହି ଦୁଇପଦ ପରେ ଆଉ ଚାରିପଦ ରହିଛି। ମାତ୍ର ସେଗୁଡ଼ିକରେ ହିନ୍ଦୁଦେବୀ ଦୁର୍ଗାଙ୍କର ସ୍ତୁତିଗାନର ସାମଞ୍ଜସ୍ୟ ଥିବାରୁ ମାତୃବନ୍ଦନାରୁ ସମ୍ଭବତଃ ବାଦ୍‌ପଡ଼ିଛି। ବଙ୍କିମଚନ୍ଦ୍ରଙ୍କର ଏହି କାଳଜୟୀ ଶବ୍ଦକୁ ସୁରରେ ସଜେଇଛନ୍ତି ଯଦୁନାଥ ଭଟ୍ଟାଚାର୍ଯ୍ୟ। ଯେଉଁ କାଳଜୟୀ ଜାତୀୟତାବାଦର ମନ୍ତ୍ରଧ୍ୱନି ସମଗ୍ର ଭାରତବର୍ଷର ସର୍ବକାଳୀନ ସ୍ପନ୍ଦନ ହୋଇରହିଛି ଓ ରହିଥିବ ଯାବତ୍ ଚନ୍ଦ୍ରାର୍କ, ତାହାର ସର୍ଜନଭୂମି ଆମ ଓଡ଼ିଶା, ଏହା ଓଡ଼ିଶା ବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ କମ୍ ଗୌରବର କଥା ନୁହେଁ।

ମୋ–୯୪୩୯୨୮୧୫୬୧

## ଏଇ ଭାରତରେ

ଶିକ୍ଷାନୁଷ୍ଠାନରେ ଯେଉଁ ଗୁରୁ ଅତି ନିଷ୍ଠାର ସହ ପିଲାଙ୍କୁ ପାଠ ପଢ଼ାନ୍ତି ସେ ଛାତ୍ରୀଛାତ୍ରଙ୍କ ନିକଟରେ ସବୁବେଳେ ପ୍ରଣମ୍ୟ ଓ ନମସ୍ୟ ହୋଇ ରହନ୍ତି। ସେହି ଶିକ୍ଷକଙ୍କ ବଦଳିକୁ ସମ୍ପୃକ୍ତ ଛାତ୍ରୀଛାତ୍ର ସହ୍ୟ କରିପାରନ୍ତି ନାହିଁ। ଧୈର୍ଯ୍ୟହରା ହୋଇ କାନ୍ଦିପକାନ୍ତି। ଏପରି ଏକ ଘଟଣା ମଧ୍ୟପ୍ରଦେଶରେ ଘଟିଛି। ସରକାରୀ ଚାକିରିରେ ବଦଳିହେବା ଏକ ସାଧାରଣ ଘଟଣା ହୋଇଥିଲେ ହେଁ ଏହି ନିଷ୍ଠୁର ସତ୍ୟକୁ ମାନିବାକୁ ପ୍ରସ୍ତୁତ ନ ଥିଲେ ସମ୍ପୃକ୍ତ ସ୍କୁଲ୍‌ର ଛାତ୍ରୀଛାତ୍ର। କିନ୍ତୁ ସରକାରୀ ନିୟମକୁ ସମ୍ମାନ ଜଣାଇ ଶିକ୍ଷକ ବଦଳି ହେବାପରେ ଛାତ୍ରୀଛାତ୍ରମାନେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ମଧ୍ୟପ୍ରଦେଶର କଟ୍‌ନିରେ ଥିବା ଏହି ସ୍କୁଲରେ ଶିକ୍ଷକଙ୍କ ବଦଳି ଖବର ଶୁଣିବା ପରେ ଛାତ୍ରୀଛାତ୍ର ସାର୍‌ଙ୍କୁ ଧରି ଅତି ଦୁଃଖରେ ମ୍ରିୟମାଣ ହୋଇ କାନ୍ଦି ପକାଇଥିଲେ। ସ୍ଥାନୀୟ ଖେମରଖେଡ଼ା ଅଞ୍ଚଳରେ ଥିବା ତିଲମନ୍ ଗାଁର ମାଧ୍ୟମିକ ସ୍କୁଲର ଶିକ୍ଷକ ମଙ୍ଗଳ ଦୀନ୍ ପଟେଲଙ୍କ ବଦଳି ହୋଇଥିଲା। ତେବେ ଏ ସମ୍ପର୍କରେ ଛାତ୍ରୀଛାତ୍ର ଜାଣିବା ପରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଛାତ୍ରୀଛାତ୍ର ମଙ୍ଗଳଙ୍କୁ ଧରି କାନ୍ଦିଥିଲେ। ମଙ୍ଗଳଙ୍କ ଆଖିରୁ ମଧ୍ୟ ଲୁହ ବୋହି ଚାଲିଥିଲା। ଏହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ସକଳ ପ୍ରଦୀପ ନିଭିଗଲା ଆଜି ପୁରେ
ବିଜୟ ଶଙ୍ଖ ନ ଉଠିଲା ବାଜି ଦୂରେ
କାହା ଆଗମନ ପାଇଁ ଆଶାହୀନ ତୁ ରେ!
ଚକିତ ନୟନେ ରହୁ ଚଉପାଶେ ଚାହିଁ
ପଥ କାହିଁ? ପଥ କାହିଁ?
(ପଥ କାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଅଗଷ୍ଟ ୧୯୯୪

- ଶ୍ରୀଲଙ୍କାର ୧୧ତମ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀଲଙ୍କା ପିପୁଲ୍‌ସ ମେଣ୍ଟର ନେତ୍ରୀ ଚନ୍ଦ୍ରିକା ବନ୍ଦରନାଏକେ କୁମାରତୁଙ୍ଗାଙ୍କ ଶପଥ ଗ୍ରହଣ।
- ଆଲଜେରିଆରେ ଏକ ବଡ଼ଧରଣର ଭୂମିକମ୍ପରେ ୫୦୦ ଲୋକଙ୍କ ମୃତ୍ୟୁ।
- ନାଗା ବିଦ୍ରୋହୀଙ୍କ ଆକ୍ରମଣରେ ୨୩ ଜଣ ଆସାମ ରାଇଫଲ୍ସ ଯବାନଙ୍କ ପ୍ରାଣହାନି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | 5 | 3 | 6 | | | | | 1 | | D | | |
| | | 8 | | | | 7 | | D | | | | 2 | E | 0 |
| | | | | A | | 9 | | C | 8 | 3 | 4 | | | |
| | 5 | | | 7 | | | | | | | | | | |
| 7 | | 3 | | C | 0 | E | | | | | | 8 | | 4 |
| | | 2 | 3 | | | | D | 6 | 4 | B | A | | | |
| | 6 | | 7 | 2 | | | | | | | | 5 | 1 | A |
| | | 0 | A | E | 1 | 8 | | 4 | | D | | 3 | | 7 |
| | | | | | | 1 | 0 | | | E | | | | |
| | | | | | 9 | | | | | | | | 0 | 6 |
| D | | E | | | | 4 | 9 | 5 | 2 | | | | | |
| | 2 | 4 | B | 8 | | 0 | | | | | | | D | |
| | | | | | 3 | D | | | 5 | | | | 9 | E |
| | | | | 4 | C | | 8 | | 9 | | | | | |
| 8 | | | | | | | C | | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 7 | 9 | D | A | E | 8 | 6 | 4 | 1 | 5 | C | 0 | B | 2 |
| 2 | 5 | 6 | 1 | 3 | 4 | 9 | B | D | 0 | E | 7 | 8 | A | C |
| A | 1 | 0 | B | 8 | 7 | 5 | E | C | 3 | 6 | 2 | 9 | 4 | D |
| 4 | E | B | 9 | 2 | C | 7 | 1 | 0 | 8 | D | A | 3 | 6 | 5 |
| C | D | 8 | 5 | 6 | 0 | 3 | 2 | A | 9 | B | 4 | E | 7 | 1 |
| E | 0 | D | 4 | 9 | 2 | B | 7 | 6 | A | 3 | 5 | C | 1 | 8 |
| 7 | 3 | 4 | 8 | C | 5 | 2 | 9 | E | D | 1 | 6 | B | 0 | A |
| 9 | 6 | 5 | A | 0 | D | 4 | 8 | 1 | E | C | B | 2 | 3 | 7 |
| 8 | 2 | C | 3 | 1 | B | A | 0 | 5 | 4 | 7 | 9 | 6 | D | E |
| 1 | B | A | 7 | E | 6 | D | C | 3 | 2 | 0 | 8 | 4 | 5 | 9 |
| B | A | 2 | E | D | 3 | 0 | 4 | 8 | 7 | 9 | 1 | 5 | C | 6 |
| 6 | 8 | E | 0 | 4 | 1 | C | D | 2 | 5 | A | 3 | 7 | 9 | B |
| 0 | C | 3 | 6 | 7 | A | E | 5 | 9 | B | 2 | D | 1 | 8 | 4 |
| D | 9 | 7 | C | 5 | 8 | 1 | 3 | B | 6 | 4 | E | A | 2 | 0 |
| 5 | 4 | 1 | 2 | B | 9 | 6 | A | 7 | C | 8 | 0 | D | E | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରେଡିଓରେ ଗୀତିନାଟ୍ୟ

ମହାଶୟ,

କଟକ ଆକାଶବାଣୀ ଆଗରୁ ବହୁ ଗୀତିନାଟ୍ୟ ପ୍ରଚାର କରୁଥିଲା। ବେତାର ମାଧ୍ୟମରେ ଗୀତିନାଟ୍ୟ ଶୁଣିଲେ ଖୁବ୍ ଆନନ୍ଦ ଲାଗେ। କାରଣ ସଭିଙ୍କର କଣ୍ଠସ୍ୱର ମଧୁର। ଅମରବିଳାସ, କର୍ଣ୍ଣବଧ, ମହିଷାମର୍ଦ୍ଦିନୀ, ଲକ୍ଷହୀରା, ସାକ୍ଷୀଗୋପାଳ, ବାଣା ପରାଜୟ ଆଦି ଗୀତିନାଟ୍ୟ କଟକ ଆକାଶବାଣୀ ବହୁବାର ପ୍ରଚାର କରୁଥିଲା। ବର୍ତ୍ତମାନ ଆଉ ନାହିଁ କହିଲେ ଚଳେ। ଅବଶ୍ୟ ଘରେ ଘରେ ଟିଭି ହେବାରୁ ଆଜିକାଲି ରେଡିଓର ଶ୍ରୋତା କମିଗଲେଣି। କଟକ ଆକାଶବାଣୀ କେନ୍ଦ୍ର ନିର୍ଦ୍ଦେଶକ ଗୀତିନାଟ୍ୟ ବହୁଳ ଭାବରେ ପ୍ରଚାର କରିବାକୁ ଅନୁରୋଧ। ନାଟକ ଓ ଗୀତିନାଟ୍ୟ ମନୋରଞ୍ଜନର ମାଧ୍ୟମ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ୫ଟି କଥାରେ ନା କାମରେ

ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଦଳର ନେତୃବୃନ୍ଦଙ୍କୁ ୫–ଟି (ଟ୍ରାନ୍ସପରେନ୍ସି, ଟେକ୍‌ନୋଲୋଜି, ଟିମ୍‌ୱର୍କ, ଟ୍ରାନ୍ସଫର୍‌ମେଶନ ଓ ଟାଇମ୍)କୁ ତୃଣମୂଳସ୍ତରରେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ସବୁକିଛି ପାଣିର ଗାରପରି। ସ୍ୱଚ୍ଛ ଶାସନ, ଗାଁକୁ କାମ ଓ ମା'କୁ ସମ୍ମାନର ନାରା ଦେଇ ଦୀର୍ଘ ଦୁଇଦଶନ୍ଧି ଧରି କ୍ଷମତାରେ ରହିବା ସତ୍ତ୍ୱେ ଆଜି ନାରୀ ନିର୍ଯାତନା, ବେକାରି ସମସ୍ୟା, ଦୁର୍ନୀତି ବଢ଼ି ବଢ଼ି ଚାଲିଛି। ସାଧାରଣ ଜନତାର ଟିକସ ଅର୍ଥରେ ବେତନଭୋଗୀ ସରକାରୀ କର୍ମଚାରୀ ଶାସକ ଦଳର କ୍ରୀଡ଼ନକ ହେଲା ପରି ଲାଗୁଛି। ତେଣୁ ୫ଟି କେବଳ କଥାରେ ନୁହେଁ, କାମରେ ହେବା ଦରକାର।

ସଂଯୁକ୍ତା ନାୟକ, ରାଜକନିକା, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ହୀରାକୁଦ ଡ୍ୟାମ୍‌ର ୧୪ ଗେଟ୍ ଖୋଲା

**ସମ୍ବଲପୁର,୧୯।୮ (ବ୍ୟୁରୋ):** ହୀରାକୁଦ ଡ୍ୟାମ୍‌ରୁ ସୋମବାର ସକାଳୁ ମୋଟ ୧୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଇଛି । ଡ୍ୟାମ୍‌ରୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୩୯ ହଜାର ୩୫୬ କ୍ୟୁସେକ ପାଣି ନିଷ୍କାସିତ ହେଉଥିଲାବେଳେ ୧ ଲକ୍ଷ ୫୦ ହଜାର ୯୮୩ କ୍ୟୁସେକ ପାଣି ପ୍ରବେଶ କରୁଛି। ପାୱାର ଚ୍ୟାନେଲରେ ୧୬ ହଜାର ୫୦୯, ବିଭିନ୍ନ କେନାଲରେ ୨ ହଜାର ୮୭୭ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି। ରାତି ୯ଟା ସୁଦ୍ଧା ଡ୍ୟାମ୍‌ରେ ଜଳସ୍ତର ୬୨୦.୨୯ ରହିଛି ବୋଲି ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ନିକଟରୁ ରିପୋର୍ଟ ମିଳିଛି।

## ବିଶାଖାପଟନମ୍-ବିଜୟୱାଡ଼ା ମଧ୍ୟରେ ଚାଲିବ ଉଦୟ୍ ଏକ୍ସପ୍ରେସ




**ନୂଆଦିଲ୍ଲୀ,୧୯।୮:** ଭାରତୀୟ ରେଲୱେ ପକ୍ଷରୁ ଦ୍ୱିତୀୟ ଡବଲ ଡେକର ଟ୍ରେନ ଉଦୟ୍ ଏକ୍ସପ୍ରେସ ପୂର୍ବତଟ ରେଳପଥ ଅଧୀନରେ ବିଶାଖାପଟନମ ଓ ବିଜୟୱାଡା ମଧ୍ୟରେ ଚାଲିବ ବୋଲି ରେଲୱେର ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରଥମ ଡବଲ ଡେକର ଟ୍ରେନ ଉଦୟ୍ ଏକ୍ସପ୍ରେସ ଗତବର୍ଷ ଜୁନ୍‌ରେ କୋଏମ୍ବାଟୁର ଓ ବେଙ୍ଗାଲୁରୁ ମଧ୍ୟରେ ଆରମ୍ଭ ହୋଇଥିଲା। ଏହା ଏସି ଚେୟାରକାର ଟ୍ରେନ ହୋଇଥିବା ବେଳେ ଏଥିରେ ୱାଇ-ଫାଇ, ଗଦି ସିଟ୍ ଓ ଡିସ୍‌ପ୍ଲେ ସ୍କ୍ରିନ ସୁବିଧା ରହିଛି। ଆଉ ଏକ ଉଦୟ୍ ଏକ୍ସପ୍ରେସ ବେଙ୍ଗାଲୁରୁ ଓ ଚେନ୍ନାଇ ସେଣ୍ଟ୍ରାଲ ମଧ୍ୟରେ ଚଳାଯିବାର ପ୍ରସ୍ତାବ ରହିଛି। ବିଶାଖାପଟ୍ଟନମ-ବିଜୟୱାଡା ଉଦୟ୍ ଏକ୍ସପ୍ରେସ(୨୨୭୦୧) ସକାଳ ୫.୪୫ମିନିଟରେ ବିଶାଖାପଟନମ ଛାଡ଼ି ସକାଳ ୧୧.୧୫ରେ ବିଜୟୱାଡାରେ ପହଞ୍ଚିବ। ସେହିପରି ଗାଡ଼ି ସଂଖ୍ୟା ୨୨୭୦୨ ସନ୍ଧ୍ୟା ୫.୩୦ରେ ବିଜୟୱାଡା ଛାଡ଼ି ରାତି ୧୦.୫୫ରେ ବିଶାଖାପଟନମରେ ପହଞ୍ଚିବ। ତେବେ ଏହି ଟ୍ରେନ କେବେ ଠାରୁ ଚଳାଚଳ କରିବ ସେ ସମ୍ପର୍କରେ ଅଧିକାରୀଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

## ମୋବାଇଲ ଫୋନ ରପ୍ତାନି ଭାରତ ୨୧ ସ୍ଥାନ ଉପରକୁ ଉଠିଲା

**ନୂଆଦିଲ୍ଲୀ,୧୯।୮:** ମୋବାଇଲ ଫୋନ ରପ୍ତାନି କ୍ଷେତ୍ରରେ ଭାରତ ଗତବର୍ଷ ବେଶ୍ ଅଭିବୃଦ୍ଧି ହାସଲ କରିଛି। ଫଳରେ ଏହା ୨୧ ସ୍ଥାନ ଉପରକୁ ଉଠି ରପ୍ତାନିକାରୀ ଦେଶଙ୍କ ତାଲିକାର ୧୭ତମ ସ୍ଥାନରେ ପହଞ୍ଚିଛି। ଗତବର୍ଷ ଭାରତୀୟ କମ୍ପାନୀମାନେ ୧.୦୭ ବିଲିୟନ ଡଲାର ମୂଲ୍ୟର ମୋବାଇଲ ଫୋନ୍ ରପ୍ତାନି କରିଛନ୍ତି ବୋଲି ଫେଡେରେଶନ ଅଫ୍ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେଶନ୍ସ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏଥିରେ କୁହାଯାଇଛି ଯେ,ଗତ ୫ ବର୍ଷ ଭିତରେ ଭାରତର ମୋବାଇଲ ଫୋନ ରପ୍ତାନି କ୍ଷେତ୍ରରେ ୧୭ ପ୍ରତିଶତ ବୃଦ୍ଧି ହୋଇଛି। ଦେଶ ରପ୍ତାନି କରୁଥିବା ସାମଗ୍ରୀଗୁଡ଼ିକ ଭିତରେ ମୋବାଇଲ ଫୋନ ୨୩ତମ ସ୍ଥାନରେ ରହିଛି। ତେବେ ମୋବାଇଲ ଫୋନ ରପ୍ତାନି କ୍ଷେତ୍ରରେ ଚାଇନା, ଭିଏତନାମ ଓ ହଂକଂ ଶୀର୍ଷ ୩ ଦେଶ ମଧ୍ୟରେ ରହିଛି। ବିଶ୍ୱରେ ଚାଇନା ସର୍ବାଧିକ ୪୯ ପ୍ରତିଶତ, ଭିଏତନାମ ୧୩ ପ୍ରତିଶତ ଏବଂ ହଂକଂ ୧୦.୯ ପ୍ରତିଶତ ମୋବାଇଲ ଫୋନ ରପ୍ତାନି କରିଛି। ତେବେ ଭାରତ ବିଶ୍ୱରେ ରପ୍ତାନି ହେଉଥିବା ମୋଟ ମୋବାଇଲ ଫୋନର ମାତ୍ର ୦.୪% ରପ୍ତାନି କରୁଛି।

## ୨ ଟ୍ରକ୍ ମଧ୍ୟରେ ଧକ୍କା, ଡ୍ରାଇଭର ମୃତ

**ସମ୍ବଲପୁର,୧୯।୮ (ବ୍ୟୁରୋ):** ସମ୍ବଲପୁର-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥର ଯୁଯୁମୁରା ଥାନା ଝାଙ୍କରପାଲି ନିକଟରେ ସୋମବାର ଭୋରରୁ ୨ଟି ଟ୍ରକ୍ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଛି । ଘଟଣା ସ୍ଥଳରେ ଜଣେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ସେ ହେଲେ ବିହାରର ବସନ୍ତ ଯାଦବ । ଏହି ଘଟଣାର ଅନ୍ୟ ଟ୍ରକ୍‌ରେ ଥିବା ୩ ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ଅନୁଗୋଳ ଜିଲା ଜର୍ଡାର ସୁଶାନ୍ତ ଧଳ, ବିଲୁ ଗର୍ନିକ, ମିଥୁନ ସାହୁ। ଏହି ଘଟଣାରେ ଅନ୍ୟ ଜଣେ ଆହତଙ୍କ ପରିଚୟ ମିଳି ପାରିନାହିଁ। ସମ୍ବଲପୁର ଅଗ୍ନିଶମ ବିଭାଗ ଟିମ୍ ପହଞ୍ଚି ଗ୍ୟାସ୍ କଟରରେ ଉଭୟ ଟ୍ରକରେ ଚାପି ହୋଇଥିବା ଡ୍ରାଇଭର ଓ ଅନ୍ୟମାନଙ୍କୁ ଉଦ୍ଧାର କରିଥିଲେ ।

## ■ ଫେଲ୍ ମାରିଛି ସରକାରୀ ଥଇଥାନ ନୀତି

# ଭବିଷ୍ୟତ ଚିନ୍ତାରେ ଆତ୍ମସମର୍ପଣକାରୀ ମାଓବାଦୀ

**ମାଲକାନଗିରି,୧୯।୮(ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ମାଓବାଦୀ ସମସ୍ୟା ସୁଧୁରି ଆସୁଥିବା ବେଳେ ପ୍ରଶାସନ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ସେମାନଙ୍କ ଭବିଷ୍ୟତ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଏନେଇ ସେମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ କହିବା ହେଲା ଆତ୍ମସମର୍ପଣ କରି ଆମେ ଏ କୁଳର କି ସେ କୁଳର ହେଲୁନି। ପରିସ୍ଥିତିରେ ପଡି ମାଓବାଦୀ ସଙ୍ଗଠନରେ ଯୋଗଦେଇ ଜିଲାର ବିକାଶରେ ବାଧା ସୃଷ୍ଟି କରିବା ସହ ଅନେକ ଧନ ଜୀବନ ନଷ୍ଟ କରିଛୁ। ଏକଦା ମାଲକାନଗିରି ଜିଲା ମାଓବାଦୀ ସମସ୍ୟାକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚିନ୍ତିତ ଥିଲେ। ମାଓବାଦୀମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ ଆର୍ଥିକ ସହାୟତା ସହ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ଉଭୟ ସରକାର ଘୋଷଣା କଲେ। ଏଣୁ ମାଓବାଦୀ ସଙ୍ଗଠନର କାର୍ଯ୍ୟକଳାପ ଆମକୁ କୁପଥରେ ନେଉଥିବା ଅନୁଭବ କରି ଆମେ ୬୫ ଜଣ ଆତ୍ମସମର୍ପଣ କରିଥିଲୁ। କିନ୍ତୁ ଆମମାନଙ୍କୁ ସରକାର ଘୋଷଣା କରିଥିବା ସୁବିଧା ମିଳୁନାହିଁ। ଶୁକଦେବ କବାସୀ, ଭିମା ସୋଡି, ରାମା ମାଡକାମି, ରାମା କବାସୀ, ଦେବା ମାଡି, ଲାସା ମାଡକାମି, ରାଜୁ ମାଡକାମି, ରାଜୁ ହନ୍ତାଳ, ରମେଶ ମାଡକାମି, ଇର୍ମା କବାସୀ, ବିଜାଲ କାଡମେ, ସାନି କାଡମେ, ସୋନି ମାଡକାମି, ରାମେ ମାଡିଙ୍କ ସହ ଅନ୍ୟମାନେ ଏସ୍‌ପି ଜଗମୋହନ ମୀନାଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦେଇଛନ୍ତି। ୭/୮ ବର୍ଷ ତଳେ ମାଓବାଦୀ ସଙ୍ଗଠନ ଛାଡି ସେମାନେ ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ମାତ୍ର ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇଥିଲେ ମଧ ବିଭିନ୍ନ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ଅନେକ ଥର ଲିଖିତ ରୂପେ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଆତ୍ମସମର୍ପଣ ସମୟରେ ଅନେକ ପ୍ରତିଶ୍ରୁତି ମିଳିଥିଲା। ଏପରିକି କେତେ ଜଣ ଆତ୍ମସମର୍ପଣକାରୀ ମାଓବାଦୀ ଯୁବତୀ ଯୁବକଙ୍କୁ ସେତେବେଳେ ପୋଲିସ ବିବାହ କରାଇଥିଲା। ଆତ୍ମ ସମର୍ପଣ ପରେ ଆମକୁ ଚାକିରି ଦେବେ କହି ଡ୍ରାଇଭିଂ, ସିଲେଇ, ଇଗ୍ନୋରେ ପାଠପଢ଼ା, ସିକ୍ୟୁରିଟି ଗାର୍ଡ ତାଲିମ ପ୍ରଦାନ କରାଯାଇଥିଲା। ଏସବୁ ତାଲିମ ପାଇବା ସତ୍ତ୍ୱେ ଆମକୁ ଏଯାଏ କୌଣସି ସରକାରୀ ଚାକିରି ମିଳିନି। ଚାଷଜମି ମଧ ମିଳିନି। ୨ଜଣଙ୍କୁ ଗୃହରକ୍ଷୀ ଚାକିରି ମିଳିଛି। ୭ଟି ସିଲେଇ ମେଶିନ ଓ ୫ଟି ବାଇକ୍ ମିଳିଛି। ମାତ୍ର ଦେଢ ସେଣ୍ଟ ଘରବାରି ଜମି, ରହିବା ପାଇଁ କ୍ୱାଟର୍ସ, ମାସିକ ୩ ହଜାର ଟଙ୍କା ମିଳୁଛି। ମାତ୍ର ଦେଢ ସେଣ୍ଟ ଜାଗା ଚଳିବା ପାଇଁ ଯଥେଷ୍ଟ ନୁହେଁ। ମିଳୁଥିବା ଟଙ୍କାରେ ଚଳିବା କଷ୍ଟକର ହେଉଛି। ଗ୍ରାମକୁ ଫେରିବା ପାଇଁ ରାସ୍ତା ନାହିଁ। ଗ୍ରାମକୁ ଫେରିଲେ ମାଓବାଦୀଙ୍କ ଟାର୍ଗେଟ୍‌ରେ ଅଛୁ ବୋଲି ଏସ୍‌ପିଙ୍କ ନିକଟରେ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୩ ସେପ୍ଟେମ୍ବର ୧୬ରେ ପଡିଆ ଥାନା ଅଞ୍ଚଳ ସିଲାକୋଟା ଗ୍ରାମ ନିକଟରେ ତତ୍କାଳୀନ ଏସ୍‌ପି ଅଖିଳେଶ୍ୱର ସିଂଙ୍କ ନେତୃତ୍ୱରେ ହୋଇଥିବା ଏନକାଉଣ୍ଟରରେ ୧୩ଜଣ ମାଓବାଦୀ ନିହତ ହୋଇଥିଲେ। ଏହା ପରେ ମାଓବାଦୀଙ୍କୁ ସମର୍ଥନ କରୁଥିବା ସିଲାକୋଟା ଗ୍ରାମର ୫୦ଟି ପରିବାର ମାଲକାନଗିରି ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ପରେ କାଲିମେଲା ଥାନା ଅଞ୍ଚଳର କୁରୁବ୍, ମାରିଗେଟା, ବଡିଗେଟା, ସାରିଗେଟା, କୁଟୁମନପାଲି, ତେଲରାଇ, କୁକୁରକୁଣ୍ଡି, ମାଥିଲି ଥାନା ଅଞ୍ଚଳର ଟେମୃପାଲି, ବାରା, କମାରପାଲି ଏବଂ ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳର ଅନେକ ଗ୍ରାମବାସୀ ନିଜ ପରିବାର ସହ ଆତ୍ମସମର୍ପଣ କରିଥିଲେ। ଏ ସମ୍ପର୍କରେ ଏସ୍‌ପି ଜଗମୋହନ ମୀନା ଜିଲାପାଳଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ସମାଧାନ କରିବେ ବୋଲି ଆଶ୍ୱାସନା ଦେଇଥିବା ମାଓବାଦୀ ନେତା ଶୁକଦେବ କହିଛନ୍ତି।


ଏସ୍‌ପିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଆତ୍ମସମର୍ପଣକାରୀ ମହିଳାପୁରୁଷ ମାଓବାଦୀ।

## ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ଗୁରୁତ୍ୱ ଦିଆଯାଉଛି: ମନ୍ତ୍ରୀ

**ଭୁବନେଶ୍ୱର,୧୯।୮(ବ୍ୟୁରୋ)**

କର୍ମନିଯୁକ୍ତି ସହାୟକ ତାଲିମ କାର୍ଯ୍ୟକ୍ରମ ଓ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅନ୍ତର୍ଗତ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ କାର୍ଯ୍ୟରତ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକର ଯୁଗ୍ମ ସମୀକ୍ଷା ବୈଠକ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ନିଯୋଜନ ଭବନଠାରେ ସୋମବାର ଆୟୋଜିତ ଏହି ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ସଂଜୟ କୁମାର ସିଂଙ୍କ ସମେତ ଅନ୍ୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥଇଲେ। ଏହି ଅବସରରେ ଅଧ୍ୟକ୍ଷତା କରି ମନ୍ତ୍ରୀ ନାୟକ କହିଛନ୍ତି, ସରକାର ଯୁବକମାନଙ୍କ ଦକ୍ଷତା ବୃଦ୍ଧି ସହ କର୍ମନିଯୁକ୍ତି ଦିଗକୁ ସର୍ବଦା ଅଗ୍ରାଧିକାର ଦେଉଛନ୍ତି। ଦେଶର ଅର୍ଥନୈତିକ ବିକାଶ କ୍ଷେତ୍ରରେ 'ଦକ୍ଷତା' ଏକ ପ୍ରମୁଖ ମାପକାଠି ଅଟେ । ଏହାକୁ କେହି ଅସ୍ୱୀକାର କରି ପାରିବେନାହିଁ । ଅର୍ଥନୈତିକ ବିକାଶ ଦିଗରେ କୃଷିଠାରୁ ଆରମ୍ଭ କରି ନିର୍ମାଣ କ୍ଷେତ୍ର ପର୍ଯ୍ୟନ୍ତ ସବୁଠାରେ କୁଶଳୀ ଓ ଦକ୍ଷ ଶ୍ରମିକର ଆବଶ୍ୟକତା ଓ ଯୋଗଦାନ ଅପରିହାର୍ଯ୍ୟ ଅଟେ । ତେଣୁ ବିକାଶଧରାକୁ ଆଗେଇ ନେବା ପାଇଁ ପରିବର୍ତ୍ତିତ ଶିଳ୍ପାୟନ ଓ ବଜାରର ଆଭିମୁଖ୍ୟକୁ ଦୃଷ୍ଟିରେ ରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ । ରାଜ୍ୟ ସରକାର ଆସନ୍ତା ୫ବର୍ଷରେ ୧୫ଲକ୍ଷ ଯୁବକଙ୍କୁ ତାଲିମ ମାଧମରେ ସେମାନଙ୍କ ଦକ୍ଷତାର ବିକାଶ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ସରକାର ଦକ୍ଷତା ତାଲିମ କାର୍ଯ୍ୟକ୍ରମରେ ପରିମାଣ ଓ ମାନ ଉଭୟ ଦିଗକୁ ନଜର ଦେଇ ବିଭିନ୍ନ କାର୍ଯ୍ୟ ହାତକୁ ନେଇଛନ୍ତି । ଏହି ଅଭିନବ ମିଶନ୍‌ର ଲକ୍ଷ୍ୟ ହାସଲ ଦିଗରେ ସମସ୍ତ ତାଲିମ ସହଯୋଗୀଙ୍କ ସହଯୋଗ ନିହାତି ଆବଶ୍ୟକ ବୋଲି ମନ୍ତ୍ରୀ ନାୟକ କହିଛନ୍ତି।

## ■ ଭିନ୍ନକ୍ଷମ ସଶକ୍ତୀକରଣକୁ ଗୁରୁତ୍ୱ

# ପ୍ରତି ଜିଲାରେ ହେବ ସମନ୍ୱିତ ପୁନର୍ବାସ କେନ୍ଦ୍ର

- ■ ରହିବ ଜରାନିବାସ, ନିଶା ନିବାରଣ କେନ୍ଦ୍ର
- ■ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ଧନ୍ଦାମୂଳକ ବୈଷୟିକ ତାଲିମ ପ୍ରତିଷ୍ଠାନ
- ■ ପ୍ରତି କେନ୍ଦ୍ରରେ ୨୫୦ ବରିଷ୍ଠ ନାଗରିକଙ୍କ ନିମନ୍ତେ ପୁନର୍ବାସ ବ୍ୟବସ୍ଥା

**ଭୁବନେଶ୍ୱର,୧୯।୮(ବ୍ୟୁରୋ)**

ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ରାଜ୍ୟ ସରକାର ଭିନ୍ନକ୍ଷମ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି କ୍ରମରେ ପ୍ରତି ଜିଲାରେ ଭିନ୍ନକ୍ଷମମାନଙ୍କ ନିମନ୍ତେ ସମନ୍ୱିତ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ନୂଆପଡ଼ା ଜିଲା ଗସ୍ତରେ ଯାଇ ବିଭାଗୀୟ କାର୍ଯ୍ୟକ୍ରମ ସମୀକ୍ଷା କରିବା ପରେ ମନ୍ତ୍ରୀ ପଣ୍ଡା ସୋମବାର ଲୋକସେବା ଭବନଠାରେ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରତ୍ୟେକ ଜିଲାରେ ଭିନ୍ନକ୍ଷମମାନଙ୍କୁ ପୁନର୍ବାସ ସାମଗ୍ରୀ ଯୋଗାଇଦେବା ପାଇଁ ଜିଲା ପୁନର୍ବାସ କେନ୍ଦ୍ର କାର୍ଯ୍ୟ କରୁଥିବାବେଳେ ଏଣିକି ପ୍ରତିଷ୍ଠିତ ହେବାକୁ ଥିବା ସମନ୍ୱିତ ପୁନର୍ବାସ କେନ୍ଦ୍ରରେ ଜରାନିବାସ, ନିଶାନିବାରଣ କେନ୍ଦ୍ର, ଧନ୍ଦାମୂଳକ ବୈଷୟିକ ତାଲିମ ପ୍ରତିଷ୍ଠାନ ଏବଂ ମାନସିକ ଅନଗ୍ରସରମାନଙ୍କ ନିମନ୍ତେ ଆବାସ ନିର୍ମାଣ ସହିତ ଭିତ୍ତିଭୂମିକୁ ଦୃଢ଼ କରାଯିବ। ପ୍ରତି ଜରାନିବାସରେ ପ୍ରାୟ ୨୫୦ ବରିଷ୍ଠ ନାଗରିକଙ୍କ ନିମନ୍ତେ ପୁନର୍ବାସ ବ୍ୟବସ୍ଥା କରାଯିବ। ଏଥିନିମନ୍ତେ ପ୍ରତି ଜିଲାରେ ପ୍ରାୟ ୨୫ ଏକର ପରିମିତ ଜମିରେ ଏହି କେନ୍ଦ୍ର ପ୍ରତିଷ୍ଠା କରିବାକୁ ଯୋଜନା ହୋଇଛି।

ଅନ୍ୟପକ୍ଷରେ ଭିନ୍ନକ୍ଷମମାନଙ୍କ ଚିହ୍ନଟ, ସେମାନଙ୍କ ପରୀକ୍ଷା ନିରୀକ୍ଷା ତଥା ସୁରକ୍ଷା ସାମଗ୍ରୀ ଯୋଗାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି 'କ୍ଷମତା ଏକ୍ସପ୍ରେସ୍' ପରି ଭ୍ରାମ୍ୟମାଣ ଶିବିର ବିଭିନ୍ନ ଅଞ୍ଚଳ ବୁଲୁଛି। ଏହାର ସୁବିଧା ନେବା ନିମନ୍ତେ ମନ୍ତ୍ରୀ ପରାମର୍ଶ ଦେବାସହ ଭିନ୍ନକ୍ଷମ ସଶକ୍ତୀକରଣ ପାଇଁ ସରକାରୀ ସ୍ତରରେ ଉପଲବ୍ଧ ସୁବିଧାଗୁଡ଼ିକ ବାବଦରେ ଜନସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି। ବେସରକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଏଥିରେ ସହଯୋଗ କରିବାକୁ ଆଗେଇ ଆସିବା ନିମନ୍ତେ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ବାଣ ବିସ୍ଫୋରଣ: ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ନୟାଗଡ଼ ଅଫିସ/ଓଡ଼ଗାଁ (ସ୍ୱ.ପ୍ର.),୧୯।୮**

ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡ଼ିପଡ଼ା ଗ୍ରାମ ଖରୁଡ଼ାସାହିରେ ସୋମବାର ସନ୍ଧ୍ୟାରେ ବାଣ ବିସ୍ଫୋରଣ ଘଟି ସ୍ୱାମୀଙ୍କର ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଉକ୍ତ ସାହିର ଅଖିଳ ସେଠୀ (୪୬)। ଅଖିଳଙ୍କ ସ୍ତ୍ରୀ ଲକ୍ଷ୍ମୀ ସେଠୀ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନା ଅନୁସାରେ ଅଖିଳ ଘରେ ବେଆଇନ ଭାବେ ବାଣ ଦୋକାନ କରିବା ସହିତ ବାଣ ଭିଡ଼ିଥାନ୍ତି। ଖୁଦୁରୁକୁଣୀ ଓଷା ଥିବାରୁ ସେ ବିଭିନ୍ନ ପ୍ରକାର ବାଣ ଆଣି ଘରେ ରଖିଥିଲେ। ସୋମବାର ସନ୍ଧ୍ୟା ସମୟରେ ଅଖିଳ ଧୂପ ଦେଉଥିବାବେଳେ ସେଥିରୁ ନିଆଁ ଝୁଲ ପଡି ବାଣ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଜୋର୍‌ରେ ହୋଇଥିଲା ଯେ ଅଖିଳଙ୍କ ଆଟୁ ଘରଟି ଭାଙ୍ଗି ଯାଇଥିଲା। ପରେ ସମସ୍ତ ଆଟୁ ଅଖିଳଙ୍କ ଉପରେ ପଡ଼ିଯିବାରୁ ଚାପି ହୋଇ ଯାଇଥିଲେ। ଏହି ସମୟରେ ଘରୁ ବାହାରୁଥିବାରୁ ନିଆଁ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ଗୋଡ଼ିପଡା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହିତ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ରିପୋର୍ଟ ଲେଖାହେବା ସୁଦ୍ଧା ଘରୁ ଅଖିଳଙ୍କ ମୃତଦେହ ବାହାର କରାଯାଇ ପାରିନାହିଁ। ଅଖିଳଙ୍କ ପୁଅମାନେ ସନ୍ଧ୍ୟା ସମୟରେ ବାହାରେ ବୁଲୁଥିବାରୁ ସେମାନଙ୍କର କୌଣସି କ୍ଷତି ହୋଇନାହିଁ। ଶରଣକୁଳ ଏସ୍‌ଡ଼ିପିଓ ଏସ୍ ଟୋପ୍ନୋ, ଶରଣକୁଳ ଥାନା ଅଧିକାରୀ କିରଣ ହେମ୍ବ୍ରମ କଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

# ଗାଡ଼ି ଧକ୍କାକରି ଚାଲିଗଲେ ବିଧାୟକ, ଯୁବକ ଗୁରୁତର

**ନୟାଗଡ଼ ଅଫିସ/ଦଶପଲ୍ଲା (ଡି.ଏନ୍.ଏ.),୧୯।୮**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ଗାଡ଼ି ଧକ୍କାରେ ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳର ଜଣେ ଯୁବକ ଗୁରୁତର ହୋଇଛନ୍ତି। ଆହତ ଯୁବକ ହେଲେ ଦଶପଲ୍ଲା ବ୍ଲକ ବୁଗୁଡ଼ା ଗ୍ରାମର ସନ୍ତୋଷ ବାରିକ। ପ୍ରକାଶ ଯେ, ସନ୍ତୋଷ ପରିବାର ସହିତ ସାତପାଟଣା ଗ୍ରାମରେ ରହୁଥିଲେ। କୌଣସି କାମରେ ସେ ସୋମବାର ତୁମାଣ୍ଡି ଯାଇଥିଲେ। ଅପରାହ୍ନ ୪ଟା ସମୟରେ କାମସାରି ବାଇକ୍‌ରେ ଦଶପଲ୍ଲା ଫେରୁଥିବା ସମୟରେ ତୁମାଣ୍ଡି ଛକଠାରେ ବିଧାୟକଙ୍କ ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ବିଧାୟକଙ୍କ କାର୍ ଦ୍ରୁତ ଗତିରେ ଆସୁଥିବା ବେଳେ ସନ୍ତୋଷଙ୍କ ବାଇକ୍‌କୁ ଧକ୍କା ଦେବାରୁ ସେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ବିଧାୟକଙ୍କ ଗାଡ଼ି ଫେରାର୍ ହୋଇଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦଶପଲ୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଲୋକମାନଙ୍କୁ ଶାନ୍ତ କରାଇଥିଲା। ଏ ସମ୍ପର୍କରେ ଦଶପଲ୍ଲା ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହନ୍ତି, ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଲାଞ୍ଜିଗଡ ବିଧାୟକଙ୍କ ଗାଡ଼ି ଫେରାର ହୋଇଯାଇଛି। ଏ ନେଇ ସନ୍ତୋଷଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ କରାଯାଉଛି। ଥାନାରେ ଏ ନେଇ ଏକ ମାମଲା ରୁଜୁ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପଟେ ଲାଞ୍ଜିଗଡ଼ ବିଧାୟକଙ୍କ ପରିବାର ଉକ୍ତ ଗାଡ଼ିରେ ଯାଉଥିବା ବେଳେ ଗାଡ଼ି କାହା ନାମରେ ରହିଛି ସେ ନେଇ କିଛି ଜଣାପଡ଼ି ନ ଥିବା ପୋଲିସ ପକ୍ଷରୁ କୁହାଯାଉଛି। ଏ ସମ୍ପର୍କରେ ବିଧାୟକ ଦିଶାରୀଙ୍କ ମୋବାଇଲ (ନଂ.୮୧୪୪୫୦୮୦୮୨)ରେ ବାରମ୍ବାର ଫୋନ କରାଯାଇଥିଲେ ମଧ୍ୟ କୌଣସି ଯୋଗାଯୋଗ ହୋଇପାରି ନାହିଁ।

# ୩୦ ଫୁଟ ତଳକୁ ଖସିଲା ମିନିବସ୍, ୩୧ରୁ ଉର୍ଦ୍ଧ୍ୱ ଆହତ

**ଫୁଲବାଣୀ ଅଫିସ/କୋଟଗଡ/ବାଲିଗୁଡ଼ା (ଡି.ଏନ୍.ଏ),୧୯।୮**

କନ୍ଧମାଳ ଜିଲା କୋଟଗଡ ବ୍ଲକ ଓରା ନିକଟ ଡାଡୁମାହା ଘାଟିରେ ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ଏକ ବସ୍ ୩୦ଫୁଟ ତଳକୁ ଖସି ପଡ଼ିଛି। ଏଥିରେ ୩୧ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୭ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବସ୍‌ର ଫିଟନେସ୍ ଠିକ୍ ଥିଲା କି ନାହିଁ ତାହା ଜଣା ପଡିନାହିଁ। ଦୁର୍ଘଟଣା ପରେ ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପର ଫେରାର ହୋଇଯାଇଛନ୍ତି। ବସ୍‌ର ପତି ଭାଙ୍ଗିଯିବାରୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। କୋଟଗଡ ପୋଲିସ, ବିଡିଓ, ଏମ୍‌ଭିଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

'ଦୀପକ'ନାମକ ଘରୋଇ ମିନିବସ୍ ଯାତ୍ରୀ ନେଇ ବାଲିଗୁଡାରୁ କୋଟଗଡ଼ ଦେଇ ଜୁବାଗୁଡା ଯାଉଥିଲା। ଡାଡୁମାହା ଘାଟି ଉଠିଲା ବେଳେ ବସ୍‌ର ପତି ଭାଙ୍ଗିଯିବାରୁ ଭାରସାମ୍ୟ ହରାଇ ପ୍ରାୟ ୩୦ ଫୁଟ ତଳକୁ ଖସି ପଡିଥିଲା। ଫଳରେ ଯାତ୍ରୀମାନେ ଆହତ ହୋଇଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋଟଗଡ଼ ଡାକ୍ତରଖାନାକୁ ପଠାଇଥିଲା। ପ୍ରାଥମିକ ଚିକିତ୍ସା ପରେ ୧୭ ଜଣ ଯାତ୍ରୀଙ୍କ ଅବସ୍ଥା ଗୁରୁତର ଥିବାରୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବାଲିଗୁଡା ଉପଜିଲାପାଳଙ୍କ ଦାୟିତ୍ୱରେ ଥିବା ରାଜେନ୍ଦ୍ର କୁମାର ରଣଜିତ ସେଠାରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି।


ଦୁର୍ଘଟଣାଗ୍ରସ୍ତ ବସରୁ ଯାତ୍ରୀଙ୍କୁ ଉଦ୍ଧାର କରାଯାଉଛି।

## ଯୁବକଙ୍କୁ ହତ୍ୟାକରି ଟାଙ୍ଗିଦେଲେ

- ■ ଝୁଲନ୍ତା ମୃତଦେହ ଉଦ୍ଧାର
- ■ ହତ୍ୟା ଅଭିଯୋଗରେ ୨ ଅଟକ

**କଲମପୁର,୧୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ଥାନା ବଡକୁଟ୍ରୁ ଫାଣ୍ଡି ଅଧୀନ ଭଁଇରୀ ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ବନ୍ଦ କୋଠରିରୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଚୈତନ୍ୟ ନାଏକ (୩୨)। ତାଙ୍କୁ ହତ୍ୟାକରି ଟାଙ୍ଗି ଦିଆଯାଇଥିବା ପୋଲିସ ସନ୍ଦେହ କରୁଛି । ଏ ନେଇ ଜୟପାଟାଣା ଥାନାରେ ଦଫା ୩୦୨/୩୪ରେ ଏକ ମାମଲା(ନଂ.୨୦୫/୧୯) ରୁଜୁ ହୋଇଛି । ଏହାକୁ ନେଇ ପୋଲିସ ଚୈତନ୍ୟଙ୍କ ୨ ସମ୍ପର୍କୀୟଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି ।

ମିଳିଥିବା ସୂଚନା ଅନୁଯାୟୀ, ଚୈତନ୍ୟଙ୍କ ମୃତଦେହ ରବିବାର ବିଳମ୍ବିତ ରାତିରେ ତାଙ୍କ ଘର ଭିତରେ ଝୁଲୁଥିଲା। ତାଙ୍କ ଜେଜେମା ଦୂର ନାଏକ (୮୦) ନାତିଙ୍କ ଏପରି ଅବସ୍ଥା ଦେଖି ପଡୋଶୀଙ୍କୁ ପାଟିକରି ଡାକିଥିଲେ । ବାଣ୍ଡିଗାଁରେ ବିବାହ କରିଥିବା ଝିଅଙ୍କ ଘରକୁ ଯାଇଥିବା ଚୈତନ୍ୟଙ୍କ ମା'ଙ୍କୁ ସେ ଖବର ଦେଇଥିଲେ। ଖବର ପାଇଁ ମା', ଭଉଣୀ ଓ ମାମୁଘର ଲୋକେ ଭଇରୀ ଗାଁକୁ ଆସିଥିଲେ। ସୋମବାର ଅପରାହ୍ନରେ ଚୈତନ୍ୟଙ୍କ ମା' ଚନ୍ଦ୍ରା ନାଏକ ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଓ କୁଟ୍ରୁ ପାଣ୍ଡି ଅଧିକାରୀ କୃତ୍ତିବାସ ପୂଝାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ପ୍ରଥମେ ଏହି ଘଟଣାକୁ ଆତ୍ମହତ୍ୟା ବୋଲି ଅନୁମାନ କରିଥିଲା । ହେଲେ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ ପରେ ଚୈତନ୍ୟଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହୋଇଥିଲା। ଭବାନୀପାଟଣାରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଚୈତନ୍ୟଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ତଦନ୍ତରୁ ଜଣାପଡିଛି। ପୋଲିସ ଚୈତନ୍ୟଙ୍କ ୨ ସମ୍ପର୍କୀୟଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି । ଚୈତନ୍ୟଙ୍କ ମାଆଙ୍କ କହିବା ଅନୁସାରେ ପୂର୍ବରୁ ଅଟକ ୨ ଜଣଙ୍କ ସହିତ ଜମିବାଡିକୁ ନେଇ ଗଣ୍ଡଗୋଳ ଲାଗି ଥିଲା। ତେଣୁ ଉଭୟଙ୍କ ନାଁରେ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ପ୍ରତି ୧୦ ବର୍ଷରେ ମ୍ୟାଲେରିଆ ନେଉଛି ୬୦ ଲକ୍ଷ ଜୀବନ

ନୂଆଦିଲ୍ଲୀ/ଲଣ୍ଡନ,୧୯।୮

ମଶା କାମୁଡାରୁ ମ୍ୟାଲେରିଆ ଯୋଗୁ ପ୍ରତି ୧୦ବର୍ଷରେ ବିଶ୍ୱରେ ପାଖାପାଖି ୬୦ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି। ଏହି ରୋଗରୁ ମୁକ୍ତି ପାଇଁ ତଥାପି ଗବେଷଣା ଜାରି ରହିଛି। ମଙ୍ଗଳବାର ପାଳିତ ହେଉଛି ବିଶ୍ୱ ମଶା ଦିବସ। ଉକ୍ତ ଦିନ ବ୍ରିଟିଶ ଡାକ୍ତର ସାର୍ ରୋନାଲ୍ଡ ରସ୍ ମ୍ୟାଲେରିଆ ରୋଗର ମୂଳ କାରଣ ଆବିଷ୍କାର କରିଥିଲେ। ୧୮୯୭ ମସିହା ଏହି ଦିନ ସେ ମ୍ୟାଲେରିଆର କାରଣ ମାଈ ଆନୋଫିଲିସ ମଶାକୁ ଚିହ୍ନଟ କରିଥିଲେ। ଏହାପରେ ଉକ୍ତ ରୋଗର ନିରାକରଣ ପାଇଁ ସମଗ୍ର ବିଶ୍ୱରେ ସଚେତନତା ସୃଷ୍ଟି କରାଯାଉଛି।

ସେହିଦିନଠାରୁ ପ୍ରତିବର୍ଷ ଅଗଷ୍ଟ ୨୦କୁ 'ବିଶ୍ୱ ମଶା ଦିବସ' ଭାବେ ପାଳନ କରାଯାଇ ଆସୁଛି। ଏହି ଦିବସକୁ 'ଦି ଲଣ୍ଡନ ସ୍କୁଲ ଅଫ୍ ହାଇଜିନ ଆଣ୍ଡ ଟ୍ରପିକାଲ ମେଡିସିନ୍' ଦ୍ୱାରା ବ୍ୟାପକ ଭାବେ ପାଳନ କରାଯାଏ। ଏହିଦିନ ବିଭିନ୍ନ ମ୍ୟାଲେରିଆ ସଂକ୍ରାନ୍ତ ବିଭିନ୍ନ ପ୍ରଦର୍ଶନୀ ଏବଂ କାର୍ଯ୍ୟକ୍ରମ ସହିତ ଆଲୋଚନାଚକ୍ର ଆଦି ଅନୁଷ୍ଠିତ ହୁଏ। ଏଥିସହିତ ରୋନାଲ୍ଡ ରସ୍ ଏବଂ ତାଙ୍କ ପରେ ଅନେକ ବୈଜ୍ଞାନିକଙ୍କ ଗବେଷଣମୂଳକ କାର୍ଯ୍ୟକ୍ରମ ପାଇଁ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଏ।

ମଶା କାମୁଡିବା ଯୋଗୁ

**ଆଜି ବିଶ୍ୱ ମଶା ଦିବସ**



ମ୍ୟାଲେରିଆ, ୱେଷ୍ଟ ନାଇଲ ଭାଇରସ୍, ଡେଙ୍ଗୁ, ଚିକୁନଗୁନିଆ, ଜିକା ଆଦି ରୋଗ ସୃଷ୍ଟି ହୋଇଥାଏ। ଏହିସବୁ ରୋଗର କାରଣ ବିଭିନ୍ନ ମଶା ହୋଇଥିବାବେଳେ ସେଗୁଡିକ ବିଶ୍ୱରେ ପାଖାପାଖି



ରୋନାଲ୍ଡ ରସ୍

୧୦କୋଟି ବର୍ଷ ହେଲା ରହିଆସିଛନ୍ତି। ମଶା କାମୁଡା ରୋଗ ଯୋଗୁ ପ୍ରତିବର୍ଷ ବିଶ୍ୱରେ ଅନେକ ଲୋକଙ୍କ ଜୀବନ ହାନି ଘଟୁଛି। ମ୍ୟାଲେରିଆ ଯୋଗୁ ପ୍ରତି ୧୦ବର୍ଷରେ ବିଶ୍ୱରେ ପାଖାପାଖି ୬୦ଲକ୍ଷ ଲୋକଙ୍କ ଜୀବନ ଯାଉଛି।

ମଶାକାମୁଡା ଜନିତ ରୋଗର ନିରାକରଣ ଲାଗି ବର୍ତ୍ତମାନ ବିଜ୍ଞାନ, ପ୍ରଯୁକ୍ତି ଓ ଜ୍ଞାନକୌଶଳ ଏବଂ ବ୍ୟୟସାଧ ଗବେଷଣା ଆଦି ଜାରି ରହିଛି। ବ୍ରିଟିଶ ଡାକ୍ତର ରସ୍ ମ୍ୟାଲେରିଆ ରୋଗର ମୂଳ କାରଣ ଆବିଷ୍କାର କରିବାପରେ ଏହି ରୋଗର ସ୍ଥାୟୀ ନିରାକରଣ ପାଇଁ ଆଉ କେତେଦିନ ଲାଗିବ ତାହା ସମୟ ହିଁ କହିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଧର ବାଛୁରି,**
**ପାଣିର ଧାନ।**

ବାଛୁରି ପାଇଁ କ୍ଷୀର ଲୋଡ଼ା। କ୍ଷୀର ଖାଇ ବାଛୁରୀ ବଢ଼ିଥାଏ। ସେହିପରି ଧାନଚାଷ ପାଇଁ ପାଣିର ଆବଶ୍ୟକତା ରହିଥାଏ। ଅଧିକ ପାଣି ପାଇଲେ ଧାନଗଛ ଭଲ ବଢୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦାରୀ ମନ ଧନରେ;**
**ଶୁଆ ମନ ବନରେ।**

ଦାରୀ ବା ବିଟପୀ ନାରୀର ମନ ସଦାସର୍ବଦା ଧନ ପାଖରେ ବନ୍ଧା ରହିଥାଏ। ଯାହାପାଖରେ ଧନଥାଏ ସେ ତାହା ସହ ସମ୍ପନ୍ଧ ରଖିବାକୁ ଇଚ୍ଛାପ୍ରକଟ କରିଥାଏ। ସେହିପରି ଶୁଆ ପଞ୍ଜୁରି ମଧ୍ୟରେ ଆବଦ୍ଧ ରହିବାକୁ ପସନ୍ଦ କରି ନ ଥାଏ। ବଣଜଙ୍ଗଲର ଖୋଲା ଆକାଶ ତଳେ ଡେଣା ଝାଡ଼ି ଉଡ଼ି ବୁଲିବାକୁ ତା'ମନ ବିକଳ ହୋଇଉଠୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜି ଚନ୍ଦ୍ରକକ୍ଷକୁ ଯିବ ଚନ୍ଦ୍ରୟାନ-୨

ଚେନ୍ନାଇ,୧୯।୮(ଆଇଏଏନ୍ଏସ୍)

ଭାରତରଦ୍ୱିତୀୟମୁନ୍‌ମିଶନ୍‌ଚନ୍ଦ୍ରୟାନ-୨କୁମଙ୍ଗଳବାର ସକାଳେ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରାଯିବ।

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଚନ୍ଦ୍ରୟାନ-୨ରେ ଥିବା ମୋଟରକୁ ଫାୟାରିଂ କରିବା ପରେ ଏହା ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିବ। ଏହାପରେ ଚନ୍ଦ୍ରୟାନକୁ ଅଗଷ୍ଟ ୨୧, ୨୮, ୩୦ ଓ ସେପ୍ଟେମ୍ବର ୧ରେ ଚାରି ପର୍ଯ୍ୟାୟ ଦେଇ ଚନ୍ଦ୍ରର ଚୂଡାନ୍ତ କକ୍ଷପଥରେ ପ୍ରବେଶ କରାଯିବ। ସେତେବେଳେ



ଚନ୍ଦ୍ରପୃଷ୍ଠରୁ ଏହା ୧୦୦କିଲୋମିଟର ଉଚ୍ଚତାରେ ଅବସ୍ଥାନ କରିଥିବ। ବିକ୍ରମ ଲ୍ୟାଣ୍ଡର ଅର୍ବିଟରଠାରୁ ପୃଥକ୍ ହେବାପରେ ସେପ୍ଟେମ୍ବର ୭ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଧୀରେ ଧୀରେ ଅବତରଣ କରିବ।

ଜୁଲାଇ ୨୨ରେ ଚନ୍ଦ୍ରୟାନ-୨କୁ ଭାରତର ସବୁଠୁ ଓଜନିଆ ରକେଟ ଜିଏସ୍ଏଲ୍‌ଭି ମେକ୍-୩ ଦ୍ୱାରା ମହାକାଶକୁ ଉତ୍କ୍ଷେପଣ କରାଯାଇଥିଲା। ଉକ୍ତ ସ୍ପେସ୍‌କ୍ରାଫ୍ଟ ୩ଟି ଅଂଶକୁ ନେଇ ଗଠିତ। ଦି ଅର୍ବିଟର (୨୩୭୯ କିଲୋଗ୍ରାମ), ଦି ଲ୍ୟାଣ୍ଡର 'ବିକ୍ରମ' (୧୪୭୧ କିଲୋଗ୍ରାମ) ଏବଂ ରୋଭର 'ପ୍ରଜ୍ଞାନ' (୨୭କିଲୋଗ୍ରାମ)।

# ଲାଟିନ ଆମେରିକାରେ ୩୯ ନିୟୁତ ଲୋକ ଭୋକିଲା

ମଣ୍ଟିଭିଡିଓ,୧୯।୮(ଆଇଏଏନ୍ଏସ୍)

ଲାଟିନ ଆମେରିକା ଓ କାରିବିୟାନ୍ ଅଞ୍ଚଳରେ ଭୋକିଲା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ଦୁଇଦେଶରେ ସମୁଦାୟ କ୍ଷୁଧାପୀଡ଼ିତ ଲୋକଙ୍କ ସଂଖ୍ୟା ୩୯ନିୟୁତକୁ ଛୁଇଁଥିବା ବେଳେ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଏଫଏଓ) ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ସେହି ଅଞ୍ଚଳ ପାଇଁ ଥିବା ଜାତିସଂଘର ଉପପ୍ରତିନିଧିଙ୍କ ସୂଚନା ଆଧାରରେ ଏହା କୁହାଯାଇଛି।

ଉରୁଗୁଏରେ ଖାଦ୍ୟ ଓ କୃଷି ସଂଗଠନର ୬୮ବର୍ଷ ପାଳନ ଅବସରରେ ଏକ ସ୍ମାରକୀ ପୁସ୍ତିକା ଉନ୍ମୋଚନ କରି ଜାତିସଂଘର ପ୍ରତିନିଧି ଇଭି କ୍ରାଉଲେ ଏକ ସାକ୍ଷାତ୍‌କାରରେ ଉକ୍ତ ଅଞ୍ଚଳରେ ବର୍ତ୍ତମାନର ପରିସ୍ଥିତି ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ତାଙ୍କ କହିବାନୁଯାୟୀ, ଲାଟିନ ଆମେରିକା ଓ କାରିବିୟାନ୍ ଅଞ୍ଚଳରେ ୩କୋଟି ୯୦ଲକ୍ଷ ଲୋକ ଅନାହାରରେ ରହୁଛନ୍ତି। ଅପରପକ୍ଷରେ ଉରୁଗୁଏରେ ମେଦବହୁଳ ଓ ଅଧିକ ଓଜନ ବିଶିଷ୍ଟ ଲୋକଙ୍କ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି।

# ୨୦୨୨ ସୁଦ୍ଧା ନୂଆ ପାର୍ଲାମେଣ୍ଟ ଭବନ

**ନୂଆଦିଲ୍ଲୀ,୧୯।୮:** ୨୦୨୨ରେ ଭାରତ ୭୫ତମ ସ୍ୱାଧୀନତା ଦିବସ ପାଳନ କଲାବେଳକୁ ନୂଆ ପାର୍ଲାମେଣ୍ଟ ଭବନ ନିର୍ମାଣ ହୋଇଥାଇପାରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ସୂଚନା ଦେଇଛନ୍ତି। ଏମ୍‌ପିମାନଙ୍କ ପାଇଁ ନିର୍ମିତ ଡ୍ୟୁପ୍ଲେକ୍ସ ଆପାର୍ଟମେଣ୍ଟର ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। କେନ୍ଦ୍ରୀୟ ଦିଲ୍ଲୀର ନର୍ଥ ଆଭେନ୍ୟୁରେ ଏମ୍‌ପିମାନଙ୍କ ପାଇଁ ୩୬ଟି ଡ୍ୟୁପ୍ଲେକ୍ସ ଫ୍ଲାଟ ନିର୍ମାଣ କରାଯାଇଛି। ପୂର୍ବତନ ବାଚସ୍ପତି ସୁମିତ୍ରା ମହାଜନ ଏହି ଡ୍ୟୁପ୍ଲେକ୍ସର ଶିଳାନ୍ୟାସ କରିଥିଲେ। ସେତେବେଳେ ସେ ତତ୍କାଳୀନ ସହରାଞ୍ଚଳ ବିକାଶ ମନ୍ତ୍ରୀ ଏମ୍.ଭେଙ୍କାୟା ନାଇଡୁଙ୍କୁ ପତ୍ର ଲେଖି ନୂଆ ପାର୍ଲାମେଣ୍ଟ ଭବନ ନିର୍ମାଣ ଲାଗି ପଦକ୍ଷେପ ନେବାକୁ କହିଥିଲେ। ଆବଶ୍ୟକତା ବଢୁଥିବାରୁ ବର୍ତ୍ତମାନର ବିଲ୍ଡିଂରେ ଆଗକୁ ସ୍ଥାନାଭାବ ହେବାର ସମ୍ଭାବନା ରହିଛି। ଏଥିସହିତ ପାର୍ଲାମେଣ୍ଟ ଭବନର ଆଧୁନିକୀକରଣର ଆବଶ୍ୟକତା ରହିଛି ବୋଲି ମହାଜନ ଜଣାଇଥିଲେ। ବର୍ତ୍ତମାନର ବାଚସ୍ପତି ଓମ୍ ବିର୍ଲା ମଧ୍ୟ ନୂଆ ପାର୍ଲାମେଣ୍ଟ ଭବନ ନିର୍ମାଣର ଆବଶ୍ୟକତା ଥିବା ନିକଟରେ କହିଥିଲେ।

# ୫୧ବର୍ଷ ତଳେ ନିଖୋଜ ବିମାନର ଭଗ୍ନାବଶେଷ ମିଳିଲା

**ଚଣ୍ଡିଗଡ଼,୧୯।୮:** ବାୟୁସେନାର ଏନ୍-୧୨ ବିଏଲ୍-୫୩୪ ବିମାନ ୫୧ ବର୍ଷ ତଳେ ୧୯୬୮ ଫେବୃୟାରୀ ୭ରେ ହିମାଚଳପ୍ରଦେଶର ରୋହତଙ୍ଗ୍ ନିକଟରେ ନିଖୋଜ ହୋଇଯାଇଥିଲା। ସେତେବେଳେ ଏନେଇ ବହୁ ଖୋଜାଖୋଜି ହୋଇଥିଲେ ମଧ୍ୟ ଏହାର ସନ୍ଧାନ ମିଳିପାରି ନ ଥିଲା। ତେବେ ଡୋଗ୍ରା ସ୍କାଉଟ୍ ଏବଂ ବାୟୁସେନା ଦ୍ୱାରା ଚଳିତ ବର୍ଷ ଜୁଲାଇ ୨୬ରୁ ବିମାନକୁ ପୁଣି ଖୋଜିବା ଅଭିଯାନ ଆରମ୍ଭ ହୋଇଥିଲା। ଶେଷରେ ବିମାନର ଭଗ୍ନାବଶେଷ ଢାକା ଗ୍ଲାସିୟରରୁ ମିଳିଛି। ଏହି ଗ୍ଲାସିୟର ସମୁଦ୍ର ପତ୍ତନଠାରୁ ୫୨୪୦ ମିଟର ଉଚ୍ଚରେ ରହିଥିବା କୁହାଯାଉଛି। କିନ୍ତୁ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୯୬ ଯବାନଙ୍କ ଅବଶେଷର କୌଣସି ସନ୍ଧାନ ମିଳିପାରି ନାହିଁ। କେତେକ ଜିନିଷପତ୍ର ମିଳିଥିବା କୁହାଯାଉଛି।

# 'ଦି ଗର୍ଲ ଅନ୍ ଦି ଟ୍ରେନ୍'ର ଶୁଟିଂ ଆରମ୍ଭ




**ମୁମ୍ବାଇ:** ଅଭିନେତ୍ରୀ କୀର୍ତ୍ତି କୁଲ୍ହାରୀ 'ଦି ଗର୍ଲ ଅନ୍ ଦି ଟ୍ରେନ୍'ର ଶୁଟିଂ ଲଣ୍ଡନରେ ଆରମ୍ଭ କରିଛନ୍ତି। ସେ ଶୁଟିଂ ସେଟ୍‌ରୁ ନାୟିକା ପରିଣିତି ଚୋପ୍ରାଙ୍କୁ ଆଲିଙ୍ଗନ କରିଥିବାର ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।

'ବାର୍ଡ ଅଫ୍ ବ୍ଲଡ୍' ପରେ ଏହି ଫିଲ୍ମରେ ନିର୍ଦ୍ଦେଶକ ରିଭୁ ଦାସଗୁପ୍ତାଙ୍କ ସହ କୀର୍ତ୍ତି ଦ୍ୱିତୀୟ ଥର ପାଇଁ କାର୍ଯ୍ୟ କରୁଛନ୍ତି। ଏଥିରେ କୀର୍ତ୍ତି ଜଣେ ବ୍ରିଟିଶ ପୋଲିସ ଅଫିସର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଏଥିପାଇଁ ସେ ଲଣ୍ଡନରେ ଦୀର୍ଘ ମାସେ ପର୍ଯ୍ୟନ୍ତ ଅବସ୍ଥାନ କରିବେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରିଛନ୍ତି ଅଦିତି ରାଓ ହାଇଦରୀ। କୀର୍ତ୍ତି କୁଲ୍ହାରୀଙ୍କ ଅଭିନୀତ ଶେଷ ଫିଲ୍ମ 'ମିଶନ ମଙ୍ଗଳ' ଅଗଷ୍ଟ ୧୫ରେ ରିଲିଜ ହୋଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଅକ୍ଷୟ କୁମାର, ବିଦ୍ୟା ବାଲାନ, ସୋନାକ୍ଷୀ ସିହ୍ନା, ତାପସୀ ପନ୍ନୁ, ନିଥ୍ୟା ମେନନ୍ ଏବଂ ଶର୍ମନ ଜୋଷୀ। ତାଙ୍କ ଅଭିନୀତ 'ବାର୍ଡ ଅଫ୍ ବ୍ଲଡ୍' ସେପ୍ଟେମ୍ବର ୨୭ରେ ରିଲିଜ ହେବାକୁ ଯାଉଛି।

ଅଭିନେତ୍ରୀ କୀର୍ତ୍ତି କୁଲ୍ହାରୀ ସାମ୍ବାଦିକତା ଓ ଗଣଯୋଗାଯୋଗରେ ଡିଗ୍ରୀ ହାସଲ କରିବାପରେ ୨୦୦୨ରେ ପ୍ରଥମକରି ଓଡ଼ିଆ ଚଳଚ୍ଚିତ୍ର 'ଧରିଣୀ'ରେ ଅଭିନୟ କରିଥିଲେ। ସେ ୨୦୧୦ରେ ଖିଚ୍‌ଡି'ରେ ଅଭିନୟ କରି ଜଣେ ବଲିଉଡ୍ ଅଭିନେତ୍ରୀର ମାନ୍ୟତା ପାଇଥିଲେ।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ବର୍ଷା ହେବାର ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୦ | ୨୩.୪ |
| ଚାନ୍ଦବାଲି | ୩୪.୭ | ୨୫.୪ |
| କଟକ | ୩୩.୬ | ୨୨.୬ |
| ପାରାଦ୍ୱୀପ | ୩୧.୬ | ୨୬.୮ |
| ଭୁବନେଶ୍ୱର | ୩୩.୮ | ୨୪.୯ |
| ଗୋପାଳପୁର | ୩୨.୭ | ୨୬.୩ |
| ପୁରୀ | ୩୩.୦ | ୨୫.୬ |
| ଅନୁଗୋଳ | ୩୪.୧ | ୨୧.୬ |
| ବାରିପଦା | ୩୨.୦ | ୨୪.୫ |
| ଝାରସୁଗୁଡ଼ା | ୩୧.୪ | ୨୫.୦ |
| କେନ୍ଦୁଝର | ୩୧.୬ | ୨୩.୫ |
| ସମ୍ବଲପୁର | ୩୧.୬ | ୨୪.୬ |
| ସୁନ୍ଦରଗଡ଼ | ୨୮.୦ | ୧୯.୦ |
| ହୀରାକୁଦ | ୩୦.୩ | ୨୪.୭ |
| ତାଳଚେର | ୩୨.୭ | ୨୫.୦ |
| ଭବାନୀପାଟଣା | ୩୩.୪ | ୨୪.୬ |
| ବଲାଙ୍ଗୀର | ୩୩.୦ | ୨୪.୫ |
| କୋରାପୁଟ | ୨୯.୮ | ୧୮.୬ |
| ଫୁଲବାଣୀ | ୩୧.୦ | --- |
| ଟିଟିଲାଗଡ଼ | ୩୩.୪ | ୨୦.୫ |
| ମାଲକାନଗିରି | ୩୧.୨ | ୨୦.୦ |
| ସୋନପୁର | ୩୨.୬ | ୧୯.୮ |
| ଦାରିଙ୍ଗିବାଡ଼ି | ୨୮.୫ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## [ଇତିହାସର ଆଇନାରେ]

**ଅଗଷ୍ଟ ୨୦ର ପ୍ରମୁଖ ଘଟଣା**

୨୦୦୬ ଅଗଷ୍ଟ ୨୦ରେ ଶ୍ରୀଲଙ୍କାର ତାମିଲ ରାଜନେତା ତଥା ପୂର୍ବତନ ଏମ୍‌ପି ଏସ୍. ଶିବମହାରାଜାଙ୍କୁ ଟେଲିପଲାଇସ୍ଥିତ ତାଙ୍କ ବାସଭବନରେ ଗୁଳିକରି ହତ୍ୟା କରାଯାଇଥିଲା। ଶ୍ରୀଲଙ୍କାର ଗୃହଯୁଦ୍ଧ ୧୯୮୩ ଜୁଲାଇ ୨୩ରୁ ଆରମ୍ଭ ହୋଇଥିଲା। ଏଲ୍‌ଟିଟିଇ (ଲିବରେଶନ୍ ଟାଇଗର୍ସ ଅଫ୍ ତାମିଲ ଇଲମ୍) ଦ୍ୱାରା ସରକାରଙ୍କ ବିରୋଧରେ ଏହା ଥିଲା ଏକ ସଶସ୍ତ୍ର ସଂଗ୍ରାମ। ଶ୍ରୀଲଙ୍କାର ଉତ୍ତର ଓ ପୂର୍ବ ଭାଗରେ ପୃଥକ୍ ତାମିଲ ଇଲମ ରାଷ୍ଟ୍ର ଗଠନ କରିବା ଥିଲା ଏହି ସଂଗ୍ରାମର ମୂଳ ଲକ୍ଷ୍ୟ।

୨୦୦୭ ଅଗଷ୍ଟ ୨୦ରେ ଚାଇନା ଏୟାରଲାଇନ୍ସ ଫ୍ଲାଇଟ୍ ୧୨୦ ଜାପାନର ଓକିନାୱାସ୍ଥିତ ନାହା ଏୟାରପୋର୍ଟରେ ଅବତରଣ କରିବାପରେ ଏଥିରେ ନିଆଁ ଲାଗିଯିବାରୁ ବିସ୍ଫୋରଣ ଘଟିଥିଲା। ସ୍ୱେନ୍ଏୟାର କମ୍ପାନିର ୨୫ବର୍ଷର ଇତିହାସରେ ଏହା ଥିଲା ଏକ ସାଂଘାତିକ ବିମାନ ଦୁର୍ଘଟଣା।

CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

See Color Display Classified on every Tuesday & Friday

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍, ଓଷ୍ଟିଓ ଆର୍ଥ୍ରାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୦ ଅଗଷ୍ଟ, ୨୦୧୯



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି,
ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
- ଲାମାର୍ଟିନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ୨୪ତମ ବାର୍ଷିକ ବିଜ୍ଞାନ ମେଳା, ସ୍କୁଲ ପରିସର, ୟୁନିଟ-୩, ଖାରବେଳ ନଗର, ପୂର୍ବାହ୍ନ ୧୦ଟା।
- ସ୍ୱେଡ ସଂସ୍ଥା ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ବିଏସ୍‌ଏନଏଲ ପେନସନର୍ସ ୱେଲଫେୟାର ଆସୋସିଏଶନ ର ଦ୍ୱିବାର୍ଷିକ କନଫରେନ୍ସ, କଳିଙ୍ଗ ବୁଦ୍ଧ ବିହାର, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ ପକ୍ଷରୁ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୪୫।
- ଉଦୟଭାନୁ ପକ୍ଷରୁ ବୃହଦନ୍ତ୍ର ଶୋଧନ କେନ୍ଦ୍ରର ଶୁଭାରମ୍ଭ, ଚନ୍ଦନ ଭିଲ୍ଲା, ୟୁନିଟ-୯, ସତ୍ୟନଗର କାଳୀ ମନ୍ଦିର ସାମ୍ନା, ପୂର୍ବାହ୍ନ ୧୧ଟା।
- ସୁରକ୍ଷା ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ବୃକ୍ଷରୋପଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ, ପ୍ରୋଜେକ୍ଟ ୱାଟର, ଚନ୍ଦ୍ରଶେଖରପୁର, ସନ୍ଧ୍ୟା ୬ଟା।
- ନିଶାଦ ପକ୍ଷରୁ ଜିଜ୍ଞାସା ନାଇଟ୍ସ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ରାଜୀବ ଗାନ୍ଧୀ ଫୋରମ ପକ୍ଷରୁ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ପାଳନ, ଉତ୍କଳ ଅଡିଟୋରିୟମ, ୟୁନିଟ-୩, ସନ୍ଧ୍ୟା ୬ଟା ୩୦।

**କଟକ**

- ପ୍ରାରମ୍ଭିକ ଅବସ୍ଥାରେ ଶିଶୁମାନଙ୍କର ବ୍ୟବହାର ସମ୍ପର୍କିତ ଦୁଇଦିନିଆ କର୍ମଶାଳାର ଉଦ୍‌ଘାଟନ ଉତ୍ସବ, ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, ଏସ୍‌ସିବି ମେଡିକାଲ ପରିସର, ପୂର୍ବାହ୍ନ ୧୦ଟା।
- ଦୋବନ୍ଧାନଗର ବସ୍ତି କମିଟି ପକ୍ଷରୁ ଗଣଧାରଣା, ଆର୍‌ଡିସି ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।

**ପୁରୀ**

- ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର, ରେଡକ୍ରସ ବ୍ଲଡ ବ୍ୟାଙ୍କ, ପୂର୍ବାହ୍ନ ୧୦ଟା ୩୦।

**ବ୍ରହ୍ମଗିରି**

- ଶ୍ରୀଶ୍ରୀ ସତ୍ୟମହାବୀର ଦେବଙ୍କ ପୀଠରେ ଭାଗବତ ସପ୍ତାହ ଓ ପାରାୟଣ, ବ୍ରହ୍ମଗିରି ଥାନା ପରିସର, ସନ୍ଧ୍ୟା ୭ଟା।

# ଦୟା ୱେଷ୍ଟ କେନାଲର ସୌନ୍ଦର୍ଯ୍ୟକରଣ ବାଟବଣା

ପ୍ରଶାନ୍ତ ଦାଶ
କଟକରୋଡ୍,୧୯।୮(ଡି.ଏନ୍.ଏ.)

- ଦଳ ସଫେଇରେ ଖର୍ଚ୍ଚ ୭୮ ଲକ୍ଷ
- ସ୍ୱେରେଜ, ଡ୍ରେନ ସହ ଜବରଦଖଲ ନେଇ ଚିନ୍ତା
- ୧୦୦ କ୍ୟୁସେକ ପାଣି ଚାଷୀଙ୍କୁ ସ୍ୱପ୍ନ
- ପ୍ରାଚୀ ଡିଭିଜନର ଚିଠି ଚାପିଛି ବିଏମ୍‌ସି



ଦଳରେ ପରିପୂର୍ଣ୍ଣ ଦୟା ୱେଷ୍ଟ କେନାଲ।

ଦଳ ଓ ଅଳିଆ ଆବର୍ଜନାରେ ବାରମ୍ବାର ପୋତି ହୋଇପଡୁଛି କଟକ ଜିଲା ବାରଙ୍ଗ ନିକଟରୁ ଭୁବନେଶ୍ୱର ସହର ଓ ଉପକଣ୍ଠ ମଧ୍ୟରେ ଯାଇଥିବା ଦୟା ୱେଷ୍ଟ ଶାଖା କେନାଲ। ଚାଷୀଙ୍କ ଜମିକୁ ପାଣି ସୁବିଧା ସହ କେନାଲର ସୌନ୍ଦର୍ଯ୍ୟକରଣ ପାଇଁ ଜଳସମ୍ପଦ ବିଭାଗ ବାରମ୍ବାର ବୈଠକ ଡାକୁଥିଲେ ମଧ୍ୟ ଫଳଶୂନ ହୋଇଛି। ଅନ୍ୟପକ୍ଷରେ ଦଳ ସଫେଇ ପାଇଁ ଗତ ୩ବର୍ଷ ମଧ୍ୟରେ ୭୮ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ପରିସ୍ଥିତି ଯଥା ପୂର୍ବଂ ତଥା ପର।

ସୂଚନା ଅନୁଯାୟୀ, ବାରଙ୍ଗ ଅଞ୍ଚଳରୁ ଜଟଣୀ ନିର୍ବାଚନ ମଣ୍ଡଳୀ ଅଧୀନ ରଥିପୁର ପର୍ଯ୍ୟନ୍ତ ପ୍ରାୟ ୩୪କି.ମି. ବ୍ୟାପୀ ଦୟା ୱେଷ୍ଟ କେନାଲ କ୍ରମାଗତ ଭାବରେ ଦଳରେ ପୋତି ହେବା ସହ ପରିତ୍ୟକ୍ତ ହୋଇପଡ଼ିଛି। ଫଳରେ ଏହାର ପାଶ୍ୱବର୍ତ୍ତୀ ଅଞ୍ଚଳ ସହ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଧୀନରେ ଥିବା ୭ ୱାର୍ଡର କେନାଲ ନିକଟରେ ରହୁଥିବା ଲୋକେ ନାନା ସମସ୍ୟା ଭୋଗୁଛନ୍ତି। ଏହାର ପୁନରୁଦ୍ଧାର ପାଇଁ ୨୦୦୫ ଏପ୍ରିଲରେ ଜଳ ସମ୍ପଦ ବିଭାଗ ସହ ଅନ୍ୟ ବିଭାଗ ଅଧିକାରୀ ଓ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଏବଂ ଜଟଣୀ ନିର୍ବାଚନମଣ୍ଡଳୀର ଲୋକ ପ୍ରତିନିଧିଙ୍କୁ ନିଆଯାଇ ସଚିବାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ବିଭିନ୍ନ କାରଣ ନେଇ ଅନୁପଯୋଗୀ ହୋଇପଡ଼ିଥିବା କେନାଲ ପାଣି କିଭଳି ବ୍ୟବହାର ହେବ ଓ କେନାଲ ଶେଷମୁଣ୍ଡର ଚାଷୀ ବିଶୁଦ୍ଧ ପାଣି ଜମିକୁ ମଡାଇବେ ସେନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଫଳରେ ୨୦୧୫ରେ ଦଳ ସଫେଇ ବାବଦରେ ୪୫ଲକ୍ଷ, ୨୦୧୬ରେ ୧୩ଲକ୍ଷ ଖର୍ଚ୍ଚ ହୋଇଥିବାବେଳେ ୨୦୧୯ ଚଳିତ ମାସରେ ପୁନର୍ବାର ଟେଣ୍ଡର ମାଧ୍ୟମରେ ୨୦ଲକ୍ଷ ଟଙ୍କା ବ୍ୟୟରେ ଦଳ ସଫେଇ ଚାଲିଥିବା ପ୍ରାଚୀ ଡିଭିଜନ ପକ୍ଷରୁ ସୂଚନା ମିଳିଛି। ଗୋଟିଏ ପଟେ ଲକ୍ଷାଧିକ ଟଙ୍କା ସଫେଇ ବାବଦରେ କ୍ରମାଗତ ଭାବେ ଖର୍ଚ୍ଚ ହେଉଥିବା ବେଳେ ଏହାର ସ୍ଥାୟୀ ସମାଧାନ ନ ହେବା ସହ କେନାଲ ମଧ୍ୟକୁ କେତେକ ସ୍ଥାନରେ ସ୍ୱେରେଜ ସାଙ୍ଗକୁ ଡ୍ରେନ ସଂଯୋଗ ନେଇ ଜଳସମ୍ପଦ ବିଭାଗ ଚିନ୍ତାରେ ପଡ଼ିଛି। ଅନ୍ୟପକ୍ଷରେ ଜବରଦଖଲ ଏକ ପ୍ରମୁଖ ସମସ୍ୟା ଭାବେ ମୁଣ୍ଡ ଟେକିଥିବା ଯୋଗୁ କେନାଲ ସୌନ୍ଦର୍ଯ୍ୟକରଣ ସହ ଜଳ ପ୍ରବାହିତ ହୋଇପାରୁ ନାହିଁ। ଏ ନେଇ ଧରିତ୍ରୀରେ କ୍ରମାଗତ ଖବର ପ୍ରକାଶ ପରେ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ପ୍ରାଚୀ ଡିଭିଜନର ଯନ୍ତ୍ରୀ କେନାଲକୁ ନେଇ ଉପୁଜୁଥିବା ବିଭିନ୍ନ ସମସ୍ୟା ସମାଧାନ ପାଇଁ ୨୦୧୬ ଜାନୁୟାରୀରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖିଥିଲେ। ଚିଠିରେ ମୁଖ୍ୟତଃ ଚକେଇସିଆଣିରୁ ଗ୍ୟାରେଜ ଛକ ପର୍ଯ୍ୟନ୍ତ ୨୧କି.ମି. ଲମ୍ବାରୁ ୧୫କି.ମି. କେନାଲ ମଧ୍ୟରେ ଥିବା ଜବରଦଖଲ ଉଚ୍ଛେଦ, କେନାଲକୁ ଛଡାଯାଇଥିବା ସ୍ୱେରେଜ ଓ ଡ୍ରେନ ପାଣି ବନ୍ଦ ପାଇଁ ପଦକ୍ଷେପ ନେବା, କେନାଲ କଡରେ ପକାଯାଉଥିବା ଆବର୍ଜନା ବନ୍ଦ କରିବା ଆଦି ଦର୍ଶାଇଥିଲେ। ତେବେ ଏ ନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ପୁନର୍ବାର ଜୁଲାଇରେ ଚିଠି ଲେଖାଯାଇଥିବା ତତ୍‌କାଳୀନ ପ୍ରାଚୀ ଡିଭିଜନ ନିର୍ବାହୀଯନ୍ତ୍ରୀ ସୁରେଶ ଚନ୍ଦ୍ର ଦଳାଇ ସୂଚନା ଦେଇଥିଲେ। ଇତିମଧ୍ୟରେ ୩ବର୍ଷ ବିତିଯାଇଥିଲେ ମଧ୍ୟ ବିଏମ୍‌ସି କେବଳ ଚିଠି ପାଇ ଚୁପ ବସିବା ଫଳରେ କେନାଲର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ପାଣି ପ୍ରଦୂଷିତ ହେଉଛି। ଏହାଦ୍ୱାରା ଆଖପାଖ ଅଞ୍ଚଳର ଭୂତଳ ଜଳସ୍ତର ଦୂଷିତ ହେବା ଆଶଙ୍କା ରହିଛି। ଏ ନେଇ ବିଏମ୍‌ସି ଅତିରିକ୍ତ ଆୟୁକ୍ତ ସୁରଥଚନ୍ଦ୍ର ମଲ୍ଲିକ କହିଥିଲେ, ପ୍ରାଚୀ ଡିଭିଜନର ବିଭିନ୍ନ ଘଟଣା ବାବଦରେ ବିଏମ୍‌ସିକୁ ଚିଠି ଦେଇଥିବା ବାବଦରେ ମୁଁ ଅବଗତ ନୁହେଁ। ପୁରୁଣା ଫାଇଲ ଦେଖିବା ପରେ ଯଦି ଚିଠି ମିଳିଥାଏ, ତେବେ କମିଶନରଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ।

ଉପରୋକ୍ତ ଘଟଣାକ୍ରମକୁ ଲକ୍ଷ୍ୟ କଲେ ବାସ୍ତବରେ କେନାଲ ପୁନରୁଦ୍ଧାର ଓ ଚାଷୀଙ୍କ ପାଣି ସମସ୍ୟା ତୁଟାଇବାରେ ଦୁଇ ବିଭାଗ କେତେ ତତ୍ପର ତାହା ସ୍ପଷ୍ଟ ହୋଇଛି। କେନାଲ ମଧ୍ୟରେ ଶୁଦ୍ଧ ପାଣି ପ୍ରବାହିତ ହେଲେ ଜଟଣୀ ଶେଷମୁଣ୍ଡର ଚାଷୀ ପ୍ରାୟ ୧୦୦ କ୍ୟୁସେକ ପାଣି ଦୈନିକ ପାଇବେ ବୋଲି ଡିଭିଜନର ଜଣେ ଅଧିକାରୀ କହିଛନ୍ତି। ଅଧିକାରୀଙ୍କ ସୂଚନା ମୁତାବକ, କଟକ ତାଳଦଣ୍ଡା ଓ ଦୟା ୱେଷ୍ଟ ଶାଖା କେନାଲ ବାବଦରେ ଜଳ ସମ୍ପଦ ବିଭାଗରେ ଗତ ଜୁଲାଇରେ ୨ଥର ବୈଠକ ହୋଇଥିଲା। କେନାଲକୁ ଡ୍ରେନ ସହ ସ୍ୱେରେଜ ପାଣି କଢ଼ାଯିବା ବାବଦରେ ବିଏମ୍‌ସି ଏକ ପଦକ୍ଷେପ ନେଇଛି, ସେନେଇ ବିଭାଗକୁ ଅବଗତ କରାଯିବା ପାଇଁ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। କେନାଲର ସୌନ୍ଦର୍ଯ୍ୟକରଣ ପାଇଁ ଚଳିତ ମାସ ଶେଷରେ ୪ବିଧାୟକଙ୍କ ସହ ଜଳ ସମ୍ପଦ ବିଭାଗ, ବିଏମ୍‌ସି, ପୂର୍ତ୍ତ ଓ ନଗର ଉନ୍ନୟନ ବିଭାଗ ଅଧିକାରୀଙ୍କୁ ନେଇ ଆଉ ଏକ ବୈଠକ ହେବାର ଯୋଜନା ରହିଛି। ଏ ବିଷୟରେ ପ୍ରାଚୀ ଡିଭିଜନ ନିର୍ବାହୀଯନ୍ତ୍ରୀ ବିପ୍ଳବରାଜ ପୁରୋହିତ କୁହନ୍ତି, କେନାଲରେ ବର୍ଷା ପାଣି ଜମୁଥିବାରୁ ବାରମ୍ବାର ଦଳ ସୃଷ୍ଟି ହେଉଛି। କେନାଲର ସୌନ୍ଦର୍ଯ୍ୟ ବାବଦରେ ଏକ ଡିପିଆର (ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ କରାଯିବ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପ୍ରଜ୍ଞା ନୃତ୍ୟାନୁଷ୍ଠାନ ପକ୍ଷରୁ ସୋମବାର ଅନୁଷ୍ଠିତ ୯ମ ଗୁରୁଶ୍ରୀ ସମ୍ମାନ ନୃତ୍ୟ ମହୋତ୍ସବରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

## ହୋଟେଲ ମାଲିକଙ୍କୁ ଆକ୍ରମଣ ଘଟଣା
## ଧରାପଡ଼ିଲେ ନାବାଳକ

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ରସୁଲଗଡ ଛକ ନିକଟ ତୃପ୍ତି ହୋଟେଲ ମାଲିକଙ୍କୁ ଆକ୍ରମଣ କରି ଲୁଟ ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ପୋଲିସ ଧରିଛି। ପୋଲିସ ନାବଳକଙ୍କୁ ପଚରାଉଚରା କରିବା ପରେ ବାଳସୁଧାର ଗୃହକୁ ପଠାଯାଇଛି। ସୂଚନା ମୁତାବକ, ଗତ ୩୦ତାରିଖ ରାତିରେ ତୃପ୍ତି ହୋଟେଲ ମାଲିକ ବୁଲୁ ସାମନ୍ତରାୟ ହୋଟେଲ ବନ୍ଦ କରି ଘରକୁ ଫେରୁଥିଲେ। ରସୁଲଗଡସ୍ଥିତ ପାଳାମଣ୍ଡପ ନିକଟରେ ବାଇକରେ ୩ଜଣ ଦୁର୍ବୃତ୍ତ ଆସି ତାଙ୍କୁ ମାରଣାଅସ୍ତ୍ରରେ ଆକ୍ରମଣ କରିବା ସହ ସେ ପିନ୍ଧିଥିବା ୫ ଲକ୍ଷ ଟଙ୍କାର ସୁନା ଲୁଟି ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ୩୦୫/୧୯ରେ ଏକ ମାଲା ରୁଜୁ କରି ଘଟଣାର ତଦନ୍ତ କରୁଥିବାବେଳେ ପୋଲିସ ଏନକାଉଣ୍ଟର କରି ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କୁ ରିମାଣ୍ଡରେ ନେଇ ପୋଲିସ ପଚରାଉଚରା କରୁଥିବା ବେଳେ ଉକ୍ତ ନାବାଳକଙ୍କୁ ଧରିଥିଲା।

## ନୟାପଲ୍ଲୀରେ ପୂଜାପାଇବେ ୩୫ ଫୁଟ ଗଣେଶ

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ନୟାପଲ୍ଲୀ ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଏବଂ ମୌରିଆ ଗ୍ରୁପ୍ ଆନୁକୂଲ୍ୟରେ ଚଳିତବର୍ଷ ପ୍ରଥମଥର ପାଇଁ ଗଣେଶ ପୂଜା ମହାଆଡ଼ମ୍ବରରେ ଆୟୋଜିତ ହେବ। ୩୫ ଫୁଟ ଉଚ୍ଚତା ବିଶିଷ୍ଟ ଗଣେଶ ମୂର୍ତ୍ତି ମୁଖ୍ୟ ଆକର୍ଷଣ ରହିବ। କଲିକତାରୁ ଆସିଥିବା କାରିଗରମାନେ ମୂର୍ତ୍ତି ନିର୍ମାଣରେ ଲାଗିପଡ଼ିଥିବାବେଳେ ଏଥିରେ କୌଣସି ପ୍ରକାର ରାସାୟନିକ ପଦାର୍ଥର ବ୍ୟବହାର କରାଯାଉନାହିଁ। ଏନେଇ ଆଖଣ୍ଡଳମଣୀ ସେବା ସଂସଦ ପରିସରରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କମିଟି ସମ୍ପାଦକ ସାଗର ବଳବନ୍ତରାୟ ସୂଚନା ଦେଇଛନ୍ତି। ସେ କହିଲେ, ଚଳିତବର୍ଷ ଗଣେଶ ପୂଜାକୁ ଅନ୍ୟମାନଙ୍କଠାରୁ ଭିନ୍ନ କରାଯିବ। ମୂର୍ତ୍ତି ରଙ୍ଗ କରିବାକୁ କୌଣସି ପ୍ରକାର ରାସାୟନିକ ରଙ୍ଗ ବ୍ୟବହାର କରା ନ ଯିବାକୁ ସ୍ଥିର ହୋଇଛି। ପୂଜାରେ ପ୍ରଭୁ ଗଣେଶଙ୍କ ନିକଟରେ ୩୫ କିଲୋଗ୍ରାମର ଲଡୁ ଭୋଗ ଲାଗିହେବା ସହ ଶ୍ରଦ୍ଧାଳୁଙ୍କ ପାଇଁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୭ ତାରିଖରେ ପୂଜାର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବାସହ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯିବ। ଏହାସହ ପରିବେଶ ସୁରକ୍ଷା ପାଇଁ ଆୟୋଜକଙ୍କ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯିବ। ୮ରେ ବିସର୍ଜନ ଉତ୍ସବ ଅନୁଷ୍ଠିତ ହେବ। କମିଟିର ବରିଷ୍ଠ ସଦସ୍ୟ ଦେବବ୍ରତ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ କମିଟି ସଭାପତି ସୁମନ୍ତ ସାମନ୍ତରାୟ, ରାକେଶ ମହାନ୍ତି, ସୁଜିତ ରାୟ, ସନ୍ତୋଷ କୁମାର ସାହୁ, ବିଦ୍ୟାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ବ୍ୟବହାର ହେବନି ରାସାୟନିକ ରଙ୍ଗ: ଆୟୋଜକ**

# ଶିଶୁଙ୍କ ପୁଷ୍ଟିସାଧନ, ମାନସିକ ବିକାଶ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

**ରାଜ୍ୟସ୍ତରୀୟ ଆଦ୍ୟଶୈଶବ ଯତ୍ନ ଓ ଶିକ୍ଷା ଦିବସ**

ଶିଶୁମାନେ ହେଉଛନ୍ତି ଦେଶ ଓ ଜାତିର ଭବିଷ୍ୟତ। ଶିଶୁର ସାମଗ୍ରିକ ବିକାଶ କ୍ଷେତ୍ରରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିଶୁଙ୍କ ଗୁଣାତ୍ମକ ଶିକ୍ଷା ପାଇଁ ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର, ଶିଶୁ ସୁରକ୍ଷା ଅଧିକାରୀ ସମସ୍ତେ ସହଯୋଗ କଲେ ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ଜୀବନ୍ତ ହୋଇ ଉଠିବ ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ସୋମବାର ଲକ୍ଷ୍ମୀସାଗରସ୍ଥିତ ହୋମ୍ ଏଜୁକେଶନ ଟ୍ରେନିଂ ସେଣ୍ଟରରେ ରାଜ୍ୟସ୍ତରୀୟ ଆଦ୍ୟଶୈଶବ ଯତ୍ନ ଓ ଶିକ୍ଷା ଦିବସ 'ଅଙ୍କୁର' ଅନୁଷ୍ଠିତ ହୋଇଥିଲା। ଏହାକୁ ମନ୍ତ୍ରୀ ସାହୁ ଉଦ୍‌ଘାଟନ କରି କହିଲେ, ଶିଶୁଙ୍କ ପୁଷ୍ଟିସାଧନ ସହ ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ସରକାରଙ୍କ ଉଦ୍ୟମର ସଫଳ ରୂପାୟନ ପାଇଁ ସମସ୍ତଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି।

ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଲେ, ଶିଶୁଙ୍କ ପୁଷ୍ଟି ସାଧନ ପାଇଁ ଅନେକ କାର୍ଯ୍ୟକ୍ରମ କରାଯାଉଛି। କିନ୍ତୁ ଶୈଶବର ପ୍ରଥମ ଦୁଇବର୍ଷ ମଧ୍ୟରେ ପ୍ରତ୍ୟେକ ଶିଶୁ ମସ୍ତିଷ୍କର ୮୦ ପ୍ରତିଶତ ବିକାଶ ହୋଇଥାଏ। ଏହାକୁ ଉପଲବ୍ଧି କରି ଜନ୍ମରୁ ୩ବର୍ଷ ମଧ୍ୟରେ ଶିଶୁଙ୍କ ସମନ୍ୱିତ ବିକାଶ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ସଶକ୍ତ କରିବାକୁ ଚେଷ୍ଟା କରାଯାଉଛି। ଆଗାମୀ ଦିନରେ ଅଙ୍ଗନୱାଡ଼ି କର୍ମୀମାନେ ଘରକୁ ଘର ଯାଇ ମାତାପିତାଙ୍କୁ ସଚେତନ କରିବା ପାଇଁ ଉଦ୍ୟମ କରିବେ ବୋଲି ସଚିବ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ମାତାପିତା ସମ୍ପୃକ୍ତି ମଡ୍ୟୁଲ୍, ଶିକ୍ଷା ଓ ଶିକ୍ଷଣ ପୁସ୍ତିକା, ମସ୍ତିଷ୍କ ବିକାଶ ସମ୍ବନ୍ଧୀୟ ଫ୍ଲିପ୍ ବୁକ୍ ଏବଂ ପୋଷ୍ଟର, ନୂଆ ଅରୁଣିମାର ଦ୍ୱିତୀୟ ସଂସ୍କରଣ, ପିଲାଙ୍କ ପାଇଁ ସଚିତ୍ର ପୁସ୍ତିକା ଏବଂ ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ପାଳନ ହ୍ୟାଣ୍ଡ ବୁକ୍ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ମନ୍ତ୍ରୀ ଶିଶୁଙ୍କ ପାଇଁ ସ୍ୱଳ୍ପ ମୂଲ୍ୟର ଖେଳଣା, ଶିକ୍ଷା ଏବଂ ଶିକ୍ଷଣୀୟ ଉପକରଣ ସମ୍ବନ୍ଧୀୟ ଏକ ଆକର୍ଷଣୀୟ ପ୍ରଦର୍ଶନୀ 'ପ୍ରାରମ୍ଭିକ'କୁ ଉଦ୍‌ଘାଟନ କରିଥିଲେ।

କାର୍ଯ୍ୟକ୍ରମରେ ଓପେପାର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ବର୍ନାଡ୍ ଭ୍ୟାନ୍‌ଲିନ୍ ଫାଉଣ୍ଡେସନ୍‌ର କଣ୍ଟ୍ରିହେଡ୍ ମିସ୍ ରୁସ୍‌ଦା ମାଜିଦ୍, ୟୁନିସେଫ୍ କ୍ଷେତ୍ର କାର୍ଯ୍ୟାଳୟର ମୁଖ୍ୟ ଡ. ମୋନିକା ନିଲେସନ୍ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଯୁଗ୍ମ ସଚିବ ରଶ୍ମିରଞ୍ଜନ ନାୟକ ସ୍ୱାଗତ ଭାଷଣ ଓ ଏମ୍‌ଟିଇଏଲ୍‌ଇପିର ପ୍ରୋଗ୍ରାମ ମ୍ୟାନେଜର ପ୍ରିୟଦର୍ଶିନୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ଲକ୍ଷ୍ମୀସାଗର ଅଙ୍ଗନୱାଡ଼ି କେନ୍ଦ୍ରର କୁନିକୁନି ଶିଶୁଙ୍କ ଦ୍ୱାରା ପରିବେଷିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ମୋ ଟିକି ପ୍ରଜାପତି' ଆକର୍ଷଣୀୟ ହୋଇଥିଲା। ଉତ୍ସବରେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଉପସ୍ଥିତ ଥିଲେ।






ରାଜ୍ୟସ୍ତରୀୟ ଆଦ୍ୟଶୈଶବ ଯତ୍ନ ଓ ଶିକ୍ଷା ଦିବସ 'ଅଙ୍କୁର' କାର୍ଯ୍ୟକ୍ରମକୁ ଉଦ୍‌ଘାଟନ ପରେ ମନ୍ତ୍ରୀ ଟୁକୁନି ସାହୁ ଓ ଅନ୍ୟମାନେ ପ୍ରଦର୍ଶନୀ 'ପ୍ରାରମ୍ଭିକ'କୁ ବୁଲି ଦେଖୁଛନ୍ତି (ବାମ)। ଅଙ୍ଗନୱାଡ଼ି କର୍ମୀମାନେ ଏକ ପ୍ରକଳ୍ପକୁ ଦେଖୁଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



ସିଦ୍ଧାର୍ଥ



ଚିନ୍ମୟ



ପାୟଲ



ଦୁର୍ଯ୍ୟୋଧନ



ମିହିର



ଶେଷଦେବ



ଅରିଜିତ୍



ବିଶ୍ୱନାଥ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/

ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
- ମଦନମୋହନ ମାଳବ୍ୟ


ସୋମବାର ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ନିକଟରେ ଥିବା ଶୌଚାଳୟ ଓ ଷ୍ଟୋରରୁମ୍‌କୁ ଜେସିବି ସାହାଯ୍ୟରେ ଭଙ୍ଗାଯାଉଛି।


ପୂର୍ବଦ୍ୱାରସ୍ଥିତ ସୂଚନା କେନ୍ଦ୍ରକୁ ଭଙ୍ଗାଯାଉଛି।

# ଭଙ୍ଗାଗଲା ମେଘନାଦ ପାଚେରି ପାର୍ଶ୍ୱ ନିର୍ମାଣ


ପଶ୍ଚିମଦ୍ୱାରରେ ଥିବା କୋଠା ଭଙ୍ଗାଯାଉଛି।


ଉଚ୍ଛେଦ ସମୟରେ ମୁତୟନ ହୋଇଥିବା ସୁରକ୍ଷା କର୍ମୀ।

**ପୁରୀ ଅଫିସ, ୧୯।୮**

ମେଘନାଦ ପାଚେରିକୁ ଲାଗି ରହିଥିବା ନିର୍ମାଣ ଉଚ୍ଛେଦକୁ ନେଇ କିଛିଦିନ ଧରି ଚାଲିଥିବା କଳ୍ପନାଜଳ୍ପନାର ପରିସମାପ୍ତି ଘଟିଛି। ସୋମବାର ମେଘନାଦ ପାଚେରି ପାର୍ଶ୍ୱସ୍ଥ ସରକାରୀ ଓ ବେସରକାରୀ କୋଠାଗୁଡ଼ିକୁ ଭଙ୍ଗାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ କାରଣରୁ ଏହି ନିର୍ମାଣ ଉଚ୍ଛେଦ ନିମନ୍ତେ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ତେବେ ଉଚ୍ଛେଦ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ମଙ୍ଗଳବାର ମଧ୍ୟ ବହୁ ନିର୍ମାଣ ଭଙ୍ଗାଯିବ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଅନ୍ୟପକ୍ଷରେ ସୂଚନାକେନ୍ଦ୍ର ଉପରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି କେଉଁଠିକୁ ସ୍ଥାନାନ୍ତର କରାଯିବ ତାହା ସ୍ଥିର ହୋଇ ପାରିନାହିଁ। ବୁଦ୍ଧିଜୀବୀମାନଙ୍କ ସହ ଏ ନେଇ ପ୍ରଶାସନ ଆଲୋଚନା ଜାରି ରଖିଛି।

ଉଚ୍ଛେଦ ପାଇଁ ରବିବାର ରାତିରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସୂଚନା କେନ୍ଦ୍ର ଛାତ ଉପରେ ଥିବା ଷ୍ଟିଲ ପାଇପଗୁଡ଼ିକୁ ଭଙ୍ଗାଯାଇଥିଲା। ସୋମବାର ସକାଳ ୬ଟା ସୁଦ୍ଧା ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ସମସ୍ତ ପ୍ରକାର ଉପକରଣ ସହ ସଶସ୍ତ୍ର ସୁରକ୍ଷା କର୍ମୀ, ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ପ୍ରଥମେ ଦକ୍ଷିଣ ପାର୍ଶ୍ୱରୁ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ଏଠାରେ ଥିବା ଖଜା ଦୋକାନ, ଦୁଇମହଲା ବିଶିଷ୍ଟ ଶୌଚାଳୟ, କ୍ଲକରୁମ୍, ଜୋତାଷ୍ଟାଣ୍ଡ, ପିଏଚ୍‌ଡି ପମ୍ପ ହାଉସ୍ ପ୍ରଭୃତି ଭଙ୍ଗାଯାଇଥିଲା। ଏଥିସହ ଶୌଚାଳୟ ପାଖ ମେଘନାଦ ପାଚେରିକୁ ଲାଗି ଗଦା ହୋଇଥିବା ଅଳିଆ ଆବର୍ଜନା ସଫା କରାଯାଇଥିଲା। ଏହାପରେ ସିଂହଦ୍ୱାର ନିକଟ ଅର୍ଥାତ୍ ପୂର୍ବପାର୍ଶ୍ୱରେ ଥିବା ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସୂଚନାକେନ୍ଦ୍ର, ସିଂହଦ୍ୱାର ଫାଣ୍ଡି ଆଦିକୁ ଭଙ୍ଗାଯାଇଛି। ସେହିପରି ପଶ୍ଚିମ ପାର୍ଶ୍ୱସ୍ଥ ସେସୁ ଅଫିସ, ଶ୍ରୀମନ୍ଦିର ବିଦ୍ୟୁତ୍ କାର୍ଯ୍ୟାଳୟ, ଶୌଚାଳୟକୁ ମଧ୍ୟ ଭାଙ୍ଗି ଦିଆଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ପ୍ରାୟ ସାଢେ ୬ଟା ପର୍ଯ୍ୟନ୍ତ ଉଚ୍ଛେଦ କାର୍ଯ୍ୟ ଚାଲିଥିଲା। ରବିବାର ରାତିରୁ ବିଭିନ୍ନ କୋଠାରୁ ସମସ୍ତ ଆସବାବପତ୍ର ଖାଲି କରି ଦିଆଯାଇଥିଲା। ଫଳରେ ଉଚ୍ଛେଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜି ନ ଥିଲା। ପୂର୍ବରୁ ସିଂହଦ୍ୱାର ନିକଟ ବ୍ୟାରିକେଡ ମଧ୍ୟ ଦେଇ ଭକ୍ତମାନେ ମନ୍ଦିର ଭିତରକୁ ଯାଉଥିଲେ। କିନ୍ତୁ ସୋମବାର ସକାଳୁ ଏହି ବ୍ୟାରିକେଡକୁ ବନ୍ଦ କରାଯାଇଥିଲା। ଏହା ନିକଟରେ ଉଚ୍ଛେଦ କାର୍ଯ୍ୟ ଚାଲିଥିବାରୁ କୌଣସି ପ୍ରକାର ଦୁର୍ଘଟଣା ଆଶଙ୍କା କରି ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଏକ ଲାଇନ କରିଥିଲା ପ୍ରଶାସନ।

ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ହାଇକୋର୍ଟ ନିର୍ଦ୍ଦେଶ ଏବଂ ଏଏସ୍‌ଆଇର ଅନୁରୋଧ ରକ୍ଷା କରି ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଏହି ଉଚ୍ଛେଦ କରାଯାଇଛି। ସେହିପରି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଆଉ ଅଳ୍ପ କିଛି କୋଠା ବାକି ଅଛି। ମଙ୍ଗଳବାର ଏହା ଉଚ୍ଛେଦ କରାଯିବ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ନେଇ ବୁଦ୍ଧିଜୀବୀଙ୍କ ସହ ଆଲୋଚନା ଚାଲିଛି। ଚୂଡ଼ାନ୍ତ ନିଷ୍ପତ୍ତି ଅନୁଯାୟୀ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ହେବ ବୋଲି ଉପଜିଲାପାଳ କହିଛନ୍ତି। ଏହି ଉଚ୍ଛେଦ ସମୟରେ ଜିଲାପାଳଙ୍କ ସମେତ ଏସ୍‌ପି ଉମାଶଙ୍କର ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂହ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ସହ ବିଭିନ୍ନ ଥାନା ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ।

ସୂଚନାଥାଉ କି, ମେଘନାଦ ପାଚେରି କଡ଼ରେ ଥିବା ଜବରଦଖଲଗୁଡ଼ିକୁ ଉଚ୍ଛେଦ କରିବା ପାଇଁ କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା ପୂର୍ବରୁ ସରକାରଙ୍କୁ ପରାମର୍ଶ ଦେଇଥିଲା। ଏଏସ୍‌ଆଇ ମଧ୍ୟ ମେଘନାଦ ପାଚେରି କଡ଼କୁ ମୁକ୍ତ କରିବା ଲାଗି ପ୍ରଶାସନକୁ ଜଣାଇଥିଲା। ସେହିପରି କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା ଶ୍ରୀମନ୍ଦିର ଆତଙ୍କବାଦୀଙ୍କ ଟାର୍ଗେଟରେ ଥିବା ନେଇ ସରକାରଙ୍କୁ ଚିଠି କରିଥିଲା। ରାଜ୍ୟ ସରକାର ଏହା ଅବଗତ ହେବା ପରେ ଅଧିକ ସତର୍କ ଏବଂ ସଜାଗ ହୋଇ ଉଠିଥିଲେ। ମେଘନାଦ ପାଚେରି ନିକଟରେ ଥିବା କୌଣସି କୋଠା ଦେଇ ଯେ କେହି ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବା ସମ୍ଭାବନା ଥିବାରୁ ଜିଲା ପ୍ରଶାସନ ଏହି ଉଚ୍ଛେଦ ନିଷ୍ପତ୍ତି ନେଇଥିଲା, ଯାହାକୁ ସୋମବାର କାର୍ଯ୍ୟକାରୀ କରାଯାଇଛି।

## ଶେଷ ହେଲାନି, ଆଜି ବି ହେବ ଉଚ୍ଛେଦ

- ସୁରକ୍ଷା ଦାୟିତ୍ୱରେ ୨୫ ପ୍ଲାଟୁନ ଫୋର୍ସ
- ସ୍ଥିତି ତଦାରଖ କଲେ ଜିଲାପାଳ, ଏସ୍‌ପି
- ଉପସ୍ଥିତ ଥିଲେ ୮ ମାଜିଷ୍ଟ୍ରେଟ

## ଉଚ୍ଛେଦ ସ୍ଥଳରୁ...

### ୭୫ ମିଟରକୁ ନେଇ ଅଧିକ ଚର୍ଚ୍ଚା

ଯଦିଓ ମେଘନାଦ ପାଚେରିକୁ ଲାଗିରହିଥିବା ବିଭିନ୍ନ ସରକାରୀ ଓ ବେସରକାରୀ ନିର୍ମାଣ ଭଙ୍ଗାଯାଉଥିଲା କିନ୍ତୁ ସବୁଠୁ ଅଧିକ ଚର୍ଚ୍ଚା ଚାଲିଥିଲା ୭୫ମିଟରକୁ ନେଇ। ଅର୍ଥାତ୍ ଭଙ୍ଗା ସ୍ଥଳରେ ଉପସ୍ଥିତ ଲୋକେ, ପର୍ଯ୍ୟଟକ ଏବଂ ଗଣମାଧ୍ୟମ ପ୍ରତିନିଧି ସମସ୍ତଙ୍କ ମୁହଁରେ ଥିଲା ୭୫ ମିଟର ଉଚ୍ଛେଦ କଥା। କିଏ କହୁଥିଲେ ଏହା ପ୍ରଶାସନର ଟ୍ରେଲର, ଆଗକୁ ଫିଲ୍ମ ବାକି ଅଛି। ସୂଚନାଥାଉ କି, ଜଷ୍ଟିସ ବି.ପି. ଦାସ କମିଶନଙ୍କ ସୁପାରିସ ଅନୁଯାୟୀ ଶ୍ରୀମନ୍ଦିରର ସୁରକ୍ଷା ଲାଗି ମେଘନାଦ ପ୍ରାଚୀର ଚତୁଃପାର୍ଶ୍ୱସ୍ଥ ୭୫ ମିଟର ପରିଧି ମଧ୍ୟରେ ଥିବା ସବୁ ନିର୍ମାଣ ଉଚ୍ଛେଦ କରାଯିବାକୁ କ୍ୟାବିନେଟ ଅନୁମୋଦନ ମିଳିଛି।

### ପାଣିଟାଙ୍କି ପାଇଁ ହଟହଟା

ଦକ୍ଷିଣ ଦ୍ୱାର ନିକଟସ୍ଥ ଶୌଚାଳୟ ଭଙ୍ଗା ଚାଲିଥିଲା। ଏହି ସମୟରେ ୨ଜଣ ବ୍ୟକ୍ତି ଶୌଚାଳୟ ଛାତରେ ଚଢି ପାଣିଟାଙ୍କି (ସିନ୍‌ଟେକ୍ସ)କୁ ନେବା ପାଇଁ ଉଦ୍ୟମ କରୁଥିଲେ। କିନ୍ତୁ ଜେସିବି ଚାଳକ ସେମାନଙ୍କୁ ଦେଖିପାରୁ ନ ଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ମାଜିଷ୍ଟ୍ରେଟ ଛାତ ଉପରେ ସେମାନଙ୍କୁ ଦେଖି ପାଟି କରି ଉଠିଥିଲେ। ଜେସିବି ଚାଳକଙ୍କୁ ଅଟକାଇଥିଲେ। ଏହାପରେ ସମ୍ପୃକ୍ତ ଦୁଇଜଣଙ୍କୁ ତଳକୁ ଓହ୍ଲାଇ ଆସିବାକୁ କହିଥିଲେ। ମାତ୍ର ସେମାନେ କିଛି ନ ଶୁଣି ପାଣିଟାଙ୍କିକୁ କିପରି ଆଣିବେ ଲାଗିପଡ଼ିଥିଲେ। ଶେଷରେ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଯାଇ ଉଭୟଙ୍କୁ ତଳକୁ ଆଣିବା ପରେ ପୁଣି ଭଙ୍ଗା କାମ ଜାରି ରହିଥିଲା। କୋଟି କୋଟି ଟଙ୍କାର କୋଠା ଭଙ୍ଗାଯାଉଥିବାବେଳେ ସାମାନ୍ୟ ପାଣିଟାଙ୍କି ପାଇଁ ସମ୍ପୃକ୍ତ ୨ ବ୍ୟକ୍ତି ହଟହଟା ହୋଇଥିଲେ।

### ଦୁର୍ବଳ ହୋଇଯିବନି କି ମେଘନାଦ ପାଚେରି

ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିରୁ ମେଘନାଦ ପାଚେରି ପାର୍ଶ୍ୱରୁ ସରକାରୀ ଓ ବେସରକାରୀ ନିର୍ମାଣକୁ ଉଚ୍ଛେଦ କରିଛି ପ୍ରଶାସନ। ତେବେ ଶ୍ରୀମନ୍ଦିରକୁ ସୁରକ୍ଷା ଦେବା ପାଇଁ ନିର୍ମିତ ମେଘନାଦ ପାଚେରି ଏହାଦ୍ୱାରା ଦୁର୍ବଳ ହୋଇଯିବନି କି ବୋଲି ଉଚ୍ଛେଦ ସ୍ଥଳରେ ଆଲୋଚନା ଚାଲିଥିଲା। କେତେଜଣ ଲୋକଙ୍କ କହିବା କଥା ହେଲା, ଜେସିବି ସାହାଯ୍ୟରେ ନିର୍ମାଣକୁ ଭଙ୍ଗାଯାଉଛି। ଏଥିଯୋଗୁ ମେଘନାଦ ପାଚେରି ଦୋହଲି ଯାଉଥିବା। ତେଣୁ ଏହା ଦୁର୍ବଳ ହୋଇଯିବନି କି ବୋଲି କେତେଜଣ ବ୍ୟକ୍ତି ଅନ୍ୟମାନଙ୍କୁ ପଚାରୁଥିଲେ।

### ବଡ଼ଦାଣ୍ଡ ମଝିରେ ସିଂହଦ୍ୱାର ଫାଣ୍ଡି

ମେଘନାଦ ପାଚେରିକୁ ଲାଗି ରହିଥିବା ସୂଚନା ଓ ଲୋକସମ୍ପର୍କ ବିଭାଗର ସୂଚନା କେନ୍ଦ୍ର, ସିଂହଦ୍ୱାର ପୋଲିସ ଫାଣ୍ଡି, ଶୌଚାଳୟ ଆଦି ଏକାଧିକ ନିର୍ମାଣ ଭଙ୍ଗାଯାଇଛି। ତେବେ ଭକ୍ତଙ୍କୁ ସେବା ଯୋଗାଇ ଦେଉଥିବାରୁ ଏଗୁଡ଼ିକ କାର୍ଯ୍ୟକ୍ଷମ ହେବା ନେଇ ଯେପରି ଅସୁବିଧା ନ ହୁଏ ସେଥିଲାଗି ପ୍ରଶାସନ ପଦକ୍ଷେପ ନେଇଛି। ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ କଣ୍ଟେନର ମଧ୍ୟରେ ଖୋଲାଯାଇଛି ପୋଲିସ ଫାଣ୍ଡି ଓ ସୂଚନାକେନ୍ଦ୍ର। ଆଉ ଭକ୍ତଙ୍କ ସୁବିଧା ଲାଗି ପାନୀୟଜଳ ଆଉ ଭ୍ରାମ୍ୟମାଣ ଶୌଚାଳୟ ବ୍ୟବସ୍ଥା ବି ହୋଇଛି। ତେବେ ଏହାକୁ ଦେଖି କେହି କେହି ଭକ୍ତ କହୁଥାନ୍ତି ବଡ଼ଦାଣ୍ଡ ମଝିରେ ସିଂହଦ୍ୱାର ଫାଣ୍ଡି।




### ଆଗକୁ ନେଇ ଚିନ୍ତା

ମେଘନାଦ ପାଚେରିକୁ ଲାଗି ୭୫ମିଟର ପରିଧି ମଧ୍ୟରେ ରହିଥିବା ନିର୍ମାଣ ଉଚ୍ଛେଦ ପାଇଁ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ହୋଇଛି। ଏଥିପାଇଁ ଆବଶ୍ୟକ ସର୍ଭେ ଏବଂ ଜମି ଅଧିଗ୍ରହଣ ଲାଗି ପୁରୀ ଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ଆଗକୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରାଯିବା ଆଶଙ୍କା କରି କ୍ଷତିଗ୍ରସ୍ତ ଲୋକେ ଚିନ୍ତାରେ ପଡ଼ିଛନ୍ତି। ପ୍ରଶାସନ ଆଗକୁ କ୍ୟାବିନେଟ୍ ନିଷ୍ପତ୍ତିକୁ ବି କାର୍ଯ୍ୟକାରୀ କରିପାରେ। ଏହା ଚିନ୍ତା କରି ଅନେକ ଲୋକ ବ୍ୟତିବ୍ୟସ୍ତ ଥିବା ସୋମବାର ଉଚ୍ଛେଦ ବେଳେ ଜଣାପଡିଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଆମ ପାଖରେ ଏ ସଂକ୍ରାନ୍ତ କୌଣସି ନିର୍ଦ୍ଦେଶ ପହଞ୍ଚି ନାହିଁ ବୋଲି ଜିଲାପାଳ କହିବା କ୍ଷତିଗ୍ରସ୍ତଙ୍କୁ ସାମୟିକ ଆଶ୍ୱସ୍ତି ଦେଇଛି।

### ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଚିନ୍ତା

ସୂଚନାକେନ୍ଦ୍ର ଉପରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ନେଇ ଚିନ୍ତାରେ ପଡ଼ିଛି ପ୍ରଶାସନ। ଏହାକୁ କେବେ ଓ କେଉଁଠିକୁ ସ୍ଥାନାନ୍ତର କରାଯିବ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ। ଜନଅସନ୍ତୋଷ ଆଶଙ୍କାରେ ପ୍ରଶାସନ କୌଣସି ତରବରିଆ ନିଷ୍ପତ୍ତି ନେବାକୁ ଚାହୁଁନାହିଁ। ଏ ନେଇ ବୁଦ୍ଧିଜୀବୀମାନଙ୍କ ସହ ପ୍ରଶାସନ ବିଚାରବିମର୍ଶ ଜାରି ରଖିଥିବା ସୂଚନା ମିଳିଛି। ଉଲ୍ଲେଖଥାଉ କି, ୧୯୩୬ ମସିହାରେ ଜାତିର ଜନକ ମହାତ୍ମା ଗାନ୍ଧୀ ପୁରୀ ଆସିଥିବା ଅବସରରେ ସିଂହଦ୍ୱାର ସମ୍ମୁଖରେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ।


ସୋମବାର ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ପୁରୀ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

# 'ଶ୍ରୀମନ୍ଦିର ସୁରକ୍ଷା ଆଳରେ ଐତିହ୍ୟ କୀର୍ତ୍ତିରାଜି ନଷ୍ଟ କରା ନ ଯାଉ'

**ପୁରୀ ଅଫିସ, ୧୯।୮**

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ୭୫ମିଟର ପର୍ଯ୍ୟନ୍ତ ନିର୍ମାଣ ଉଚ୍ଛେଦ ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସୋମବାର ଜିଲା ପ୍ରଶାସନ ମେଘନାଥ ପାଚେରୀ ଚାରିପଟୁ ଉଚ୍ଛେଦ ଆରମ୍ଭ କରିଛି। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଲାଗି ଶ୍ରୀମନ୍ଦିର ଚାରିପଟକୁ ବ୍ଲକିଂ କରାଯିବା ସହ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ଏଥିଯୋଗୁ ପୁରୀବାସୀ ଭୟଭୀତ ହୋଇପଡ଼ିଛନ୍ତି। ଶ୍ରୀମନ୍ଦିର ଓ ଭକ୍ତଙ୍କ ସୁରକ୍ଷା ଆଳ ଦେଖାଇ ରାଜ୍ୟ ସରକାର ପୁରୀ ସହରବାସୀଙ୍କୁ ତିରସ୍କାର କରୁଛନ୍ତି। ଶ୍ରୀମନ୍ଦିର ନିକଟରେ ବହୁ ପ୍ରାଚୀନ ମଠ ଓ ମନ୍ଦିର ରହିଛି। ଶ୍ରୀମନ୍ଦିରର ଦୈନିକ ରୀତିନୀତି ସହିତ ପ୍ରାୟ ମଠ ଓ ମନ୍ଦିରଗୁଡିକ ଜଡ଼ିତ। ଏହା ମାଟିରେ ମିଶିଗଲେ ସହରର ପ୍ରାଚୀନ ଐତିହ୍ୟ କୀର୍ତ୍ତିରାଜି ନଷ୍ଟ ହୋଇଯିବ। ଏହି ପ୍ରାଚୀନ ସଂସ୍କୃତିର ଅସ୍ତିତ୍ୱ ହଜିଯିବ ବୋଲି ଅଖିଳ ଭାରତ ହିନ୍ଦୁ ମହାସଭା ରାଜ୍ୟ ଉପସଭାପତି ସୂର୍ଯ୍ୟ ନାରାୟଣ ରଥ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ପୁରୀ ସହର ଏକ ଆଧ୍ୟାତ୍ମିକ ଓ ଧାର୍ମିକ ସ୍ଥଳ। ପ୍ରଶାସନ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରୁ ଉଠାଦୋକାନୀଙ୍କୁ ହଟାଇଦେଲେ। ସେମାନଙ୍କ ଉପଯୁକ୍ତ ଥଇଥାନ ବ୍ୟବସ୍ଥା ନ କରି ସେମାନଙ୍କ ଭିଟାମାଟି ଛଡ଼ାଇ ନେଲେ। ପ୍ରାୟ ଅଢେଇ ଶହରୁ ଊର୍ଦ୍ଧ୍ୱ ପରିବାର ଏବେ ରାଜରାସ୍ତାକୁ ଚାଲି ଆସିଛନ୍ତି। ସେମାନଙ୍କ ପରିବାର ଚଳିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ନିକଟରେ ବାଇକ ଷ୍ଟାଣ୍ଡ ବ୍ୟବସ୍ଥା ହୋଇପାରିନାହିଁ। ଓଲଟି ଭକ୍ତଙ୍କଠାରୁ ବଡଦାଣ୍ଡରେ ବେଆଇନ ପାର୍କିଂ ଦର୍ଶାଇ ଜରିମାନା ଆଦାୟ କରାଯାଉଛି। ମହାପ୍ରଭୁଙ୍କ ଦର୍ଶନ ଲାଗି ଆସୁଥିବା ଭକ୍ତ ହଇରାଣ ହେଉଛନ୍ତି। ଏପରି ସ୍ଥଳେ ମେଘନାଦ ପାଚୋରି ପାର୍ଶ୍ୱରୁ ବହୁ ନିର୍ମାଣକୁ ଭଙ୍ଗାଯାଉଛି। ସହରର କଳା, ସଂସ୍କୃତିକୁ ଉଜ୍ଜୀବିତ ରଖିବା ଲାଗି ଜିଲା ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ନାହିଁ। ଧିରେ ଧିରେ ପ୍ରାଚୀନ ଶ୍ରୀମନ୍ଦିର ପାରମ୍ପରିକ ଭକ୍ତିସଙ୍ଗୀତ, ଜାଗା ଆଖଡା ସଂସ୍କୃତି ଲୋପ ପାଇବାକୁ ବସିଛି। ପୂର୍ବରୁ ନବକଳେବର ସମୟରେ ଶ୍ରୀମନ୍ଦିର ଚାରିପଟ ଉଚ୍ଛେଦ ହୋଇଥିଲା। ଅନେକ ଜମି ଅଧିଗ୍ରହଣ କରାଗଲା। ଅଧିକାଂଶ ସ୍ଥାନ କାମରେ ଲାଗି ପାରିଲା ନାହିଁ। ପୂର୍ବରୁ ମେଘନାଦ ପାଚେରି ଚାରିପଟେ ଶୌଚାଳୟ, ସରକାରୀ କାର୍ଯ୍ୟାଳୟ ନିର୍ମାଣ ବେଳେ ଏହା ବେଆଇନ ବୋଲି କ'ଣ ପ୍ରଶାସନ ଜାଣିପାରି ନ ଥିଲା କି ରଥ ପ୍ରଶ୍ନ କରିଛନ୍ତି। ଏଥିସହ କୋଟି କୋଟି ଟଙ୍କାର ଏହି ନିର୍ମାଣକୁ ଭଙ୍ଗାଯିବା କାହା ସ୍ୱାର୍ଥରେ ବୋଲି ରଥ ପ୍ରେସ ବିବୃତିରେ ପ୍ରଶ୍ନ କରିଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ନିତାନ୍ତ ଆବଶ୍ୟକ। କିନ୍ତୁ ସୁରକ୍ଷା ଆଳରେ ଐତିହ୍ୟ କୀର୍ତ୍ତିରାଜି ନଷ୍ଟ କରାଯିବା ଉଚିତ ନୁହେଁ ବୋଲି ରଥ କହିଛନ୍ତି।

## ଆଜି ଦାୟିତ୍ୱ ନେବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

**ପୁରୀ ଅଫିସ,୧୯।୮:** ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ ବରିଷ୍ଠ ଆଇଏଏସ୍ ଅଧିକାରୀ ଡ. କ୍ରିଷନ କୁମାର ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିବେ। ରାଜ୍ୟ ସରକାର ପ୍ରଦୀପ ମହାପାତ୍ରଙ୍କ ସ୍ଥାନରେ କ୍ରିଷନ କୁମାରଙ୍କୁ ଗତ ୧୫ତାରିଖରେ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ଦେଇଥିଲେ। ନିଯୁକ୍ତି ଦିନ ସନ୍ଧ୍ୟାରେ ସେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରି ଫେରି ଯାଇଥିଲେ। ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ସଂସ୍କାର ମାମଲା, ବ୍ରହ୍ମ ବିଭ୍ରାଟ ଘଟଣାରେ କାର୍ଯ୍ୟାନୁଷ୍ଠାନ, ମହାପ୍ରସାଦ ଦର ତାଲିକା ନିର୍ଦ୍ଧାରଣ ଆଦି ପ୍ରମୁଖ ପ୍ରସଙ୍ଗ ଏବେ ମୁଖ୍ୟ ପ୍ରଶାସକଙ୍କ ସାମ୍ନାରେ ରହିଛି।


ସୋମବାର ଶ୍ରୀମନ୍ଦିର ନୀଳଚକ୍ର ଉପରେ ଏକ ଚିଲ ବସିଥିବାର ଦୃଶ୍ୟ।


ଶ୍ରଦ୍ଧାଳୁଙ୍କ ଚଳାପଥରେ ପଡ଼ିବା ପାଇଁ ଆସିଥିବା କାର୍ପେଟ୍‌କୁ ପୁରୀ ଜିଲାପାଳ ଓ ଏସ୍‌ପି ଅନୁଧ୍ୟାନ କରୁଛନ୍ତି।



ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ ପୂଜାପାଠ, ଭଜନ କୀର୍ତ୍ତନ ନିରର୍ଥକ।
- ସନ୍ଥ ଏକନାଥ



## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଜବତ, ୩ ଜେଲ୍ ଗଲେ

ଭୁବନେଶ୍ୱର, ୧୯।୮(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏକ ନିର୍ମାଣାଧିନ ଅପାର୍ଟମେଣ୍ଟରୁ ଚୋରି ହୋଇଥିବା ଲକ୍ଷାଧିକ ଟଙ୍କାର ପ୍ଲାଇ ବୋର୍ଡକୁ ପୋଲିସ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲିପାଟଣା ଥାନା ଅଞ୍ଚଳର ବିଜୟ କୁମାର ସ୍ୱାଇଁ(୨୯), ପ୍ରଶାନ୍ତ କୁମାର ନାୟକ(୩୮), ସଚ୍ଚିଦାନନ୍ଦ ବେହେରା(୩୧)। ପୋଲିସ ୩ଜଣଙ୍କୁ କୋର୍ଟ ଚାଲଣ କରିଥିବାବେଳେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ପଠାଇଦିଆଯାଇଛି। ଲକ୍ଷ୍ମୀସାଗର ଥାନା ଅଧୀନ ଝାରପଡା ଅଞ୍ଚଳରେ ରହୁଥିବା ଠିକାଦାର ମନୋରଞ୍ଜନ ପରିଡାଙ୍କର ଡମଣା ଅଞ୍ଚଳରେ ଏକ ଆପାର୍ଟମେଣ୍ଟ ପ୍ରେଜେକ୍ଟ ଚାଲିଛି। ସାଇଟ ଉପରୁ ଲକ୍ଷାଧିକ ଟଙ୍କାର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପ୍ଲାଇ ବୋର୍ଡ ଚୋରି ହେବା ନେଇ ମନୋରଞ୍ଜନ ରବିବାର ଅପରାହ୍ନରେ ପୋଲିସକୁ ସୂଚନା ଦେଇଥିଲେ। ଚୋରି ସାମଗ୍ରୀକୁ ଠାବ କରିବାକୁ ପୋଲିସ ବିଭିନ୍ନ ଅଞ୍ଚଳରେ ଯାଞ୍ଚ କରୁଥିଲା। ଡମାଣା ଛକ ନିକଟରେ ପୋଲିସ ଏକ ଅଟୋକୁ ଯାଞ୍ଚ କରିବା ବେଳେ ଉକ୍ତ ଅଟୋରୁ ଚୋରି ସମାଗ୍ରୀକୁ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଥିଲା।

### ୮ ଫୁଟ ଲମ୍ବର ଅଜଗର ଉଦ୍ଧାର



ବାରଙ୍ଗ,୧୯।୮(ଡି.ଏନ୍.ଏ.): ଚନ୍ଦକା ବଜାରଠାରୁ ଅଳ୍ପଦୂରରେ ଥିବା ଏକ ପେଟ୍ରୋଲପମ୍ପ ପାଖ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ଏକ ବଡ ଅଜଗର ସାପଟି ଥିବାର କେତେକ ପଥଚାରୀ ଦେଖିବାକୁ ପାଇଥିଲେ। ଏହି କଥା ପେଟ୍ରୋଲପମ୍ପର କର୍ମଚାରୀମାନେ ଜାଣିବା ପରେ ଚନ୍ଦକା ଗ୍ରାମର ସ୍ନେକ୍ ହେଲ୍ପଲାଇନ ସଦସ୍ୟ ଆଶିଷ କୁମାର ବେହେରାଙ୍କୁ ଖବର ଦେଇଥିଲେ। ଆଶିଷ ରାତିରେ ଆସି ୮ଫୁଟ ଲମ୍ବର ଏହି ଅଜଗର ସାପଟିକୁ ଧରି ଚନ୍ଦକା ରେଞ୍ଜ କାର୍ଯ୍ୟାଳୟରେ ରଖିଥିଲେ। ସୋମବାର ସକାଳେ ସେହି ସାପଟିକୁ ନେଇ ଚନ୍ଦକା ଜଙ୍ଗଲର ଗୋଡିବାରିଠାରେ ଛାଡିଦେଇଥିଲେ।

### ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରଙ୍ଗ,୧୯।୮(ଡି.ଏନ୍.ଏ.): ଚନ୍ଦକା ଥାନା ପୋଲିସ ଅନ୍ଧାରୁଆ ଗ୍ରାମ ପାଖରେ ଥିବା ଏକ ଘରୋଇ କଲେଜର ହଷ୍ଟେଲରୁ ସୋମବାର ସନ୍ଧ୍ୟାରେ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି। ମୃତ୍ୟୁ ଛାତ୍ରଜଣକ ହେଲେ ନାମ ରାଜନଗର ଥାନା ଅର୍ନ୍ତଗତ ଭିତରଗଡ ଗ୍ରାମର ଆଶିଷ ଦାସ। ସେ ଚନ୍ଦକାସ୍ଥିତ ଏକ ଘରୋଇ କଲେଜରେ ୩ୟବର୍ଷ ଡିପ୍ଲୋମା ଛାତ୍ର ଥିଲେ। ସୂଚନା ମୁତାବକ, ସୋମବାର ସକାଳ ୧୦ଟାରେ ଆଶିଷର ସହପାଠୀମାନେ ହଷ୍ଟେଲରୁ କ୍ଲାସ କରିବାକୁ ଯାଇଥିବାବେଳେ ସେ ଯାଇ ନ ଥିଲେ। ସନ୍ଧ୍ୟା ୫ଟାରେ କ୍ଲାସ ସାରି ଫେରିବାବେଳେ ଆଶିଷ ରହୁଥିବା ରୁମ ବନ୍ଦ ଥିବାର ଦେଖି ସହପାଠୀମାନେ କବାଟ ବାଡେଇବା ପରେ ମଧ ସେ ଖୋଲି ନ ଥିଲା। ଏହି ବିଷୟରେ ହଷ୍ଟେଲ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣାଇବାପରେ କବାଟ ଭାଙ୍ଗିବା ପରେ ଆଶିଷ ଗାମୁଛା ବାନ୍ଧି ଫ୍ୟାନରେ ଝୁଲୁଥିବାର ଦେଖିବାକୁ ମିଳିଥିଲା। ଏ ବିଷୟରେ ପୋଲିସକୁ ଖବର ଦେବାପରେ ସେମାନେ ପହଞ୍ଚି ମୃତଦେହକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଛେଦ ରିପୋର୍ଟ ଆସିବାପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ଅମୃତ ଯୋଜନାରେ ପାର୍କ ପୁନରୁଦ୍ଧାର କାର୍ଯ୍ୟ ଅଧା

# ୧୭ ସରିଛି, ୧୯ ବାକି

- ଶେଷ ପର୍ଯ୍ୟାୟରେ ଗୋଟିଏ, ୪ଟିର ୫୦ ପ୍ରତିଶତ ଛୁଇଁନି
- ୧୩ ପାର୍କର ୮୦ରୁ ଅଧିକ ପ୍ରତିଶତ ସରିଛି



ଶୈଳଶ୍ରୀ ବିହାର ଅଞ୍ଚଳରେ ଥିବା ଏକ ପାର୍କ।

ସ୍ଥିତପ୍ରଜ୍ଞ ମିଶ୍ର
ଭୁବନେଶ୍ୱର, ୧୯।୮(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଅମୃତ ଯୋଜନାରେ ରାଜଧାନୀରେ ବିଭିନ୍ନ ପାର୍କର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ ଚାଲିଛି। ସୌନ୍ଦର୍ଯ୍ୟକରଣ ସହ ନୂତନ ନିର୍ମାଣ ଓ ଉପକରଣ ଲଗାଯାଉଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା ପରିଚାଳିତ ପାର୍କଗୁଡ଼ିକରେ ଏସବୁ କାର୍ଯ୍ୟ ୨୦୧୫ରୁ ଆରମ୍ଭ ହୋଇଥିଲେ ମଧ ଏଯାଏ ଅଧା ବି ଶେଷ ହୋଇନି। ଅମୃତକୁ ମୋଟ ୩୬ ପାର୍କର ଦାୟିତ୍ୱ ମିଳିଥିବାବେଳେ ସେଥିମଧ୍ୟରୁ ମୋଟ ୧୭ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଓ ଆଉ ୧୯ ପାର୍କର ପୁନରୁଦ୍ଧାର ବାକି ରହିଛି। ଗୋଟିଏ ପାର୍କ ପିଛା ହାରାହାରି ୩୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା ଜଣାପଡିଛି। ଏହି ଯୋଜନାରେ ଖର୍ଚ୍ଚ ଓ ପ୍ୟାକେଜ ଅନୁସାରେ ବିଲ୍ ମିଳୁଥିବାରୁ ଜାଣିଶୁଣି କାର୍ଯ୍ୟକୁ ବିଳମ୍ବିତ କରାଯାଉଥିବା ଅଭିଯୋଗ ଉଠୁଛି।

ମିଳିଥିବା ସୂଚନାନୁସାରେ, ସହରରେ ଥିବା ୬୦ରୁ ଉର୍ଦ୍ଧ୍ୱ ପାର୍କରେ ମୁକ୍ତାକାଶ ବ୍ୟାୟାମ ସହ ସୌନ୍ଦର୍ଯ୍ୟକରଣ ପାଇଁ ଲାଇଟ, ଚାରାରୋପଣ ତଥା ଅନ୍ୟାନ୍ୟ ନିର୍ମାଣ କରିବାକୁ ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଏଥିମଧ୍ୟରୁ ୩୬ ପାର୍କର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଦାୟିତ୍ୱ ଅମୃତକୁ ଦିଆଯାଇଥିଲା। ୨୦୧୫-୧୬ରେ ଅମୃତକୁ ବିଏମ୍‌ସି ୪ ପାର୍କ ଯଥା ଶୈଳଶ୍ରୀ ବିହାର, ନୀଳାଦ୍ରିବିହାର ସେକ୍ଟର-୫, କାନନ ବିହାର ଫେଜ୍-୧ ଓ ଡୁମଡୁମା ଓଏସ୍‌ଏଚ୍‌ବି କଲୋନୀ ପାର୍କ ଦାୟିତ୍ୱ ଦେଇଥିଲା। ୨୦୧୬-୧୭ରେ ୧୯ ଓ ୨୦୧୭-୧୮ରେ ୧୩ ପାର୍କର କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ୨୦୧୬-୧୭ର ୧୩ ପାର୍କ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ



ବିଡିଏ କଲୋନୀ ପୋଖରିପୁଟ ପାର୍କ।

ଆହୁରି ୬ଟି ବାକି ରହିଛି। ପୋଖରୀପୁଟ ବିଡ଼ିଏ କଲୋନୀରେ ଥିବା ପାର୍କଟିର କାର୍ଯ୍ୟ ୯୫ ପ୍ରତିଶତ ସରିଥିବାବେଳେ ଅନ୍ୟଗୁଡ଼ିକ ୫୦ ପ୍ରତିଶତ ବି ଛୁଇଁ ନାହିଁ। ଏପରି କି ବରମୁଣ୍ଡା ଇ-ଟାଇପ୍ ଫ୍ଲାଟ୍ ପାର୍କ, ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ସନ୍ତୋଷ ବିହାର ପାର୍କ, ବଡ଼ଗଡ଼ ବ୍ରିଟ କଲୋନୀରେ ଥିବା ଇ-ଏ କଲୋନୀ ପାର୍କ, ଆଇଗିଣିଆ ରାଜୀବ ନଗରରେ ଥିବା ପାର୍କ ଓ ନୟାପଲ୍ଲୀ ବ୍ରିଟ କଲୋନୀରେ କରାଯାଇଥିବା ପାର୍କର କାର୍ଯ୍ୟ କେଉଁଠି ୫ ପ୍ରତିଶତ ତ ଆଉ କେଉଁଠି ୧୦ ପ୍ରତିଶତରେ ଅଟକି ରହିଛି।

ସେହିପରି ୨୦୧୭-୧୮ରେ ଆରମ୍ଭ ହୋଇଥିବା ସମସ୍ତ ୧୩ପାର୍କର ପୁନରୁଦ୍ଧାର କାମ ବାକି ରହିଛି। ଶୈଳଶ୍ରୀ ବିହାରର ଦୁଇଟି, ପ୍ରଶାନ୍ତି ବିହାରର ତିନୋଟି, ସେକ୍ଟର-୩ ହାଉସିଂ ବୋର୍ଡ, ରେଣ୍ଟାଲ କଲୋନୀ, ମୈତ୍ରୀ ବିହାର, ବରମୁଣ୍ଡା ହାଉସିଂ ବୋର୍ଡ, ସେନ୍‌ସସ୍ କଲୋନୀ, ବିଡ଼ିଏ ଇଡବ୍ଲ୍ୟୁଏସ୍ ହାଉସିଂ ବୋର୍ଡ କଲୋନୀ ଓ ଭରତପୁର ଜିଏ ପ୍ଲଟରେ ଥିବା ପାର୍କଗୁଡିକର କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଆହୁରି ୨୦ରୁ ୩୦ ପ୍ରତିଶତ ବାକି ଥିବା ଜଣାପଡିଛି।

ଏ ସମ୍ପର୍କରେ ବିଏମ୍‌ସିର ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ସେ କାର୍ଯ୍ୟ ଦାୟିତ୍ୱରେ ଥିବା ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ରଙ୍କୁ ଯୋଗାଯୋଗ କରିବାକୁ କହିଥିଲେ। ହେଲେ ବାରମ୍ବାର ଚେଷ୍ଟା କରାଯାଇଥିଲେ ମଧ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷରେ ବିଏମ୍‌ସି କାର୍ଯ୍ୟାଳୟରେ କାର୍ଯ୍ୟରତ ଅମୃତ ଯୋଜନାର ସୁପରଭାଇଜର କୁହନ୍ତି, କମ୍ ସମୟ ଭିତରେ ଅଧିକ ପାର୍କ କାର୍ଯ୍ୟ କରାଯାଉଥିବାରୁ ବିଳମ୍ବ ହେଉଛି।

## ଅପହୃତା ନାବାଳିକା ଉଦ୍ଧାର, ଜେଲ୍ ଗଲେ ଅଭିଯୁକ୍ତ

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ଖାରବେଳନଗର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ କରିନେଇଥିବା ଅଭିଯୁକ୍ତଙ୍କୁ କମିଶନରେଟ୍ ପୋଲିସ ସୋମବାର ଭୁବନେଶ୍ୱର ରେଲୱେ ଷ୍ଟେଶନରୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି। ପରେ ନାବାଳିକାଙ୍କୁ ଡାକ୍ତରୀ ମାଇନା କରି ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗିରଫ ଜଣଙ୍କ ହେଲେ ଭଦ୍ରକ ଜିଲା ଧାମନଗର ଅଞ୍ଚଳର ଶିବୁ ଚରଣ ପରିଡ଼ା। ଶିବୁଙ୍କୁ ସୋମାବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇଦିଆଯାଇଛି। ଶିବୁ ଖାରବେଳ ନଗର ଥାନା ମସ୍‌ଜିଦ୍ କଲୋନୀରେ ରହୁଥିବା ଜଣେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ପ୍ରେମ ଜାଲରେ ଫସାଇ ଅପହରଣ କରିନେଇଥିଲେ। ପରିବାର ଲୋକେ ଝିଅକୁ ନ ପାଇ ଗତ ୧୫ ତାରିଖରେ ଖାରବେଳନଗର ଥାନରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୧୭୬/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତଙ୍କ ମୋବାଇଲକୁ ଟ୍ରାକ୍ କରିଥିଲା। ଶିବୁ ନାବାଳିକାଙ୍କୁ ରାଜ୍ୟ ବାହାରକୁ ନେବାପାଇଁ ଭୁବନେଶ୍ୱର ରେଲୱେ ଷ୍ଟେଶନରେ ଥିବା ଜାଣି ସେଠାରେ ଚଢ଼ାଉ କରିଥିଲା।

## ଚାନ୍ଦା ନ ଦେବାରୁ ମହିଳା ଶ୍ରମିକ ଓ ଅଟୋ ଚାଳକଙ୍କୁ ମାଡ଼

**୨ ଅଟୋ ଭାଙ୍ଗିଦେଲେ**

ଖୋର୍ଦ୍ଧା ଅଫିସ,୧୯।୮

ବାଣପୁର ଥାନାର ଗାଲୁଆ ଛକରେ ଚାନ୍ଦା ନ ଦେବାରୁ ସୋମବାର ଦୁଇ ଜଣ ଦୁର୍ବୃତ୍ତ ଅଟୋ ଚାଳକ ଓ ମହିଳା ଶ୍ରମିକଙ୍କୁ ମାଡ଼ ମାରି ଦୁଇଟି ଅଟୋ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗଞ୍ଜାମ ଜିଲା ଖଲିକୋଟ ଥାନା ଅନ୍ତର୍ଗତ ଅଙ୍ଗାରୁ ଗାଁ, ତାଳେଶ୍ୱର, ବୋରିଆ ସାହି ଅଞ୍ଚଳର କେତେଜଣ ମହିଳା ଶ୍ରମିକ ଦୈନିକ ଅଟୋରେ ବାଣପୁରକୁ ଆସି ଧାନ ବିଲରେ କାମ କରି ସନ୍ଧ୍ୟାରେ ଫେରିଯାଆନ୍ତି। ସୋମବାର ୩ଟି ଅଟୋରେ ୧୫ରୁ ଉର୍ଦ୍ଧ୍ୱ ମହିଳା ଶ୍ରମିକ ବାଣପୁର ଆସି ବିଭିନ୍ନ ଗ୍ରାମରେ ଥିବା ଧାନ ବିଲରେ କାମ କରିବାକୁ ଯାଇଥିଲେ। ସମସ୍ତ ଅଟୋ ଗାଲୁଆ ଛକ ନିକଟରେ ଥିବା ବେଳେ ଚାଳକମାନେ ଅଟୋ ଭିତରେ ବିଶ୍ରାମ ନେଇଥିଲେ। ସନ୍ଧ୍ୟାରେ ଶ୍ରମିକମାନେ ଫେରିବା ପାଇଁ ଅଟୋ ପାଖକୁ ଆସୁଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଅଟୋ ପାଖକୁ ଆସି ଅଟୋ ଚାଳକ ଓ ଶ୍ରମିକଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ଦୁର୍ବୃତ୍ତ ଦ୍ୱୟ ଦୁଇ ଅଟୋକୁ ଭଙ୍ଗାରୁଜା କରିଥିଲେ। ଚାଳକମାନେ ଏହାର ପ୍ରତିବାଦ କରିବାରେ ଦୁର୍ବୃତ୍ତଦ୍ୱୟ ଛୁରିରେ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ସ୍ଥାନୀୟଲୋକେ ପହଞ୍ଚିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।ଏ ନେଇ ଅଟୋଚାଳକ ଥାନାରେ ଅଭିଯୋଗ କରିଥିଲେ।

## ହଂସପାଳ ଛକରେ ହେବ ଫ୍ଲାଏଓଭର

**ଖର୍ଚ୍ଚ ହେବ ୩୦କୋଟି**

ବାଲିଅନ୍ତା,୧୯।୮(ଡି.ଏନ୍.ଏ.)

ମୁଁ ଯାହା ପ୍ରତିଶ୍ରୁତି କରିଥାଏ, ତାହା ନିଶ୍ଚିତ ରୂପେ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ପାଳନ କରିଥାଏ। ନିର୍ବାଚନ ସମୟରେ ଆପଣଙ୍କ କହିବା ଅନୁଯାୟୀ ହଂସପାଳରେ ଓଭରବ୍ରିଜ ଦାବିକୁ କାର୍ଯ୍ୟକାରୀ ପାଇଁ ପ୍ରୟାସ ଆରମ୍ଭ ହୋଇଯାଇଛି ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ କହିଛନ୍ତି। ସୋମବାର ହଂସପାଳ ଛକରେ ଉତ୍ତର ଭୁବନେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ଏମପି ଷଡଙ୍ଗୀ ଏହି ବକ୍ତବ୍ୟ ରଖିଛନ୍ତି। ପରିଷଦ ପକ୍ଷରୁ ଏମ୍‌ପିଙ୍କୁ ସମ୍ବର୍ଦ୍ଧିତ କରାଯିବା ପରେ ସେ ଖୁବଶୀଘ୍ର ଏହି ବ୍ୟସ୍ତବହୁଳ ଛକରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ହେବ ବୋଲି କହିଛନ୍ତି। ଆଜିଠାରୁ ୪୫ଦିନ ମଧ୍ୟରେ ଟେଣ୍ଡର ଡକାଯିବ ଓ ୧୨୦ଦିନ ଭିତରେ ଟେଣ୍ଡର ଫାଇନାଲ କରାଯିବ। ଏହାସହ ୧୮ମାସ ଭିତରେ ଏହି ବ୍ରିଜ କାର୍ଯ୍ୟ ଶେଷ ହେବାକୁ ଥିବାବେଳେ ଏଥିପାଇଁ ପ୍ରାୟ ୩୦କୋଟିରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହେବ ବୋଲି ଜଣାପଡିଛି। ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ୪ଜଣିଆ ମନିଟରିଂ କମିଟି ଗଠନ ହେବ ବୋଲି କହିଥିଲେ। ଏହି ସଭାରେ ପରିଷଦର ସଭାପତି ପ୍ରଭାତ ଦାଶ, ସମ୍ପାଦକ ଇଂ ବ୍ରଜବନ୍ଧୁ ପଣ୍ଡା, ପୂର୍ବତନ କର୍ପୋରେଟର ସୁକୁମାର ସାହୁ, ଖୋର୍ଦ୍ଧା ଜିଲା ଭାଜପା ସଭାପତି ସୁବାସ ଜେନା, ନିରଞ୍ଜନ ସାହୁ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷର ମୁଖ୍ୟ ସାଧାରଣ ପରିଚାଳକ ଡ.ରାମପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଦୀପ କୁମାର ଛୋଟରାୟ ଧନ୍ୟବାଦ ଦେଇଥିଲେ।




ସମ୍ବର୍ଦ୍ଧନା ସଭାରେ ଏମପି ଅପରାଜିତା ଷଡଙ୍ଗୀ ଓ ପରିଷଦର କର୍ମକର୍ତ୍ତା।

## ଟିକେଟ ଚେକିଂକୁ ନେଇ ଟିଟିଆଇ ଓ ଯବାନଙ୍କ ମଧ୍ୟରେ ମାରପିଟ

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ସୋମବାର ଟିକେଟ ଚେକିଂକୁ ନେଇ ଟିଟିଆଇ ଓ ଯବାନଙ୍କ ମଧ୍ୟରେ ମାର୍‌ପିଟ ହୋଇଛି। ପରେ ଯବାନ ଓ ତାଙ୍କ ବାପା ମିଶି ଟିଟିଆଇଙ୍କୁ ମାଡ଼ମାରି ଖସିଯାଇଛନ୍ତି। ଏ ନେଇ ଟିଟିଆଇ ଜଣକ ଜିଆର୍‌ପି ଥାନାରେ ଅଭିଯୋଗ କରିଛନ୍ତି। ଅପରାହ୍ନ ୪ଟାରେ ଅନୁପମ ଦାଶ ନାମକ ଯବାନ ହୀରାକୁଦ ଏକ୍ସପ୍ରେସରେ ଝାଡ଼ସୁଗୁଡ଼ାରୁ ଆସି ଭୁବନେଶ୍ୱରରେ ଓହ୍ଲାଇଥିଲେ। ସେ ପ୍ଲାଟ୍‌ଫର୍ମ ନଂ.୧ରେ ଆସୁଥିବାବେଳେ ମୁଖ୍ୟ ଫାଟକରେ ଚେକିଂରେ ଥିବା ଟିଟିଆଇ ଓମ୍ ପ୍ରକାଶ ତିୱାରୀ ଟିକେଟ ମାଗିଥିଲେ। ଅନୁପମ ଅନ୍‌ଲାଇନ ଟିକେଟ (ୱେଟିଂଲିଷ୍ଟ ଟିକେଟ) ଦେଖାଇଥିଲେ। ହେଲେ ଟିକେଟ ନିଶ୍ଚିତ ହୋଇଥିବା କହି ଅନୁପମ ଟିଟିଆଇଙ୍କ ସହ ଯୁକ୍ତି କରିଥିଲେ। ଏଥିସହ ମୋବାଇଲ୍ ଫୋନରେ ଟିକେଟ ଦେଖିବାକୁ ଅନୁପମ କହିଥିଲେ। ଏଥିରେ ଟିଟିଆଇ ତାଙ୍କ ହାତ ଧରି ଅଫିସକୁ ଯିବା ପାଇଁ କହିବାରୁ ଅନୁପମ ରାଗିଯାଇ ପାଟିକରିଥିଲେ। କଥାକଟାକଟି ପରେ ଉଭୟଙ୍କ ମଧ୍ୟରେ ସର୍ବସମ୍ମୁଖରେ ମାର୍‌ପିଟ୍ ହୋଇଥିଲା। ଏହା ଦେଖି ଅନୁପମଙ୍କ ସହ ଥିବା ତାଙ୍କ ପିତା ଉଭୟଙ୍କୁ ଅଟକାଇବାକୁ ଚେଷ୍ଟା କରିଥିବାବେଳେ ସେ ମଧ ଆକ୍ରମଣର ଶିକାର ହୋଇଥିଲେ। ଏହାପରେ ଉଭୟ ବାପାପୁଅ ମିଶି ଟିଟିଆଇଙ୍କୁ ମାଡ଼ମାରି ଘଟଣାସ୍ଥଳରୁ ଖସି ପଳାଇଥିଲେ। ତେବେ ଟିଟିଆଇଙ୍କ ଅଭିଯୋଗକ୍ରମେ ଜିଆରପି ଥାନାଧିକାରୀ ଭରତ ସାହୁ ସିସିଟିଭି ଫୁଟେଜ ତଦନ୍ତ କରି ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ନିତ୍ୟାନନ୍ଦ ଶତପଥୀ ପାଇବେ ଅତିବଡ଼ୀ ସମ୍ମାନ

ପୁରୀ ଅଫିସ,୧୯।୮

ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପକ୍ଷରୁ ଚଳିତ ବର୍ଷ ବିଶିଷ୍ଟ ପ୍ରାବନ୍ଧିକ, ସମାଲୋଚକ, କବି ଓ ଗାଳ୍ପିକ ନିତ୍ୟାନନ୍ଦ ଶତପଥୀଙ୍କୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ ପ୍ରଦାନ କରାଯିବ। ଅନୁଷ୍ଠାନର ସମ୍ପାଦକ କୃଷ୍ଣଚନ୍ଦ୍ର ରଥ ସୋମବାର ଏକ ପ୍ରେସ ବିବୃତିରେ ଏହି ସୂଚନା ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୬ତାରିଖରେ ସ୍ଥାନୀୟ ରାଣୀସତୀ ଭବନରେ ଆୟୋଜିତ ଉତ୍ସବରେ ଶତପଥୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ ବୋଲି ରଥ କହିଛନ୍ତି।




ଭୁବନେଶ୍ୱର ଏକ ହୋଟେଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ର 'ତୁ କହିଦେ ଆଇ ଲଭ୍ ୟୁ'ର ଅଡିଓ ସିଡି ଉନ୍ମୋଚନ କରାଯାଉଛି।

## ତାଳଚେର ବିଧାୟକଙ୍କ ୩ ଗାଡ଼ି ପୋଡ଼ିଦେଲେ

- ବାହାରପଟୁ ତାଲା ପକାଇ ଲଗାଇଦେଲେ ନିଆଁ
- ଜଳିଗଲା ୨ କାର, ଗୋଟାଏ ବାଇକ ଓ ସାଇକେଲ
- ଘଟଣାସ୍ଥଳରେ ଅତିରିକ୍ତ ସିପି ଓ ଡିସିପିଙ୍କ ଅନୁଧ୍ୟାନ



ଗ୍ୟାରେଜ୍‌ରେ ପୋଡ଼ିଯାଇଥିବା ଗାଡ଼ି।

ଭୁବନେଶ୍ୱର,୧୯।୮(ବ୍ୟୁରୋ)

କମିଶନରେଟ ପୋଲିସ ମୁଖ୍ୟାଳୟ ନିକଟ ଏମ୍‌ଏଲ୍‌ଏ କଲୋନୀରେ ରହୁଥିବା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ୩ ଗାଡ଼ିକୁ କେହି ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି। ରବିବାର ବିଳମ୍ବିତ ରାତିରେ ତାଙ୍କ କ୍ୱାର୍ଟର୍ସ ନଂ.ଡିଏସ୍/୭/୧ରେ ଏହି ଘଟଣା ଘଟିଥିଲା। ଘରେ ଥିବା ବିଧାୟକଙ୍କ ପିଏସ୍‌ଓ ଲୋକନାଥ ଓ ୩ଜଣ ସମ୍ପର୍କୀୟଙ୍କୁ ବାହାରୁ ତାଲା ପକାଇ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିଲେ। ଫଳରେ ଦୁଇଟି କାର୍ ଓ ଗୋଟିଏ ବାଇକ ସହ ଏକ ସାଇକେଲ ସମ୍ପୂର୍ଣ୍ଣ ଜଳିଯାଇଛି। ଖବର ପାଇ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଅନ୍ୟ କେତେଜଣ ନେତା ପହଞ୍ଚି ଥିଲେ। ପରେ ଖାରବେଳନଗର ଥାନା ପୋଲିସ, ଅତିରିକ୍ତ ସିପି ସଞ୍ଜୟ ସିଂ, ଡିସିପି ଅନୁପ କୁମାର ସାହୁ, ଜୋନ୍ ଏସିପି ଏବଂ ସ୍ପେଶାଲ ସ୍କ୍ୱାଡ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହାସହ ସାଇଣ୍ଟିଫିକ୍ ଟିମ୍ ମଧ କିଛି ନମୁନା ସଂଗ୍ରହ କରିଛି। ଏନେଇ ଲୋକନାଥ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ.୨୦୩/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ଡିସିପିଙ୍କ ନେତୃତ୍ୱରେ ଗଠିତ ଟିମ୍ ଖୋଳତାଡ଼ ଆରମ୍ଭ କରିଛି। ତେବେ ଉକ୍ତ କଲୋନୀ କିମ୍ବା ବିଧାୟକଙ୍କ ଘର ଆଗରେ ସିସିଟିଭି ନ ଥିବାରୁ ଅଭିଯୁକ୍ତଙ୍କୁ ଠାବ କରିବା ପାଇଁ ପୋଲିସ ଅନ୍ୟ କିଛି ସୁରାକ ଖୋଜୁଛି। କଲୋନୀର ଦୁଇ ପାର୍ଶ୍ୱ ରବୀନ୍ଦ୍ରମଣ୍ଡପ ଛକ ଓ ୧୨୦ ବାଟାଲିୟନ ଛକରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। ଘଟଣାର ୨୪ ଘଣ୍ଟା ବିତିଯାଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କ ଟେର୍ ପାଇପାରିନି।

ବିଧାୟକ ପ୍ରଧାନ ରବିବାର ଅପରାହ୍ନ ପ୍ରାୟ ୩ଟାରେ କୌଣସି କାମରେ ସରକାରୀ ବାସଭବନରୁ ବାହାରି ଯାଇଥିଲେ। ରାତିପ୍ରାୟ ୧୧ଟାରେ ଘରର ବାହାର ଗେଟ ତାଲା ପକାଇ ଘରେ ପିଏସ୍‌ଓ ଲୋକନାଥ ଏବଂ ଅନ୍ୟ ୩ଜଣ ସମ୍ପର୍କୀୟ ଶୋଇଥିଲେ। ରାତି ପ୍ରାୟ ୧ଟା ୩୦ରେ ହଠାତ୍ ସେମାନଙ୍କର ନିଦ ଭାଙ୍ଗି ଯାଇଥିଲା। ଘର ବାହାରୁ ପ୍ରବଳ ଧୂଆଁ ବାହାରିବା ସହ ହୁତୁହୁତୁ ହୋଇ ନିଆଁ ଜଳୁଥିଲା। ହେଲେ ବାହାରପଟୁ କବାଟ ଦିଆଯାଇଥିବାରୁ ସେମାନେ ବାହାରିପାରି ନ ଥିଲେ। ଅଗ୍ନିଶମ ବିଭାଗକୁ ଫୋନ୍ କରିଥିଲେ ମଧ ବହୁ ସମୟ ପରେ କେହି କଲ୍ ରିସିଭ୍ କରି ଥିଲେ। ପରେ କଳ୍ପନା ଓ ସେକ୍ରେଟାରିଏଟ୍ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଲିଭାଇଥିଲେ। ହେଲେ ବହୁ ବିଳମ୍ବ ହୋଇଯାଇଥିବାରୁ ଆଉ କିଛି ବାକି ନ ଥିଲା।

ସୂଚନାଯୋଗ୍ୟ, ପୂର୍ବରୁ ଜଣେ ଯୁବତୀଙ୍କୁ ନେଇ ବିଧାୟକ ବିବାଦ ଘେରକୁ ଆସିଥିଲେ। ଯୁବତୀ ଜଣକ ନିଜକୁ ବିଧାୟକଙ୍କ ସ୍ତ୍ରୀ ବୋଲି ଦାବି କରିବା ସହ ପରବର୍ତ୍ତୀ ସମୟରେ ଗ୍ରାମସ୍ଥିତ ତାଙ୍କ ବାସଭବନରେ ଧାରଣା ଦେବା ସହ ଭୁବନେଶ୍ୱର ସରକାରୀ ବାସଭବନ ଆଗରେ ଭଙ୍ଗାରୁଜା କରିଥିଲେ। ଏପରି କି ଏକ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ସେହିପରି ଦୁଇ ମାସ ତଳେ ବିଧାୟକଙ୍କ ମ୍ୟାନେଜରଙ୍କ ଇନୋଭା କାର ଡ୍ରାଇଭରଙ୍କୁ ଦୁର୍ବୃତ୍ତମାନେ ମାଡ଼ମାରି ଲୁଟି ନେଇଥିଲେ। ଉକ୍ତ ଗାଡ଼ି ସହାୟତାରେ ମଧ ୩୫ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ଗାଡ଼ିପୋଡ଼ି ସହ ଏସବୁ ଘଟଣାର ଲିଙ୍କ୍ ରହିଛି କି ନାହିଁ ସେନେଇ ପୋଲିସ ତଦନ୍ତ କରୁଛି। ଅତିରିକ୍ତ ସିପି ସିଂ କହିଛନ୍ତି, ପ୍ରାଥମିକ ତଦନ୍ତ ଚାଲୁଥିବାରୁ କିଛି କହିହେବ ନାହିଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏଭଳି ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୦ ଅଗଷ୍ଟ, ୨୦୧୯



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି



# ଅନିଶ୍ଚିତତା ଘେରରେ ଦ୍ୱିତୀୟ ହରିଣ ପାର୍କ ନିର୍ମାଣ

କଟକ ଅଫିସ, ୧୯।୮

କଟକରେ ହେବାକୁ ଥିବା ଦ୍ୱିତୀୟ ହରିଣପାର୍କକୁ ନେଇ ଏବେ ଅନିଶ୍ଚିତତା ଦେଖାଦେଇଛି। କଟକ ମହାନଗର ନିଗମ(ସିଏମ୍‌ସି) ଅନ୍ତର୍ଗତ ତୁଳସୀପୁର ମଧୁସୂଦନ ନଗରଠାରେ ଏକ ହରିଣ ପାର୍କ ରହିଛି। ଏଠାରେ ୫୦ରୁ ୬୦ ହରିଣ ରହିବାର କ୍ଷମତା ରହିଛି। ହେଲେ ଏଠାରେ ହରିଣ ସଂଖ୍ୟା ବୃଦ୍ଧିପାଇ ୨୧୧ରେ ପହଞ୍ଚିଲାଣି। କେନ୍ଦ୍ରୀୟ ବନ୍ୟଜନ୍ତୁ ଆଇନ ଅନୁଯାୟୀ, ଏହି ହରିଣଗୁଡ଼ିକ ରହିବା ନିମନ୍ତେ ଏକ ନୂତନ ପାର୍କ ନିର୍ମାଣ ପାଇଁ ସିଏମ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ ହରିଣଗୁଡିକୁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ଛଡାଯିବ। ଏ ନେଇ ସିଏମସି ପକ୍ଷରୁ ଗତ ଜୁଲାଇ ୧୫ରେ ମହାନଗର ନିଗମ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ ହରିଣ ପାର୍କ ନିର୍ମାଣ କିମ୍ବା ହରିଣ ସ୍ଥାନାନ୍ତର ନିମନ୍ତେ ଆଲୋଚନା ହୋଇଥିଲା। ହେଲେ ଏହି ବୈଠକକୁ ଏକ ମାସ ବିତିଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ହରିଣଙ୍କ ସୁରକ୍ଷା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କିଛିବର୍ଷ ତଳେ ଦ୍ୱିତୀୟ ହରିଣ ପାର୍କ ନିର୍ମାଣ ପାଇଁ ହାଇକୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସେଥିପାଇଁ ମର୍କତନଗର, ବିଦ୍ୟାଧରପୁର, ସତୀଚଉରାଠାରେ ଜମି ଚିହ୍ନଟ ହୋଇଥିଲେ ମଧ୍ୟ ବିଭିନ୍ନ କାରଣରୁ ପାର୍କ ନିର୍ମାଣ ସମ୍ଭବ ହୋଇପାରିନାହିଁ। ସେହିପରି ଉତ୍ତମାପୁରଠାରେ ଆଉ ଏକ ଜମି ଚିହ୍ନଟ ହୋଇଥିଲା। କିନ୍ତୁ ତାହାର କିଷମ ନଦୀଶଯ୍ୟା ବୋଲି ଜଣାପଡ଼ିବା ପରେ ବାତିଲ କରାଯାଇଥିଲା। ଏହାପରେ ମୁଣ୍ଡୁଳି ନିକଟସ୍ଥ ବାଆଁରାଠାରେ ଦ୍ୱିତୀୟ ପାର୍କ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ଜମି ଚିହ୍ନଟ ପ୍ରକ୍ରିୟାକୁ ଇତିମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଜମି ହସ୍ତାନ୍ତର କରାଯାଉନାହିଁ। ଅନ୍ୟପକ୍ଷରେ ଉକ୍ତ ପାର୍କରେ ହରିଣ ସଂଖ୍ୟା ବୃଦ୍ଧି ପାଉଥିବାରୁ ଚିଡ଼ିଆଖାନା କର୍ତ୍ତୃପକ୍ଷ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଫନୀବେଳେ ମଧୁସୂଦନ ନଗରଠାରେ ଥିବା ହରିଣ ପାର୍କ ଗଛ ଉପୁଡି ପଡିଥିବାବେଳେ ପାଚେରୀ ଭାଙ୍ଗି ଯାଇଥିଲା। ହେଲେ ଏପର୍ଯ୍ୟନ୍ତ ପାଚେରି ମରାମତି କରାଯାଇନାହିଁ। ଫଳରେ ହରିଣ ବାହାରକୁ ଚାଲିଯିବାର ଆଶଙ୍କା ପ୍ରକାଶ ପାଇଛି।

ସମସ୍ୟା ସମ୍ପର୍କରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷକ ଅଜୟ ମହାପାତ୍ର କହିଛନ୍ତି, ସିଏମସିକୁ ଏ ନେଇ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ କୌଣସି ଖବର ଆମପାଖକୁ ଆସିନାହିଁ। ସିଏମ୍‌ସି ଯଦି ପରବର୍ତ୍ତୀ ପଦକ୍ଷେପ ନ ନେବ ତା'ହେଲେ ଉକ୍ତ ପାର୍କରୁ ହରିଣକୁ ବିଭିନ୍ନ ଜଙ୍ଗଲରେ ଛଡାଯିବ। ଅନ୍ୟପକ୍ଷରେ ସିଏମ୍‌ସି କମିଶନର ଅନନ୍ୟା ଦାଶ କହିଛନ୍ତି, ନୂତନ ହରିଣ ପାର୍କ ନିମନ୍ତେ ଜାଗା ଦେଖାଚାଲିଛି। ଜାଗା ଚିହ୍ନଟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବା ପରେ ଏ ସଂକ୍ରାନ୍ତରେ ବନ୍ୟଜନ୍ତୁ ବିଭାଗକୁ ଅବଗତ କରାଯିବ। ତା'ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି କଟକ ସହର ବନ ଅଧିକାରୀ ଦାୟିତ୍ୱରେ ଥିବା ମହମ୍ମଦ ଜମିଲ୍ କହିଛନ୍ତି, ସିଏମ୍‌ସି ଯେତେଶୀଘ୍ର ଜାଗା ଚିହ୍ନଟ କରିବ ସେତେ ଶୀଘ୍ର ହରିଣମାନେ ସ୍ଥାନାନ୍ତର ହେବେ। ଚିହ୍ନଟ ହୋଇଥିବା ଜାଗା ଆମ ପରିସର ବାହାରେ ଥିଲା। ଏଥିସହ କେନ୍ଦ୍ର ବନ୍ୟଜନ୍ତୁ ଅଥରିଟି ଅଫ ଇଣ୍ଡିଆ ପକ୍ଷରୁ ଜାଗା ଚୂଡ଼ାନ୍ତ ହୋଇପାରି ନ ଥିବାରୁ ପାର୍କ ନିର୍ମାଣ ପ୍ରକ୍ରିୟା ବିଳମ୍ବ ହୋଇଛି। ବର୍ଷ ବର୍ଷ ବିତିଯାଇଥିଲେ ସୁଦ୍ଧା ହରିଣ ସ୍ଥାନାନ୍ତର ହୋଇ ନ ପାରିବା ଫଳରେ ବନ୍ୟଜନ୍ତୁ ଆଇନ ଉଲ୍ଲଂଘନ ହେଉଥିବା ଅଭିଯୋଗ ହେଉଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ବନ୍ୟଜନ୍ତୁପ୍ରେମୀଙ୍କ ପକ୍ଷରୁ ଦାବି ହେଉଛି।



ମଧୁସୂଦନ ନଗରସ୍ଥିତ ହରିଣ ପାର୍କ ପାଚେରି ଭାଙ୍ଗିଯାଇଛି।

- ଆଲୋଚନା ପରେ ନିଆଯାଉନି ପଦକ୍ଷେପ
- ଚୂଡ଼ାନ୍ତ ହୋଇପାରୁନି ଜାଗା ଚିହ୍ନଟ
- ମଧୁସୂଦନ ନଗର ପାର୍କରେ ରହୁଛନ୍ତି ଆବଶ୍ୟକତାଠୁ ଅଧିକ ହରିଣ

## ସଂକ୍ଷେପରେ

### ୱାଲ୍‌ମି କାର୍ଯ୍ୟାଳୟ ଗସ୍ତ କଲେ ଜଳ ସମ୍ପଦ ମନ୍ତ୍ରୀ

## ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ

**କଟକ ଅଫିସ, ୧୯।୮:** ରାଜ୍ୟ ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ସୋମବାର ପ୍ରତାପନଗରସ୍ଥିତ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ (ୱାଲ୍‌ମି)ର କାର୍ଯ୍ୟାଳୟକୁ ଅଚାନକ ଗସ୍ତ କରିଥିଲେ। ପୂର୍ବାହ୍ନ ୧୧ଟା ୧୫ରେ ମନ୍ତ୍ରୀ କାର୍ଯ୍ୟାଳୟରେ ପହଞ୍ଚିବାବେଳକୁ ସେଠାକାର ବହୁ ଅଧିକାରୀ ଓ କର୍ମଚାରୀ ଅନୁପସ୍ଥିତ ଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କାର୍ଯ୍ୟାଳୟ ପରିସରକୁ ପରିଷ୍କାର ରଖିବା ପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ୱାଲ୍‌ମିଠାରେ ଆୟୋଜିତ ପାଣି ପଞ୍ଚାୟତ ସଦସ୍ୟ, କୃଷକମାନଙ୍କର ପ୍ରଶିକ୍ଷଣ କର୍ମଶାଳାରେ ମନ୍ତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ଜଳ ଅପଚୟ ନ କରି ଏହାର ଉପଯୁକ୍ତ ପରିଚାଳନା ନିମନ୍ତେ ଯତ୍ନବାନ ହେବା ପାଇଁ ମନ୍ତ୍ରୀ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ଚାଷଜମିରେ ଯେପରି ଆବଶ୍ୟକତାଠାରୁ ଅଧିକ ଜଳ ପ୍ଳାବିତ ନ ହୁଏ ସେଥିପ୍ରତି ସଚେତନ ରହିବାକୁ କୃଷକଙ୍କୁ କହିଥିଲେ। ପ୍ରତି ସପ୍ତାହରେ ୱାଲମିରେ ୩ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ୨୦୧୬-୧୭ ବର୍ଷରେ ୯୪୯୪ ଜଣ, ୨୦୧୭-୧୮ ବର୍ଷରେ ୧୪,୦୧୫ ଜଣ, ୨୦୧୮-୧୯ ବର୍ଷରେ ୭୫୯୦ ଜଣ ଅଧିକାରୀ ଏବଂ କୃଷକଙ୍କୁ କୃଷି ଓ ଜଳ ପରିଚାଳନା ସମ୍ବନ୍ଧୀୟ ଗୁଣାତ୍ମକ ତାଲିମ ପ୍ରଦାନ କରାଯାଇଛି। ୱାଲ୍‌ମି ପରିସରରେ ଅଚଳ ହୋଇ ପଡ଼ି ରହିଥିବା ଯନ୍ତ୍ରାଂଶକୁ ପରିଚ୍ଛନ୍ନ କରିବା, ନୂତନ ପରୀକ୍ଷାଗାର ପାଇଁ ଯନ୍ତ୍ରପାତି କ୍ରୟ ନିମନ୍ତେ ରିପୋର୍ଟ ଦେବା, ପ୍ରଶାସନିକ ଭବନ ଓ ହଷ୍ଟେଲର ମରାମତି ଏବଂ ସୌନ୍ଦର୍ଯ୍ୟକରଣ ବୃଦ୍ଧି ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ଦାସ ନିର୍ଦ୍ଦେଶ ଦେଇଥିଲେ।

### ଲୋନ୍ ଖିଲାପ ଅଭିଯୋଗ

## ପୋଲିସ ଓ ଫାଇନାନ୍ସ କମ୍ପାନୀର ଚଢ଼ାଉ

**କଟକ ଅଫିସ,୧୯।୮:** ଲୋନ ଖିଲାପ ଅଭିଯୋଗରେ ବାଦାମବାଡି ପୋଲିସ ସୋମବାର ସ୍ଥାନୀୟ ରକ୍ସିଲେନ ଅଧିବାସୀ ଦିଲୀପ ରାୟଙ୍କ ବାସଭବନରେ ଚଢ଼ାଉ କରିଥିଲା। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଓ ସୁନ୍ଦରମ ଫାଇନାନ୍ସର ମିଳିତ ଅଭିଯାନରେ ସୋମବାର ତାଙ୍କ ଘର ଜବତ କରିବା ପାଇଁ ଚଢ଼ାଉ କରାଯାଇଥିଲା। ସୂଚନା ଅନୁଯାୟୀ, ଦିଲୀପ ୨୦୧୧ରେ ନିଜ ଘର ବନ୍ଧକ ରଖି ସୁନ୍ଦରମ ଫାଇନାନ୍ସ କମ୍ପାନୀରୁ ୧୫ଲକ୍ଷ ଟଙ୍କା ଲୋନ ଆଣିଥିଲେ। ହେଲେ ପରବର୍ତ୍ତୀ ସମୟରେ ଲୋନ୍ ଶୁଝି ନ ଥିଲେ। ୧୫ଲକ୍ଷ ଲୋନ୍‌ର ସୁଧଟଙ୍କା ବଢି ୩୦ଲକ୍ଷରୁ ଅଧିକ ହୋଇଥିଲା। ବାରମ୍ବାର କମ୍ପାନୀ ପକ୍ଷରୁ ନୋଟିସ ହୋଇଥିଲେ ମଧ୍ୟ ଦିଲୀପ ଲୋନ୍ ସୁଝି ନ ଥିଲେ। ଏ ନେଇ ଫାଇନାନ୍ସ କମ୍ପାନୀ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଅଦାଲତର ନିର୍ଦ୍ଦେଶକ୍ରମେ ସୋମବାର ବାଦାମବାଡି ପୋଲିସ ସହାୟତାରେ ଦିଲ୍ଲୀପଙ୍କ ବନ୍ଧକ ରଖାଯାଇଥିବା ଘର ଜବତ ପାଇଁ ଏକ ଟିମ୍ ପଠାଯାଇଥିଲା। ଜବତ ବେଳେ ଦିଲୀପ ସୁନ୍ଦରମ ଫାଇନାନ୍ସ କମ୍ପାନୀ ସହ ବୁଝାମଣା କରି ଲୋନ୍ ବାବଦରେ କିଛିଅର୍ଥ ଚେକ୍ ଆକାରରେ ପ୍ରଦାନ କରିଥିଲେ। ଏଥିସହିତ କମ୍ପାନୀକୁ ଋଣ ପରିଶୋଧ ଲାଗି ଆଉ ୧ମାସ ସମୟ ମାଗିଥିଲେ। ତେବେ ୧ମାସ ଭିତରେ ଯଦି ସେ ଋଣ ପରିଶୋଧ ନ କରନ୍ତି ତା'ହେଲେ ତାଙ୍କ ଘର ଜବତ କରାଯିବ ବୋଲି ଜଣାପଡିଛି।

# ନାରୀ ସଶକ୍ତୀକରଣରେ ସରଳା ଦେବୀଙ୍କ ଅବଦାନ ଅତୁଳନୀୟ



ସମାରୋହରେ ଲେଖିକା ବନଜ ଦେବୀ ଓ ସାମାଜିକ କର୍ମୀ ଡ. ରୀନା ରାଉତରାୟଙ୍କୁ ସମ୍ମାନିତ କରାଯାଉଛି।

କଟକ ଅଫିସ, ୧୯।୮

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସରଳା ଦେବୀ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ସୋମବାର କଟକ ସାରଳା ଭବନରେ ସରଳା ଦେବୀଙ୍କ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟଅତିଥି କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଉଦ୍‌ଘାଟନ କରିଥିଲେ। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକା ଡ. ଅର୍ଚ୍ଚନା ନାୟକ ଯୋଗଦେଇ କହିଥିଲେ, ସରଳା ଦେବୀ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସୁଲେଖିକା ଥିଲେ। ଓଡ଼ିଶାରେ ନାରୀର ସଶକ୍ତକରଣ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ସମ୍ମାନିତ ଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ସରଳା ଦେବୀଙ୍କର ଭୂମିକା ବିଷୟରେ ଆଲୋକପାତ କରିବା ସହିତ କଟକରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ଧରଣୀଧର ନାୟକ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଲେଖିକା ବନଜ ଦେବୀଙ୍କୁ ସରଳା ଦେବୀ ସ୍ମୃତି ସମ୍ମାନ ଓ ସାମାଜିକ କର୍ମୀ ଡ. ରୀନା ରାଉତରାୟଙ୍କୁ ଯୁବ ସମାଜସେବୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ସଂସଦର କାର୍ଯ୍ୟକାରୀ ସଭାପତି ଝୁମ୍‌ଝୁମ୍ ନାୟକ, ସାଧାରଣ ସମ୍ପାଦକ ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ମନୋରମା ମହାପାତ୍ର ଓ ଜୟନ୍ତୀ ରଥଙ୍କ ସମେତ ସଂସଦର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ସିଏମ୍‌ସି: ଟିକସ ଆଦାୟକୁ ନେଇ ବୈଠକ

କଟକ ଅଫିସ, ୧୯।୮

କଟକ ମହାନଗର ନିଗମ (ସିଏମ୍‌ସି)ରେ ଟିକସ ଆଦାୟକୁ ନେଇ ସୋମବାର ସିଏମ୍‌ସି କାର୍ଯ୍ୟାଳୟରେ କମିଶନର ଅନନ୍ୟା ଦାସଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ସିଏମ୍‌ସିରେ ବିଭିନ୍ନ କ୍ଷେତ୍ରରୁ ୧୬ କୋଟି ଟଙ୍କା ହ୍ରାସ ପାଇଥିବାବେଳେ ଚଳିତବର୍ଷ ଟ୍ରେଡ୍ ଲାଇସେନ୍ସ, ଟ୍ୟାକ୍ସ କଲେକ୍ସନରେ କିପରି ବୃଦ୍ଧି ଘଟିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ସିଏମ୍‌ସିର ରାଜସ୍ୱ ବୃଦ୍ଧି ଓ ବକେୟା ଆଦାୟ କିଭଳି ହେବ, କେଉଁ କ୍ଷେତ୍ରରେ କେତେ ଟଙ୍କା ରହିଛି, କେଉଁ ସଂସ୍ଥା ଟ୍ରେଡ୍ ଲାଇସେନ୍ସ ନେଇଛନ୍ତି, କେଉଁ ସଂସ୍ଥା ଟ୍ରେଡ୍ ନେଇନାହାନ୍ତି ସେ ନେଇ ଆଲୋଚନା ହୋଇଥିଲା। ସେହିପରି ଟ୍ୟାକ୍ସ କଲେକ୍ସନ କିପରି ହୋଇପାରିବ ସେ ଦିଗରେ ପଦକ୍ଷେପ ନେବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଥିଲା। ବିଶେଷକରି ସହରରେ ଥିବା ଘରୋଇ ନର୍ସିଂହୋମ, ଦୋକାନ ଓ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରୁ କିଭଳି ଠିକ୍ ଭାବରେ ଟିକସ ଆଦାୟ କରାଯିବ ସେ ଦିଗରେ ପଦକ୍ଷେପ ନେବାକୁ କମିଶନର କହିଛନ୍ତି। ଟିକସ ଆଦାୟ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାଇ ଦେଇଛନ୍ତି। ଚଳିତବର୍ଷ ଦିଆଯାଇଥିବା ଟିକସ ଲକ୍ଷ୍ୟଧାର୍ଯ୍ୟକୁ ପୂରଣ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସିଏମ୍‌ସି ସେକ୍ରେଟାରୀ ଲତାଶ୍ରୀ ବାଗଙ୍କ ସମେତ ଟ୍ୟାକ୍ସ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଏସ୍‌ସିବି ମେଡିକାଲରେ ୨୧ ଡେଙ୍ଗୁ ରୋଗୀ

କଟକ ଅଫିସ, ୧୯।୮

ଏସ୍‌ସିବି ମେଡିକାଲରେ ସୋମବାର ୨୧ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧୭ ଜଣ ସ୍ୱତନ୍ତ୍ର ୱାର୍ଡରେ ଓ ଗୁରୁତର ୪ ଜଣଙ୍କୁ ଆଇସିୟୁ ରେ ଭର୍ତ୍ତି କରାଯାଇଛି। ସେହିପରି ଏଠାରେ ୮୧ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ୭ଟି ନମୁନା ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ବଲାଙ୍ଗୀର, ବୌଦ୍ଧ, ଢେଙ୍କାନାଳ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଜିଲାରୁ ଜଣେ ଲେଖାଏଁ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଯାଜପୁର ଜିଲାର ୨ଜଣଙ୍କ ରକ୍ତ ନମୁନାରେ ଡେଙ୍ଗୁ ପଜିଟିଭ୍ ରହିଛି ବୋଲି ଡେଙ୍ଗୁ ନୋଡାଲ ଅଫିସର ଡା. ଶ୍ରୀପ୍ରସାଦ ମହାନ୍ତି କହିଛନ୍ତି।

## ଚୋରି: ଅଭିଯୁକ୍ତ ଗିରଫ

କଟକ ଅଫିସ,୧୯।୮

ଚୋରି ଅଭିଯୋଗରେ ପୁରୀଘାଟ ପୋଲିସ ସୋମବାର ତେଲେଙ୍ଗାବଜାର ମଠସାହିର କୁନ୍ଦନ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ରବିବାର ରାତିରେ ଭଗତ୍‌ପୁର ଅଞ୍ଚଳର ଜଣଙ୍କ ଘରେ ପଶି କୁନ୍ଦନ ଚୋରି କରୁଥିଲେ। ସେହି ସମୟରେ ପରିବାର ଲୋକେ ଉଠି ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଆସି କୁନ୍ଦନଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

## ରାଧାମାଧବ ଦାସଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା

କଟକ ଅଫିସ, ୧୯।୮

ମଧୁସୂଦନ ଆଇନ ମହାବିଦ୍ୟାଳୟ ପୂର୍ବତନ ଛାତ୍ର ପରିଷଦର ଆବାହକ ତଥା ଖ୍ରୀଷ୍ଟ ମହାବିଦ୍ୟାଳୟର ପୂର୍ବତନ ସାଧାରଣ ସମ୍ପାଦକ ରାଧାମାଧବ ଦାସଙ୍କ ବିୟୋଗରେ ସହରର ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନେ ମହମବତି ଶୋଭାଯାତ୍ରା ଆୟୋଜନ କରିଥିଲେ। ଖ୍ରୀଷ୍ଟ ମହାବିଦ୍ୟାଳୟରୁ ଏହି ଶୋଭାଯାତ୍ରା ବାହାରି ଚଣ୍ଡୀଛକ ଯାଏ ଯାଇଥିଲା। ଏଥିରେ ଶାଶ୍ୱତ ଜେନା, କାଳୀପ୍ରସାଦ ମୁଦୁଲି, ଅକ୍ଷୟ ବେହେରା, ବାପୁନି ପଲାଇ, ରମେଶ ସେଠୀଙ୍କ ସମେତ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

### କଟକରେ ସିରିଏଲ୍ ହତ୍ୟା ଘଟଣା

# ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ ଅଫିସ, ୧୯।୮

କଟକ ସିରିଏଲ୍ ହତ୍ୟା ଘଟଣାରେ ଗିରଫ ହୋଇଥିବା ନାରାୟଣ ସାହୁଙ୍କ ମାମଲା ଏବେ ନୂଆ ମୋଡ଼ ନେଇଛି। ନାରାୟଣଙ୍କୁ ନିର୍ଦ୍ଦୋଷ ଘୋଷଣା କରିବା ପାଇଁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। କଟକ ଜିଲା ଦୌରାଜଜ୍ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ସୋମବାର ହୋଇଥିବା ଶୁଣାଣିରେ ଗୀତାଞ୍ଜଳିଙ୍କ ଓକିଲ ଯୁକ୍ତି ରଖିଥିଲେ ଯେ, ହତ୍ୟାକାଣ୍ଡ ଦିନ ନାରାୟଣ ତାଙ୍କ ଗାଁ ନୟାଗଡ଼ ଜିଲା ସୁନାମୁହିଁରେ ଥିଲେ। ତେଣୁ ଏହିଠାରେ ଥିବା ଏକ ବ୍ୟାଙ୍କର ସିସିଟିଭିରେ ନାରାୟଣ ବୁଲାବୁଲି କରୁଥିବାର ଦୃଶ୍ୟ ରହିଛି। ଏହାର ପୂର୍ବଦିନ ନାରାୟଣ ଭୁବନେଶ୍ୱର ସାଲିଆସାହି ଅଞ୍ଚଳରେ ତାଙ୍କ ଭଉଣୀ ଘରେ ଥିଲେ। ତେଣୁ ସାଲିଆସାହି ସ୍ଥିତ ଏକ ମଦ ଦୋକାନ ଏବଂ ସୁନାମୁହିଁସ୍ଥିତ ଉକ୍ତ ବ୍ୟାଙ୍କର ସିସିଟିଭି ଫୁଟେଜ ଜବତ କରିବା ପାଇଁ ବିଚାରପତି ପୋଲିସକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ଯୁକ୍ତି ରଖିଛନ୍ତି। ଯଦି ଏହି ଫୁଟେଜ ଜବତ କରିବାରେ ବିଳମ୍ବ ହୁଏ, ତା'ହେଲେ ପରବର୍ତ୍ତୀ ସମୟରେ ଉକ୍ତ ପ୍ରମାଣ ହାତଛଡ଼ା ହୋଇଯିବ ବୋଲି ତ୍ରିପାଠୀ କୋର୍ଟରେ ଯୁକ୍ତି ବାଢ଼ିଛନ୍ତି। ଏହି ମାମଲାରେ କୋର୍ଟ ଉଭୟ ସରକାରୀ ଓ ଗୀତାଞ୍ଜଳିଙ୍କ ଓକିଲଙ୍କ ଯୁକ୍ତି ଶୁଣିବା ପରେ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୨୪ରେ କଟକରେ ୨୪ ଘଣ୍ଟା ମଧ୍ୟରେ ୩ଜଣଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ କମିଶନରେଟ୍ ପୋଲିସ ନାରାୟଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନାରାୟଣ ଓଏମ୍‌ପି ଅଞ୍ଚଳରେ ଘଟିଥିବା ୨ଟି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ପୋଲିସ କହିଥିଲା। ତେବେ ସ୍ୱାମୀଙ୍କୁ ନିର୍ଦ୍ଦୋଷ ପ୍ରମାଣିତ କରିବା ପାଇଁ ଗୀତାଞ୍ଜଳି କଟକ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ।

## ଜିଲାପାଳଙ୍କ ଜନଶୁଣାଣି ଶିବିର

ନିଆଳି,୧୯।୮(ଡି.ଏନ୍.ଏ.)

ନିଆଳି ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନି ଯୋଗଦେଇ ୨୫୦ ଜଣଙ୍କର ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ତତ୍କାଳ ୫୩ଟି ଅଭିଯୋଗର ସମାଧାନ ହୋଇଥିଲା। ବିଶେଷକରି ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ରାଶନ କାର୍ଡ, ଫନୀ ଘରଭଙ୍ଗା ସାହାଯ୍ୟ ପ୍ରଦାନ ଭଳି ୨୩୧ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ସେହିପରି ନିଆଳିରେ ମଦ ଦୋକାନ ବନ୍ଦ କରିବା, ନିଆଳି ଆଦର୍ଶ ବିଦ୍ୟାଳୟକୁ ରାସ୍ତା, ନାଟି ଗ୍ରାମରେ ଥିବା ପାନୀୟ ଜଳର ସୁବିଧା ଭଳି ସମୂହ ଅଭିଯୋଗ ହୋଇଥିଲା। ଏହି ଶିବିରରେ ଉପ ଜିଲାପାଳ ଶୁଭ୍ରାଂଶୁ ମିଶ୍ର, ଏଡିଏମ୍ ସୁବାସ ଚନ୍ଦ୍ର ଖଣ୍ଡାୟତରାୟ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅବ୍‌ଦଲ ଅଖତର, ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ, ବିଡିଓ ରଞ୍ଜନ କୁମାର ଜେନା, ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ

ଚୌଦ୍ୱାର,୧୯।୮(ଡି.ଏନ୍.ଏ.)

ବିଭିନ୍ନ ଦାବି ନେଇ ପରିଚାଳନା କମିଟି ଦ୍ୱାରା ନିଯୁକ୍ତିପ୍ରାପ୍ତ ଚୌଦ୍ୱାର କଲେଜର ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ସୋମବାର ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହିତ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ନିକଟରେ ଧାରଣାରେ ବସିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନଙ୍କୁ ବର୍ଦ୍ଧିତ ହାରରେ ବେତନ ପ୍ରଦାନ, ସେମାନଙ୍କୁ ଇପିଏଫ୍ ପରିସରଭୁକ୍ତ କରିବା, ଇଏଲରେ ବେତନ ପ୍ରଦାନ ଭଳି ବିଭିନ୍ନ ଦାବିକୁ କଲେଜ ପରିଚାଳନା କମିଟି ଓ କର୍ତ୍ତୃପକ୍ଷ ଅଣଦେଖା କରି ଆସୁଥିବା ଅନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ଏଥିଯୋଗୁ ସମ୍ପୃକ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ଆର୍ଥିକ, ମାନସିକ ଓ ସାମାଜିକ ଦୁର୍ଦ୍ଦଶା ଭିତରେ ରହୁଛନ୍ତି। ଆଜକୁ ଦୀର୍ଘବର୍ଷ ହେବ ଏହି କର୍ମଚାରୀମାନଙ୍କୁ ପରିଚାଳନା କମିଟି ମାଧ୍ୟମରେ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ସେମାନଙ୍କୁ କଲେଜର ଅନ୍ୟ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀଙ୍କ ପରି ଉପରୋକ୍ତ ସୁବିଧାସୁଯୋଗ ଦିଆଯାଇନାହିଁ। ଏ ସମ୍ପର୍କରେ ପୂର୍ବରୁ ଅନେକ ଥର ପରିଚାଳାନା କମିଟି ଓ କଲେଜ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ କୌଣସି ସୁଫଳ ନ ମିଳିବାରୁ ଆନ୍ଦୋଳନ କରିବାକୁ ବାଧ୍ୟ ହେଲୁ ବୋଲି ଆନ୍ଦୋଳନରତ ଅଧ୍ୟାପିକା ରାଜଲକ୍ଷ୍ମୀ ସାହୁ, ଶ୍ରଦ୍ଧାଞ୍ଜଳି ପୃଷ୍ଟି, ଅନୁପମା ତ୍ରିପାଠୀ, ଲୁସନା ମହାରଣା, ରଚିତା ବେହେରା, ଅଶୋକ ଦାସ ଓ ନଗେନ୍ଦ୍ରନାଥ ପରିଡ଼ା ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷା ସ୍ମୃତି ପଟ୍ଟନାୟକ କୁହନ୍ତି, ଦାବିଗୁଡ଼ିକ ସମ୍ପର୍କରେ କଲେଜ ପରିଚାଳନା କମିଟି ସଭାପତି ଓ ଉପଜିଲାପାଳଙ୍କୁ ଜଣାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଦାବିଗୁଡ଼ିକ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ତେବେ ଦାବି ପୂରଣ ସମ୍ପର୍କରେ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହାର ହେବନାହିଁ ବୋଲି ଆନ୍ଦୋଳନକାରୀମାନେ ଜିଦ୍ ଧରିଛନ୍ତି।




ଧାରଣାରେ ବସିଥିବା ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ।

ଚୌଦ୍ୱାର କଲେଜ



କଟକ ମାତାମଠ ରିଂବନ୍ଧ ରାସ୍ତା ଫୁଟ୍‌ପାଥରେ ଜଣେ ବ୍ୟକ୍ତି ମାଛ ଧରା ଜାଲ ବୁଣୁଛନ୍ତି।



କଟକ ଚୌଧୁରୀ ବଜାର ଅଞ୍ଚଳରେ ଥିବା ପୂଜା ସାମଗ୍ରୀ ଦୋକାନ ଉପରେ ସିଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଇ ଜବତ କରାଯାଇଥିବା ପଲିଥିନ୍ ଓ ଅନ୍ୟାନ୍ୟ ସାମଗ୍ରୀ।



କଟକସ୍ଥିତ ଯୋବ୍ରା ଆନିକଟ୍ ଫୁଟ୍‌ପାଥରେ ଗ୍ରାହକମାନେ ପୋଡ଼ାମକା କିଣୁଛନ୍ତି।



ପ୍ରତ୍ୟେକ ମହତ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ସଂକ୍ଷେପରେ

### ବାଲିପାଟଣା ବ୍ଲକ ଅଞ୍ଚଳରେ ବିଧାୟକଙ୍କ ଗସ୍ତ

ବାଲିପାଟଣା,୧୯।୮(ଡି.ଏନ୍.ଏ.): ବାଲିପାଟଣା ବ୍ଲକର ବନମାଳିପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଅଚାନକ ପରିଦର୍ଶନ କରିଛନ୍ତି। ପରିଦର୍ଶନ ବେଳେ ଡାକ୍ତରଖାନାରେ କୌଣସି ଡାକ୍ତର କି କର୍ମଚାରୀ ନ ଥିବା ଦେଖି କ୍ଷୋଭ ପ୍ରକାଶ କରିଛନ୍ତି। ରୋଗୀ ସେବାରେ କୌଣସି ପ୍ରକାର ବ୍ୟାହତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଧାୟକ କହିଥିଲେ। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ମନୋରଞ୍ଜନ ହାତୀ କୁହନ୍ତି, ରବିବାର ଛୁଟିଦିନ ଥିବାର କର୍ମଚାରୀ ଓ ଡାକ୍ତର ବିଳମ୍ବ ଆସିବା ସହ କେତେକ କ୍ୱାର୍ଟରରେ ଥିବେ। ଏହାପରେ ବିଧାୟକ ଢାଲୀ ଆମେଣାକୁଦ ଉଚ୍ଚ ବିଦ୍ୟାଳୟରେ ମଧୁବାବୁ ଆଇନ ସହାୟତାର ଆଇନଜୀବୀମାନଙ୍କ ପକ୍ଷରୁ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିରେ ଆଇନଜୀବୀ ହିମାଂଶୁ ଶେଖର ନାୟକ, ଶକ୍ତି ପ୍ରସାଦ ଛୋଟରାୟ, ତାପସ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଭାପୁର ପଞ୍ଚାୟତ ଅଧୀନ ହରପାର୍ବତୀ ମଣ୍ଡପଠାରେ ଏକ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିଲେ। ଏଥିରେ ସେ ପ୍ରଥମେ ଏହି ମଣ୍ଡପର ମୁଖଶାଳା ଛାତ ପଡିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ପଞ୍ଚାୟତର ଅନ୍ତର୍ଗତ ହାଟର ଉନ୍ନତୀକରଣ, ବନମାଳିପୁର କୁଶଭଦ୍ରା ପୋଲଠାରୁ ଡାକ୍ତରଖାନା ରାସ୍ତାର ପ୍ରସ୍ତୁତିକରଣ ଲୋକମାନେ ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ବାବନ ଚରଣ ସାହୁ, ଭାଗୀରଥି ପାତ୍ର, ଆର୍ତ୍ତତ୍ରାଣ ପାତ୍ର, କାଶୀନାଥ ବାରିକ ଓ ଭାପୁର ସରପଞ୍ଚ କମଳା ସାହୁ ଯୋଗଦେଇଥିଲେ।

### ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ବହୁସ୍ତରୀୟ ପରାମର୍ଶ ଗ୍ରହଣ

ଭୁବନେଶ୍ୱର, ୧୯-୮:ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ବହୁସ୍ତରୀୟ ପରାମର୍ଶ ଗ୍ରହଣ କରାଯାଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ସଂସ୍କାର ଧାରା ମୁତାବକ କେନ୍ଦ୍ର ଅର୍ଥ ସେବା ବିଭାଗ ଦେଇଥିବା ପ୍ରସ୍ତାବ ଆଧାରରେ ବ୍ୟାଙ୍କ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବୈଠକରେ ଅଭିନବ ବିଚାର ଏବଂ ବ୍ୟାଙ୍କିଙ୍ଗ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ବ୍ୟାଙ୍କର ଉଚ୍ଚସ୍ତରୀୟ ଅଧିକାରୀମାନେ ଶାଖା ସ୍ତରରେ ବିଚାର ବିମର୍ଶ କରିଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ପୋରେଟ ଅଫିସ ମହାପ୍ରବନ୍ଧକ ଏସ୍.ରବି, ଆଞ୍ଚଳିକ ପ୍ରବନ୍ଧକ ଶଶିଭୂଷଣ ଦାସ, ଉପଆଞ୍ଚଳିକ ପ୍ରବନ୍ଧକ ଲକ୍ଷ୍ମୀଧର ନାୟକ ଉପସ୍ଥିତ ରହି ବ୍ୟାଙ୍କିଙ୍ଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

### ଆନ୍ଧ୍ର ବ୍ୟାଙ୍କ ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ବୈଠକ

ଭୁବନେଶ୍ୱର, ୧୯-୮: ଆନ୍ଧ୍ର ବ୍ୟାଙ୍କ ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଏହା ପରିସରରେ ଆସୁଥିବା ସମସ୍ତ ଶାଖାର ପରାମର୍ଶ ଏବଂ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଭିମୁଖ୍ୟକୁ ଅଗ୍ରାଧିକାର ସ୍ୱରୂପ ବ୍ୟାଙ୍କିଙ୍ଗ କ୍ଷେତ୍ରର ନୂତନ ଆହ୍ୱାନ ଏବଂ ସରକାରଙ୍କ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଭଳି ବିଭିନ୍ନ ପ୍ରସଙ୍ଗ ଏଠାରେ ସାମିଲ ହୋଇଥିଲା। ବୈଠକରେ ଆସିଥିବା ପ୍ରସ୍ତାବଗୁଡିକୁ ଆଞ୍ଚଳିକ ସ୍ତରକୁ ପଠାଯାଇଛି। ଏଥି ସଂକ୍ରାନ୍ତ ପ୍ରସ୍ତାବଗୁଡିକୁ ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟିରେ ଆଲୋଚନା ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ

ନରାଜ,୧୯।୮(ଡି.ଏନ୍.ଏ.): ବାରଙ୍ଗ ବ୍ଲକ ଅନ୍ତର୍ଗତ ନରଣପୁରଠାରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ୪ଦିନ ଧରି ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମହେଶ୍ୱର ସ୍ୱାଇଁ ଚିଫ ଫାୟାର ଅଫିସର କଟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ନନ୍ଦନକାନନ ଏସିଏଫ ଅମୂଲ୍ୟ ପରିଡା, ଡ. ଶିବଶଙ୍କର ବେରିହା (ଶିଶୁଭବନ କଟକ) ଓ ମୋହନ ଝୁନ୍ ଝୁନ୍‌ୱାଲା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡ. ଅଭୟ କୁମାର ନାୟକ ଉପସ୍ଥିତ ଥିଲେ। ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ସଞ୍ଚାଳିକା ଅରୁଣା ଯୋଗଦେଇ ଭଉଣୀ ଭାଇର ନିବିଡ ସମ୍ପର୍କ ହିଁ ସଚ୍ଚା ବନ୍ଧନ ବୋଲି କହିଥିଲେ। ଶେଷରେ ଭ୍ରାତା ମହେନ୍ଦ୍ର ଧନ୍ୟବାଦ ଦେଇଥିଲେ।

# ରାଜଧାନୀରେ ହେବ ମିଠା କାରଖାନା

**ଛେନାଗଜା, ଛେନାପୋଡ଼ ଛେନାଝିଲ୍ଲୀ, ଆରିସା, ରସାବଳୀ ପାଇଁ ହେବ ଜିଆଇ ଟ୍ୟାଗ ଆବେଦନ**

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ ସହରରେ ସ୍ଥାପନ ହେବ ମିଠା ହବ୍। କ୍ଷୁଦ୍ର ମିଷ୍ଟାନ୍ନ ବ୍ୟବସାୟୀଙ୍କୁ ଆର୍ଥିକ ସହାୟତାଠାରୁ ଆରମ୍ଭ କରି ସମସ୍ତ ସହାୟତା ଯୋଗାଇ ଦିଆଯିବ। ଆଗାମୀ ଦିନରେ ମିଠା କାରଖାନା ପାଇଁ ଜମି ଯୋଗାଇ ଦିଆଯିବ। ଯେଉଁଠି ମିଠା ପାଇଁ ଉନ୍ନତ ଭିତ୍ତିଭୂମି ଓ ପ୍ୟାକେଜିଂର ବ୍ୟବସ୍ଥା ଥିବ ସେଠାରେ ଇଡ୍‌କୋ ଅଧୀନରେ ଥିବା ଜମି ମଧ୍ୟରୁ ଏକ ଜମି ଚିହ୍ନଟ କରାଯିବା ପରେ କାରଖାନା ସ୍ଥାପନ ହେବ ବୋଲି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଓଡ଼ିଶା ରସଗୋଲାକୁ ଜିଆଇ ମାନ୍ୟତା ମିଳିବା ପରେ ସୋମବାର ସୂଚନା ଭବନରେ ଉତ୍କଳ ମିଷ୍ଟାନ୍ନ ବ୍ୟବସାୟୀ ସମିତିର ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ମନ୍ତ୍ରୀ ମିଶ୍ର ମିଠା ବ୍ୟବସାୟୀଙ୍କୁ ଉତ୍ସାହିତ କରିବା ସହ ସରକାରଙ୍କ ଆଭିମୁଖ୍ୟ ସଂକ୍ରାନ୍ତରେ କହିଥିଲେ। ଏଥିସହ ସଚିବାଳୟ ଆସି ଏନେଇ ଆଲୋଚନା କରିବାକୁ ସମିତି ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ।

ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ମିଠା ବ୍ୟବସାୟୀଙ୍କ ବିଭିନ୍ନ ଦାବିଗୁଡ଼ିକର ଶୀଘ୍ର ସମାଧାନ ହେବ ବୋଲି କହିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ଦେବୀପ୍ରସାଦ ମିଶ୍ର, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଶା ମିଠାକୁ ଉଚ୍ଚ ଗୁଣବତ୍ତା ସମ୍ପନ୍ନ କରିବା ସହ ବିଶ୍ୱସ୍ତରରେ ପ୍ରଚାରି ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ସମିତି ସଭାପତି ବିମ୍ବାଧର ବେହେରା ସରକାରଙ୍କ ନିକଟରେ ବିଭିନ୍ନ ଦାବି ରଖିଥିଲେ। ପାହାଳରେ ରସଗୋଲା ବ୍ୟବସାୟୀଙ୍କୁ ସରକାରୀ ଜାଗାରେ ସ୍ୱତନ୍ତ୍ର ଭାବେ ଥଇଥାନ, ଆର୍ଥିକ ପ୍ରୋତ୍ସାହନ, ମିଠା କାରଖାନା ପାଇଁ ଉତ୍କଳ ମିଷ୍ଟାନ୍ନ ବ୍ୟବସାୟୀ ସମିତି ସଦସ୍ୟଙ୍କୁ ଇଡ୍‌କୋ ଜାଗା, ବିଦେଶକୁ ମିଠା ରପ୍ତାନୀ ପାଇଁ ଉତ୍ତମ ଭିତ୍ତିଭୂମି, ପ୍ୟାକେଜିଂ ବ୍ୟବସ୍ଥା, ସମିତିର କାର୍ଯ୍ୟାଳୟ ପାଇଁ ସରକାରୀ ବାସଗୃହ, ଛେନାଗଜା, ଛେନାପୋଡ଼ ଛେନାଝିଲ୍ଲୀ, ଆରିସା, ରସାବଳୀକୁ ଜିଆଇ ଟ୍ୟାଗ ମାନ୍ୟତା ପ୍ରଦାନ ପାଇଁ ପ୍ରୟାସ କରିବାକୁ ସେ କହିଥିଲେ। ଗବେଷକ ଅସିତ ମହାନ୍ତି ରସଗୋଲା ଜିଆଇ ଟ୍ୟାଗ ମାନ୍ୟତା ଦିଗରେ ହୋଇଥିବା ଉଦ୍ୟମ ଓ ଏଥିସହ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ରସଗୋଲାକୁ ଜିଆଇ ମାନ୍ୟତା ପ୍ରଦାନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କେତେଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ଉପଦେଷ୍ଟା ପ୍ରଶାନ୍ତ କରଙ୍କ ସମେତ ପାହାଳ ରସଗୋଲା ବ୍ୟବସାୟୀ ସଂଘର ସମସ୍ତ କର୍ମକର୍ତ୍ତା ଓ ସମିତି ସଦସ୍ୟଗଣ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ସୁସ୍ମିତା ଦାସ ରସଗୋଲା ସଂଗୀତ ପରିବେଷଣ କରିଥିଲେ। ସମିତି ପକ୍ଷରୁ ୫୦ ହଜାର ରସଗୋଲା ବଣ୍ଟା ଯାଇଥିଲା।

■ ବିଶ୍ୱ ମାନବ ହିତ ଦିବସ ପାଳିତ

## 'ସଂରକ୍ଷିତ ଜଳ, ଜୀବନ' ନେଇ ଶୋଭାଯାତ୍ରା




ଶୋଭାଯାତ୍ରାରେ ବାହାରିଥିବା ପ୍ରୋଟେକ୍ସନ ଫର୍ ଡେମୋକ୍ରାଟିକ୍ ହ୍ୟୁମାନ୍ ରାଇଟ୍‌ସ୍ ଇଣ୍ଡିଆର ସଦସ୍ୟମାନେ।

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ପ୍ରୋଟେକ୍ସନ ଫର୍ ଡେମୋକ୍ରାଟିକ୍ ହ୍ୟୁମାନ୍ ରାଇଟ୍‌ସ୍ ଇଣ୍ଡିଆ, ଆଇ.ଏମ୍.ଇ.ଜେ ଟ୍ରଷ୍ଟ ଏବଂ ପେସ୍ ଏକାଡ଼େମୀ ମିଳିତ ଆନୁକୂଲ୍ୟରେ ବିଶ୍ୱ ମାନବ ହିତ ଦିବସ ପାଳିତ ହୋଇଯାଇଛି। ପ୍ରୋଟେକ୍ସନ ଫର୍ ଡେମୋକ୍ରାଟିକ୍ ହ୍ୟୁମାନ ରାଇଟ୍‌ସ ଇଣ୍ଡିଆର କେନ୍ଦ୍ର ସଚିବ ଲିଙ୍ଗରାଜ ସାହୁଙ୍କ ନେତୃତ୍ୱରେ ମାଉସୀ ମା' ମନ୍ଦିର ନିକଟସ୍ଥ ରାମେଶ୍ୱର ପାର୍କଠାରୁ ବିନ୍ଦୁ ସାଗର ପର୍ଯ୍ୟନ୍ତ 'ସଂରକ୍ଷିତ ଜଳ, ସଂରକ୍ଷିତ ଜୀବନ' ଉପରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରୋଟେକ୍ସନ ଫର୍ ଡେମୋକ୍ରାଟିକ୍ ହ୍ୟୁମାନ୍ ରାଇଟସ୍ ଅଫ୍ ଇଣ୍ଡିଆର ରାଜ୍ୟ ସଭାପତି ଗଦାଧର ଦାସ, ସମ୍ପାଦକ ରଞ୍ଜନ କୁମାର ମହାପାତ୍ର ଏବଂ ପେସ୍ ଏକାଡେମୀର ମୁଖ୍ୟ ପ୍ରସନ୍ନ ଚୌଧୁରୀ ପ୍ରମୁଖ ଯୋଗଦେଇ ସଂରକ୍ଷିତ ଜଳ, ସଂରକ୍ଷିତ ଜୀବନ ଉପରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ବିବେକାନନ୍ଦ ବିଶ୍ୱାଳ, ବର୍ଷା ପ୍ରିୟଦର୍ଶିନୀ ନାଥ, ଶକ୍ତିପ୍ରସାଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ।




ଭାରତୀୟ ବିଦ୍ୟା ଭବନ ଓ ଇନ୍ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ବିଦ୍ୟାଭବନଠାରେ ସୋମବାର ଆୟୋଜିତ ଲୁପ୍ତପ୍ରାୟ ଲୋକକଳାରେ କଳାକାରମାନେ ଗଞ୍ଜାମ ଜିଲାର 'ଦାସକାଠିଆ' ପ୍ରଦର୍ଶନ କରୁଛନ୍ତି।

## ୭୮ତମ ଲୁପ୍ତପ୍ରାୟ ଲୋକକଳା ପ୍ରଦର୍ଶନ

**ମନ ମୋହିଲା ଦାସକାଠିଆ**

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ହଜିଯାଉଥିବା ଲୋକକଳାକୁ ବଞ୍ଚେଇ ରଖିବା ଲାଗି ଭାରତୀୟ ବିଦ୍ୟା ଭବନ ଓ ଇନ୍ଫୋସିସ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସୋମବାର 'ଲୁପ୍ତପ୍ରାୟ ଲୋକକଳା' ୭୮ତମ ସନ୍ଧ୍ୟା ବିଦ୍ୟାଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାର ଦାସକାଠିଆ ଓ ମୁଖବୀଣା ମର୍ଦ୍ଦଳରୁ ସନ୍ଧ୍ୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ମୟୁରଭଞ୍ଜର ସତ୍ୟବାନ ଗିରି ଓ ଗୟାଧର ସାନ୍ତରାଙ୍କର ଦାସକାଠି ନୃତ୍ୟ ପରିବେଷଣକୁ ଉପସ୍ଥିତ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ସେହିପରି ଗଞ୍ଜାମ ଜିଲାର ଆଉ ଏକ ଲୋକକଳା ମୁଖବୀଣା ଓ ମର୍ଦ୍ଦଳ ସନ୍ଧ୍ୟାକୁ ବେଶ ମନୋରମ କରିଥିଲା। ଗଞ୍ଜାମ ଜିଲାର ପ୍ରହ୍ଲାଦ ନାଟକର ମୁଖ୍ୟବାଦ୍ୟ ହେଉଛି ମୁଖବୀଣା ଓ ମର୍ଦ୍ଦଳ। ବର୍ତ୍ତମାନ ଏହି ବାଦ୍ୟ ଏବେ ସମଗ୍ର ଭାରତରେ ପରିଚିତ ହୋଇଯାଇଛି। ଦକ୍ଷିଣ ଭାରତରେ ପ୍ରାୟ ଲୋକ ନାଟକରେ ଏହି ବାଦ୍ୟକୁ ମୁଖ୍ୟ ବାଦ୍ୟ ଭାବେ ପରିବେଷଣ କରାଯାଉଛି। ରାମାୟଣ କାଳରୁ ଦାସକାଠିଆର ବ୍ୟବହାର ହେଉଛି ବୋଲି ପୁରାଣରେ ଉଲ୍ଲେଖ ହୋଇଛି। ବି. ହରିଶରଣ, ଧନୁର୍ଦ୍ଧର ସାହୁ, ସନ୍ତୋଷ ରଣା, ବୃନ୍ଦାବନ ଜେନା ମୁଖବୀଣା ଓ ମର୍ଦ୍ଦଳ ବାଦନ ପରିବେଷଣ କରିଥିଲେ।

## ପଞ୍ଚାୟତ ସମିତି ବୈଠକ

ବାଲିପାଟଣା,୧୯।୮(ଡି.ଏନ୍.ଏ.)

ବାଲିପାଟଣା ପଞ୍ଚାୟତ ସମିତି ବୈଠକ ସୋମବାର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ମନୀଷା ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇ କହିଥିଲେ, ପୂର୍ବରୁ କ'ଣ ହୋଇଛି ସେନେଇ ବୈଠକ ହୋଇନାହିଁ। ଜନସାଧାରଣଙ୍କ ହିତ ପାଇଁ ଉନ୍ନୟନମୂଳକ କାର୍ଯ୍ୟରେ ସାମିଲ ହେବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଗାରେଡି ପାଞ୍ଚଣ ପଞ୍ଚାୟତ ସରପଞ୍ଚ ସୌମ୍ୟରଞ୍ଜନ ମହାନ୍ତି କହିଥିଲେ, ବିଶ୍ୱନାଥପୁରଠାରୁ ବାଲିଅନ୍ତା ବ୍ଲକ ସୀମା ମଲିକ ସାହି ରାସ୍ତା ଓ ଗାରେଡି ପାଞ୍ଚଣ ଐତିହ୍ୟ ପୀଠଠାରୁ ବାଲିପାଟଣା ହାଟ ରାସ୍ତା ନିର୍ମାଣ ପାଇଁ ପ୍ରଥମ ବୈଠକରେ ସମିତି ରିଜୋଲ୍ୟୁଶନ ହୋଇଥିଲେ ମଧ୍ୟ ଅଦ୍ୟାବଧି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରାଯାଇ ନାହିଁ। ଅନ୍ୟପକ୍ଷରେ ଦୀର୍ଘଦିନ ହେବ କାମ ହୋଇଥିଲେ ମଧ୍ୟ ଫାଇନାଲ ବିଲ୍ ହୋଇପାରୁ ନ ଥିବା ନରିଶ ପଞ୍ଚାୟତ ସରପଞ୍ଚ ସୀତାକାନ୍ତ ରାଉତ କହିଥିଲେ। ଏହା ସହ ଫନୀ ସହାୟତା, କୃଷି ଓ ଜଳସେଚନ, ଜଳଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ ଆଦିତ୍ୟ, ଜିଲାପରିଷଦ ଉପାଧ୍ୟକ୍ଷା ସୁମିତ୍ରା ରାଉତରାୟ, ଜିଲାପରିଷଦ ସଭ୍ୟା ରାଜଲକ୍ଷ୍ମୀ ଉପାଧ୍ୟାୟ, ବିଡିଓ ମିତାଞ୍ଜଳି ଦାସ, ପଞ୍ଚାୟତ ଅଧିକାରୀ ରଞ୍ଜନ ସ୍ୱାଇଁଙ୍କ ସମେତ ସମିତି ସଭ୍ୟ ଓ ସରପଞ୍ଚମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ ଟ୍ରକ ପଛରେ ପିଟିଲା ବାଇକ୍

## ୨ ପୋଲିସ କର୍ମଚାରୀ ଗୁରୁତର

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ଶହୀଦନଗର ଥାନା ଅଧୀନ ବାଣୀବିହାର ଓଭରବ୍ରିଜ ଉପରେ ସୋମବାର ଅଳିଆବୁହା ଟ୍ରକ ପଛରେ ଧକ୍କା ଦେଇ ଦୁଇ ପୋଲିସ ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ ରାଉରକେଲା ବାଟାଲିୟନ ପୋଲିସ ଫୋର୍ସରେ କାମ କରୁଥିବା ନେପାଳର ନାରାୟଣ ତମଙ୍ଗ ଓ କେ. ସାଇ। ସୂଚନା ମୁତାବକ ନାରାୟଣ ଓ ସାଇ କୌଣସି ଏକ କାର୍ଯ୍ୟରେ ଭୁବନେଶ୍ୱର ଆସିଥିଲେ। ସୋମବାର ଅପରାହ୍ନରେ ବାଣୀବିହାର ଓଭର ବ୍ରିଜ ଉପରେ ବାଇକରେ ଯାଉଥିବା ବେଳେ ବିଏମସିର ଅଳିଆ ବୋହୁଥିବା ଗାଡି ବ୍ରେକ ମାରିଥିଲା। ଫଳରେ ୨ ପୋଲିସ କର୍ମଚାରୀ ନିୟନ୍ତ୍ରଣ ହରାଇ ଅଳିଆବୁହା ଟ୍ରକ ପଛରେ ଧକ୍କା ହୋଇ ରାସ୍ତାରେ ଛିଟିକି ପଡିଥିଲେ। ଉଭୟ ଦୁର୍ଘଟଣାରେ ଗୁରୁତର ହେବା ପରେ ତାଙ୍କୁ ସ୍ଥାନୀୟ ଲୋକ ଉଠାଇଥିବା ବେଳେ ପିସିଆର ପହଞ୍ଚି ଉଭୟଙ୍କୁ ହସ୍ପିଟାଲ ପଠାଇଥିଲା।

## ଭୁବନେଶ୍ୱର ଏମ୍‌ପିଙ୍କ ବାଲିଅନ୍ତା ବ୍ଲକ ପ୍ରତିନିଧି ହେଲେ ସିଦ୍ଧେଶ୍ୱର

ବାଲିଅନ୍ତା,୧୯।୮(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ପାଇଁ ଭୁବନେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ଭାବେ ଯୁବନେତା ସିଦ୍ଧେଶ୍ୱର ନାଥ ମନୋନୀତ ହୋଇଛନ୍ତି। ଏ ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଗତ ୧୭ ତାରିଖରେ ଏକ ପତ୍ର ମାଧ୍ୟମରେ ଖୋର୍ଦ୍ଧା ଜିଲାପାଳଙ୍କୁ ଜଣାଇଛନ୍ତି। ନୂତନ ପ୍ରତିନିଧି ସିଦ୍ଧେଶ୍ୱର ନାଥ ଛାତ୍ରବସ୍ଥାରୁ ଏବିଭିପିରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଭାଜପାର ବ୍ଲକ ଓ ଜିଲା ସଙ୍ଗଠନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଆସିଥିଲେ। ଏଥିସହିତ ସେ ଜୟଦେବ କ୍ଲବର ପ୍ରତିଷ୍ଠାତା ସମ୍ପାଦକ ସହିତ ବହୁ ସାମାଜିକ ସଙ୍ଗଠନରେ କାର୍ଯ୍ୟ କରିଥିଲେ। ପୂର୍ବରୁ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଯୁବ ସ୍ୱେଚ୍ଛାସେବୀ ରୂପେ ପୁରସ୍କୃତ ହୋଇଛନ୍ତି। ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ନାଥ ଏବେ ବଇଁଚୁଆ ପଞ୍ଚାୟତର ସମିତିସଭ୍ୟା ଅଛନ୍ତି।

## ମହିଳାଙ୍କ ସୁରକ୍ଷା ଲାଗି ଯୁବପିଢ଼ି ସଚେତନ ହେବା ଜରୁରୀ

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ନୋଡାଲ ଅଫିସରଙ୍କର ଏକ ଆଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓୟୁଏଟି ଅଧୀନ ଇମେଜ୍ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସସିଏଲ)ର ଜେନେରାଲ ମ୍ୟାନେଜର ଦୀପ୍ତିରାଣୀ ସାହୁ, ହାଇଟେକ୍ ମେଡିକାଲର ଡ. ଅମ୍ରିତ ପାଟଜୋସି, କମିଶନରେଟ ପୋଲିସ୍‌ର ବରିଷ୍ଠ ଅଧିକାରୀ ବନିତା ମହାରଣା, ମହିଳା କମିଶନର ପୂର୍ବତନ କମିଶନର ସ୍ନେହାଞ୍ଜଳି ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଇମେଜ୍ ପକ୍ଷରୁ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୮୦ଜଣ ଛାତ୍ରୀଛାତ୍ରଙ୍କୁ ନିମନ୍ତ୍ରିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହିଳାଙ୍କ ବିରୋଧରେ ହେଉଥିବା ଅପରାଧ ଓ ସୁସ୍ଥ ପରିବେଶରେ ବସବାସ କରିବା ନେଇ ସଚେତନ କରାଯାଇଥିଲା। ମହିଳାଙ୍କ ସୁରକ୍ଷା, ସୁସ୍ଥ ପରିବେଶ ପ୍ରତି ଯୁବପିଢି ସଚେତନ ହେବା ଜରୁରୀ ବୋଲି ବକ୍ତାମାନେ କହିଥିଲେ। ଉଲ୍ଲେଖଥାଉ କି, କାର୍ଯ୍ୟକ୍ରମଟି ବିଏସ୍‌ସିଏଲ ଅଧୀନରେ ହେଉଥିବା ସୋସିଆଲ ସ୍ମାର୍ଟ ପ୍ରୋଜେକ୍ଟର ଏକ ଅଂଶସ୍ୱରୂପ। ଏହାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ୟୁଏନ୍‌ଏଫପିଏ ଦ୍ୱାରା କରାଯାଉଛି। ସମାଜର ପଛୁଆବର୍ଗର ଲୋକଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ଲାଗି ଏହି ପ୍ରୟାସ ଜାରି ରହିଛି। ମୁଖ୍ୟତଃ ସମାଜରେ ବସବାସ କରୁଥିବା ୨୮ ପ୍ରତିଶତ ଯୁବପିଢିଙ୍କୁ ଏଥିରେ ଅଧିକରୁ ଅଧିକ ସଚେତନ କରିବା ଲାଗି ଚେଷ୍ଟା କରାଯାଉଛି ବୋଲି ବିଏସ୍‌ସିଏଲ ପକ୍ଷରୁ ପ୍ରକାଶ କରାଯାଇଛି।

## ୧.୩୫ କେଜି ଗଞ୍ଜେଇ ଜବତ, ଯୁବକ ଗିରଫ

ବାରଙ୍ଗ,୧୯।୮(ଡି.ଏନ୍.ଏ.)

ନନ୍ଦନକାନନ ଥାନା ପୋଲିସ ସୋମବାର ଅପରାହ୍ନରେ ଚେକିଂବେଳେ ଗଞ୍ଜେଇ ବୋଝେଇ ଗାଡ଼ି ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପଦାସାହି ଗ୍ରାମର ରମେଶଚନ୍ଦ୍ର ବେଉରା। ସୂଚନାଯୋଗ୍ୟ, ରମେଶ ନିଜ ସ୍କୁଟି( ନଂଓଡିଶା୩ଭି-୪୮୭୬) ଯୋଗେ ଭୁବନେଶ୍ୱରରୁ ନିଜ ଘରକୁ ଆସୁଥିଲା। ନନ୍ଦନକାନନ ଥାନା ଅଧିକାରୀ ପରମାନନ୍ଦ ନାୟକ ସଦଳବଳେ ସୋମବାର ଥାନାଠାରୁ ଅଳ୍ପଦୂରରେ ବ୍ଲକିଂକରି ଚେକିଂ କରୁଥିବାବେଳେ ରମେଶ ଧରାପଡିଥିଲେ। ସ୍କୁଟିକୁ ଯାଞ୍ଚ କରିବାବେଳେ ୧କେଜି ୩୫୦କେଜି ଓଜନର ଗଞ୍ଜେଇ ମିଳିଥିଲା। ଏ ନେଇ ପୋଲିସ ୭୯/୧୯ନଂରେ ଏକ ମାମଲା ରୁଜୁକରି କରିଛି ।

## ରେଳ ଉପଭୋକ୍ତା ପରାମର୍ଶଦାତା କମିଟି ବୈଠକ




ଭୁବନେଶ୍ୱର,୧୯।୮(ବ୍ୟୁରୋ)

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରେଳ ସଦନଠାରେ କ୍ଷେତ୍ରୀୟ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ସହିତ ଚାମ୍ବର ଅଫ କମର୍ସ ଓ ଇଣ୍ଡଷ୍ଟ୍ରି ସଦସ୍ୟ, ଶିଳ୍ପ, ପିଏସୟୁ, ଯାତ୍ରୀ ସଂଗଠନ ସଦସ୍ୟ, ଖାଉଟି ସଂଗଠନ ସଭ୍ୟ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବା ସହ ସେମାନଙ୍କର ପରାମର୍ଶ ପ୍ରଦାନ କରିଥିଲେ । ଏଥିରେ ଯାତ୍ରୀ ସୁବିଧା ଓ ସେବା ସହିତ ସାଧାରଣ ଚାହିଦା ଓ ଅନ୍ୟାନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାରଙ୍କ ସହ ବରିଷ୍ଠ ଉପମହାପ୍ରବନ୍ଧକ ଏଚ୍.କେ.ଦତ୍ତ ଓ ରେଳପଥର ସମସ୍ତ ବିଭାଗୀୟ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ । କ୍ଷେତ୍ରୀୟ ରେଳ ଉପଭୋକ୍ତା ପରାମର୍ଶଦାତା କମିଟିର ସମ୍ପାଦକ ତଥା ରେଳପଥର ଉପମହାପ୍ରବନ୍ଧକ ଅଶୋକ କୁମାର ମିଶ୍ର ବୈଠକ ପରିଚାଳନା କରିଥିଲେ ।

## ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଦାବି

**ବିଏମ୍‌ସି ଓ ବିଡିଓଙ୍କୁ ନୋଟିସ୍**

ପୁରୁଣା ଭୁବନେଶ୍ୱର,୧୯।୮(ଡି.ଏନ୍.ଏ.)

ବହୁ ବର୍ଷପରେ ଶେଷରେ ଶ୍ରୀକ୍ଷେତ୍ର ପୁରୀର ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ଜବରଦଖଲକୁ ସୋମବାର ପ୍ରଶାସନ ପକ୍ଷରୁ ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ସେହିଭଳି ଏକାମ୍ର କ୍ଷେତ୍ର ଶ୍ରୀଲିଙ୍ଗରାଜ ମନ୍ଦିର ଭଳି ବିଭିନ୍ନ ଐତିହ୍ୟସ୍ଥଳର ଚତୁଃପାର୍ଶ୍ୱରେ ବେଆଇନ ନିର୍ମାଣଗୁଡ଼ିକୁ ତୁରନ୍ତ ଉଚ୍ଛେଦ କରିବା ସହ ପର୍ଯ୍ୟଟନ କ୍ଷେତ୍ରଟିର ସୌନ୍ଦର୍ଯ୍ୟକରଣ ପାଇଁ ସବୁ ମହଲରେ ଦାବି ହୋଇଛି। ଏ ନେଇ ସୋମବାର ସାମାଜିକ କର୍ମୀ ତୃପ୍ତିମୟୀ ମକଦମ ହାଇକୋର୍ଟଙ୍କ ନିକଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିବା ନିମନ୍ତେ କମିଶନର ବିଏମ୍‌ସି ଓ ଭୁବନେଶ୍ୱର ବିଡିଓଙ୍କୁ ୮୦ ସି.ପି.ସିରେ ନୋଟିସ୍ ଜାରି କରିଛନ୍ତି ।

ନିୟମାନୁଯାୟୀ, ଏଏସ୍‌ଆଇ କିମ୍ବା ନ୍ୟାଶନାଲ ମନ୍ୟୁମେଣ୍ଟ ଅଥୋରିଟିର ବିଭିନ୍ନ ଗାଇଡ୍‌ଲାଇନରେ ଯେଭଳି କୀର୍ତ୍ତିରାଜିଠାରୁ ୧୦୦ମିଟର ମଧ୍ୟରେ



କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ। ଏପରିକି ବିଭାଗର ବିନା ଅନୁମତିରେ କୌଣସି ଯନ୍ତ୍ରବାଜିରେ ଖନନ ମଧ୍ୟ ହୋଇପାରିବ ନାହିଁ। ଅତ୍ୟାବଶ୍ୟକ ସ୍ଥଳେ କେବଳ ହାତବାରିସିରେ କାମ ହେବାର ନିୟମ ରହିଛି। କିନ୍ତୁ ଏ ସବୁ ଏକାମ୍ର କ୍ଷେତ୍ରରେ ସମ୍ପୂର୍ଣ୍ଣ ଓଲଟା ହୋଇଛି। ତ୍ରୟୋଦଶ ଶତାବ୍ଦୀର ତନ୍ତ୍ରପୀଠ ବୈତାଳ ମନ୍ଦିର ଚତୁଃପାର୍ଶ୍ୱରେ ଓ ତାହାର ପ୍ରାଚୀରକୁ ଲାଗି ବେଆଇନ ନିର୍ମାଣ ଏବେ ମଧ୍ୟ ଚାଲିଛି। ସେହିଭଳି ଶ୍ରୀଲିଙ୍ଗରାଜ ମନ୍ଦିରର ମେଘନାଦ ପ୍ରାଚୀରକୁ ଲାଗି ବେଆଇନ ନିର୍ମାଣ ହେଉଛି। ଯେଉଁଠି ଏଏସଆଇର ବିନା ଏନଓସିରେ ଖଣ୍ଡେ କଣ୍ଟା ବାଡ଼େଇବା ନିଷେଧ। ସେସବୁ ଜାଗାରେ ପ୍ରାଚୀନ ପଥରରେ ଇଟା ଯୋଡ଼େଇ କିମ୍ବା ପଥରକୁ କଟାଯାଇ କାମ ହେବା ସେନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ମନ୍ଦିର ଚତୁଃପାର୍ଶ୍ୱରେ ୧୦୦ ମିଟରଠାରୁ କମ ଦୂରତାରେ ୩ରୁ ୪ମହଲା ପର୍ଯ୍ୟନ୍ତ କୋଠାବାଡ଼ି ଓ ବ୍ୟବସାୟ ସ୍ଥଳ ମଧ୍ୟ ରହିଛି। ଆଶ୍ଚର୍ଯ୍ୟର କଥା ଏହି କି ଯେ, ଏଠାରେ ବିଏମ୍‌ସି, ବିଡିଏ ଓ ପୂର୍ତ୍ତ ବିଭାଗ ଥିଲେ ମଧ୍ୟ କାହାର ମଧ୍ୟ ଏଥିପ୍ରତି ଦୃଷ୍ଟି ପଡିନାହିଁ। ସେହିଭଳି ଅନନ୍ତବାସୁଦେବ ମନ୍ଦିର, କେଦାରଗୌରୀ ମନ୍ଦିର, ଭୀମେଶ୍ୱର ମନ୍ଦିର ଆଦି ଐତିହ୍ୟ ମନ୍ଦିରଗୁଡ଼ିକ ପରିସରରୁ ଜବରଦଖଲ ଉଚ୍ଛେଦ ଲାଗି ବିଭିନ୍ନ ମହଲରେ ତତ୍ପରତା ପ୍ରକାଶ ପାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୦ ଅଗଷ୍ଟ,୨୦୧୯



ପାକିସ୍ତାନ ସେନାମୁଖ୍ୟ ଜେନେରାଲ କମର ଜାଭେଦ୍ ବାଜୱାଙ୍କ କାର୍ଯ୍ୟକାଳ ଆଉ ୩ ବର୍ଷ ବୃଦ୍ଧି କରାଯାଇଛି। ପିଏମ୍ଓ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଏଭଳି ଘୋଷଣା କରାଯାଇଛି। ସୀମାରେ ଅଶାନ୍ତ ପରିସ୍ଥିତି ଓ ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ପାକିସ୍ତାନ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ତାଙ୍କ କାର୍ଯ୍ୟକାଳ ୨୦୧୯ ନଭେମ୍ବରରେ ଶେଷ ହେବାର ଥିଲା। ଏବେ କାର୍ଯ୍ୟକାଳ ବୃଦ୍ଧି ପରେ ସେ ୨୦୨୨ ନଭେମ୍ବର ପର୍ଯ୍ୟନ୍ତ ନିଜ ଦାୟିତ୍ୱ ତୁଲାଇବେ।



## ସଂକ୍ଷେପରେ

### ସୈନ୍ୟବାହିନୀ ନିଯୁକ୍ତି ରାଲି ନକଲି ସାର୍ଟିଫିକେଟ ଦେଖାଇ ୭ ଅଟକ

ପାରାଦୀପ,୧୯।୮(ସ୍ୱ.ପ୍ର.): ପାରାଦୀପ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ଗତ ୧୮ ତାରିଖରୁ ଚାଲିଥିବା ସୈନ୍ୟବାହିନୀ ନିଯୁକ୍ତି ରାଲିରେ ନକଲି ସାର୍ଟିଫିକେଟ ଦେଖାଇ ସୋମବାର ୭ଜଣ ପ୍ରାର୍ଥୀ ଧରାପଡ଼ିଛନ୍ତି। ପାରାଦୀପ ମଡେଲ ଥାନାରେ ସେମାନଙ୍କୁ ଅଟକ ରଖାଯାଇଛି। ସେମାନେ ହେଲେ ଉତ୍ତରପ୍ରଦେଶର ଅମର ସିଂ(୧୯), ସଜ୍ଜନ କୁମାର(୧୯), ଅଖିଳେଶ କୁମାର ତିୱାରୀ(୨୨), ରାହୁଲ କୁମାର ଯାଦବ(୨୦), ଶିବ କୁମାର ଯାଦବ(୨୧), ଗୁଡୁ ସିଂ(୨୦) ଓ ଆଜାଦ୍ କୁମାର ତିୱାରୀ(୧୯)। ଜିଲା ନିୟୋଜନ ଅଧିକାରୀ ତାପସ କୁମାର ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ଏହି ୭ ଯୁବକଙ୍କ କାଗଜପତ୍ର ଓ ସାର୍ଟିଫିକେଟ ଯାଞ୍ଚ କରିବାରେ ତାହା ନକଲି ବୋଲି ଜଣାପଡ଼ିଥିଲା। ସେନାର ବରିଷ୍ଠ ଅଧିକାରୀମାନେ ପଚରାଉଚରା କରିବାରେ ସେମାନେ ସତ କଥା ସ୍ୱୀକାର କରିଥିଲେ। ସମସ୍ତେ ଓଡ଼ିଶାର ବିଦ୍ୟାର୍ଥୀ ବୋଲି ସାର୍ଟିଫିକେଟ ଦର୍ଶାଇ ଏହି ନିଯୁକ୍ତି ରାଲିରେ ଭାଗ ନେଇଥିଲେ। ସୂଚନାଯୋଗ୍ୟ, ଉକ୍ତ ନିଯୁକ୍ତି ରାଲିରେ କେବଳ ଉପକୂଳ ଓଡ଼ିଶାର ୧୦ ଜିଲାର ପ୍ରାର୍ଥୀ ଭାଗ ନେବାକୁ ନିୟମ ରହିଛି। ସମ୍ପୃକ୍ତ ଯୁବକମାନେ ଜଣେ ଦଲାଲଙ୍କ ପ୍ରରୋଚନାରେ ଏପରି କରିଥିବା ଆଲୋଚନା ହେଉଛି।

### ରାଜ୍ୟର ପ୍ରଥମ ମହିଳା ପୋଷ୍ଟ ଅଫିସ ଉଦ୍‌ଘାଟିତ

ସମ୍ବଲପୁର,୧୯।୮(ବ୍ୟୁରୋ): ରାଜ୍ୟର ପ୍ରଥମ ମହିଳା ଡାକଘର ଶାଖା ସମ୍ବଲପୁରରେ ସୋମବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଗୋଲବଜାର ଛକରେ ଏହି ଡାକଘର କାର୍ଯ୍ୟ ଆରମ୍ଭ କରିଛି। ଏହି ଶାଖାରେ ସମସ୍ତ କର୍ମଚାରୀ ମହିଳା। ମହିଳା ଗ୍ରାହକମାନେ ଏହି ଡାକଘରୁ ସୁବିଧାରେ ସେବା ପାଇ ପାରିବେ। ଅନ୍ୟପକ୍ଷେ ଡାକଘରର ସମସ୍ତେ କର୍ମଚାରୀ ମହିଳା ହୋଇଥିଲେ ମଧ ସମସ୍ତ ବର୍ଗର ଗ୍ରାହକଙ୍କୁ ସେବା ଯୋଗାଇ ଦେବେ। ନୂଆ ଆଧାରକାର୍ଡ ତିଆରି, ସଂଶୋଧନ, ଟଙ୍କା କାରବାର ଓ ଋଣ ପ୍ରଦାନ ଆଦି ସହ ଏଠାରେ ଡାକଘର ସମ୍ବନ୍ଧୀୟ ଅନ୍ୟାନ୍ୟ ସୁବିଧାସୁଯୋଗ ରହିଛି। ପ୍ରଥମ ଦିନ ୧୭ ଜଣ ମହିଳା ସେମାନଙ୍କ ନାମରେ ନୂତନ ଜମା ଖାତା ଖୋଲିଛନ୍ତି। ପରବର୍ତ୍ତୀ ସମୟରେ ମୁଦିପଡାରେ ଆଉ ଏକ ମହିଳା ଡାକଘର ଶାଖା ଖୋଲାଯିବାର ଲକ୍ଷ୍ୟ ରହିଛି ବୋଲି ସମ୍ବଲପୁର ଡିଭିଜନ୍ ମୁଖ୍ୟ ସୁପରିଣ୍ଟେଣ୍ଡେଣ୍ଟ ବନାମ୍ବର ସାହୁ କହିଛନ୍ତି।

### ଭଟଲି ଥାନାରୁ ଅଭିଯୁକ୍ତ ଫେରାର

ଭଟଲି,୧୯।୮(ଡି.ଏନ.ଏ.): ବରଗଡ଼ ଜିଲା ଭଟଲି ଥାନାରୁ ସୋମବାର ଜଣେ ଅଭିଯୁକ୍ତ ଚମ୍ପଟ ହୋଇ ଯାଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଡବଲଙ୍ଗ ଗ୍ରାମର ସୁଦର୍ଶନ ସାହୁ। ପରିସ୍ରା କରିଯିବା ବାହାନାରେ ସକାଳୁ ସେ ଫେରାର୍ ହୋଇ ଯାଇଛନ୍ତି। ଖୋଜାଖୋଜି କରୁଥିଲେ ମଧ ଖବର ଲେଖାହେବା ସୁଦ୍ଧା (ରାତ୍ରି ସାଢ଼େ ୯ଟା) ପୋଲିସ ଫେରାର୍ ଅଭିଯୁକ୍ତଙ୍କ ପତ୍ତା ପାଇ ପାରିନାହିଁ। ପ୍ରକାଶ ଯେ, ଅଭିଯୁକ୍ତ ସୁଦର୍ଶନ ବିବାହିତ ଥିଲେ ମଧ୍ୟ ଅନ୍ୟ ଜଣେ ଯୁବତୀଙ୍କ ସହିତ ସମ୍ପର୍କ ରଖି ପ୍ରତାରଣା ଦେବା ଅଭିଯୋଗରେ ପୋଲିସ ତାଙ୍କୁ ଥାନାକୁ ଆଣିଥିଲା। ମାତ୍ର ପରିସ୍ରା କରିଯିବା ଆଳରେ ପୋଲିସ ଆଖିରେ ଧୂଳି ଦେଇ ସେ ଫେରାର୍ ହୋଇ ଯାଇଛନ୍ତି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଧର୍ମଶାଳା ବ୍ଲକରେ ଆର୍ଥିକ ଅନିୟମିତତା

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଦେଣନେଣ ଉପରେ ଆପତ୍ତି

ଯାଜପୁର ଅଫିସ,୧୯।୮

ଯାଜପୁର ଜିଲାର ସର୍ବାଧିକ ସରକାରୀ ରାଜସ୍ୱ ଆଦାୟ ହେଉଥିବା ଧର୍ମଶାଳା ପଞ୍ଚାୟତ ସମିତି (ବ୍ଲକ)ରେ ବ୍ୟାପକ ଦୁର୍ନୀତିର ଗନ୍ଧ ବାରି ହୋଇଛି। ଏହି ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ହେରାଫେରି ଯୋଗୁ ୨୦ଲକ୍ଷ ୯୩ ହଜାର ୭୮ ଟଙ୍କା ଅସୁଲି କରିବାକୁ ଅଡିଟ ଟିମ୍ ନିର୍ଦ୍ଦେଶ ଦେଇଛି। ଖାଲି ସେତିକି ନୁହେଁ, ୧କୋଟି ୬୨ଲକ୍ଷ ୮୦ହଜାର ଟଙ୍କା ଦେଣନେଣ ଉପରେ ଅଡିଟ ଟିମ୍ ଆପତ୍ତି ଉଠାଇଛି। ଏହାବାଦ୍ ଧର୍ମଶାଳା ବ୍ଲକରେ ଚାଲିଥିବା ବିଭିନ୍ନ ଜନହିତକର ଯୋଜନାରେ ଆବଶ୍ୟକ ରେକର୍ଡ ବ୍ୟବହାର ନ କରି ଅଡିଟ ଟିମ୍‌କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରାଯାଇଛି। ବିଡମ୍ବନା ଯେ, ବହୁ ଗୁରୁତ୍ୱପୂର୍ଣ୍ଣ ୧୩ଟି ରେକର୍ଡ/ରେଜିଷ୍ଟର ବ୍ୟବହାର ହୋଇ ନ ଥିବାବେଳେ ୮ଟି ରେକର୍ଡ/ରେଜିଷ୍ଟର ଅଡିଟ ଟିମ୍ ସମ୍ମୁଖରେ ଦାଖଲ ହୋଇପାରି ନାହିଁ। ଏଥିଯୋଗୁ ଖର୍ଚ୍ଚ ନିୟନ୍ତ୍ରଣ କ୍ରିୟା ଠିକ୍‌ଭାବେ ହୋଇପାରି ନ ଥିବା ଅଡିଟ ରିପୋର୍ଟରେ ୩.୨ ପାରାରେ ଦର୍ଶାଯାଇଛି। ସ୍ଥାନୀୟ ଅଞ୍ଚଳର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ବିଧାନସଭା ସଦସ୍ୟ ଆଞ୍ଚଳିକ ଉନ୍ନୟନ ପାଣ୍ଠି (ଏମ୍ଏଲ୍ଏ ଲାଡ)ର ବିନିଯୋଗରେ ବ୍ୟାପକ ଅନିୟମିତତା ହୋଇଥିବା ଅଡିଟରେ ଧରାପଡିଛି। ଅଡିଟ ଟିମ୍ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଖର୍ଚ୍ଚ ଉପରେ ପ୍ରଶ୍ନ କରିଥିବାବେଳେ ଜିଲା ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧି ନୀରବ ରହି ଏଭଳି ଅନିୟମିତତାକୁ ପରୋକ୍ଷରେ ସହଯୋଗ କରୁଥିବା ମନେହେଉଛି।

୨୦୧୭-୧୮ ଆର୍ଥିକ ବର୍ଷର ଆୟବ୍ୟୟ ଉପରେ ଲୋକାଲ ଫଣ୍ଡ ଅଡିଟ ହୋଇଥିଲା। ଜିଲା ଅଡିଟ ଅଫିସରଙ୍କ ନିକଟରେ ୨୯।୫।୨୦୧୯ରେ ଦାଖଲ ହୋଇଥିବା ୯୩ ପୃଷ୍ଠା ବିଶିଷ୍ଟ ଅଡିଟ ରିପୋର୍ଟରେ ବିଭିନ୍ନ ଯୋଜନାରେ ଅଯଥା ଖର୍ଚ୍ଚ ସମେତ ଆବଶ୍ୟକ ରେକର୍ଡ ପତ୍ର ଦାଖଲ ହୋଇପାରି ନ ଥିବା ଦର୍ଶାଯାଇଛି। ଫଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ, ଜିଜିୱାଇ,





ତ୍ରୟୋଦଶ ଅର୍ଥ କମିଶନ, ସିସିରୋଡ, ବିପିଜିୱାଇ, ଚତୁର୍ଦ୍ଦଶ ଅର୍ଥ କମିଶନ, ଅଙ୍ଗନୱାଡି ଆଦି ଯୋଜନାର ସଫଳ ଭାବେ ଅଡିଟ ହୋଇପାରି ନାହିଁ। ସିକ୍ୟୁରିଟି ଡିପୋଜିଟ ଲେଜର ବ୍ୟବହାର ହୋଇ ନ ଥିବାରୁ ସିକ୍ୟୁରିଟି ଡିପୋଜିଟ ଫେରାଇବା ଏବଂ ଡବଲ ପେମେଣ୍ଟ ସଂକ୍ରାନ୍ତରେ ରିପୋର୍ଟ ପ୍ରସ୍ତୁତ ହୋଇପାରି ନାହିଁ। ପ୍ରପର୍ଟି ରେଜିଷ୍ଟର ବ୍ୟବହାର ହୋଇ ନ ଥିବାରୁ ବ୍ଲକର ଜମି, ପୋଖରୀ, ମାର୍କେଟ କମ୍ପ୍ଲେକ୍ସ ପ୍ରଭୃତିରୁ ହେଉଥିବା ରାଜସ୍ୱ

- ଧରା ପକାଇଲା ଅଡିଟ ରିପୋର୍ଟ
- ଲକ୍ଷାଧିକ ଟଙ୍କା ଅସୁଲି ନିର୍ଦ୍ଦେଶ
- ୮ଟି ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଉଭାନ

ସମ୍ପର୍କରେ ଠିକ ତଥ୍ୟ ମିଳିପାରି ନାହିଁ। ଅଡିଟ ବର୍ଷ ତଥା ୨୦୧୭-୧୮ରେ ପୂର୍ବବର୍ଷର ବକେୟା ସହ ଅନୁଦାନକୁ ମିଶାଇ ୩୯କୋଟି ୮୮ଲକ୍ଷ ୮୭ହଜାର ୪୯୨ ଟଙ୍କା ମହଜୁଦ ଥିଲା। ତେବେ ସେହି ବର୍ଷ ୧୮କୋଟି ୬୩ଲକ୍ଷ ୭୭ହଜାର ୫୭୩ ଟଙ୍କା ଖର୍ଚ୍ଚ ହୋଇଥିଲା। ଓଡ଼ିଶା ଜେନେରାଲ ଫାଇନାନ୍ସିଆଲ ରୁଲସ୍ ଅନୁସାରେ ଖର୍ଚ୍ଚ ହୋଇପାରି ନ ଥିବା ଅନୁଦାନକୁ ଫେରାଇ ଦେବା କଥା କିମ୍ବା ସରକାରୀ ଅନୁମତି ନେଇ ପରବର୍ତ୍ତୀ ବର୍ଷରେ ତାକୁ ଖର୍ଚ୍ଚ କରିବାର ନିୟମ ରହିଛି। କିନ୍ତୁ ଏହିସବୁ ନିୟମକୁ କେହି ପାଳନ କରିନାହାନ୍ତି କିମ୍ବା ଅନୁଦାନ ଅର୍ଥ ଫେରସ୍ତ ହୋଇନାହିଁ। ଅନୁଦାନର ମାତ୍ର ୩୯.୩୧ ପ୍ରତିଶତ ଖର୍ଚ୍ଚ ହୋଇଥିଲେ ହେଁ କୌଣସି ଯାଞ୍ଚ ବିନା ପରବର୍ତ୍ତୀ ଅନୁଦାନ ଆବଣ୍ଟିତ ହୋଇଛି। ଏ ସଂକ୍ରାନ୍ତରେ ଧର୍ମଶାଳା ବିଡିଓ ହେମନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ, ସେ ନୂତନଭାବେ ଯୋଗ ଦେଇଛନ୍ତି ଏବଂ ରିପୋର୍ଟ ଦେଖିଲା ପରେ ଯାହା କହିହେବ ବୋଲି ପ୍ରକାଶ କରିଛନ୍ତି। ତେବେ ଅଡିଟ ରିପୋର୍ଟରେ ବ୍ୟାପକ ଅନିୟମିତତା ଓ ହେରାଫେରି ହୋଇଥିବା ଟଙ୍କାକୁ ରିକଭରି କରିବା ପାଇଁ ନିର୍ଦ୍ଦେଶ ହୋଇଥିଲେ ହେଁ ୩ମାସ ପରେ ବି ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

### ବିବାହର ପ୍ରତିଶ୍ରୁତି ପରେ ପ୍ରତାରଣା

ପାଇକମାଳ ୧୯।୮(ଡି.ଏନ.ଏ.)

ବରଗଡ଼ ଜିଲା ପାଇକମାଳ ଥାନା ଅଞ୍ଚଳର ଜଣେ ୩୦ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର କରାଯାଇଛି। ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବକ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ ପ୍ରତାରଣା କରିଥିବା ଅଭିଯୋଗରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭୁବନେଶ୍ୱରପୁର ଗ୍ରାମର ବଲ୍ଲଭ ଶିକା (୩୧)। ପାଇକମାଳ ପୋଲିସ ଏ ନେଇ ଏକ ମାମଲା (ନଂ.୧୪୩/୧୯) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, ବଲ୍ଲଭ ଜଣେ ଯୁବତୀଙ୍କୁ ଦେଢ଼ ମାସ ହେଲା ରାୟପୁରରେ ରଖି ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ କୌଶଳ କ୍ରମେ ସେଠାରୁ ଖସି ଆସି ଏ ନେଇ ପାଇକମାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ବଲ୍ଲଭଙ୍କୁ ଗିରଫ କରିଥିଲା।

## ■ ଫୋରେନ୍‌ସିକ ପରୀକ୍ଷା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ମାଟି ଖୋଳି ବାହାର କରାଗଲା ମହିଳାଙ୍କ କଙ୍କାଳ

ଚାନ୍ଦବାଲି,୧୯।୮ (ଡି.ଏନ.ଏ.)

ମୃତ୍ୟୁର ୫ ବର୍ଷ ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଜଣେ ମହିଳାଙ୍କ ମୃତଦେହର ଫୋରେନ୍‌ସିକ ପରୀକ୍ଷା ପାଇଁ ଶ୍ମଶାନରୁ ମାଟି ଖୋଳି ଅସ୍ଥି, କଙ୍କାଳ ବାହାର କରାଯାଇଛି। ସୋମବାର ଏଭଳି ଘଟଣା ଭଦ୍ରକ ଜିଲା ଧାମରା ନିକଟସ୍ଥ ନରସିଂହପ୍ରସାଦ ଗ୍ରାମରେ ଦେଖିବାକୁ ମିଳିଛି।

ଏହି ଗାଁର ବୃନ୍ଦାବନ ମହାନ୍ତିଙ୍କ ସ୍ତ୍ରୀ ଶକୁନ୍ତଳା (୫୦)ଙ୍କର ୨୦୧୪ରେ ମୃତ୍ୟୁ ହୋଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପରିବାର ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ କରା ନ ଯାଇ ଗାଁ ଶ୍ମଶାନରେ ପୋତି ଦିଆଯାଇଥିଲା। ବୃନ୍ଦାବନ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବାକୁ ଉଦ୍ୟମ କରିବା



ନରସିଂହପ୍ରସାଦ ଗ୍ରାମରେ ନମୁନା ସଂଗ୍ରହ ପାଇଁ ଶ୍ମଶାନରେ ମାଟି ଖୋଳା ଚାଲିଛି।

ସହ ୨୦୧୬ରେ ହାଇକୋର୍ଟରେ ଏକ ମାମଲା (ନଂ.୧୪୮୩/୨୦୧୬) ଦାଏର କରିଥିଲେ। ଶକୁନ୍ତଳାଙ୍କ ମୃତଦେହର ଫୋରେନ୍‌ସିକ ପରୀକ୍ଷା ପାଇଁ ସେ ଆବେଦନ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସେ ଏ

### ୫ ବର୍ଷ ତଳେ ହୋଇଥିଲା ମୃତ୍ୟୁ

ନେଇ ୨୦୧୮ରେ ବାଂଶଡ଼ା ଥାନାରେ ଏତଲା ଦେବା ପରେ ମାମଲା (ନଂ.୧୭୧/୧୮) ରୁଜୁ ହୋଇଥିଲା। ଶକୁନ୍ତଳାଙ୍କୁ ବୋହୂ ମାରି ଦେଇଥିବା ବୃନ୍ଦାବନ ଏତଲାରେ ଦର୍ଶାଇଥିଲେ। ହାଇକୋର୍ଟ ବୃନ୍ଦାବନଙ୍କ ଆବେଦନକୁ ବିଚାରକୁ ନେଇ ଶକୁନ୍ତଳାଙ୍କ ମୃତଦେହର ଫୋରେନ୍‌ସିକ ପରୀକ୍ଷା ପାଇଁ ନିକଟରେ ନିର୍ଦ୍ଦେଶ ଦେଇଛନ୍ତି। ମାଜିଷ୍ଟ୍ରେଟ, ପୋଲିସ ଓ ଗ୍ରାମବାସୀ ତଥା କେତେକ ସାକ୍ଷୀଙ୍କ ଉପସ୍ଥିତିରେ ସୋମବାର ଶ୍ମଶାନରୁ ମାଟି ଖୋଳାଯାଇ ନମୁନା ସଂଗ୍ରହ କରି ଫୋରେନ୍‌ସିକ ପରୀକ୍ଷା ଲାଗି ପଠାଯିବାର ବ୍ୟବସ୍ଥା କରାଯାଇଛି।

## ଛୁଟି ପରେ ସ୍କୁଲରେ ରହିଗଲେ ଦିବ୍ୟାଙ୍ଗ ଛାତ୍ର

### ଉଦ୍ଧାର କଲେ ଗ୍ରାମବାସୀ

ରେଙ୍ଗାଲି,୧୯।୮(ଡି.ଏନ.ଏ.)

ଛୁଟି ପରେ ଜଣେ ଦିବ୍ୟାଙ୍ଗ ଛାତ୍ର ସ୍କୁଲ ପରିସରରେ ରହିଯିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପୁରୁଣାବସ୍ତି ୟୁପି ସ୍କୁଲରେ ସୋମବାର ଏହି ଅଭାବନୀୟ ଘଟଣା ଘଟିଛି। ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ପିଲାଟିର କାନ୍ଦ ଶୁଣି ସ୍ଥାନୀୟ ଲୋକେ ସଂପୃକ୍ତ ଛାତ୍ରଙ୍କୁ ଉଦ୍ଧାର କରିଛନ୍ତି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ସୋମବାର ନିର୍ଦ୍ଧାରିତ ସମୟରେ ସ୍କୁଲ ଛୁଟି ହୋଇଥିଲା। ସବୁ ଛାତ୍ରୀଛାତ୍ର ଘରକୁ ଫେରିଥିଲେ। ହେଲେ ପଞ୍ଚମ ଶ୍ରେଣୀରେ ପଢୁଥିବା ଦିବ୍ୟାଙ୍ଗ ଛାତ୍ର ଶିବ ସେଠ (୧୦) ପଦାକୁ ଆସି ପାରି ନ ଥିଲେ। ସେ ତାଙ୍କ ମା'ଙ୍କୁ ଅପେକ୍ଷା କରିଥିଲେ। ପ୍ରତିଦିନ ଶିବଙ୍କୁ ତାଙ୍କ ମା' ସ୍କୁଲକୁ ନେବା ଆଣିବା କରୁଥିବା ସ୍କୁଲର ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ସହିତ କର୍ମଚାରୀମାନେ ଜାଣିଛନ୍ତି। ସୋମବାର ବି ଶିବଙ୍କ ମା' ସନ୍ତୋଷିନୀ ସ୍କୁଲ ଛୁଟି ହେଲା ପରେ ପୁଅକୁ ନେବାକୁ ଆସିଥିଲେ। କିନ୍ତୁ ସ୍କୁଲରେ ତାଲା ପଡିଥିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଶିବଙ୍କୁ ଅନ୍ୟ କେହି ଘରକୁ ନେଇଯାଇଥିବା ଭାବି ସେ ଘରକୁ ଧାଇଁଥିଲେ। ହେଲେ ଘରେ ଶିବ ନ ଥିଲେ। ଏପରି ଅବସ୍ଥାରେ ସନ୍ତୋଷିନୀ ପୁଣି ଥରେ ସ୍କୁଲକୁ ଦୌଡି ଆସିଥିଲେ। ବାହାରୁ ତାଲା ପଡିଥିବା ସ୍କୁଲ ପରିସରରେ ଶିବ କାନ୍ଦୁଥିବା ସେ ଶୁଣିଥିଲେ। ଶେଷରେ ଗ୍ରାମବାସୀ ସ୍କୁଲ ପାଚେରି ଡେଇଁ ତାଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପୂଜାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଏ ନେଇ ଆଲୋଚନା କରିଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ମଙ୍ଗଳବାର ସ୍କୁଲ ପରିଚାଳନା କମିଟି, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ବସିବ।

### ଫେସ୍‌ବୁକ୍‌ରୁ ପ୍ରେମ.. ତା'ପରେ ଠକାମି

# ଲକ୍ଷେ ଟଙ୍କା ନେଇ ପ୍ରେମିକ ଫେରାର

ବାମରା, ୧୯।୮ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ଅଞ୍ଚଳର ଜଣେ ଯୁବକଙ୍କ ପ୍ରେମରେ ପଡି ରାଉରକେଲାର ଜଣେ ଯୁବତୀ ଏବେ ପସ୍ତାଉଛନ୍ତି। ନିଜ ମା'ଙ୍କ ଦେହ ଖରାପ ଥିବା ଆଳ କରି ସେହି ଯୁବକ ଜଣକ ପ୍ରେମିକାଙ୍କଠାରୁ ୧ ଲକ୍ଷ ଟଙ୍କା ଧାର ନେଇଥିଲେ। ପରେ ଫେରାଇବାକୁ ବି କହିଥିଲେ। ହେଲେ ନ ଫେରାଇବାରୁ ଏହି ଘଟଣା ଏବେ ଗୋବିନ୍ଦପୁର ଥାନାରେ ପହଞ୍ଚିଛି।

ପୋଲିସର ସୂଚନା ଅନୁଯାୟୀ, ଫେସ୍‌ବୁକ୍ ମାଧ୍ୟମରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବତୀ ଜଣକ ଭୁବନେଶ୍ୱରରେ ରହି ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ଯୁବକ ଜଣକ ତାଙ୍କୁ ପ୍ରେମ ଜାଲରେ ଫସାଇ ବିବାହର ପ୍ରତିଶ୍ରୁତି ଦେଇଥିଲେ। ଏହି ସୁଯୋଗରେ ସଂପୃକ୍ତ ଯୁବକ ମାଆଙ୍କ ଦେହ ଖରାପ ଅଛି, ୧ ଲକ୍ଷ ଟଙ୍କା ଦରକାର ବୋଲି ତାଙ୍କୁ କହିଥିଲେ। ଏପରି ପରିସ୍ଥିତିରେ ଯୁବତୀ ଜଣକ ତାଙ୍କୁ ୧ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଏହାର କିଛିଦିନ ପରେ ଯୁବକ ଜଣକ ତାଙ୍କ ସହିତ କଥାବାର୍ତ୍ତା ବନ୍ଦ କରି ଦେଇଥିଲେ। ଟଙ୍କା ନ ଫେରାଇବାରୁ ଯୁବତୀ ଜଣକ ତାଙ୍କୁ ବାରମ୍ବାର ଟଙ୍କା ମାଗିଥିଲେ। ହେଲେ ଟଙ୍କା ଦେବା ପାଇଁ ସେ ତାଙ୍କୁ ବିଭିନ୍ନ ସ୍ଥାନକୁ ଡାକି ଭୁଆଁ ବୁଲାଇଥିଲେ। ଶେଷରେ ଠକାମିର ଶିକାର ହୋଇଥିବା ଜାଣିପାରି ଯୁବତୀ ଜଣକ ଗୋବିନ୍ଦପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଡାକି ଟଙ୍କା ଫେରାଇବା ପାଇଁ କହିଥିଲା। ୧୦ ଦିନ ମଧ୍ୟରେ ସମସ୍ତ ଟଙ୍କା ଫେରାଇବାକୁ ଯୁବକ ଜଣକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେ ଏବେ ଫେରାର ହୋଇଯାଇଛନ୍ତି। ଯୁବତୀ ଜଣକ ଏ କଥା ଜାଣିବା ପରେ ପୁଣି ଥରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଖୋଜୁଛି ବୋଲି କହିଛି।

# ଝାରସୁଗୁଡ଼ା ଜିଲାପାଳଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

କଟକ ଅଫିସ,୧୯।୮

ଝାରସୁଗୁଡ଼ା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ନିଲମ୍ବନ କରିବା ପାଇଁ ଗତ ମଙ୍ଗଳବାର ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଆଦେଶ ପାଳନ ନ କରିବା ନେଇ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ରାଜ୍ୟ ସରକାର ବୁଧବାର ପ୍ରଧାନଙ୍କୁ ନିଲମ୍ବନ କରିଥିଲେ। ତେବେ ସୋମବାର ହାଇକୋର୍ଟ ପ୍ରଧାନଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଖଣ୍ଡପୀଠରେ ମାମଲାର ଶୁଣାଣି ବେଳେ ଜିଲାପାଳ ପ୍ରଧାନ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ପରେ ନିଲମ୍ବନ ଆଦେଶ ପ୍ରତ୍ୟାହାର ଲାଗି କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସେ ଝାରସୁଗୁଡ଼ା ଜିଲାପାଳ ଭାବେ କାର୍ଯ୍ୟ କରିବେ ନାହିଁ ବୋଲି କୋର୍ଟ ତାଙ୍କ ରାୟରେ କହିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଝାରସୁଗୁଡ଼ା ଜିଲା ବ୍ରଜରାଜନଗରଠାରେ ଏକ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ବୀଣା ପଟ୍ଟନାୟକ ଲାଇସେନ୍ସ ପାଇଥିଲେ। ମାତ୍ର ସେଠାକାର ସ୍ଥାନୀୟ ଲୋକମାନେ ଏହାକୁ ବିରୋଧ କରିବାରୁ ଦୋକାନ ପ୍ରତିଷ୍ଠା ସମ୍ଭବ ହୋଇପାରି ନ ଥିଲା। ହେଲେ ଅବକାରୀ ବିଭାଗ ତାଙ୍କଠାରୁ କର ଦାବି କରିବା ପରେ ସେ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ମାମଲାର ଶୁଣାଣି କରି ପଟ୍ଟନାୟକଙ୍କ ବିରୋଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ ବୋଲି ଗତ ମାର୍ଚ୍ଚ ୨୯ ତାରିଖରେ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜିଲାପାଳ ପ୍ରଧାନ ହାଇକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା କରି ଏପ୍ରିଲ ୨୫ ତାରିଖରେ ପଟ୍ଟନାୟକଙ୍କ ଲାଇସେନ୍ସ ରଦ୍ଦ କରିଥିଲେ। ଏଥିପାଇଁ ତାଙ୍କୁ ନିଲମ୍ବନ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ବାଲୁଘାଟ ବସ୍ତିରେ ପଶିଲା ବନ୍ୟାଜଳ

ରାଉରକେଲା ଅଫିସ,୧୯।୮

ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ରବିବାର ବିଳମ୍ବିତ ରାତିରେ ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ବାଲୁଘାଟ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି। ଏଥିରେ ୪୦ରୁ ଊର୍ଦ୍ଧ୍ୱ ନଦୀକୂଳିଆ ପରିବାର ପ୍ରଭାବିତ ହୋଇଛନ୍ତି। ଅନେକଙ୍କ ଘରେ ପାଣି ପଶିଥିବାରୁ ରୋଷେଇବାସ ବନ୍ଦ ହୋଇଯାଇଛି। ଏମାନଙ୍କୁ ନିକଟସ୍ଥ ବିଦ୍ୟୁତ୍ କଲୋନୀ ସ୍କୁଲରେ ଥଇଥାନ କରାଯାଇଛି। ରାଉରକେଲା ଅତିରିକ୍ତ ଜିଲାପାଳ ଡ. ୟେଦୁଲା ବିଜୟ ଓ ତହସିଲଦାର ବିଶ୍ୱରଞ୍ଜନ ରଥ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବାଲୁଘାଟ ଅନ୍ତର୍ଗତ ପଲପଲ ବସ୍ତି ଓ ନୂଆ ବସ୍ତିର ୨୫ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। ମନ୍ଦିରା ଡ୍ୟାମ୍‌ର ୧୦ଟି ଗେଟ୍ ଖୋଲାଯିବାରୁ ଶଙ୍ଖ ଓ କୋଏଲ ନଦୀ ଜଳସ୍ତର ବୃଦ୍ଧି ପାଇଛି। ଏଠାରୁ ସୃଷ୍ଟି ବ୍ରାହ୍ମଣୀ ନଦୀରେ ରବିବାର ରାତିରୁ ଜଳସ୍ତର ବଢ଼ିବାରେ ଲାଗିଛି। ଏହି





ବାଲୁଘାଟରେ ବନ୍ୟାଜଳ ପ୍ରବେଶ କରିବା ପରେ ଲୋକେ ଆସବାବପତ୍ର ଧରି ବିଦ୍ୟୁତ୍ କଲୋନୀ ସ୍କୁଲ ଥଇଥାନ କେନ୍ଦ୍ରକୁ ଯାଉଛନ୍ତି।

କାରଣରୁ ବାଲୁଘାଟରେ ପାଣି ପଶିଛି। ବ୍ରାହ୍ମଣୀ ନଦୀ କୂଳରେ ଗଢ଼ି ଉଠିଥିବା ଏହି ବସ୍ତିରେ ପ୍ରତିବର୍ଷ ବନ୍ୟାଜଳ ପଶିଥାଏ। ନଦୀପଠାରେ ଆଡ଼ିବନ୍ଧ ନିର୍ମାଣ କରାଯାଉ ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଭାଜପା ନେତା ନିହାର ରାୟ ଓ ଭଗବାନ ରାଉତ ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରଭାବିତ ପରିବାରଗୁଡ଼ିକୁ ପ୍ରଶାସନ ସହାୟତା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ସୋମବାର ବର୍ଷା ବନ୍ଦ ରହିଥିବା ବେଳେ ଷ୍ଟିଲ ସିଟିରେ ପାଗ ଶୁଖିଲା ରହିଛି। ଅପରାହ୍ନ ୫ଟା ବେଳକୁ ବାଲୁଘାଟ ବସ୍ତିରେ ଜଳସ୍ତର ହ୍ରାସ ପାଉଥିବା ସୂଚନା ମିଳିଛି।

# ଯୁବକଙ୍କୁ ଘୋଷାଡ଼ି ଦଳିଦେଲା ଦନ୍ତା

ପରଜଙ୍ଗ,୧୯।୮(ଡି.ଏନ.ଏ.)

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ଡମୋଳ ଶନି ମନ୍ଦିର ନିକଟରେ ସୋମବାର ଏକ ଦନ୍ତା ହାତୀ ଆକ୍ରମଣରେ ଡମୋଳ ଗ୍ରାମର ଶାନ୍ତନୁ ସାମଲ (୨୬)ଙ୍କ ମୃତ୍ୟୁ ଘଟିଛି। ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସେମାନେ ହାତୀସ୍କ୍ୱାଡ୍‌କୁ ଅଟକ ରଖିବା ସହ ବନ ବିଭାଗ ଗାଡ଼ି ଭଙ୍ଗାରୁଜା କରିଥିବା ସୂଚନା ମିଳିଛି।

ଘଟଣାରୁ ପ୍ରକାଶ, ଶାନ୍ତନୁ ସନ୍ଧ୍ୟାରେ ସାଙ୍ଗମାନଙ୍କ ସହ ଶନିଶ୍ଚର ମନ୍ଦିର ନିକଟରେ ବସିଥିଲେ। ଏହି ସମୟରେ ଉକ୍ତ ଦନ୍ତା ହାତୀ ନିକଟସ୍ଥ ଜଙ୍ଗଲରୁ ବାହାରିଆସି ସେମାନଙ୍କୁ ଆକ୍ରମଣ କରିଥିଲା। ଅନ୍ୟମାନେ ଦୌଡି ପଳାଇ ଯାଇଥିବାବେଳେ ଶାନ୍ତନୁ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ



ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରାଯାଉଛି।

### ହାତୀସ୍କ୍ୱାଡ୍ ଅଟକ, ବିଭାଗ ଗାଡ଼ି ଭଙ୍ଗାରୁଜା

ଧରି ପ୍ରାୟ ଶହେ ମିଟର ଘୋଷାଡ଼ି ନେଇ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ପ୍ରାୟ ୧୫ ମିନିଟ ଧରି ଦନ୍ତାଟି ସେଠାରେ ଛିଡ଼ା ହୋଇରହିଥିଲା। ଖବରପାଇ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ହାତୀ ସ୍କ୍ୱାଡକୁ ସେଠାକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବନ ବିଭାଗ ଗାଡ଼ି ସହିତ ୬ ଜଣ କର୍ମଚାରୀ ସେଠାରେ ପହଞ୍ଚିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଯାଇଥିଲା। ହାତୀଟି ସପ୍ତାହେ ଧରି ଗାଁ ଭିତରେ ପଶି କମର, ଲୋଧଣି, କନ୍ଦରସିଂହା, ମଝିକା, ଜଟିଆ, ସରାଙ୍ଗ ଅଞ୍ଚଳରେ ପ୍ରାୟ ୩୦ ପରିବାରଙ୍କ ଘର ଭାଙ୍ଗି ତାଣ୍ଡବ ରଚାଇବା ସହ ଏ ପର୍ଯ୍ୟନ୍ତ ୧୦ରୁ ଊର୍ଦ୍ଧ୍ୱଙ୍କ ଜୀବନ ନେଇସାରିଥିଲେ ମଧ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ କ୍ଷତିପୂରଣ ସହିତ ଦନ୍ତାକୁ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ପଠାଯିବାକୁ ଦାବି କରି ଗ୍ରାମବାସୀ ହାତୀସ୍କ୍ୱାଡକୁ ଅଟକ ରଖିଛନ୍ତି। ଏଥିସହ ବିଭାଗର ଏକ ଗାଡି କାଚ ଓ କର୍ମଚାରୀଙ୍କ ମୋବାଇଲ ମଧ ଭାଙ୍ଗି ଦେଇଥିବା ଜଣାପଡିଛି। କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ମୃତଦେହ ଛଡାଯିବନାହିଁ ବୋଲି ଅଞ୍ଚଳବାସୀ ଜିଦ୍ ଧରିଛନ୍ତି। ଖବରଲେଖା ହେବା ସୁଦ୍ଧା କୌଣସି ସମାଧାନ ବାହାରିପାରିନାହିଁ। ଏ ନେଇ ରେଞ୍ଜର ହରମୋହନ ନାୟକ କୁହନ୍ତି, ଘଟଣାସ୍ଥଳରେ ହାତୀସ୍କ୍ୱାଡ ପହଞ୍ଚିଥିବାବେଳେ ସେଠାରେ ଉତ୍ତେଜନା ଦେଖାଦେଇଛି। ବୁଝାଶୁଝା ପାଇଁ ଉଦ୍ୟମ ଜାରିରହିଛି।

# ଏସ୍‌କେସିଜି କଲେଜରେ ଛାତ୍ର ଅଶାନ୍ତି



ଛାତ୍ରମାନେ କଲେଜ ସମ୍ମୁଖରେ ନିଆଁ ଲଗାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ପାରଳାଖେମୁଣ୍ଡି, ୧୯।୮(ସ୍ୱ.ପ୍ର.)**

**ପରୀକ୍ଷାଫଳକୁ ନେଇ ଅସନ୍ତୋଷ**
- ଯୁକ୍ତ୩ ବାଣିଜ୍ୟର ୧୨୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପାସ୍ କରିଛନ୍ତି ମାତ୍ର ୧୮
- ପୁନଃ ମୂଲ୍ୟାୟନ, କେତେଜଣ ଅଧ୍ୟାପକଙ୍କ ବଦଳି ଦାବିକଲେ ଛାତ୍ର

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଏସ୍‌କେସିଜିସ୍ୱୟଂଶାସିତମହାବିଦ୍ୟାଳୟରେ +୩ ବାଣିଜ୍ୟ ପରୀକ୍ଷାଫଳକୁ ନେଇ ସୋମବାର ଛାତ୍ର ଅଶାନ୍ତି ଦେଖାଦେଇଛି। ଅସନ୍ତୁଷ୍ଟ ଛାତ୍ରମାନେ ପରୀକ୍ଷାଖାତା ପୁନଃ ମୂଲ୍ୟାୟନ ଦାବି କରି କଲେଜ ଆସବାବପତ୍ର ପୋଡ଼ି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତୁରନ୍ତ ଦାବି ପୂରଣ ନ ହେଲେ କଲେଜରେ କୌଣସି କ୍ଲାସ, ପରୀକ୍ଷା ଏବଂ ଆଡମିଶନ୍ କରାଇ ଦିଆଯିବନି ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଛାତ୍ରମାନଙ୍କ ଅଭିଯୋଗ ଅନୁଯାୟୀ, ସେମାନଙ୍କ ପ୍ରଥମ ସେମିଷ୍ଟର ଫଳାଫଳ ବାହାରିନାହିଁ ଏବଂ ଠିକ୍ ଭାବେ କ୍ଲାସ୍ ହେଉନାହିଁ। ପୂର୍ବରୁ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଇ ନ ଥିଲା। କଲେଜର କେତେକ ଅଧ୍ୟାପକ ଛାତ୍ରମାନଙ୍କ ପାଠପଢ଼ା ପ୍ରତି ଦୃଷ୍ଟି ନ ଦେଇ ଅନ୍ୟ ବ୍ୟବସାୟରେ ଲିପ୍ତ ରହୁଛନ୍ତି। ଏପରିକି ଜାଣିଶୁଣି କମ୍ ଦିନ ମଧ୍ୟରେ ପରୀକ୍ଷାଫଳ ପ୍ରକାଶ କରି ଅଧିକ ପିଲାଙ୍କୁ ଫେଲ୍ କରାଯାଇଛି। ବାଣିଜ୍ୟ ବିଭାଗରେ ୧୨୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ମାତ୍ର ୧୮ ପିଲା ପାସ୍ କରିଛନ୍ତି, ଯାହାକି ହାସ୍ୟାସ୍ପଦ ଘଟଣା ବୋଲି ଛାତ୍ରମାନେ କହିଛନ୍ତି। କଲେଜରେ କୌଣସି ସମସ୍ୟାକୁ ନେଇ ଅଧ୍ୟାପକଙ୍କ ବିରୋଧରେ ସ୍ୱର ଉଠାଇଲେ ସମ୍ପୃକ୍ତ ବିଦ୍ୟାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମାନସିକ ନିର୍ଯାତନା ଦିଆଯାଉଥିବା ଛାତ୍ରମାନେ ଅଭିଯୋଗ ଆଣିଛନ୍ତି। ତେଣୁ କେତେକ ଅଧ୍ୟାପକଙ୍କୁ କଲେଜରୁ ଅନ୍ୟତ୍ର ବଦଳି କରାଯିବା ସହ ଫେଲ୍ କରାଯାଇଥିବା ପିଲାଙ୍କ ପେପର ପୁନଃ ମୂଲ୍ୟାୟନ ପାଇଁ ଦାବି ହୋଇଛି। ଅଧ୍ୟକ୍ଷ ଅନୁପସ୍ଥିତ ଥିବାବେଳେ ମଙ୍ଗଳବାର ଆଲୋଚନା ବୈଠକ ପାଇଁ କଲେଜ୍ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଉତ୍ତେଜନା ଥମିଥିଲା।

# ପଞ୍ଚାୟତ ଅଫିସ ଛାତରୁ ଠେଲି ଯୁବକଙ୍କୁ ହତ୍ୟା

**ଝାରସୁଗୁଡ଼ା ଅଫିସ/ ଲଖନପୁର, ୧୯।୮ (ଡି.ଏନ୍.ଏ.)**

- ରାତି ଜଗୁଆଳି ଅଟକ
- ସହଯୋଗୀ ଫେରାର
- ୨ ବାଇକ୍ ଜବତ

ଝାରସୁଗୁଡ଼ା ଜିଲା ତାଳପଟିଆ ଫାଣ୍ଡି ଅଧୀନ ଦୁର୍ଲଗା ପଞ୍ଚାୟତ କାର୍ଯ୍ୟାଳୟ ଛାତରୁ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ତଳକୁ ଠେଲି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ଦୁର୍ଲଗା ଗ୍ରାମର ତପନ ସାହୁ (୨୨)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଝାରସୁଗୁଡ଼ା ଥାନାରେ ଏକ ହତ୍ୟାକାଣ୍ଡ ମାମଲା (ନଂ.-୫୨୦/୧୯) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ପଞ୍ଚାୟତ କାର୍ଯ୍ୟାଳୟ ରାତି ଜଗୁଆଳି ତଥା ଦୁର୍ଲଗା ଗ୍ରାମର ଦେବେନ୍ଦ୍ର କାହାଳୀ (୨୨)ଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଦେବେନ୍ଦ୍ରଙ୍କ ସହଯୋଗୀ ସୁନ୍ଦରଗଡ଼ର ଦୁବରାଜ ସିଂ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରୁ ୨ ବାଇକ୍ ଜବତ କରିଛି।

ପ୍ରତିଦିନ ପରି ଦେବେନ୍ଦ୍ର ରବିବାର ରାତିରେ ପଞ୍ଚାୟତ କାର୍ଯ୍ୟାଳୟରେ ରାତି ଡ୍ୟୁଟି କରୁଥିଲେ। ଦେବେନ୍ଦ୍ର ପୋଲିସକୁ ଦେଇଥିବା ବୟାନ ଅନୁଯାୟୀ ତପନ, ଦୁବରାଜ ଓ ସେ ମିଶି ରାତିରେ ମାଂସ ଭୋଜି କରିଥିଲେ। ତିନିହେଁ ଏକାଠି ବସି ଖାଇବା ସହ ମଦ ପିଇଥିଲେ। ଏତିକିବେଳେ ମୋବାଇଲରେ କଥା ହେବାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଦେବେନ୍ଦ୍ର ଓ ଦୁବରାଜ ତପନଙ୍କୁ ଇଟାରେ ଆକ୍ରମଣ କରିଥିଲେ। ଏଥିରେ ତପନ ଗୁରୁତର ଆହତ ହୋଇଥିଲେ। ପରେ ତାଙ୍କୁ ପଞ୍ଚାୟତ ଅଫିସ ଛାତ ଉପରୁ ତଳକୁ ଠେଲିଦେଇଥିଲେ। ଘଟଣା ପରେ ଦୁବରାଜ ଫେରାର ହୋଇଯାଇଥିଲେ। ତେବେ ଦେବେନ୍ଦ୍ର ରାତି ୨ଟାରେ ଗ୍ରାମକୁ ଯାଇ ତପନଙ୍କ ଘର କବାଟ ବାଡ଼େଇଥିଲେ। ତୁମ ପୁଅ ପଞ୍ଚାୟତ ଅଫିସରେ ପଡ଼ିଛି ବୋଲି କହି ଘରକୁ ପଳାଇଥିଲେ। ତପନଙ୍କ ପରିବାର ଲୋକେ ପଞ୍ଚାୟତ ଅଫିସରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଏକ ଗାଡ଼ିରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ତପନଙ୍କ ପରିବାର ଲୋକେ ପୋଲିସକୁ ଜଣାଇଥିଲେ। ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ, ଫାଣ୍ଡି ଅଧିକାରୀ ପବିତ୍ର କିଷାନ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରି ଫେରିଛନ୍ତି। ବିଡିଓ, ଜିପିଇଓ ଓ ପିଇଓ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।



ଦୁର୍ଲଗା ପଞ୍ଚାୟତ କାର୍ଯ୍ୟାଳୟ।


## Government of Odisha
## Information & Public Relations Department
### TENDER CALL NOTICE

No. 9460 pc 36116 Dated: 19.08.19

No.08-Z:- Sealed Tender is invited from reputed Insurance Companies for Gopabandhu working Journalist Health Insurance Scheme for Journalists and their families for a period of one year.

The selected Farm/Agency will have to sign an agreement with Authorities of Information and Public Relations Department, if found suitable, by the Selection Committee. The terms and conditions have been mentioned in the Tender Paper. All the payment shall be made as per the Finance Department guidelines.

The last date of receipt of the tender paper is by 3.00 PM on 27.08.2019 and the same will be opened in presence of the bidders/ their authorized representatives at 05.00 PM on the same date, in the office of the Director, Information and Public Relation, Unit V, Bhubaneswar.

The authority in Information & Public Relation Department reserves the right to accept or reject any or the entire process without assigning any reason thereof.

**For overview of the objective & scope of the assignment, pre-qualification-criteria, bidding terms and conditions and suggested response formats, please visit the websites of https://inpr.odisha.gov.in/advt_tender_quo.htm**

15001/11/0031/1920 Sd./- Director

## OFFICE OF THE DIVISIONAL LABOUR COMMISSIONER, SUBARNAPUR

Notice No.1136 Dated: 17.08.19

### QUOTATION CALL FOR HIRING OF VEHICLE

Sealed quotations are invited in the prescribed format from the local reputed and registered travel agencies / tour operators / private individuals of Subarnapur District for providing one No. of Diesel driven vehicle (four wheeler) (preferably Indigo ecs) for office use in the office of the Divisional Labour Commissioner, Subarnapur on monthly rent basis. For more details visit website **www.subarnapur.nic.in**

*Your faithfully*
Sd./-
District Labour Officer
Subarnapur

## OFFICE OF THE MUNICIPAL COUNCIL, TALCHER, DIST- ANGUL

Phone No.- (06760) 240259
E-Mail ID : e.o.talcher@gmail.com

No.2420 **TENDER CALL NOTICE** Date :17.08.19

No.128-C :- The Executive Officer, Talcher Municipality on behalf of Talcher, Dist- Angul invites sealed tenders from the intending registered firms/ authorized dealers/ distributors/ suppliers and manufacturers of supply of Sanitation materials to Talcher Municipality for the financial year 2019-20. The prescribed tender schedule can be obtained from the Cashier section of Talcher Municipality on payment of Rs.2,500/- (Rupees two thousand five hundred) only including GST@18% (non-refundable) in shape of cash / bank draft / bankers cheque drawn in favour of the Executive Officer, Talcher Municipality payable at Talcher from any nationalized bank from date 19.08.2019 to date 26.08.2019 up to 1.00 PM during office hour except holidays.

The tender paper along with all documents should reach the undersigned by Regd. Post /Speed Post/Courier Service or by person on or before date 27.08.2019 up to 1.00 PM. And this office will in no way, be responsible for any delay in receipt of the tender documents. The tender will be opened on the same date at 3.00 PM in presence of the tenderer or their authorized representative if any. The tender received beyond the schedule date and time will not be considered at all.

All terms and conditions may be seen in the tender proforma. The undersigned has rights to accept, cancel or reject any or all the tenders without assigning any reason thereof.

13077/11/0005/1920 **Sd./- Executive Officer Talcher Municipality**

## Office of the Executive Engineer 191-A
**U.K.Head Works Division,Kolabnagar(K).PIN.764011**
e-mail id- eeukhwdiv2014@rediffmail.com

**QUOTATION CALL NOTICE NO. 08 /2019-20 DATED. 16.8.2019**

Sealed quotations are invited from interested reputed Travel Agencies/Tour Operators or private individuals for providing 1(one) no of Non AC Diesel driven vehicle (Marshal/Mahindra Max/Bolero/Tata Sumo/equivalent) having sitting capacity not more than ten including driver, which shall conform to the Terms and conditions **(Annexure-II)** for official use by the **Executive Engineer, Upper Kolab Head Works Division, Kolabnagar, Dist-Koraput** on monthly rent basis.

1) The application form of quotation containing General Bid Information & Terms and conditions for hiring of vehicle etc. will be available with this office and can be obtained from **dt. 22.8.2019 to 04.00 PM of 04.9.2019** on the working days during working hour on payment of **Rs.100/-(One hundred ) only** per set or can be downloaded from Odisha Govt. Website www.odisha.gov.in during the above period.

2) The quotation completed in all respect should reach the undersigned on or before **04 .9.2019** by **04.00 PM** and shall be opened on the same day at **04.30 PM.** The bidders or their authorized representatives may attend the office of Executive Engineer, U.K.Head Works Division, Kolabnagar during opening of the quoatation.

3) The authority reserves the rights to reject any or all quotations without assigning any reason thereof.

4) Further details can be seen in the website Govt. of Odisha www.odisha.gov.in

32015/11/0009/1920

Sd/-
Executive Engineer
U.K.Head Works Division,Kolabnagar,
Dist: Koraput (Odisha)

## ବିଜ୍ଞାପନ
### ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ପାଇଁ ଆର୍ଥିକ ଅନୁଦାନ ନିମନ୍ତେ ଦରଖାସ୍ତ

**No.14-RR:-** ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଭାଗବତ ଟୁଙ୍ଗୀ/ ଭାଗବତ ଗାଦି ଇତ୍ୟାଦିର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥିନିମନ୍ତେ ଯେଉଁ ଗ୍ରାମ/ସାହିରେ ଭାଗବତ ଟୁଙ୍ଗୀ/ ଭାଗବତ ଗାଦି/ କୋଠଘର/ ଜାଗାଘର ଇତ୍ୟାଦି ରହିଥିବ ଏବଂ ସମ୍ପୃକ୍ତ ଅନୁଷ୍ଠାନରେ ଦୈନନ୍ଦିନ ଭାଗବତ ପଠନ ଓ ଆନୁଷଙ୍ଗିକ ପୂଜାର୍ଚ୍ଚନା ନିୟମିତ ଭାବେ କରାଯାଉଥିବ ସେମାନେ ଦରଖାସ୍ତ କରିବାକୁ ଯୋଗ୍ୟ ବିବେଚିତ ହେବେ। **ଆଗ୍ରହୀ ଅନୁଷ୍ଠାନମାନେ ନିମ୍ନରେ ଦିଆଯାଇଥିବା ନମୁନା ଫର୍ମ ପୂରଣ କରି ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ (District Culture Officer)ଙ୍କ କାର୍ଯ୍ୟାଳୟରେ ତା୨୦।୦୮।୨୦୧୯ରିଖଠାରୁ ତା୨୦।୦୯।୨୦୧୯ରିଖ ମଧ୍ୟରେ ଦାଖଲ କରିବା ଆବଶ୍ୟକ।** ନିର୍ଦ୍ଧାରିତ ତାରିଖ ମଧ୍ୟରେ ମିଳିଥିବା ଆବେଦନପତ୍ରଗୁଡ଼ିକୁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଣୀତ ନିୟମାନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ମାଧ୍ୟମରେ ବିଚାର କରାଯାଇ ଯୋଗ୍ୟ ବିବେଚିତ ଭାଗବତ ଟୁଙ୍ଗୀ/ ଭାଗବତ ଗାଦି/ କୋଠଘର/ ଜାଗାଘରଗୁଡ଼ିକ ସପକ୍ଷରେ ଆର୍ଥିକ ସହାୟତା ମଞ୍ଜୁର କରାଯିବାକୁ ପଦକ୍ଷେପ ନିଆଯିବ। ନିର୍ଦ୍ଧାରିତ ସମୟସୀମା ପରେ ଦାଖଲ ହୋଇଥିବା କିମ୍ବା ଅସମ୍ପୂର୍ଣ୍ଣ ଆବେଦନପତ୍ରଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।

ଉପରୋକ୍ତ ବିଜ୍ଞାପନ, ଆବେଦନ ପତ୍ରର ନମୁନା ଓ ଅନ୍ୟାନ୍ୟ ତଥ୍ୟ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବ୍‌ସାଇଟ୍ **(www.orissaculture.gov.in)**ରେ ମଧ୍ୟ ଉପଲବ୍ଧ।

**ସ୍ୱା./- ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର-୭୫୧୦୧୪**

### ଭାଗବତ ଟୁଙ୍ଗୀ/ ଭାଗବତଗାଦି/କୋଠଘର/ ଜାଗାଘର ଇତ୍ୟାଦିର ପୁନରୁଦ୍ଧାର ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ସାହାଯ୍ୟ ନିମନ୍ତେ ଦରଖାସ୍ତ ଫର୍ମ

୧. (କ) ଭାଗବତ ଟୁଙ୍ଗୀ/ ଭାଗବତଗାଦି / କୋଠଘର / ଜାଗାଘର ନାମ ଓ ଠିକଣା :
(ଖ) ଦୈନିକ ଭାଗବତ ପଠନର ସମୟ :
(ଗ) ଅନ୍ୟାନ୍ୟ କାର୍ଯ୍ୟନିର୍ଘଣ୍ଟର ବିବରଣୀ (ଦୈନିକ/ ବାର୍ଷିକ) :
୨. କେଉଁ ବର୍ଷ ପ୍ରତିଷ୍ଠିତ ହୋଇଛି (ଯଦି ଜ୍ଞାତ ଥାଏ) :
୩. ନିଜସ୍ୱ ଗୃହ ଅଛି କି ନାହିଁ, ଯଦି ହଁ ତେବେ ଚାଳଘର/ କୋଠାଘର/ ଆଜବେଷ୍ଟସ୍ ଘର/ ଅନ୍ୟାନ୍ୟ :
୪. ଅନୁଷ୍ଠାନକୁ ପୂର୍ବରୁ ଯଦି କୌଣସି ସୂତ୍ରରୁ ଆର୍ଥିକ ସହାୟତା ମିଳିଥାଏ ତାହାର ବିବରଣୀ :
୫. ଅନୁଷ୍ଠାନର ମୁଖ୍ୟ ତତ୍ତ୍ୱାବଧାରକଙ୍କ ନାମ ଓ ଠିକଣା
(କ) ନାମ :
(ଖ) ଗ୍ରାମ :
(ଗ) ପୋଷ୍ଟ :
(ଘ) ଗ୍ରାମପଞ୍ଚାୟତ :
(ଙ) ବ୍ଲକ୍ :
(ଚ) ଜିଲ୍ଲା :
(ଛ) ପିନ୍ କୋଡ଼ ନଂ. :
(ଜ) ଫୋନ୍ ନମ୍ବର :
(ଝ) ବ୍ୟାଙ୍କ ଆକାଉଣ୍ଟ ନଂ. (ଯଦି ଥାଏ) :
(ଞ) ଆଇ.ଏଫ୍.ଏସ୍.ଆଇ. କୋଡ଼ ନଂ. :
(ଟ) ବ୍ୟାଙ୍କ ନାମ ଓ ଠିକଣା :

ପ୍ରକାଶଥାଉ କି, ଉପରୋକ୍ତ ତଥ୍ୟମାନ ସତ୍ୟ ଅଟେ ଓ ଭବିଷ୍ୟତରେ ଭୁଲ୍ ପ୍ରମାଣିତ ହେଲେ ଆଇନ ଅନୁଯାୟୀ ଦଣ୍ଡିତ ହେବାକୁ ଅଙ୍ଗୀକାରବଦ୍ଧ ଅଟୁ।

**ଦରଖାସ୍ତକାରୀଙ୍କ ସ୍ୱାକ୍ଷର**
ପଦବୀ-
03001/11/0016/1920 ତାରିଖ-

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
**ଆକାଶ ଶୋଭା ବିଲ୍ଡିଂ**
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା: **18627**/ ଭୁ.ଉ.କ., ଭୁବନେଶ୍ୱର ତା୦୮।୦୮।୨୦୧୯ରିଖ
S.C(SCR)-11/96

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରାଲୋକ ମାର୍କେଟ୍ କମ୍ପ୍ଲେକ୍ସ ଚନ୍ଦ୍ରଶେଖରପୁର Shop-cum-Residence No.14କୁ ଶ୍ରୀ ଶିବ ପ୍ରସାଦ ଦାସ ଓ ଶ୍ରୀ ଗିରିଜା ପ୍ରସାଦ ଦାସ, ପିତା- ବଳଭଦ୍ର ବେହେରା, ଗ୍ରାମ- ବାଲିଗଡ଼ିଆ, ପୋ/ଥାନା- ଜଙ୍କିଆ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଶିବ ପ୍ରସାଦ ଦାସ ଓ ଶ୍ରୀ ଗିରିଜା ପ୍ରସାଦ ଦାସ ଉକ୍ତ ପ୍ଲଟ୍‌କୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଏମ୍.ଡି. ଜାହିଦ୍, ପିତା- ଆବାସ୍ ଆଲାମ, C-11, Flat No. 208, 2nd Floor, Sub Division- F13/ Madhuraroad, Faridabad Circle, PS/Dist.- Faridabad, Hariyana ନାମରେ ମାଲିକାନା ସ୍ୱତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୨**

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
**ଆକାଶ ଶୋଭା ବିଲ୍ଡିଂ**
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା: **18092**/ ଭୁ.ଉ.କ., ଭୁବନେଶ୍ୱର ତା୦୨।୦୮।୨୦୧୯ରିଖ
KNM-1348/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ଜମି ପ୍ରକଳ୍ପର MIG ପ୍ଲଟ୍ ନଂ. K8-587କୁ ଶ୍ରୀମତୀ ରେଣୁବାଳା ସାହୁ, ସ୍ୱାମୀ- ନୃସିଂହ ଚରଣ ସାହୁ, ଗ୍ରାମ/ପୋ.ଅ.- ଜରିପଡ଼ା, ଥାନା- ଟାଙ୍ଗି, ଜିଲ୍ଲା- କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ରେଣୁବାଳା ସାହୁ ଉକ୍ତ ପ୍ଲଟ୍‌କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ମୀନାକ୍ଷୀ ମହାପାତ୍ର, ସ୍ୱାମୀ- ଶରତ ଚନ୍ଦ୍ର ମହାପାତ୍ର, ପ୍ଲଟ୍ ନଂ.- ୬୭୧, ୱାର୍ଡ଼ ନଂ.-୧, ଜଳେଶ୍ୱର ମନ୍ଦିର ରାସ୍ତା, ପୋ.ଅ.- ଭବାନୀପାଟଣା ସଦର, ଥାନା- ଭବାନୀପାଟଣା, ଜିଲ୍ଲା- କଳାହାଣ୍ଡିଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୨**

## STATE POLLUTION CONTROL BOARD, ODISHA
**[DEPARTMENT OF FOREST & ENVIRONMENT, GOVERNMENT OF ODISHA]**
**Paribesh Bhawan, A/118, Nilakantha Nagar, Unit-VIII**
**Bhubaneswar-751012, INDIA, Tel : 0674-2564033, EPABX : 2561909/2562847**
**E-mail : paribesh1@ospcboard.org, Website : ospcboard.org**

No.8323/IND-IV-PCP-BMW-40 **PUBLIC NOTICE** Dtd.17.08.19

**KIND ATTENTION : ALL HEALTH CARE ESTABLISHMENTS (HCEs) OF THE STATE OF ODISHA**

State Pollution Control Board, Odisha vide a Public Notice No.5330/Ind-IV-PCP-BMW-40 dtd.31.05.2019 published in Odia daily 'Dharitri' dtd.03.06.2019 and in English daily 'Times of India' dtd.02.06.2019 had asked all the bedded Health Care Establishments to apply to the State Pollution Control Board for grant of consent to operate u/s 25/26 of Water (Prevention & Control of Pollution) Act, 1974. Meanwhile, the Board in it's 119th Board Meeting held on 29.06.2019 have decided that all the HCEs having less than 30 beds are to be categorized as "White Category" and hence are exempted from obtaining consent to operate from the Board. They will be regulated only under authorization administration under Bio Medical Waste Rules. HCEs having waste water generation <100 Kilo liters per day(KLD) and having $\geq$ 30 beds are categorized as "orange category" and required to obtain consent to operate from the Board as stipulated and in the manner specified in the public notice of the Board dt.31.05.2019 referred above.

**Sd./- MEMBER SECRETARY**

See Career Appointment on every Wednesday & Saturday

## idco ODISHA — ODISHA INDUSTRIAL INFRASTRUCTURE DEVELOPMENT CORPORATION
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022
Your power to grow — NEW OPPORTUNITIES

No. IDCO/HO-MIS/A-10013/01/2019/V-1/P-2/14359 Date: 19.08.2019

### TENDER CALL NOTICE

IDCO invites Request For Proposal (RFP) from the eligible bidders to participate in the tendering process for supply and Installation of the items given in the table below indicating Cost of Tender Paper and EMD. The interested bidders can download the RFP documents from IDCO website from 20.08.2019 to 31.08.2019 up to 5.00 P.M. Response to RFP should be sent by Registered Post/ Speed Post only so as to reach the Manager (MIS), IDCO, IDCO Towers, Janpath, Bhubaneswar - 22 on or before 05.09.2019 up to 5.00 P.M.

| Sl. | Name of the Work | Quantity | Cost of Tender paper | EMD |
|---|---|---|---|---|
| 1 | Supply, Installation, Commissioning including Warranty of Red Hat Enterprises Linux (RHEL) for Virtual Data Centre (3 Year License) | 5 | Rs.11,800/- (Including 18% GST) | Rs.6,400/- |
| 2 | Supply, Installation, Commissioning including 3 year Warranty of Red Hat Open Stack Platform (RHOSP) (without Guest OS), Standard (2 Socket) (3 year license) | 8 | | |
| 3 | Server for installation of NMS (EMS System) | 1 | | |

For details, please contact to Mr. Kabisurya Singh, Mob No. 9658506450 during office hours. For further assistance, please email to **mis@idco.in**.

Sd/-
Manager (MIS)

## OFFICE OF THE SUPERINTENDENT SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT, ODISHA
**PHONE - 06852-252121, E-mail-slnmchkpt18@gmail.com**

**Tender Notice No.2237/19** **Dated : 17.08.2019**

No.231-E :- Sealed tenders are invited by the Superintendent, Saheed Laxman Nayak Medical College and Hospital, Koraput functioning under Health and F.W. Department, Govt. of Odisha in two - bid system from eligible registered service providers / firms for implementation of computerization of Central Registration Counter in the Office of the Superintendent , Saheed Laxman Nayak Medical College and Hospital, Koraput for a period of one year can be extended for 3year on satisfactory performance . The details terms and conditions in the form of tender paper will be available in the district website of Koraput District (**www.koraput.nic.in**) / **http://www.slnmch.nic.in** / **www.dmetorissa.gov.in** and can be downloaded subject to condition that the money towards tender cost will be applicable as per procedure. The authority reserves the right to reject any / all the Tenders without assigning any reason thereof.

| | | |
|---|---|---|
| 1 | Date of sale of Tender Paper | 19.08.2019 |
| 2 | Cost of Tender Paper (Non refundable) | Rs. 6000/-(GST as applicable) |
| 3 | Cost of E.M.D | Rs. 15000/- In shape of Bank Draft/DD/ Pay order in favour of Dean and Principal, SLNMCH, Koraput, payable at Koraput. |
| 4 | Pre-bid meeting | 31.08.2019 at O/o Superintendent, SLNMCH, Koraput |
| 5 | Last date of receipt of Tender paper | 10.09.2019 |
| 6 | Date of opening of the Technical Bid (Cover - A) | 12.09.2019 |
| 7 | Date of opening of the Financial bid (Cover - B) | 16.09.2019 |
| 8 | Venue for opening Technical Bid and Financial Bid. | O/O - Superintendent, SLN Medical College and Hospital, Koraput. |
| 9 | Address for Correspondence | O/O - Superintendent, SLN Medical College and Hospital, Koraput At-Pujariput, Po/Dist.- Koraput- 764020 |

1. The tender will be received through Regd. Post and Speed post only. The bidders are to submit their tenders in separate sealed envelops for Technical Bid and Financial Bid by super scribing "Technical Bid for implementation of Computerization of Central Registration Counter at Saheed Laxman Nayak Medical College & Hospital, Koraput" (Cover- A) and "Financial Bid for implementation of Computerization of Central Registration Counter at Saheed Laxman Nayak Medical College & Hospital, Koraput" (Cover- B). Both sealed envelopes should be kept in a third sealed envelope super scribing "Tender for implementation of Computerization of Central Registration Counter at Saheed Laxman Nayak Medical College & Hospital, Koraput".

N:B: The tender paper will be rejected if the bidder changes or omit any clause or annexure of the bid documents downloaded from the website or if the envelopes are not sealed and properly super subscribed.

10121/11/0007/1920 **Sd./- Superintendent, SLNMCH, Koraput**

# କେମିତି ଚମକିବ ବାସନ



ସବୁ ମହିଳାଙ୍କୁ ପସନ୍ଦ ସେମାନଙ୍କ ରୋଷେଇ ଘରର ବାସନ କେମିତି ଚମକିବ । କିନ୍ତୁ ବାସନରେ ଯଦି ପୋଡ଼ା ଦାଗ ରହିଯାଏ ତେବେ ତାକୁ ସଫା କରିବା ସମସ୍ୟା ଦେଖାଯାଏ । ବାସନକୁସନ ସହଜରେ ସଫା କରିପାରିବେ ଜାଣନ୍ତୁ ସେ ସମ୍ପର୍କରେ...

-ଆଲୁମିନିୟମ୍ ବାସନକୁ ସଫା କରିବାକୁ ହେଲେ ସେଥିରେ ପିଆଜ ପକାଇ ଓ ପାଣି ପକାଇ ଭଲଭାବେ ଫୁଟାଇ ଦିଅନ୍ତୁ। ପୁଣି ବାସନ ମଜା ସାବୁନ୍‌ରେ ପୁଣି ସଫା କରନ୍ତୁ।

-ଲେମ୍ବୁ ପ୍ଲାଷ୍ଟିକ୍ କଣ୍ଟେନରକୁ ଭଲଭାବେ ସଫା କରିବାରେ କାମ ଦେଇଥାଏ। ଏଥିରୁ ବାହାରୁଥିବା ଦୁର୍ଗନ୍ଧକୁ ଦୂର କରିବାକୁ ହେଲେ ଫ୍ରେଶ୍ ଲେମ୍ବୁ ବ୍ୟବହାର କରନ୍ତୁ। ଲେମ୍ବୁ ଚୋପା ସାହାଯ୍ୟରେ କଣ୍ଟେନରକୁ ଭଲଭାବେ ସଫା କରନ୍ତୁ। ଏହାଦ୍ୱାରା ଦାଗ ହାଲ୍‌କା ଓ ଧୀରେ ଧୀରେ ଛାଡ଼ିବ।

-ବେକିଂ ସୋଡ଼ା ବାସନରେ ୧୦-୧୫ମିନିଟ୍ ଭିଜାଇ ରଖି ଦିଅନ୍ତୁ। ପୁଣି ସୋଡ଼ାକୁ ଗୋଲଗୋଲ ଆକାରରେ ରଗଡ଼ନ୍ତୁ। ଏହାଦ୍ୱାରା ଏକଦମ୍ ସଫା ହୋଇଯିବ ବାସନ।

-ବାସନରେ ଦାଗ ଥିଲେ ତାକୁ ସଫା କରିବାକୁ ଆପଣ ଦହିର ପ୍ରୟୋଗ କରିପାରିବେ।



## କିପରି କରିବେ
# ବ୍ୟାଙ୍କ ଆକାଉଣ୍ଟ କ୍ଲୋଜିଂ

ବ୍ୟାଙ୍କ ଆକାଉଣ୍ଟ କ୍ଲୋଜିଂ କରିବାକୁ ଚାହୁଁଥିଲେ କେତେକ ବିଷୟ ପ୍ରତି ସ୍ୱତନ୍ତ୍ର ନଜର ଦେବାକୁ ପଡ଼ିଥାଏ। ତେଣୁ ଏଭଳି ନିଷ୍ପତ୍ତି ନେବା ପୂର୍ବରୁ ନିମ୍ନଲିଖିତ ବିଷୟ ପ୍ରତି ନଜର ଦିଅନ୍ତୁ...






ଆଜିକାଲି କେବଳ ଟଙ୍କା ପଇସା କାରବାର ନୁହେଁ। ସଞ୍ଚୟ କରିବାର ଅନ୍ୟତମ ମାଧ୍ୟମ ହେଲା ବ୍ୟାଙ୍କ। ଏବେ କେବଳ ଜାତୀୟ ସ୍ୱୀକୃତିପ୍ରାପ୍ତ ନୁହେଁ, ଅନେକ ବେସରକାରୀ ବ୍ୟାଙ୍କରେ ଟଙ୍କା ଦେଣନେଣ କରିହେଉଛି। ଆକାଉଣ୍ଟ ଖୋଲିବା ସମୟରେ ସମ୍ପୃକ୍ତ ବ୍ୟାଙ୍କ ସହ ଯୋଗାଯୋଗ କରି ଆବଶ୍ୟକ କାଗଜପତ୍ର ଦେବାକୁ ପଡିଥାଏ। ସମସ୍ତ ସର୍ତ୍ତ ପୂରଣ ପରେ ସେହି ବ୍ୟାଙ୍କରେ ଆକାଉଣ୍ଟ ଖୋଲଯାଏ। ଠିକ୍ ସେହିପରି ଯେତେବେଳେ ଆପଣ ନିଜ ଆକାଉଣ୍ଟ ବନ୍ଦ କରିବାକୁ ଚାହୁଁଛନ୍ତି ସେପରି କେତେକ ନିୟମ ପାଳନ କରିବାକୁ ପଡେ। କୌଣସି ବି ଖାତା ଅନ୍‌ଲାଇନ୍ କ୍ଲୋଜ ହୁଏ ନାହିଁ। ଖାତା ବନ୍ଦ କରିବାକୁ ହେଲେ ଆପଣଙ୍କ ନିକଟତମ ବ୍ୟାଙ୍କ ଯିବାକୁ ପଡିଥାଏ। ଯଦି ଆପଣଙ୍କ ଡରମାଟ୍ ଆକାଉଣ୍ଟ ଥାଏ ତେବେ ତାକୁ ବନ୍ଦ କରିବାକୁ ହେଲେ ପ୍ରଥମେ ତାକୁ ଚାଲୁ କରିବାକୁ ପଡିଥାଏ। ଡରମାଟ୍ ଆକାଉଣ୍ଟ ଆମେ ତାକୁ କହିବା ଯେଉଁ ଆକାଉଣ୍ଟରେ ଦୁଇବର୍ଷ ହେବ କିଛି ନେଣଦେଣ(ଟ୍ରାଞ୍ଜାକ୍‌ଶନ୍) ହୋଇ ନ ଥିବ। ଡରମାଟ ଆକାଉଣ୍ଟ ବନ୍ଦ କରିବାକୁ ହେଲେ ବି ବ୍ୟାଙ୍କରେ ଫର୍ମ ପୂରଣ କରିବାକୁ ପଡିଥାଏ। ଖାତାକୁ ବନ୍ଦ କରିବା ପୂର୍ବରୁ ଦେଖିବାକୁ ପଡିଥାଏ ଯେ ଏଥିରେ ବୀମା ପଲିସି, କ୍ରେଡିଟ୍ କାର୍ଡ ପେମେଣ୍ଟ, ଡିମାଟ୍ ଓ ଟ୍ରେଡିଂ ଆକାଉଣ୍ଟ, ଲୋନ୍ ଓ ସେଭିଂ ଆକାଉଣ୍ଟ ଆଦି କିଛି ଲିଙ୍କ ନାହିଁ ତ ? ଅଧିକାଂଶ ବ୍ୟାଙ୍କ ଆକାଉଣ୍ଟ ସହ ଏସବୁକୁ ଲିଙ୍କ କରିଥାନ୍ତି। ଯଦି ଆପଣଙ୍କ ଜଏଣ୍ଟ ଆକାଉଣ୍ଟ ଥାଏ ତେବେ ଖାତା ବନ୍ଦ କିରବାକୁ ହେଲେ ଦୁଇଜଣ ଖାତାଧାରୀଙ୍କୁ ବ୍ୟାଙ୍କରେ ଉପସ୍ଥିତ ରହିବା ଜରୁରୀ। କିନ୍ତୁ କେତେକ ବ୍ୟାଙ୍କରେ ଖାତାଧାରୀ ନୋ ଅବ୍‌ଜେକ୍ସନ୍ ସାର୍ଟିଫିକେଟ୍(ଏନ୍‌ଓସି) ଦେଇ ନିଜର ଆକାଉଣ୍ଟ ବନ୍ଦ କରି ପାରିବେ।

**ଆକାଉଣ୍ଟ ବନ୍ଦ କରିବାକୁ ହେଲେ ଆପଣାନ୍ତୁ ଏହି ପ୍ରକ୍ରିୟା**

-ଆପଣ ଯେଉଁ ଖାତା ବନ୍ଦକରିବାକୁ ଯୋଜନା କରୁଛନ୍ତି , ଯଦି ସେଥିରେ କିଛି ଜମାରାଶି ଅଛି ତାକୁ ଖାତାରୁ ଉଠାଇ ପାରିବେ କିମ୍ବା ଅନ୍ୟ କୌଣସି ବ୍ୟାଙ୍କର ଆକାଉଣ୍ଟକୁ ଟ୍ରାନ୍ସଫର ମଧ୍ୟ କରିପାରିବେ। ଏହି ରାଶିକୁ ମଧ୍ୟ ଡିମାଣ୍ଡ ଡ୍ରାଫ୍ଟ କରି ମଧ୍ୟ ଅନ୍ୟ ଆକାଉଣ୍ଟକୁ ସ୍ଥାନାନ୍ତରିତ କରିପାରିବେ।

-ଟ୍ରାନ୍ସଫର କରିବା ସମୟରେ ଏହି କଥାର ଧ୍ୟାନ ରଖନ୍ତୁ ଯେ ଆକାଉଣ୍ଟର ଲାଷ୍ଟ ଟ୍ରାଞ୍ଜାକଶନ୍‌ର ଷ୍ଟେଟମେଣ୍ଟ ନିଜ ପାଖରେ ନିଶ୍ଚିତ ରଖନ୍ତୁ।

-ଏହାପରେ ଆକଉଣ୍ଟ କ୍ଲୋଜର ଫର୍ମ ପୂରଣ କରନ୍ତୁ। ବ୍ୟାଙ୍କ କର୍ମଚାରୀଙ୍କ ପାଖକୁ ଯାଇ ଫର୍ମ ଡିପୋଜିଟ୍ କରନ୍ତୁ। ବ୍ୟାଙ୍କ କ୍ଲୋଜର ଫର୍ମ ଭରିବା ପାଇଁ ଆପଣଙ୍କୁ ବ୍ୟାଙ୍କ ଯିବାକୁ ପଡିବନି। ଏହି ଫର୍ମ ମଧ୍ୟ ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌କୁ ଯାଇ ଡାଉନ୍‌ଲୋଡ୍ କରିବାକୁ ହେବ।

-ଆପଣଙ୍କୁ ଖାତା ବନ୍ଦ କରିବାକୁ ହେଲେ ଅତିକମ୍‌ରେ ଗୋଟିଏ କାରଣ ଦର୍ଶାଇବାକୁ ପଡିବ।

-ଯଦି ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟର କ୍ରେଡିଟ୍ କାର୍ଡ ପେମେଣ୍ଟ , ଡିମାଟ୍ ଓ ଟ୍ରେଡିଙ୍ଗ ଆକାଉଣ୍ଟ,ବୀମା,ଲୋନ ଆଦିରେ ଲିଙ୍କ ଥାଏ ତେବେ ପ୍ରଥମେ ନିଜର ଅଲଗା ଆକାଉଣ୍ଟକୁ ଏସବୁକୁ ଲିଙ୍କ କରି ଦିଅନ୍ତୁ। କାରଣ ଆକାଉଣ୍ଟ ବନ୍ଦ କରିବା ସମୟରେ ଡିଲିଙ୍କିଙ୍ଗ ଫର୍ମ ପୂରଣ କରିବାକୁ ପଡିଥାଏ।

-ଏହା ପରେ ବ୍ୟାଙ୍କ ଅଧିକାରୀଙ୍କୁ ବ୍ୟାଙ୍କ ଆକାଉଣ୍ଟ କ୍ଲୋଜ କରିବାର ଆପ୍ଲିକେଶନ୍ ଓ ସେଲ୍‌ଫ ଆଟେଷ୍ଟେଡ୍ କିମ୍ବା ନିଜ ସାଇନ୍ ହୋଇଥିବା ଲେଟର ବ୍ୟାଙ୍କରେ ଜମା କରିବାକୁ ପଡ଼ିଥାଏ।

-ଏସବୁ ପରେ ଆପଣଙ୍କୁ ଚେକ୍‌ବୁକ୍,ଏଟିଏମ୍‌କାର୍ଡ,କ୍ରେଡିଟ୍ କାର୍ଡ ଆଦି ବ୍ୟାଙ୍କ୍‌କୁ ଫେରାଇବାକୁ ପଡ଼ିଥାଏ।

-ଏହାପରେ ବ୍ୟାଙ୍କ ଅଧିକାରୀ ଆପଣଙ୍କ ଖାତା ସହ ଜଡିତ କୌଣସି ଟ୍ୟାକ୍ସ ପେଣ୍ଡିଂ ହୋଇଥାଏ ତାକୁ ଯାଞ୍ଚ କରିବାକୁ ପଡ଼େ। କୌଣସି ବି ଜରିମାନା, ବାକି କିମ୍ବା ଭାଲ୍ୟୁ ଆଡେଡ୍ ସର୍ଭିସ ଦେବାକୁ ଥାଏ ତେବେ ବ୍ୟାଙ୍କ ଆପଣଙ୍କ ଠାରୁ ଚାର୍ଜ କରିଥାଏ।

-କିଛି ପ୍ରାଇଭେଟ୍ ବ୍ୟାଙ୍କ ରହିଛି , ଖାତା ବନ୍ଦ କରିବାର ଚାର୍ଜ ନେଇଥାନ୍ତି। ସବୁଠୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା- ଯଦି ଆପଣ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ୧୪ଦିନ ଭିତରେ ଆକାଉଣ୍ଟ କ୍ଲୋଜ କରୁଛନ୍ତି ତେବେ ବ୍ୟାଙ୍କ ଆପଣଙ୍କ ଠାରୁ କୌଣସି ଚାର୍ଜ ନେବ ନାହିଁ। ଯଦି ଆପଣ ୧୪ଦିନରୁ ଅଧିକ ଏକବର୍ଷ ମଧ୍ୟରେ ଆକାଉଣ୍ଟ ବନ୍ଦ କରି ଦେଉଛନ୍ତି ତେବେ ବ୍ୟାଙ୍କ ଆପଣଙ୍କ ଠାରୁ କ୍ଲୋଜର ଚାର୍ଜ ନେଇପାରିବ।

-ଶେଷରେ ବ୍ୟାଙ୍କ ଅଧିକାରୀ ଆକନଲେଜ୍‌ମେଣ୍ଟର ଗୋଟିଏ କପି ଦେବେ ଓ ୧୦ଦିନ ମଧ୍ୟରେ ଆପଣଙ୍କ ଆକାଉଣ୍ଟ ବନ୍ଦ ହୋଇଯିବ।

-ସବୁ କାର୍ଯ୍ୟ ସମ୍ପନ୍ନ ହେବା ପରେ ବ୍ୟାଙ୍କ ରେଜିଷ୍ଟର୍ଡ ଇମେଲ୍ ଆଇଡି ସହିତ ମୋବାଇଲକୁ ମଧ୍ୟ ଏସ୍‌ଏମ୍‌ଏସ୍ ଆସିଯିବ ଯେ ଆପଣଙ୍କ ଆକାଉଣ୍ଟ କ୍ଲୋଜ ହୋଇଗଲା।

**କାହିଁକି ଜରୁରୀ ବ୍ୟାଙ୍କ ଆକାଉଣ୍ଟ କ୍ଲୋଜ କରିବା....**

-ଆଜିକାଲିର ଯୁବପିଢ଼ି କ୍ରେଡିଟକାର୍ଡ, ସ୍ୱାର୍ଟକାର୍ଡ, ଭିଜାକାର୍ଡ ଆଦି ଚକ୍କରରେ ଅନେକ ବ୍ୟାଙ୍କରେ ନିଜର ବ୍ୟାଙ୍କ ଆକାଉଣ୍ଟ ଖୋଲିଦିଅନ୍ତି କିମ୍ବା ପୁଣି ବାରମ୍ବାର ଚାକିରି ବଦଳିବା କାରଣରୁ ତାଙ୍କୁ କମ୍ପାନୀ ଦ୍ୱାରା ଅଲଗା ଅଲଗା ବ୍ୟାଙ୍କରେ ସାଲାରି ଆକାଉଣ୍ଟ ଖୋଲିବାକୁ ପଡିଥାଏ। ଯେଉଁକାରଣରୁ ସେମାନଙ୍କ ପାଖରେ ମଲ୍‌ଟିପଲ ସେଭିଂ ଆକାଉଣ୍ଟ ହୋଇଯାଏ। ମଲ୍‌ଟିପଲ ସେଭିଂ ଆକାଉଣ୍ଟ ରଖିବା ଦ୍ୱାରା ଫାଇଦା କମ୍ କ୍ଷତି ଅଧିକ ହୋଇଥାଏ। ଅର୍ଥାତ୍ ଏତେ ବ୍ୟାଙ୍କ ଆକାଉଣ୍ଟ ରଖିବା ବଦଳରେ ତାକୁ ବନ୍ଦ କରିଦେବା ଠିକ୍ ହେବ। କାହିଁକି ନା ବ୍ୟାଙ୍କ ଆକାଉଣ୍ଟ ଯେତେକମ୍ ହେବ, ତାକୁ ମେଣ୍ଟେନ୍ କରିବା ଓ ତା' ଉପରେ ନଜର ରଖିବା ସହଜ ହେବ।

-ସେଭିଂ ଆକାଉଣ୍ଟ ହେବା ଦ୍ୱାରା କେତେ ପ୍ରକାର ଶୁଳ୍କ ଦେବାକୁ ପଡିଥାଏ। ଯେମିତିକି ଡେବିଟ୍ କାର୍ଡ,ଏସ୍‌ଏମ୍‌ଏସ୍ ଚାର୍ଜ,ଏଟିଏମ୍ ଉପଯୋଗ ଚାର୍ଜ ଆଦି ଦେବାକୁ ହେବ। ମଲ୍‌ଟିପଲ୍ ଆକାଉଣ୍ଟ ହେବା ଦ୍ୱାରା ବିନା କାରଣରେ ଏହାର ଶୁଳ୍କ ଦେବାକୁ ପଡିଥାଏ। ଏହାଠୁ ଭଲ ହେବ ଅତିରିକ୍ତ ବ୍ୟାଙ୍କ ଆକାଉଣ୍ଟ ବନ୍ଦ କରିଦିଅନ୍ତୁ।

-ଅଧିକ ବ୍ୟାଙ୍କ ଆକାଉଣ୍ଟ ହେବା କାରଣରୁ ଆପଣଙ୍କୁ ସେଥିରେ ମିନିମମ୍ ବାଲାନ୍ସ ରଖିବା ଜରୁରୀ। ମିନିମମ୍ ବାଲାନ୍ସ ମେଣ୍ଟେନ୍ ନ କରିବା ଫଳରେ ବ୍ୟାଙ୍କ ଦ୍ୱାରା ଲଗାଯାଇଥିବା ପେନାଲ୍‌ଟି ଆପଣଙ୍କୁ ଭରିବାକୁ ପଡିପାରେ।

-ସେଭିଂସ୍ ବ୍ୟାଙ୍କ ଆକାଉଣ୍ଟରେ ବହୁତ କମ୍ ସୁଧ ମିଳିଥାଏ। ଏହା ବଦଳରେ ସେଭିଂ ଜମାରାଶିକୁ ଫିକ୍ସଡ୍ ଡିପୋଜିଟ୍,ମ୍ୟୁଚୁଆଲ୍ ଫଣ୍ଡ କିମ୍ବା ଡିମାଟ୍ ଆକାଉଣ୍ଟରେ ନିବେଶ କରିବା ଦ୍ୱାରା ଆପଣଙ୍କୁ ଅଧିକ ଲାଭ ମିଳିବ।

**-ମହାଶ୍ୱେତା ନାୟକ**

### ଏମାନେ କ'ଣ କରନ୍ତି

**-ଦିପୀକା ଦାଶ**(ବ୍ୟାଙ୍କ ମ୍ୟାନେଜର ବ୍ୟାଙ୍କ ଅଫ୍ ବରୋଦା,ଏସ୍‌ଏସ୍‌ଆଇ, କଶ୍‌ବା,କୋଲକାତା)



ଆକାଉଣ୍ଟ କ୍ଲୋଜ କରିବାକୁ ହେଲେ ପ୍ରଥମେ ଆକାଉଣ୍ଟଧାରୀ ନିଜେ ବ୍ୟାଙ୍କ ଯାଇ ସେଠାରେ ରିକ୍ୟୁଏଷ୍ଟ ଲେଟର ଉଇଥ୍ ପରପୋଜ୍ ଲେଖିବେ। କ'ଣ ପାଇଁ ଆକାଉଣ୍ଟ କ୍ଲୋଜ କରୁଛନ୍ତି ତାହାର ରିଜନ୍ ମଧ୍ୟ ଦେବେ। ଯଦି ଆକାଉଣ୍ଟଧାରୀଙ୍କ ଆକାଉଣ୍ଟରେ ଅଧିକ ଟଙ୍କା ଥାଏ ତେବେ ତାଙ୍କ ଟଙ୍କା ଡ୍ରାଫ୍ଟ ମାଧ୍ୟମରେ ନେଇପାରିବେ। ଯଦି ଆକାଉଣ୍ଟଧାରୀଙ୍କ ଆକାଉଣ୍ଟରେ ବେଶୀ ଟଙ୍କା ନାହିଁ ତେବେ ବ୍ୟାଙ୍କ ତାଙ୍କୁ କ୍ୟାଶ ଆକାରରେ ଦେଇପାରିବେ।

**-ଐଶ୍ୱର୍ଯ୍ୟା ପଟ୍ଟନାୟକ**
(ଛାତ୍ରୀ,ଜଗନ୍ନାଥ ବିହାର,ଭୁବନେଶ୍ୱର)



ମୋର କେବେ ବ୍ୟାଙ୍କ ଆକାଉଣ୍ଟ କ୍ଲୋଜ କରିବା ଦରକାର ପଡିନି। ଯଦି କେବେ ଦରକାର ପଡେ ତେବେ ବ୍ୟାଙ୍କ ଅଧିକାରୀଙ୍କୁ ବୁଝି ସବୁ ଫର୍ମାଲିଟି ପୂରଣ କରି କ୍ଲୋଜ କରିବି।



## ଫ୍ୟାଶନ୍
# ମନ୍‌ସୁନ୍ ଟିପ୍ସ

ବର୍ଷାଦିନେ ମହିଳାଙ୍କ ଟେନଶନ୍ ବଢ଼ିଯାଏ ଯେ କ'ଣ ପିନ୍ଧିବେ ଓ ପିନ୍ଧିବେନି। ଯାହା ସେମାନଙ୍କୁ ଷ୍ଟାଇଲିଶ୍ କରିବା ସହିତ ଫ୍ୟାଶନ୍ ସହିତ ଯୋଡ଼ି ରଖେ। ଏଥିପାଇଁ ଆଜି ଆପଣଙ୍କ ଲାଗି ଫ୍ୟାଶନ୍ ଟିପ୍ସ ଦେଉଛୁ ଯାହାର ସାହାଯ୍ୟ ନେଇ ନିଜକୁ ଷ୍ଟାଇଲିଶ୍ କରିପାରିବେ...

❖ବର୍ଷାଦିନରେ ଧଳାରଙ୍ଗର ଡ୍ରେସ ପିନ୍ଧିବାକୁ ଆଭୋଏଡ୍ କରନ୍ତୁ। ଏହା ବଦଳରେ ପେଷ୍ଟାଲ ଶେଡ୍‌କୁ ନିଜ ଆଉଟ୍‌ଫିଟ୍‌ରେ ସାମିଲ କରନ୍ତୁ। ଧଳା ରଙ୍ଗର ଡ୍ରେସ୍‌ରେ ବିଭିନ୍ନ ଦାଗ ଲାଗିବାର ଆଶଙ୍କା ରହିଛି ଓ ଏହି ଦାଗ ଛଡ଼ାଇବାକୁ ହେଲେ କେତେପ୍ରକାର ଉପାୟ ଆପଣାଇବାକୁ ପଡ଼ିଥାଏ।

❖ମନସୁନ୍‌ରେ ଏପରି ଫୁଟ୍‌ୱେର ଚୟନ କରନ୍ତୁ, ଯାହା ଓଦା ହେଲେ ତୁରନ୍ତ ଶୁଖିଯିବ। ଭଲ ଗ୍ରିପ୍ ଥିବା ସହ ସାମ୍ନା ଖୋଲା ଥିଲେ ଭଲ। ମନସୁନ୍‌ରେ ବେଲି କିମ୍ବା ଶୁଜ୍ ପିନ୍ଧିବା ଦ୍ୱାରା ଭିତରେ ପଶିଥିବା ପାଣିରେ ସହଜରେ ବାହାରି ନ ଥାଏ। ଯାହା ଫଳରେ ପାଦ ଆଙ୍ଗୁଳିରେ ଇନ୍‌ଫେକ୍‌ଶନ୍ ହେବାର ଆଶଙ୍କା ରହିଛି। ଏହା ସହ ଆପଣଙ୍କ ପାଦରୁ ଦୁର୍ଗନ୍ଧ ଆସୁଥାଏ ତେବେ ଭୁଲ୍‌ରେ ବି ଆପଣ ଏପରି ଜୋତା ପିନ୍ଧନ୍ତୁ ନାହିଁ। ଲେଦର ସୁଜ୍ ପିନ୍ଧନ୍ତୁ ନାହିଁ।

❖ଏହି ଋତୁରେ କପଡ଼ା ଚୟନ କରିବା ସମୟରେ ଖାସ୍ ଧ୍ୟାନ ରଖନ୍ତୁ। କର୍ଟନ, ନାଇଲନ୍, ଶିଫନ୍ ଆଉଟ୍‌ଫିଟ୍ ମନସୁନ୍ ହିସାବରେ ଠିକ୍ ନୁହେଁ। ଏହି ସ୍ଥାନରେ ଲାଇକ୍ରା, ମଲ୍, ପଲିଷ୍ଟର ଫାବ୍ରିକ୍ ଥିବା ଆଉଟ୍‌ଫିଟ୍ ଭଲ ରହିବ। ଯାହା ବର୍ଷାଦିନରେ ଭିଜିଲେ ମଧ୍ୟ ଏହା ସହଜରେ ଶୁଖିଯାଏ।

❖ଟ୍ରାଉଜର ହେଉ କି ଜିନ୍ସ କି ମ୍ୟାକ୍ସି ଡ୍ରେସ୍ ଧ୍ୟାନ ରଖନ୍ତୁ ଏହାର ଲମ୍ବା ଅଧିକ ନ ହେଉ। ବର୍ଷାଦିନେ ଶର୍ଟ ହେମଲାଇନ୍ ଥିବା ଆଉଟ୍‌ଫିଟ୍ ଚୟନ କରନ୍ତୁ। କ୍ୟୁଲଟ୍ସ, କ୍ୟାପ୍ରି, ଆଙ୍କଲ ଲେନ୍ଥ ପ୍ୟାଣ୍ଟ ଋତୁ ହିସାବରେ କମ୍ଫର୍ଟ ସହ ମଧ୍ୟ ଷ୍ଟାଇଲିଶ୍ ହୋଇଥାଏ।

❖ପେଷ୍ଟାଲ୍ ସହିତ ବ୍ରାଇଟ୍ କଲରର କଲେକ୍‌ଶନ୍ ମନସୁନ୍ ପାଇଁ ପରଫେକ୍ଟ ଚଏସ୍। ଯାହାଦ୍ୱାରା ବର୍ଷାଦିନରେ ଭିଜିବା ଦ୍ୱାରା ଅନ୍‌କମ୍ଫର୍ଟେବଲ୍ ଲାଗି ଥାଏ।



## ଖାଦ୍ୟରୁଚି
# ହାଣ୍ଡି ପନିର

**ଆବଶ୍ୟକ ସାମଗ୍ରୀ:** ପନିର (୨୦୦ଗ୍ରାମ୍), ଅଳ୍ପ ପରିମାଣର ଅଦା(ଘସା ହୋଇଥିବା), ହଳଦୀଗୁଣ୍ଡ (ଅଧା ଚାମଚ), ଗରମ ମସଲା (ଅଧା ଚାମଚ), ଟମାଟୋ (ଗୋଟିଏ), ଗୋଲମରିଚ ଗୁଣ୍ଡ (ଅଳ୍ପ ପରିମାଣର), ୩ଟି ଛୋଟ ଆକାରରେ କଟା ହୋଇଥିବା ପିଆଜ, ଦହି (ଅଧାକପ୍), ଛୋଟ ଆକାରରେ କଟା ହୋଇଥିବା ଧନିଆ ପତ୍ର, ଅଧାକପ ପାଣି, ଆବଶ୍ୟକତା ଅନୁସାରେ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍ ଲଗାଇ ହାଣ୍ଡିରେ ତେଲ ଗରମ କରନ୍ତୁ। ତେଲ ତାତିଲା ପରେ ଏଥିରେ କଟା ହୋଇଥିବା ପିଆଜ ପକାଇ ଦିଅନ୍ତୁ। ଏହାପରେ ଏହାକୁ ନାଲି ହେବାକୁ ଛାଡ଼ି ଦିଅନ୍ତୁ। ପରେ ଏଥିରେ ଅଦା,ହଳଦୀଗୁଣ୍ଡ, ଲାଲ୍ ଲଙ୍କାଗୁଣ୍ଡ,ଗରମ ମସଲା ପକାନ୍ତୁ। କିଛି ସମୟ କଷିଲା ପରେ ଏଥିରେ ଟମାଟୋ,କଞ୍ଚାଲଙ୍କା ପକାନ୍ତୁ। ପୁଣି ଏଥିରେ ଦହି ପକାନ୍ତୁ ଓ ଏଥିରୁ ପାଣି ଶୁଖିଲା ପର୍ଯ୍ୟନ୍ତ ଚଲାନ୍ତୁ। ଏହାପରେ ଏଥିରେ ଲୁଣ ଓ ପାଣି ପକାଇ ଫୁଟିବାକୁ ଛାଡି ଦିଅନ୍ତୁ। ଏବେ ପନିର ପକାଇ ତାକୁ ମିଶାଇ ଦିଅନ୍ତୁ। ଏହାପରେ ଧନିଆଁ ପତ୍ର ପକାନ୍ତୁ। ସର୍ବଶେଷରେ ଗୋଲମରିଚ ଗୁଣ୍ଡ ପକାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କ ହାଣ୍ଡି ପନୀର।





## ସୌନ୍ଦର୍ଯ୍ୟ
# ଫେସପ୍ୟାକ୍

ମୁଖକୁ ସୁନ୍ଦର କରିବାକୁ ହେଲେ ମହିଳାମାନେ କେତେ ଉପାୟ ଆପଣାଇଥାନ୍ତି। ଏହି ଉପାୟ ମଧ୍ୟରୁ ଫେସପ୍ୟାକ୍ ଅନ୍ୟତମ। ଯାହାର ସହାୟତାରେ ମହିଳାମାନେ ଆକର୍ଷକ ଦେଖାଯାନ୍ତି। ଫେସପ୍ୟାକ୍‌କୁ ମହିଳା ଘରେ ହିଁ ଆପଣାଇଥାନ୍ତି ଓ ସୁନ୍ଦର ହେବାର ଇଚ୍ଛା ରଖିଥାନ୍ତି। କିନ୍ତୁ ଦେଖାଯାଏ ମହିଳାଙ୍କ ଫେସପ୍ୟାକ୍ ଲଗାଇବା ସମୟରେ କିଛି ଭୁଲ୍ କରି ବସନ୍ତି ଯେଉଁ କାରଣରୁ ଏହାର ପୂରା ଫାଇଦା ମିଳି ନ ଥାଏ। ଆଜି ଆପଣଙ୍କୁ ଏମିତି ଭୁଲ୍ ବିଷୟରେ ସୂଚନା ଦିଆଯାଉଛି ଜାଣନ୍ତୁ ସେ ସମ୍ପର୍କରେ...

-ଫେସପ୍ୟାକ୍ ଶୁଖିଲା ପରେ ମହିଳାମାନେ ତାକୁ ରଗଡି ସଫା କରିଥାନ୍ତି। ଯାହାକି ସମ୍ପୂର୍ଣ୍ଣ ଭୁଲ୍। ଯଦି ଫେସ୍‌ପ୍ୟାକ୍ ଶୁଖିଯାଇଛି ତେବେ ଗୋଲାପଜଳ ଓ ପାଣି ଲଗାଇ ହାଲ୍‌କା ମସାଜ୍‌ରେ ସଫା କରନ୍ତୁ।

-ଫେସପ୍ୟାକ୍ ଲଗାଇବା ପରେ କଥାବାର୍ତ୍ତା କରନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କ ମୁହଁରେ ଲୋଚାକୋଚା ପଡ଼ିପାରେ। ଭଲ ହେବ ଫେସପ୍ୟାକ୍ ଲଗାଇବା ପରେ ଚୁପ୍ ରୁହନ୍ତୁ।

-ଅଧିକ ସମୟ ପର୍ଯ୍ୟନ୍ତ ଫେସପ୍ୟାକ୍ ଲଗାଇବା ଦ୍ୱାରା ଏହା କ୍ଷତିକାରକ। ଏକ୍ସପର୍ଟଙ୍କ ମତରେ ଫେସପ୍ୟାକ୍ କେବଳ ୧୦-୧୫ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। କିନ୍ତୁ ଏହାକୁ ଅଧିକ ସମୟ ଲଗାଇବା ଦ୍ୱାରା ମୁହଁର ତେଲିଆପଣକୁ ଶୁଖାଇ ଦେଇଥାଏ। ଯାହା ଫଳରେ ତ୍ୱଚା ଟାଣିହେଲା ପରି ଲାଗିବ। ଏହାଦ୍ୱାରା ଡ୍ରାଏନେସ, ରାସେସ୍ ଓ କୁଣ୍ଡାଇ ହେବା ସମସ୍ୟା ଦେଖାଯାଇପାରେ।

-ଗରମପାଣି ବ୍ୟବହାର କରନ୍ତୁ ନାହିଁ। ଅଧିକାଂଶ ମହିଳା ଫେସପ୍ୟାକ୍‌କୁ ମିକ୍ସ କରିବାକୁ ହେଲେ ଗରମ ପାଣି ବ୍ୟବହାର କରିଥାନ୍ତି। ଯାହା ତ୍ୱଚା ପାଇଁ କ୍ଷତିକାରକ। ଫେସପ୍ୟାକ୍‌କୁ ସାମାନ୍ୟ କିମ୍ବା ଫ୍ରେସ୍ ପାଣିରେ ମିକ୍ସ କରି ଦିଅନ୍ତୁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.43 (29) | 37,402.49 (52.16) | 11,053.90 (6.10) | 38,570.00 (₹100) | 45,000.00 (₹50) |

ରେଲୱେ ଠାରୁ ୮୪୫ କୋଟି ଟଙ୍କାର କାର୍ଯ୍ୟାଦେଶ ଦ୍ୱାରା ରେଲୱେ ଭିତ୍ତିଭୂମି ନିର୍ମାଣରେ ନିଜର ଯୋଗଦାନ ଦେଇପାରିବୁ।
– ବିମଳ କେଜରିୱାଲ, ଏମ୍‌ଡି ତଥା ସିଇଓ, କେଇସି ଇଣ୍ଟରନ୍ୟାଶନାଲ



୫୯ ମିନିଟ ଋଣ ଯୋଜନା ପ୍ରତି ଲୋକଙ୍କ ଉତ୍ସାହ ବୃଦ୍ଧି ପାଉନାହିଁ। ଟାର୍ଗେଟରେ ଥିବା ଋଣଗ୍ରହୀତାଙ୍କୁ ଏ ଦିଗରେ ସଚେତନ କରାଯାଇନାହିଁ।
– ରଜନୀଶ କୁମାର, ଅଧ୍ୟକ୍ଷ, ଏସ୍‌ବିଆଇ



## ସଂକ୍ଷେପରେ

### ପ୍ରତ୍ୟକ୍ଷ ଟିକସ କୋଡ୍ ସୀତାରାମନ୍‌ଙ୍କୁ ରିପୋର୍ଟ ଦେଲା ଟାସ୍କଫୋର୍ସ

ନୂଆଦିଲ୍ଲୀ,୧୯-୮: ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ(ସିବିଡିଟି) ସଦସ୍ୟ ଅଖିଳେଶ ରଞ୍ଜନଙ୍କ ଆବାହକତ୍ୱରେ ଗଠିତ ଟାସ୍କଫୋର୍ସ ସୋମବାର ନୂଆ ପ୍ରତ୍ୟକ୍ଷ ଟିକସ କୋଡ୍ ଉପରେ ନିଜର ରିପୋର୍ଟ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ହସ୍ତାନ୍ତର କରିଛନ୍ତି। ରିପୋର୍ଟ ସମ୍ପର୍କରେ ବିସ୍ତାରିତ ତଥ୍ୟ ମିଳିପାରିନାହିଁ। ରିପୋର୍ଟ ପ୍ରଦାନ କରାଯାଇଥିବା ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ୍ କରାଯାଇଛି। ସରକାର ଏହି ଟାସ୍କଫୋର୍ସ ଗଠନ କରି ମେ' ୩୧ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ରିପୋର୍ଟ ପ୍ରଦାନ ସମୟସୀମାକୁ ପରେ ଆହୁରି ୨ ମାସ ବଢ଼ାଇ ଦେଇଥିଲେ। ତେବେ ଟାସ୍କଫୋର୍ସ ଅଧିକ ସମୟ ଲୋଡିବାରୁ ଏହାକୁ ଅଗଷ୍ଟ ୧୬ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଟାସ୍କଫୋର୍ସରେ ଆବାହକ ଭାବେ ଅଖିଳେଶ ରଞ୍ଜନ କାର୍ଯ୍ୟ କରୁଥିଲେ।

### ୬ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଲା ଟଙ୍କା

ନୂଆଦିଲ୍ଲୀ,୧୯-୮: ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ଧାରା ଜାରି ରହିଛି। ସୋମବାର ଏହା ୨୯ ପଇସା ହ୍ରାସ ସହ ୬ ମାସର ସର୍ବନିମ୍ନ ସ୍ତର ୭୧.୪୩ ରେ ପହଞ୍ଚିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିବା ତଥା ବିଦେଶରେ ଅନ୍ୟ ମୁଦ୍ରା ତୁଳନାରେ ଡଲାର ଦୃଢ଼ ହେବା ଯୋଗୁ ଭାରତୀୟ ମୁଦ୍ରା ଟଙ୍କାକୁ ନେଇ ସୃଷ୍ଟ ଧାରଣା ପ୍ରଭାବିତ ହୋଇଛି। ବଜାର ସୂତ୍ର ଅନୁଯାୟୀ, ଅର୍ଥନୀତିକୁ ଦ୍ରୁତତର କରିବା ଲାଗି ସରକାରଙ୍କ ହସ୍ତକ୍ଷେପକୁ ଅପେକ୍ଷା କରାଯାଇଛି। ଖୁବଶୀଘ୍ର ଉତ୍ସାହଜନକ ପ୍ୟାକେଜ ଘୋଷଣା କରାଯିବ ବୋଲି ଆଶାକରାଯାଉଛି। ସୋମବାର ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବିନିମୟ ବଜାରରେ ଆମେରିକା ମୁଦ୍ରା ଡଲାର ତୁଳନାରେ ଟଙ୍କାର ସ୍ଥିତି ଆରମ୍ଭରୁ ଭଲ ନ ଥିଲା। କାରବାର ଆରମ୍ଭ ହେବା ମାତ୍ରେ ଏହା ନିମ୍ନମୁଖୀ ହୋଇ ଚାଲିଥିଲା। କାରବାର ଶେଷରେ ଏହା ୭୧.୪୩ରେ ବନ୍ଦ ହୋଇଛି। ଫେବୃୟାରୀ ୭ ପରେ ଟଙ୍କା ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସେହିଦିନ ଏହା ଡଲାର ବିନିମୟରେ ୭୧.୪୫ ସ୍ତରରେ ବନ୍ଦ ହୋଇଥିଲା।

### କର୍ପୋରେଟ ଟିକସକୁ ଧୀରେ ଧୀରେ କମାଯିବ: ସୀତାରାମନ୍

ନୂଆଦିଲ୍ଲୀ,୧୯-୮: କର୍ପୋରେଟ ଟିକସକୁ ଧୀରେ ଧୀରେ ୨୫%କୁ ହ୍ରାସ କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର କହିଛନ୍ତି। ଦେଶ ପାଇଁ ସମ୍ପତ୍ତି ସୃଷ୍ଟି କରୁଥିବା ଉଦ୍ୟୋଗ ଜଗତକୁ ଯଥାସମ୍ଭବ ସହାୟତା ପ୍ରଦାନ କରାଯିବ ଏବଂ କର୍ପୋରେଟ ଟିକସକୁ ୩୦ରୁ ୨୫%କୁ କମାଯିବ। ବଜେଟ ଘୋଷଣା ଅନୁଯାୟୀ ୪୦୦ କୋଟି ଟଙ୍କାରୁ ଅଧିକ ବାର୍ଷିକ କାରବାର କରୁଥିବା କମ୍ପାନୀଙ୍କ ପାଇଁ କର୍ପୋରେଟ ଟିକସକୁ ଧୀରେ ଧୀରେ ୨୫%କୁ ହ୍ରାସ କରାଯିବ ବୋଲି ସେ କହିଛନ୍ତି। ଏଥିପୂର୍ବରୁ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହି କାରବାର ସୀମାକୁ ୨୫୦କୋଟି ଟଙ୍କା ଧାର୍ଯ୍ୟ କରିଥିଲେ।

# ଅର୍ଥନୀତି ଧିମା ହୋଇଥିବା ଗଭର୍ନରଙ୍କ ସ୍ୱୀକାର

ମୁମ୍ବାଇ,୧୯-୮

■ ନିରାଶାବାଦ୍ ଛାଡ଼ି ସୁଯୋଗ ଖୋଜିବାକୁ ପରାମର୍ଶ
■ ଜମା, ଋଣକୁ ରେପୋ ରେଟ୍ ସହ ଯୋଡ଼ାଯାଉ



ବର୍ତ୍ତମାନ ଦେଶର ଅର୍ଥନୀତି ଧିମା ହୋଇଯାଇଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ସ୍ୱୀକାର କରିଛନ୍ତି। ଏଥିଯୋଗୁ ଆଭ୍ୟନ୍ତରୀଣ ଓ ବାହ୍ୟ ଉଭୟ ସ୍ତରରେ ବଡ ଧରଣର ଆହ୍ୱାନ ସୃଷ୍ଟି ହୋଇଥିବା ସେ କହିଛନ୍ତି। ତେବେ ଲୋକେ ନିରାଶାବାଦୀ ନ ହୋଇ ସୁଯୋଗ ଖୋଜିବା ଉଚିତ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି।

ଉଦ୍ୟୋଗ ଜଗତ ଫିକି ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ ବ୍ୟାଙ୍କିଙ୍ଗ ସମ୍ମିଳନୀରେ ଯୋଗ ଦେଇ ସେ କହିଛନ୍ତି ଯେ, ଖବର କାଗଜ ପଢ଼ି, ବିଜନେସ୍ ଚ୍ୟାନେଲ ଦେଖିବା ପରେ ଲୋକଙ୍କ ମନରେ ଦେଶର ଅର୍ଥନୀତିକୁ ନେଇ ପର୍ଯ୍ୟାପ୍ତ ଆଗ୍ରହ ନ ଥିବା ସେ ମନେ କରୁଛନ୍ତି। ଲୋକଙ୍କୁ ବୁଝିବାକୁ ହେବ ଯେ, ଅର୍ଥନୀତିରେ ଅନେକ ଆହ୍ୱାନ ରହିଛି। ସେ କହିଛନ୍ତି ଯେ, ଆଜି କେତେକ ଲୋକଙ୍କ ମୁଡ୍ ଚିନ୍ତାଗ୍ରସ୍ତ ଥିବା ବେଳେ ଅନ୍ୟ କେତେକ ସକାରାତ୍ମକ ମୁଡ୍‌ରେ ରହିଛନ୍ତି। ତାଙ୍କ ମତରେ ଅର୍ଥନୀତିରେ ମନୋଭାବର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଙ୍କ ମତରେ ଅର୍ଥନୀତିରେ ଅନେକ ଆହ୍ୱାନ ରହିଥିବା ବେଳେ ଏକାଧିକ ସୁଯୋଗ ମଧ୍ୟ ରହିଛି। ଆମକୁ ତାହା ଖୋଜିବାକୁ ହେବ। ଅନ୍ୟପକ୍ଷରେ ଋଣ ଓ ଜମା ଉପରେ ଦିଆଯାଉଥିବା ସୁଧ ହାରକୁ ରେପୋ ରେଟ୍ ସହ ଯୋଡିବାକୁ ଶକ୍ତିକାନ୍ତ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଏହା ସମ୍ଭବ ହେଲେ ମୁଦ୍ରାନୀତିର ଫାଇଦା ଗ୍ରାହକଙ୍କ ନିକଟରେ ସିଧାସଳଖ ପହଞ୍ଚିବା ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଛନ୍ତି। ଜମା ଓ ଋଣକୁ ରେପୋ ରେଟ୍ ସହ ଯୋଡାଗଲେ ବ୍ୟାଙ୍କଗୁଡ଼ିକ ବିଭିନ୍ନ ସମୟରେ ରେପୋ ରେଟ୍ ପରିବର୍ତ୍ତନ ସହ ତାଳ ଦେଇ ସୁଧ ହାରକୁ କମ ବେଶି କରିପାରିବେ ବୋଲି ସେ କହିଛନ୍ତି। ତାଙ୍କର କହିବାନୁଯାୟୀ, ନିୟାମକ ଭାବେ ଆର୍‌ବିଆଇ ନିଜର ଭୂମିକା ନିର୍ବାହ କରିବ। କେନ୍ଦ୍ରୀୟ ବ୍ୟାଙ୍କ ବଜାର ପ୍ରତିକ୍ରିୟାକୁ ଅନୁଶୀଳନ କରିବା ପରେ ଏଭଳି ପଦକ୍ଷେପ ଗ୍ରହଣ କରିବେ, ଯାହା ଦ୍ୱାରା ନୂଆ ଋଣକୁ ରେପୋ ଅଥବା ଅନ୍ୟ ବାହ୍ୟ ମାନଦଣ୍ଡ ସହ ଯୋଡିବାରେ ସହାୟତା ମିଳିବ। ଦେଶର ଅର୍ଥନୀତି କିଭଳି ବୃଦ୍ଧି ହେବ, ତାହା ଦେଖିବା କେନ୍ଦ୍ର ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଛି। ପ୍ରତ୍ୟେକ ନୀତି ନିର୍ଦ୍ଧାରକ ଏହାକୁ ନେଇ ଚିନ୍ତିତ। ଧିମା ହୋଇଯାଉଥିବା ଅର୍ଥନୀତି ବିଶ୍ୱ ଆର୍ଥିକ ସ୍ଥିରତା ପାଇଁ ବିପଦ ବୋଲି ସେ ଉଲ୍ଲେଖ କରିଛନ୍ତି। ତେବେ ବ୍ୟାଙ୍କଗୁଡ଼ିକୁ ଏହି ଝଟକା ସହିବା ଲାଗି ଅଧିକ ନମନିୟତା ଆପଣାଇବାକୁ ହେବ ବୋଲି ସେ କହିଛନ୍ତି। ଶକ୍ତିକାନ୍ତଙ୍କ ମତରେ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି)ରେ ସଂଶୋଧନ ହେବା ଯୋଗୁ ବକେୟା ଋଣ ଫେରସ୍ତ ମିଳିବା ସହଜ ହେବ। ବ୍ୟାଙ୍କଗୁଡ଼ିକୁ ଏଭଳି ଭାବେ ପ୍ରସ୍ତୁତ କରାଯାଉଛି, ଯାହାଦ୍ୱାରା ସେମାନେ ସରକାରଙ୍କ ଉପରେ ନିର୍ଭରଶୀଳ ହେବା ପରିବର୍ତ୍ତେ ବଜାରରୁ ପୁଞ୍ଜି ଯୋଗାଡ କରିବାକୁ ସକ୍ଷମ ହେବେ। ବ୍ୟାଙ୍କ ଓ ଏନ୍‌ବିଏଫ୍‌ସିଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ସମ୍ପର୍କ ଉପରେ ମଧ୍ୟ ଆର୍‌ବିଆଇ ନଜର ରଖିଛି ବୋଲି ଶକ୍ତିକାନ୍ତ କହିଛନ୍ତି।




## ତନିଷ୍କ ପକ୍ଷରୁ ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ

ଭୁବନେଶ୍ୱର, ୧୯-୮

ତନିଷ୍କ ପକ୍ଷରୁ ଆକର୍ଷଣୀୟ ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ ସମ୍ପର୍କରେ ଘୋଷଣା କରାଯାଇଛି। ପୁରୁଣା ଗହଣା ବଦଳାଇବାକୁ ଏହା ଗ୍ରାହକଙ୍କୁ ସୁଯୋଗ ପ୍ରଦାନ କରୁଛି। ଏହି ସମୟରେ ଗ୍ରାହକ ୧୪ରୁ ଅଧିକ କ୍ୟାରେଟ ସୁନାର ଏକ୍ସଚେଞ୍ଜ ଉପରେ ୧୦୦% ମୂଲ୍ୟ ପାଇପାରିବେ। ସେହିଭଳି ହୀରା ପାଇଁ ତନିଷ୍କ ଗହଣା ଏକ୍ସଚେଞ୍ଜ କଲେ ଅତିରିକ୍ତ ୧ କ୍ୟାରେଟ ମିଳିପାରିବ। ଏହି ସମୟରେ ସୁନା ଗହଣାର ବୃହତ୍ ସମ୍ଭାର ପ୍ରଦାନ କରାଯାଉଛି। ସେପ୍ଟେମ୍ବର ୧୦ ଯାଏ ଏହି ଅଫରର ଲାଭ ଗ୍ରାହକ ପାଇ ପାରିବେ। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ବ୍ୟାପକ ବର୍ଗର ପାରମ୍ପରିକ, ଆଞ୍ଚଳିକ ଓ ଆଧୁନିକ ଡିଜାଇନ ଗହଣା ଉପଲବ୍ଧ ରହିଛି। ସୁନାର ଶୁଦ୍ଧତା ମାପିବା ଲାଗି ଷ୍ଟେଟ ଅଫ୍ ଆର୍ଟ କ୍ୟାରେଟ ମିଟର ବ୍ୟବହାର ହେଉଥିବା ତନିଷ୍କ ପକ୍ଷରୁ କୁହାଯାଇଛି।

## ନିଯୁକ୍ତି ଗତି ଧୀର



ଭାରତରେ ଗତବର୍ଷ ବେକାରି ହାର ୪୫ ବର୍ଷରେ ସବୁଠାରୁ ଖରାପ ରହିଛି। ଏହି ସମୟରେ ପ୍ରାୟ ସବୁ ସେକ୍ଟରରେ ନିଯୁକ୍ତି ଅତ୍ୟନ୍ତ ଧିମା ରହିଛି। ମାନ୍ଦାବସ୍ଥା ଯୋଗୁ ନିଯୁକ୍ତି ପ୍ରଦାନ ପ୍ରକ୍ରିୟା ଧୀର ଗତିରେ ଚାଲିଛି। କେୟାର ରେଟିଙ୍ଗ୍‌ସ ଲିମିଟେଡ ପକ୍ଷରୁ ଏକ ଷ୍ଟଡିରୁ ଜଣାପଡିଛି ଯେ, ବ୍ୟାଙ୍କ, ବୀମା କମ୍ପାନୀ, ଅଟୋ ନିର୍ମାତା, ଲଜିଷ୍ଟିକ୍ସ ଏବଂ ଭିତ୍ତିଭୂମି କ୍ଷେତ୍ରରେ ନିଯୁକ୍ତି ସବୁଠାରୁ କମ୍ ରହିଛି। ଚଳିତ ବର୍ଷ ମାର୍ଚ୍ଚରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ ୧୦୦୦ କମ୍ପାନୀଙ୍କ ରିପୋର୍ଟ ତର୍ଜମା ପରେ ଉକ୍ତ ଷ୍ଟଡି ରିପୋର୍ଟ ପ୍ରସ୍ତୁତ କରାଯାଇଛି।

ଅନ୍ୟପକ୍ଷରେ ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁଯାୟୀ, ସେବା କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆଶା ରହିଛି। ମାର୍ଚ୍ଚ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ହାର ୫ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ନିଯୁକ୍ତି ସୁଯୋଗ ହ୍ରାସ ଯୋଗୁ ଏହା ସ୍ପଷ୍ଟ ଯେ, ଦେଶ ଆର୍ଥିକ ସଙ୍କଟ ଦେଇ ଗତିକରୁଛି। ଫଳରେ ଦେଶକୁ ଆକର୍ଷଣୀୟ ନିବେଶ ସ୍ଥଳ ଭାବେ ଉପସ୍ଥାପନ କରିବା ନେଇ କେନ୍ଦ୍ର ସରକାରଙ୍କ ପ୍ରୟାସକୁ ଏହା ଝଟକା ଦେଇପାରେ। ଏହାବ୍ୟତୀତ ନିଯୁକ୍ତି ସଙ୍କଟ ଅଧିକ ଗଭୀର ହେବା ଦ୍ୱାରା ସାମାଜିକ ତଥା ରାଜନୈତିକ ଉତ୍ତେଜନା ବଢ଼ିପାରେ। କେୟାର ରେଟିଙ୍ଗସ ମୁତାବକ, ମାର୍ଚ୍ଚ ୨୦୧୭ରେ ନିଯୁକ୍ତି ବୃଦ୍ଧି ୫୪ ଲକ୍ଷ ଥିଲାବେଳେ ମାର୍ଚ୍ଚ, ୨୦୧୮ରେ ଏହା ୬.୨% ବଢ଼ି ୫୭ ଲକ୍ଷ ଛୁଇଁଥିଲା। ଚଳିତବର୍ଷ ମାର୍ଚ୍ଚରେ ଏହି ସଂଖ୍ୟା ୬୦ ଲକ୍ଷ ହୋଇଛି, ଯାହାର ଅଭିବୃଦ୍ଧି ମାତ୍ର ୪.୩% ରହିଛି। ତେବେ ହସ୍ପିଟାଲିଟି ସେକ୍ଟର ଅର୍ଥାତ୍ ସର୍ଭିସ ସେକ୍ଟରରେ ନିଯୁକ୍ତି ଏବଂ ଆଉଟସୋର୍ସିଂ ବଢ଼ିଛି। କିନ୍ତୁ ଖଣି, ଷ୍ଟିଲ୍ ଓ ଲୁହା ଭଳି ଶୀର୍ଷ କମ୍ପାନୀରେ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଇଛି। ଉତ୍ପାଦନ ହ୍ରାସ ଏବଂ କମ୍ପାନୀ ଦେବାଳିଆ ହେବା ନିଯୁକ୍ତି କମିବାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଏ ଦିଗରେ ଦୃଷ୍ଟି ଦେବାକୁ ହେବ ବୋଲି ଷ୍ଟଡିରେ ଉଲ୍ଲେଖ କରାଯାଇଛି।

## ୨୦୨୦ରେ ମାଡ଼ି ଆସୁଛି ମାନ୍ଦାବସ୍ଥା

ଆସନ୍ତା ଏକ ବର୍ଷ ମଧ୍ୟରେ ସବୁଠାରୁ ଭୟଙ୍କର ମାନ୍ଦାବସ୍ଥା ମାଡିଆସୁଛି। ଏକ ତୃତୀୟାଂଶ ଗ୍ଲୋବାଲ ଫଣ୍ଡ ମ୍ୟାନେଜର ଏ ସମ୍ପର୍କରେ ଅନୁମାନ ଦର୍ଶାଇଛନ୍ତି। ବ୍ୟାଙ୍କ ଅଫ୍ ମେରିଲ ଲିଞ୍ଚର ସର୍ଭେ ରିପୋର୍ଟ ମୁତାବକ ୨୦୨୦ରେ ବିଶ୍ୱରେ ସବୁଠାରୁ ବଡ଼ ମାନ୍ଦାବସ୍ଥା ଦେଖିବାକୁ ମିଳିବ। ଏହା ଆମେରିକାରେ ପ୍ରଥମେ ଦେଖାଦେବ ବୋଲି ରିପୋର୍ଟରେ କୁହାଯାଇଛି। ସର୍ଭେରେ ସାମିଲ ୩୪ ପ୍ରତିଶତ ଫଣ୍ଡ ମ୍ୟାନେଜରଙ୍କ ମତକୁ ନେଇ ଏହି ଭବିଷ୍ୟବାଣୀ କରାଯାଇଛି। ଏହା ୨୦୧୧ ଅକ୍ଟୋବର ପରେ ସବୁଠାରୁ ଖରାପ ସମୟ ହେବ ବୋଲି ସର୍ଭେରେ ଦର୍ଶାଯାଇଛି। ଅଗଷ୍ଟ ୨ରୁ ୮ ମଧ୍ୟରେ ଏହି ସର୍ଭେ କରାଯାଇଥିଲା। ବିଶ୍ୱରେ ୫୫୩ ବିଲିୟନ ଡଲାର ଫଣ୍ଡ ମ୍ୟାନେଜମେଣ୍ଟ କରୁଥିବା ମୋଟ ୨୨୪ ଶୀର୍ଷ ମ୍ୟାନେଜର ଏଥିରେ ସାମିଲ ହୋଇଥିଲେ। ଅଧାରୁ ଅଧିକ ମ୍ୟାନେଜରଙ୍କ କହିବାନୁଯାୟୀ କର୍ପୋରେଟ ଗ୍ରୁପ୍ ଅତ୍ୟନ୍ତ ଚାପ ମଧ୍ୟରେ ରହିଛନ୍ତି। ବାଲାନ୍ସ ଶିଟ୍ ସୁଧାରିବା ଲାଗି ସେମାନଙ୍କୁ ପଦକ୍ଷେପ ନେବାକୁ ହେବ। କର୍ପୋରେଟ ଜଗତ ନିଜର ବାଲାନ୍ସ ଶିଟ୍ ସୁଧାରିବା ପାଇଁ ବାଏବ୍ୟାକ୍ ଏବଂ ଅନ୍ୟ ବିକଳ୍ପ ଉପରେ ଧ୍ୟାନ ନ ଦେଇ ବରଂ ନଗଦ ବ୍ୟବହାର କରିବା ଉପରେ ଦୃଷ୍ଟି ଦେବାକୁ ହେବ। ବାଣିଜ୍ୟ ଯୁଦ୍ଧ ଆଗାମୀ ଦିନରେ ମାନ୍ଦାବସ୍ଥାର ଆଉ ଏକ କାରଣ ହୋଇପାରେ ବୋଲି ଫଣ୍ଡ ମ୍ୟାନେଜରମାନେ ମତପ୍ରକାଶ କରିଛନ୍ତି।

## ମନ୍ଥର ହେବା ଚିନ୍ତାଜନକ: ରାଜନ



ଦେଶର ଅର୍ଥନୀତି ମନ୍ଥର ହେବା ଚିନ୍ତାଜନକ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ୍ ରାଜନ ଦର୍ଶାଇଛନ୍ତି। ଶକ୍ତି ଓ ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥାଗୁଡ଼ିକରେ ଦେଖାଦେଇଥିବା ସଙ୍କଟକୁ ଦୂର କରିବା ଲାଗି ସରକାର ଯଥାଶୀଘ୍ର ନୂଆ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଦେଶରେ ନୂଆ ଭାବେ ଜିଡିପି ହାର ହିସାବ କରାଯାଉଥିବା ବେଳେ ଏହାର ପୁନର୍ବିଚାର ହେବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଜିଡିପି ହାର ଅଧିକ ଦର୍ଶାଯାଇଛି ବୋଲି ମୋଦି ସରକାରଙ୍କ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ ଅଭିଯୋଗ କରିଥିଲେ। ରାଜନ କହିଛନ୍ତି ଯେ, ଏକାଧିକ ଘରୋଇ ବିଶେଷଜ୍ଞ ଦେଶର ଆର୍ଥିକ ବିକାଶକୁ ନେଇ ଯେଉଁ ଅନୁମାନ ଦର୍ଶାଇଛନ୍ତି, ତାହା ସରକାରୀ ଆକଳନ ଠାରୁ କମ୍। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ଦେଶର ବିକାଶ ହାର ଧିମା ହେଉଛି। ଏହା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେ କହିଛନ୍ତି।

## ବ୍ୟାଙ୍କଗୁଡ଼ିକର ଶାଖାସ୍ତରୀୟ ପରାମର୍ଶ ଗ୍ରହଣ

### ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ବ୍ୟାଙ୍କ ଶାଖାଗୁଡିକର ସହଯୋଗ ଲାଗି ପରାମର୍ଶ ସଂଗ୍ରହ, କାର୍ଯ୍ୟ ଦକ୍ଷତାର ସମୀକ୍ଷା, ଜାତୀୟ ଅଗ୍ରାଧିକାରୀ ଭିତ୍ତିରେ ସହଯୋଗତା ଉପରେ ଶାଖା ମୁଖ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅର୍ଥନୈତିକ ଅଭିବୃଦ୍ଧିକୁ ଧ୍ୟାନରେ ରଖି କେନ୍ଦ୍ର ସରକାରଙ୍କ ବିଭିନ୍ନ ଏଜେଣ୍ଡା ଉପରେ ବୈଠକରେ ଆଲୋଚନା କରାଯାଇଥିବା ସହ ଶାଖାଗୁଡିକ ସାମ୍ନା କରୁଥିବା ବିଭିନ୍ନ ଚ୍ୟାଲେଞ୍ଜ ଏବଂ ଅନ୍ୟ ଆନୁଷଙ୍ଗିକ ପ୍ରସଙ୍ଗ ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଛି। ବୈଠକର ପ୍ରସ୍ତାବଗୁଡିକୁ ଆଞ୍ଚଳିକ ସ୍ତରକୁ ପଠାଯାଇଛି। ଏହାକୁ ପରେ ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଆଲୋଚନା କରାଯିବ। ଏହି ପ୍ରସ୍ତାବଗୁଡିକ ଆଗାମି ଦିନରେ ଏକ ନକ୍ସା ପ୍ରସ୍ତୁତି ଏବଂ ଅର୍ଥନୀତିକୁ ସୁଦୃଢ କରିବାରେ ସହାୟକ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### ୟୁକୋ ବ୍ୟାଙ୍କ ଜୋନାଲ କାର୍ଯ୍ୟାଳୟ

ୟୁକୋ ବ୍ୟାଙ୍କ ଜୋନାଲ କାର୍ଯ୍ୟାଳୟ ପକ୍ଷରୁ ବରିଷ୍ଠ ଅଧିକାରୀଙ୍କ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମହାପ୍ରବନ୍ଧକ ତଥା ଭୁବନେଶ୍ୱର ଅଞ୍ଚଳ ମୁଖ୍ୟ ଚୋକ୍କଲିଙ୍ଗମ୍ ଟି.ଆର୍. ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଷ୍ଟ୍ରର ପ୍ରମୁଖ ଆବଶ୍ୟକତାରେ ଭାଗୀଦାରି ହେବା ଏବଂ ଉକ୍ତ ଲକ୍ଷ୍ୟ ହାସଲ ଦିଗରେ ବିଭିନ୍ନ ଆଲୋଚନା ଏବଂ ପର୍ଯ୍ୟାଲୋଚନା ଏହି ଅବସରରେ ଅନୁଷ୍ଠିତ ହୋଇଯାଇଛି। ଆର୍ଥିକ ସେବା ବିଭାଗ ଦ୍ୱାରା ସ୍ଥିରୀକୃତ ୮ ମୌଳିକ ବିଷୟ ଉପରେ ମତାମତ ଗ୍ରହଣ କରାଯାଇଥିଲା।

### ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ଦେଶବ୍ୟାପୀ ଏହାର ଶାଖା ତଥା ପ୍ରମୁଖ କାର୍ଯ୍ୟାଳୟଗୁଡିକରେ ବୋଟମ୍ ଅପ୍ ପାନ୍ ଇଣ୍ଡିଆ ପରାମର୍ଶ ପ୍ରକ୍ରିୟା ଆୟୋଜନ କରାଯାଇଛି। କ୍ଷେତ୍ରୀୟ ସ୍ତରରେ ଥିବା ସମସ୍ତ ଶାଖାରେ ଦଳଗତ ପରାମର୍ଶ ମାଧ୍ୟମରେ ଏହା ସମ୍ପାଦନ ହୋଇଛି। ଏଥିରେ ବ୍ୟାଙ୍କର ମଣ୍ଡଳ ମୁଖ୍ୟ ଗଣପତ ଲାଲ ଅଧ୍ୟକ୍ଷତା କରିଥିବା ବେଳେ ଶାଖା ପ୍ରବନ୍ଧକ ମାନଙ୍କର ମତାମତ ନିଆଯାଇଛି।

# ସ୍ମାର୍ଟ ଫ୍ଲୋରିଂ ସଲ୍ୟୁଶନ ଉପରେ ଫୋକସ୍



**ଫ୍ଲୋରିଂ ବର୍ଗରେ ଘରୋଇ ବଜାର ଏବେ ସ୍ମାର୍ଟ ସଲ୍ୟୁଶନ ଆଡ଼କୁ ମୁହାଁଉଛି। ଏହାକୁ ନେଇ କମ୍ପାନୀ କିଭଳି ପ୍ରସ୍ତୁତ ରହିଛି?**

ବର୍ତ୍ତମାନ ଆମେ ସଦ୍ୟତମ ସ୍ମାର୍ଟ ସଲ୍ୟୁଶନଯୁକ୍ତ ଫ୍ଲୋରିଂ ପ୍ରଡକ୍ଟ ଆଣିବା ଦିଗରେ ଧ୍ୟାନ କେନ୍ଦ୍ରିତ କରିଛୁ। ଚଟାଣକୁ ନ ଭାଙ୍ଗି, ଶ୍ରମିକ ଏବଂ ସିମେଣ୍ଟରେ କୌଣସି ଖର୍ଚ୍ଚ ନ କରି ଏହି ପ୍ରଡକ୍ଟଗୁଡିକ ସହାୟତାରେ ଲୋକମାନେ ସର୍ବୋତ୍ତମ ଫ୍ଲୋରିଂ ସଲ୍ୟୁଶନ ପାଇ ପାରିବେ। ଫାଷ୍ଟର ସଲ୍ୟୁଶନଯୁକ୍ତ ପ୍ରଡକ୍ଟ ସହ ବଜାରରେ ଉପସ୍ଥିତି ଦୃଢ କରିବାକୁ ଏବେ ପ୍ରସ୍ତୁତ। କମ୍ପାନୀର କ୍ଲିକ୍ ଆଣ୍ଡ ଲକ୍ ଟାଇଲ୍ସ, ଆର୍ଟିଫିସିଆଲ୍ ଗ୍ରାସ୍, କାର୍ପେଟ ଟାଇଲ୍ସ ଭଳି ବିଭିନ୍ନ ସାମଗ୍ରୀକୁ ପୋର୍ଟଫୋଲିଓରେ ସାମିଲ କରିଛୁ। ଏଗୁଡିକ କେବଳ ଦେଖିବାକୁ ଆଖିଦୃଶିଆ ନୁହେଁ, ଷ୍ଟାଇଲ ଏବଂ କଷ୍ଟମାଇଜ ଭଳି ପ୍ରସଙ୍ଗକୁ ମଧ୍ୟ ଧ୍ୟାନରେ ରଖାଯାଇଛି। ୨ରୁ ୩ ଘଣ୍ଟା ମଧ୍ୟରେ ଏହାକୁ ଇନ୍‌ଷ୍ଟଲ କରାଯାଇପାରିବ। ଚଟାଣକୁ କୌଣସି କ୍ଷତି ନ ପହଞ୍ଚାଇ ଏହାକୁ ସହଜରେ ଘରେ ଲଗାଯାଇ ପାରିବ। ପ୍ରଡକ୍ଟଗୁଡିକ ଜଳ ପ୍ରତିରୋଧୀ ଏବଂ ଟର୍ମାଇଟ ପ୍ରୁଫ୍ ଭଳି ଅନ୍ୟ ସୁରକ୍ଷା ମାନକ ସହ ଆସୁଛି।

**ଦେଶର ଫ୍ଲୋରିଂ ପ୍ରଡକ୍ଟ ବଜାରକୁ କିଭଳି ଦେଖୁଛନ୍ତି?**

ଦେଶର ଫ୍ଲୋରିଂ ପ୍ରଡକ୍ଟ ବଜାରରେ ଦ୍ରୁତ ପରିବର୍ତ୍ତନ ଦେଖାଯାଇଛି। ନୂଆ ନୂଆ ଟେକ୍ନୋଲୋଜି ଯୋଗୁ ଏହା ସମ୍ଭବ ହୋଇପାରିଛି। ପୂର୍ବରୁ ଲୋକମାନେ ଷ୍ଟାଇଲ ଏବଂ ଦୀର୍ଘସ୍ଥାୟୀ ଫ୍ଲୋରିଂ ଲାଗି ସେରାମିକ୍ ଟାଇଲ୍ସ ଉପରେ ଟଙ୍କା ଖର୍ଚ୍ଚ କରୁଥିଲେ। ଟାଇଲ ଲଗାଇବା ସମୟ ସାପେକ୍ଷ ହୋଇଥିବା ବେଳେ ନିର୍ମାଣ କାର୍ଯ୍ୟ, ଶ୍ରମିକ ଏବଂ ଅନ୍ୟାନ୍ୟ କାର୍ଯ୍ୟ ଲାଗି ଅନେକ କଷ୍ଟ ଉଠାଇବାକୁ ପଡୁଥିଲା। ଏବେ ଲୋକମାନେ ସ୍ମାର୍ଟ ଫ୍ଲୋରିଂ ସଲ୍ୟୁଶନ ଲାଗି ବେଶି ଇଚ୍ଛା ପ୍ରକଟ କରୁଛନ୍ତି। ଏହାକୁ ଧ୍ୟାନରେ ରଖି ଆମେ ପ୍ରଡକ୍ଟ ଆଣିବା ଲାଗି ଏବେ ଫୋକସ ରଖିଛୁ।

**ଓଡ଼ିଶାରେ ନିବେଶ ଯୋଜନା ସମ୍ପର୍କରେ କ'ଣ କହିବେ?**

ସରକାରଙ୍କ ମେକ୍ ଇନ ଇଣ୍ଡିଆ ଯୋଜନା ଉପରେ ବିଶ୍ୱାସ ରଖିଛୁ। ବର୍ତ୍ତମାନ ୨.୩ ବିଲିୟନ ଡଲାର ବିକ୍ରି ସ୍ତର ହାସଲ କରିଛୁ। ଗୁଣବତ୍ତା ପ୍ରଡକ୍ଟ ଲାଗି କମ୍ପାନୀ ଲୋକଙ୍କ ନିକଟରେ ପରିଚିତ। ଓଡ଼ିଶାରେ ସମ୍ପ୍ରସାରଣ ନେଇ ଯୋଜନା ରଖିଛୁ। ଏଥିଲାଗି ଏଠାକାର କଏର ଇଣ୍ଡିଆ ଷ୍ଟୋର ସହ ଯୋଡି ହୋଇଛୁ। ଉଭୟ ଅଫିସ ଏବଂ ବାସଗୃହ ବର୍ଗରେ ଏହି ପ୍ରଡକ୍ଟଗୁଡିକ ଉପଲବ୍ଧ ହେଉଛି। ନୂଆ ଷ୍ଟୋରଟି ୩,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଗ୍ରାହକମାନେ ଗୋଟିଏ ଛାତ ତଳେ ସେମାନଙ୍କ ଆବଶ୍ୟକତା ମୁତାବକ ଫର୍ନିସିଂ ସାମଗ୍ରୀ ଲାଭ କରିପାରିବେ। ବିଭିନ୍ନ ଫର୍ନିସିଂ ବ୍ରାଣ୍ଡର ଡିସ୍ପଲେ ଗ୍ୟାଲେରୀ ମଧ୍ୟ ଏଠାରେ ସ୍ଥାପନ କରାଯାଇଛି। ଫର୍ନିସି ସାମଗ୍ରୀର ଆବଶ୍ୟକତା ପୂରଣ ସହ ଚାହିଦାକୁ ଆଧାର କରି ଏଭଳି ପଦକ୍ଷେପ ନିଆଯାଇଛି।




**ପୂର୍ବରୁ କମ୍ପାନୀ ଓଡ଼ିଶା ବଜାର ସହ କାରବାର ସମ୍ପୃକ୍ତି ରଖିଛି କି?**

ପୂର୍ବରୁ ବେଡ୍‌ଶିଟ, ଟାୱେଲ ସମେତ ଆଉ କିଛି ବର୍ଗରେ ଆମ ଗ୍ରୁପ କମ୍ପାନୀ ଓଡ଼ିଶା ବଜାରରେ ପ୍ରଡକ୍ଟ ଉପଲବ୍ଧ କରାଉଥିଲା। ବାର୍ଷିକ ଏହି ବର୍ଗରେ ପ୍ରାୟ ଏକ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର ହେଉଥିଲା। ଏଠାରେ ଲୋକଙ୍କଠାରୁ ଭରସା ଏବଂ ବିଶ୍ୱାସ ଲାଭ କରିଛୁ। ଭଲ ରେସପନ୍ସ ପାଇଥିବାରୁ ବର୍ତ୍ତମାନର ଫ୍ଲୋରିଂ ପ୍ରଡକ୍ଟ ମଧ୍ୟ ଭଲ କାରବାର କରିବ ବୋଲି ଆଶାବାଦୀ।

ଫ୍ଲୋରିଂ ସମାଧାନ ପ୍ରଦାନ କ୍ଷେତ୍ରରେ ୱେଲସ୍ପନ ଫ୍ଲୋରିଂ ଗ୍ଲୋବାଲ ବ୍ରାଣ୍ଡ୍‌ସ ଲିମିଟେଡ ଏକ ପ୍ରମୁଖ କମ୍ପାନୀ। ଓଡ଼ିଶା ବଜାରରେ ଏହାର ପ୍ରଡକ୍ଟ ଉପଲବ୍ଧ କରାଇବା ଦିଗରେ କମ୍ପାନୀ ଯତ୍ନବାନ ଥିବା ବେଳେ ନିକଟରେ ଏହା କଏର ଇଣ୍ଡିଆ ସହ ମିଳିତ ହୋଇ ଭୁବନେଶ୍ୱରର ଖାରବେଳନଗରଠାରେ ଏହାର ସ୍ମାର୍ଟ ଗ୍ୟାଲେରି ଶୁଭାରମ୍ଭ କରିଛି। ଏହି ଅବସରରେ କମ୍ପାନୀର ସାଧାରଣ ପ୍ରବନ୍ଧକ **ଅନୀଲ ଝା** ଫ୍ଲୋରିଂ ଶିଳ୍ପର ବର୍ତ୍ତମାନର ଧାରା, ନୂଆ ଟେକ୍ନୋଲୋଜି, ଚାହିଦା, ଓଡ଼ିଶା ବଜାରରେ ଉପସ୍ଥିତି ଉପରେ 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତକାର...

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୦ ଅଗଷ୍ଟ, ୨୦୧୯



## ସଂକ୍ଷେପରେ

### ପ୍ରଜନେଶ ଆଗେଇଲେ, ବୋପାନ୍ନା-ଶରନ ବିଦା

**ନର୍ଥ କାରୋଲିନା (ଆମେରିକା), ୧୯।୮ (ପି.ଟି.):** ଏଠାରେ ଚାଲିଥିବା ୱିନ୍‌ଷ୍ଟୋନ ସାଲେମ୍ ଓପନ୍ ଏଟିପି ୨୫୦ ଟୁର୍ନାମେଣ୍ଟର ପ୍ରଥମ ଦିନରେ ଭାରତୀୟ ଟେନିସ ଖେଳାଳିଙ୍କୁ ମିଶ୍ରିତ ସଫଳତା ମିଳିଛି। ଭାରତର ଟପ୍ ସିଙ୍ଗଲ୍ସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କିନ୍ତୁ ପୁରୁଷ ଡବଲ୍ସରେ ଭାରତୀୟ ଯୋଡ଼ି ରୋହନ ବୋପାନ୍ନା ଓ ଡିଭିଜ ଶରନଙ୍କୁ ନିରାଶ ହେବାକୁ ପଡ଼ିଛି। ବିଶ୍ୱ ମାନ୍ୟତାର ୮୯ତମ ସ୍ଥାନରେ ରହିଥିବା ପ୍ରଜନେଶ ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ୬-୩, ୬-୪ ସିଧାସଳଖ ସେଟ୍‌ରେ ଜର୍ମାନୀର କେଡ୍ରିକ-ମାର୍ସେଲ ଷ୍ଟେବେଙ୍କୁ ପରାସ୍ତ କରିଛନ୍ତି।

### ଜନସନ ଏମ୍‌ସିସିର ଆଜୀବନ ସଦସ୍ୟ

**ଲଣ୍ଡନ,୧୯।୮(ପିଟି):** ପୂର୍ବତନ ଅଷ୍ଟ୍ରେଲିଆ ପେସର ମିଚେଲ ଜନସନ ମାରିଲେବୋନ କ୍ରିକେଟ କ୍ଲବ (ଏମ୍‌ସିସି) ସମ୍ମାନଜନକ ଆଜୀବନ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଶେଷ ହୋଇଥିବା ଲର୍ଡ୍ସ ଟେଷ୍ଟବେଳେ କ୍ରିକେଟ ନିୟମ ସୁରକ୍ଷାକାରୀ କ୍ଲବ ଏମ୍‌ସିସି ପକ୍ଷରୁ ଏହା ଘୋଷଣା କରାଯାଇଛି। ଜନସନ ୭୩ ଅନ୍ତର୍ଜାତୀୟ ଟେଷ୍ଟ ଖେଳି ୩୧୩ ଉଇକେଟ ନେଇଥିଲେ। ମୁଁ ଚମତ୍କାର ଅନୁଭବ କରୁଛି। ଲର୍ଡ୍ସଠାରେ ଆଜୀବନ ସଦସ୍ୟ ପାଇବି ବୋଲି କଦାପି ଚିନ୍ତା କରି ନ ଥିଲି। ଏହି ସମ୍ମାନ ପାଇବା ପରେ ମୁଁ ଗର୍ବିତ ଅନୁଭବ କରୁଛି ବୋଲି ଜନସନ କହିଛନ୍ତି। ଏହି ସ୍ୱିଡଷ୍ଟାର ୨୦୦୫ରୁ ୨୦୧୫ ମଧ୍ୟରେ ୧୫୩ ଅନ୍ତର୍ଜାତୀୟ ଦିନିକିଆରୁ ୨୩୯ ଉଇକେଟ ନେଇଥିଲେ। ୨୦୦୭ ଓ ୨୦୧୫ ବିଶ୍ୱକପ୍ ଚାମ୍ପିୟନ ଦଳର ସେ ସଦସ୍ୟ ଥିଲେ।

### ଦୁଲୀପ୍ ଟ୍ରଫି: ୩ୟ ଦିନରେ ମଧ୍ୟ ବର୍ଷାର ରାଜୁତି

**ବେଙ୍ଗାଲୁରୁ, ୧୯।୮:** ଇଣ୍ଡିଆ ବ୍ଲୁ ଓ ଇଣ୍ଡିଆ ଗ୍ରୀନ୍ ମଧ୍ୟରେ ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି ମ୍ୟାଚ୍‌ର ସୋମବାର ୩ୟ ଦିବସରେ ମଧ ବର୍ଷାର ରାଜୁତି ଦେଖିବାକୁ ମିଳିଥିଲା। ଲଗାଣ ବର୍ଷା ଯୋଗୁ ୩ୟ ଦିନର ଖେଳ ସମ୍ପୂର୍ଣ୍ଣ ରୂପେ ବାତିଲ ହୋଇଛି। ପୂର୍ବରୁ ସମାନ କାରଣ ଯୋଗୁ ରବିବାର ୨ୟ ଦିବସରେ ମଧ ଗୋଟିଏ ବି ବଲ୍ ବୋଲିଂ କରିବା ସମ୍ଭବପର ହୋଇପାରି ନ ଥିଲା। ମ୍ୟାଚ୍‌ର ପ୍ରଥମ ଦିବସରେ କେବଳ ୪୯ ଓଭର ଖେଳ ସମ୍ଭବପର ହୋଇପାରିଥିଲା। ଏଥିରେ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲୁ ଦଳ ୪୯ ଓଭରରେ ୬ ଉଇକେଟ୍ ହରାଇ ୧୧୨ ରନ୍ ସଂଗ୍ରହ କରିପାରିଛି।

### ପ୍ରୋ-କବାଡ଼ି ଲିଗ୍ ମୁମ୍ବାକୁ ହରାଇଲା ଷ୍ଟିଲର୍ସ

**ଚେନ୍ନାଇ, ୧୯।୮:** ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍)ରେ ସୋମବାର ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଯଥାକ୍ରମେ ହରିୟାଣା ଷ୍ଟିଲର୍ସ ଓ ୟୁପି ଯୋଦ୍ଧା ବିଜୟୀ ହୋଇଛନ୍ତି। ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ହରିୟାଣା ୩୦-୨୭ ପଏଣ୍ଟରେ ୟୁ ମୁମ୍ବାକୁ ପରାସ୍ତ କରିଛି। ସେହିଭଳି ଏହି ଭେନ୍ୟୁରେ ଖେଳାଯାଇଥିବା ଅନ୍ୟ ଏକ ମୁକାବିଲାରେ ୟୁପି ଯୋଦ୍ଧା ୩୧-୨୪ ପଏଣ୍ଟରେ ଜୟପୁର ପିଙ୍କ୍ ପାନ୍ଥର୍ସକୁ ହରାଇ ଦେଇଛି। ଚଳିତ ସିଜନରେ ପାନ୍ଥର୍ସର ଏହା ୨ୟ ପରାଜୟ ରହିଥିଲା।

“ଅଷ୍ଟ୍ରେଲୀୟ କ୍ରିକେଟରଙ୍କ ଲାଗି ନେକ୍ ଗାର୍ଡ ବ୍ୟବହାର ବାଧ୍ୟତାମୂଳକ କରାଯିବା ଆଉ ବେଶି ଦିନ ନୁହେଁ ।

– ଆଲେକ୍ସ କୋଣ୍ଟୋରିସ୍
ଅଷ୍ଟ୍ରେଲିଆ ସ୍ପୋର୍ଟ୍ସ ମେଡିସିନ ମୁଖ୍ୟ



“ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବାବେଳେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ।

–ଡାଏନା ଇଡୁଲ୍‌ଜୀ, ପ୍ରଶାସକ କମିଟି ସଦସ୍ୟା



# ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ୧ରୁ

## କୁଳମଣି ତ୍ରିପାଠୀ ସ୍ମାରକୀ

**ଭୁବନେଶ୍ୱର, ୧୯।୮(କ୍ରୀଡ଼ା ପ୍ରତିନିଧି)**

କଟକ ରେଳ ଷ୍ଟେଶନ ସମ୍ମୁଖସ୍ଥ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଷ୍ଟିଚ୍ୟୁଟଠାରେ ଦ୍ୱିତୀୟ କୁଳମଣି ତ୍ରିପାଠୀ ମେମୋରିଆଲ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା ସେପ୍ଟେମ୍ବର ୧ରୁ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସ୍କୁଲ ସ୍ତରରୁ ଲୁକ୍କାୟିତ ଚେସ୍ ପ୍ରତିଭା ଚିହ୍ନଟ ଉଦ୍ଦେଶ୍ୟରେ ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସଆର ଚେସ୍ ସେଣ୍ଟର ଓ କୁଳମଣି ତ୍ରିପାଠୀ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ କଟକ ଜିଲା ଚେସ୍ ଆସୋସିଏଶନ ସ୍ୱୀକୃତିପ୍ରାପ୍ତ ଉକ୍ତ ପ୍ରତିଯୋଗିତାରେ ମୋଟ ୧୫,୦୦୦ଟଙ୍କା ଅର୍ଥ ପୁରସ୍କାର ସହ ୮୦ଟି ଆକର୍ଷଣୀୟ ଟ୍ରଫି ଏବଂ ୯୦ଟି ପଦକ ପ୍ରଦାନ କରାଯିବ। ଇଷ୍ଟକୋଷ୍ଟ ରେଲୱେ ଇନଷ୍ଟିଚ୍ୟୁଟ ସହଯୋଗରେ ୮ ରାଉଣ୍ଡ ଭିତ୍ତିକ ଏହି ପ୍ରତିଯୋଗିତାରେ ସ୍କୁଲରେ ପଢୁଥିବା ୧୦ମ ଶ୍ରେଣୀ ପର୍ଯ୍ୟନ୍ତ କିମ୍ବା ୧.୧.୨୦୦୪ ପରେ ଜନ୍ମଗ୍ରହଣ କରିଥିବା ରାଜ୍ୟର ଯେ କୌଣସି ଚେସ୍ ଖେଳାଳି ଏଥିରେ ଭାଗ ନେଇପାରିବେ। ପ୍ରତିଯୋଗିତା ପାଇଁ ୩୫୦ ଟଙ୍କା ଏଣ୍ଟ୍ରି ଫି’ ରଖା ଯାଇଛି। ଚାମ୍ପିୟନ ପ୍ରତିଯୋଗୀଙ୍କୁ ୫,୦୦୦ ଟଙ୍କା, ଟ୍ରଫି, ପଦକ ଓ ବିଜୟ ମୁକୁଟ ପ୍ରଦାନ କରାଯିବ। ରନର୍ସଅପ୍‌ଙ୍କୁ ୩୦୦୦ ଓ ତୃତୀୟ ସ୍ଥାନ ହାସଲକାରୀଙ୍କୁ ୨୦୦୦ଟଙ୍କା ସହ ଶ୍ରେଷ୍ଠ ୧୦ ଜଣଙ୍କୁ ଅର୍ଥ, ଟ୍ରଫି ଓ ପଦକ ଦିଆଯିବ। ୫ ବର୍ଷରୁ କମ୍ ପିଲାଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଶ୍ରେଷ୍ଠ ୪ ଜଣ ଲେଖାଏ ୫, ୬, ୭, ୮, ୯ ବର୍ଷରୁ କମ୍ ବାଳିକା ବାଳକ ମାନଙ୍କ ପାଇଁ ସ୍ୱତନ୍ତ୍ରଭାବେ ଟ୍ରଫି ଓ ପଦକ ପ୍ରଦାନର ବ୍ୟବସ୍ଥା ଥିବାବେଳେ ୧୦, ୧୧, ୧୨ ଓ ୧୩ ବର୍ଷରୁ କମ୍ ବିଭାଗର ଶ୍ରେଷ୍ଠ ୩ ଜଣ ଲେଖାଏ ବାଳିକା ବାଳକ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପଦକ ପ୍ରଦାନ କରାଯିବ। ଏହା ବ୍ୟତୀତ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଏସ.ଆର. ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଦଳଗତଭାବେ ଶ୍ରେଷ୍ଠ ୩ଟି ସ୍କୁଲ, ଶ୍ରେଷ୍ଠ ରେଲୱେ ଖେଳାଳି ଓ ଆଞ୍ଚେଲ ସ୍କୁଲର ଶ୍ରେଷ୍ଠ ଖେଳାଳିମାନଙ୍କୁ ମଧ୍ୟ ଟ୍ରଫି ଓ ପଦକ ପ୍ରଦାନ କରାଯିବ। ଏହି ଅବସରରେ ଧରିତ୍ରୀର କ୍ରୀଡ଼ା ପ୍ରତିନିଧି ତପନ ସ୍ୱାଇଁ, ଫଟୋଗ୍ରାଫର ରାଜକିଶୋର ମହାନ୍ତି, ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ ଡ. ସରୋଜ ସୁନ୍ଦର ବ୍ରହ୍ମା(ଡିଏଭି, ସିଡିଏ)ଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆୟୋଜକ କୁଳମଣି ତ୍ରିପାଠୀ ଫାଉଣ୍ଡେଶନର ସଭାପତି ସି.ଏ. ରାଜା ନାରାୟଣ ତ୍ରିପାଠୀ ପ୍ରକାଶ କରିଛନ୍ତି। ଅଧିକ ବିବରଣୀ ପାଇଁ ଏସଆର ଚେସ୍ ସେଣ୍ଟର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।



## ପ୍ରଣୀଥ୍, ପ୍ରଣୟଙ୍କ ବିଜୟ ଅଭିଯାନ



ଏଚ୍.ଏସ୍. ପ୍ରଣୟ

### ବିଶ୍ୱ ଚାମ୍ପିୟନଶିପ୍

**ବାସେଲ, ୧୯।୮ (ପି.ଟି.):** ସୁଇଜରଲାଣ୍ଡର ବାସେଲଠାରେ ସୋମବାରଠାରୁ ବ୍ୟାଡ୍‌ମିଣ୍ଟନର ବଡ଼ ଇଭେଣ୍ଟ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଦୁଇ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ବି. ସାଇ ପ୍ରଣୀଥ୍ ଓ ଏଚ୍.ଏସ୍. ପ୍ରଣୟ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବିଶ୍ୱ ମାନ୍ୟତାର ୧୯ତମ ସ୍ଥାନରେ ରହିଥିବା ପ୍ରଣୀଥ୍ ପୁରୁଷ ସିଙ୍ଗଲ୍ସର ଏକ ମୁକାବିଲାରେ କାନାଡାର ଜାସନ ଆନ୍ଥୋନୀ ହୋ-ଶୁଏଙ୍କୁ ୨୧-୧୭, ୨୧-୧୬ ସିଧାସଳଖ ଗେମ୍‌ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ୩୯ ମିନିଟ୍ ଧରି ଚାଲିଥିଲା। ଅନ୍ୟ ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ପ୍ରଣୟ ୧୭-୨୧, ୨୧-୧୦, ୨୧-୧୧ ଗେମ୍‌ରେ ଫିନ୍‌ଲାଣ୍ଡର ଏତୁ ହେଇନୋଙ୍କୁ ହରାଇ ଦେଇଛନ୍ତି। ମହିଳା ଡବଲ୍ସରେ ମଧ ଭାରତୀୟ ଯୋଡ଼ି ମେଘନା ଜାକାମ୍ପୁଡି ଓ ଏସ୍. ପୁରବୀ ରାମ ସହଯ ବିଜୟ ଲାଭ କରିଛନ୍ତି।

## ଜାତୀୟ ଜୁନିୟର ମହିଳା ହକି କ୍ୟାମ୍ପରେ ଓଡ଼ିଶାରୁ ୩



ଜୀବନ କିଶୋରୀ ଟପ୍ପୋ



ମାରିଆନା କୁଜୁର



ଆଜମିନ କୁଜୁର

**ନୂଆଦିଲ୍ଲୀ, ୧୯।୮ (ପି.ଟି.)**

ଚଳିତ ବର୍ଷ ଶେଷ ଭାଗରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ତ୍ରି-ରାଷ୍ଟ୍ରୀୟ ଜୁନିୟର ମହିଳା ହକି ପ୍ରତିଯୋଗିତା ପାଇଁ ସୋମବାର ୩୩ ଜଣିଆ ସମ୍ଭାବ୍ୟ ଭାରତୀୟ ଦଳ ଘୋଷଣା କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଥିବା ଏହି ୩୩ ଜଣିଆ ଜାତୀୟ ଜୁନିୟର ମହିଳା ହକି ଦଳରେ ଓଡ଼ିଶାରୁ ୩ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ମିଡ୍‌ଫିଲ୍ଡର ମାରିଆନା କୁଜୁର ଓ ଆଜମିନ କୁଜୁର ଏବଂ ଫରୱାର୍ଡ ଜୀବନ କିଶୋରୀ ଟପ୍ପୋ। ମୁଖ୍ୟ କୋଚ୍ ବଲ୍‌ଜିତ୍ ସିଂ ସଇନିଙ୍କ ତତ୍ତ୍ୱାବଧାନରେ ଏ ସମସ୍ତ ଖେଳାଳିଙ୍କୁ ନେଇ ଏକ ଜାତୀୟ କ୍ୟାମ୍ପ୍ ସେପ୍ଟେମ୍ବର ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କ୍ୟାମ୍ପରେ ଫିଟ୍‌ନେଶ ଓ ରିଦିମ୍ ଉପରେ ଫୋକସ୍ କରାଯିବା ସହ ତ୍ରି-ରାଷ୍ଟ୍ରୀୟ ପ୍ରତିଯୋଗିତା ପାଇଁ ଚୂଡ଼ାନ୍ତ ଖେଳାଳି ମନୋନୀତ କରାଯିବ ବୋଲି ଜଣାପଡ଼ିଛି। ଏହି ତ୍ରି-ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଭାରତ ସମେତ ଆୟୋଜକ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଜୁନିୟର ମହିଳା ହକି ଦଳ ଅଂଶଗ୍ରହଣ କରିବେ।

## ମ୍ୟାଚ୍ ଅଧାରୁ ପଡ଼ିଆ ଛାଡ଼ିଲା ରାଧାରମଣ

**କଟକ ଅଫିସ୍,୧୯।୮:** ବାରବାଟୀ ଷ୍ଟାଡ଼ିୟମରେ ଚାଲିଥିବା ଫାଓ ଫୁଟବଲ ଲିଗ୍‌ରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମ୍ୟାଚ୍‌ରେ ରେଫରିଙ୍କ ନିର୍ଦ୍ଦେଶ ଉପରେ ଅଭିଯୋଗ କରି ରାଧାରମଣ କ୍ଲବ୍ ପଡ଼ିଆ ଛାଡ଼ି ଚାଲି ଯାଇଥିଲା। ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ଓ ରାଧାରମଣ କ୍ଲବ ମଧ୍ୟରେ ମ୍ୟାଚ୍ ଚାଲିଥିବାବେଳେ ୨୯ତମ ମିନିଟ୍‌ରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ରାଧାରମଣ କ୍ଲବ୍ ଗୋଲକିପର ସତ୍ୟଜିତ ଚୌଧୁରୀ ସ୍ପୋର୍ଟ୍ସ ହଷ୍ଟେଲ୍ ଖେଳାଳିଙ୍କୁ ଫାଉଲ ମାରିବାରୁ ରେଫରି ତାଙ୍କୁ ରେଡ୍ କାର୍ଡ଼ ଦେଇଥିଲେ। ଏହାର ବିରୋଧ କରି ରାଧାରମଣ କ୍ଲବ୍ ପଡ଼ିଆ ଛାଡ଼ିଥିଲା। ମ୍ୟାଚର ୧୧ତମ ମିନିଟ୍‌ରେ ଫ୍ରାନ୍ସିସ୍ ଲାକ୍ରା ଗୋଲ୍ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଘଟଣାର ତଦନ୍ତ କରିବା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଫାଓ ପକ୍ଷରୁ ଟି ଆଣ୍ଡ ଟି କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟରେ ସ୍ପୋର୍ଟ୍ସ ହଷ୍ଟେଲ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଅନ୍ୟ ଏକ ମ୍ୟାଚରେ ସାଇ-ଏସ୍‌ଟିସି ୧-୦ ଗୋଲରେ ଚାନ୍ଦ କ୍ଲବ୍‌କୁ ପରାସ୍ତ କରିଛି। ୭୮ତମ ମିନିଟ୍‌ରେ ଅଜୟ ବରୱା ଗୋଲ୍ କରି ସାଇ-ଏସ୍‌ଟିସିକୁ ଅଗ୍ରଣୀ କରାଇଥିଲେ। ମ୍ୟାଚ୍‌ର ଶେଷ ଆଲୋକ ଲାକ୍ରା ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

## ଓଡ଼ିଶା ଦଳରେ ୭ ଖେଳାଳି



ଜାତୀୟ ସିନିୟର ରୋଲ୍‌ବଲ୍ ପାଇଁ ମନୋନୀତ ଓଡ଼ିଶା ଦଳ।

### ଜାତୀୟ ସିନିୟର ରୋଲ୍‌ବଲ୍ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୧୯।୮(କ୍ରୀଡ଼ା ପ୍ରତିନିଧି):** ଗୁଜରାଟର ସୁରଟଠାରେ ୧୬ତମ ଜାତୀୟ ସିନିୟର ରୋଲବଲ ଚାମ୍ପିୟନଶିପ୍ ଚଳିତମାସ ୨୧ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ରୋଲବଲ ଆସୋସିଏଶନ(ଓଆରବିଏ) ପକ୍ଷରୁ ସୋମବାର ଓଡ଼ିଶା(ପୁରୁଷ) ଦଳ ଘୋଷଣା କରାଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାର ଖେଳାଳିମାନେ ସ୍ଥାନ ପାଇଛନ୍ତି। ମନୋନୀତ ଖେଳାଳିମାନଙ୍କୁ ପୂର୍ବାହ୍ନରେ କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆସୋସିଏଶନର କାର୍ଯ୍ୟକାରିଣୀ ସଦସ୍ୟ ମଳୟ ଦାସ, ପ୍ରକାଶ ଚନ୍ଦ୍ର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଦଳ ଗୁଜରାଟ ଯାତ୍ରା କରିଛି। ପ୍ରକାଶ ଯୋଗ୍ୟ, ରୋଲବଲ ହେଉଛି ଶତ ପ୍ରତିଶତ ଭାରତ ଭିତ୍ତିକ କ୍ରୀଡ଼ା। ଏହା ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ, ନ୍ୟାଶନାଲ ସ୍କୁଲ ଗେମ୍ସ ଫେଡେରେଶନ, ଅଲ୍ ଇଣ୍ଡିଆ ୟୁନିଭର୍ସିଟି/କଲେଜ ଗେମ୍ସ ୟୁନିୟନ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଓଡ଼ିଶା ରୋଲବଲ ଆସୋସିଏଶନ ହେଉଛି ରୋଲ ବଲ୍ ଫେଡେରେଶନ ଅଫ୍ ଇଣ୍ଡିଆର ସହବନ୍ଧିତ ଅନୁଷ୍ଠାନ। **ଓଡ଼ିଶା ଦଳ:** ବିଶ୍ୱଜିତ ସ୍ୱାଇଁ, ସୌମ୍ୟରଞ୍ଜନ ଜୟସିଂ, ଅଭିଜିତ ସ୍ୱାଇଁ, ପଞ୍ଚାନନ ବେହେରା, ଅଭିଷେକ ସ୍ୱାଇଁ, ସନ୍ତୋଷ କୁମାର ପାତ୍ର ଓ ପ୍ରବୀଣ କୁମାର ବିଷୋୟୀ।

## ଏଆଇଟିଏ-ଆଇଟିଏଫ୍ ଆଲୋଚନା ଘୁଞ୍ଚିଲା

**ନୂଆଦିଲ୍ଲୀ, ୧୯।୮ (ପି.ଟି.)**

ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳଯିବାକୁଥିବା ଡେଭିସ୍ କପ୍ ମ୍ୟାଚକୁ ନେଇ ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ଏବଂ ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍)ର ସୁରକ୍ଷା ପରାମର୍ଶଦାତାଙ୍କ ମଧ୍ୟରେ ଆଲୋଚନା ସୋମବାର ହୋଇପାରି ନାହିଁ। ଏହାକୁ ମଙ୍ଗଳବାରକୁ ଘୁଞ୍ଚାଇ ଦିଆଯାଇଛି। ଟେଲିକନଫରେନ୍ସ ଦ୍ୱାରା ହେବାକୁଥିବା ଏହି ଆଲୋଚନାରେ ଭାରତର ଅଣଖେଳାଳି ଡେଭିସ୍ କପ୍ ଅଧିନାୟକ ମହେଶ ଭୂପତି ଭାଗନେବେ। ମ୍ୟାଚ ଇସ୍‌ଲାମାବାଦରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ଭାରତୀୟ ପ୍ରଦେଶ ଜମ୍ମୁ-କଶ୍ମୀର ଉପରୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରତ୍ୟାହାରକୁ ନେଇ ଭାରତ ସହିତ ପାକିସ୍ତାନର କୂଟନୈତିକ ସମ୍ପର୍କରେ ତିକ୍ତତା ଦେଖାଦେଇଛି। ସୁରକ୍ଷାଜନିତ କାରଣରୁ ମ୍ୟାଚକୁ ପାକିସ୍ତାନରେ ଖେଳା ନ ଯାଇ ଏକ ନିରପେକ୍ଷ ଭେନ୍ୟୁରେ କରିବା ଲାଗି ହୋଇଥିବା ଦାବିକୁ ଆଇଟିଏଫ୍ ଦୁଇଥର ପ୍ରତ୍ୟାଖ୍ୟାନ କରିବା ପରେ ଶେଷରେ ଟେଲିକନ୍‌ଫରେନ୍ସ ଜରିଆରେ ଆଲୋଚନା ପାଇଁ ରାଜି ହୋଇଛି। ଏଆଇଟିଏ ସାଧାରଣ ସମ୍ପାଦକ ହିରଣ୍ମୟ ଚାଟାର୍ଜୀ କହିଛନ୍ତି, ଆଇଟିଏଫ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜଷ୍ଟିନ ଆଲବର୍ଟ ଉପଲବ୍ଧ ନ ହେବାରୁ ଆଲୋଚନାକୁ ଦିନେ ଘୁଞ୍ଚାଇ ଦିଆଯାଇଛି।



ମହିଳା ସିଙ୍ଗଲ୍ସ ଚାମ୍ପିୟନ ମାଡିସନ କିଜ୍ ଟ୍ରଫି ସହ।

## କିଜ୍‌ଙ୍କୁ ସିନ୍‌ସିନାଟି ଟାଇଟଲ

**ସିନସିନାଟି, ୧୯।୮ (ଏଏଫ୍‌ପି):** ଏଠାରେ ଚାଲିଥିବା ଡବ୍ଲ୍ୟୁଟିଏ ସିନସିନାଟି ମାର୍ଷ୍ଟସ ଟୁର୍ନାମେଣ୍ଟରେ ମାଡିସନ କିଜ୍ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ସ୍ୱେତଲାନା କୁଜନେତ୍ସୋଭାଙ୍କୁ ୭-୫, ୭-୬ (୭/୫) ସେଟ୍‌ରେ ହରାଇ ଦେଇଛନ୍ତି। ଏଥିସହିତ ୨୦୧୭ ୟୁଏସ୍ ଓପନ ଉପବିଜେତା ଚଳିତ ସିଜନରେ ଦ୍ୱିତୀୟ ଟାଇଟଲ ଅର୍ଜନ କରିଛନ୍ତି। ମୋଟ ଉପରେ କ୍ୟାରିୟରର ୫ମ ଟାଇଟଲ। ଏହି ବିଜୟ ଯୋଗୁ ୟୁଏସ୍ ଓପନ ଗୋଟିଏ ସପ୍ତାହ ପୂର୍ବରୁ ସେ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ଟପ୍ ୧୦କୁ ଫେରିବା ନିଶ୍ଚିତ ହୋଇଛି। ପୂର୍ବତନ ଦ୍ୱିତୀୟ ର୍ୟାଙ୍କ ଖେଳାଳି କୁଜନେତ୍ସୋଭା ଆହତ ସମସ୍ୟା କାରଣରୁ ଚଳିତ ସିଜନର ବହୁ ଇଭେଣ୍ଟରେ ଅଂଶଗ୍ରହଣ କରି ନ ଥିଲେ। ତାଙ୍କୁ ଏଠାରେ ୱାଇଲ୍ଡକାର୍ଡ ମିଳିଥିଲା। ସେ ଫାଇନାଲରେ ପ୍ରବେଶ କରିବା ପୂର୍ବରୁ ଟପ୍ ସିଡ୍ ଆଶଲେ ବାର୍ଟି ଓ ୨୦୧୭ ୟୁଏସ୍ ଚାମ୍ପିୟନ ସ୍ଲୋଆନେ ଷ୍ଟିଫେନ୍ସଙ୍କୁ ହରାଇଥିଲେ।



ପ୍ରୋ କବାଡ଼ି ଲିଗ୍‌ରେ ସୋମବାର ୟୁ ମୁମ୍ବା ଓ ହରିୟାଣା ଷ୍ଟିଲର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

### ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ

## ଡିଏମ୍, ୟୁନିଟ-୯ ସ୍କୁଲ ବିଜୟୀ

**ଭୁବନେଶ୍ୱର, ୧୯।୮(କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ଡିଏମ୍ ଏବଂ ୟୁନିଟ-୯ ସ୍କୁଲ ବିଜୟ ହାସଲ କରିଛନ୍ତି। ଡିଏମ୍ ସ୍କୁଲ ଓ ଟାଇମ୍ସ ଗୁରୁକୁଳ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆରମ୍ଭରୁ ପ୍ରଭାବ ବିସ୍ତାର କରି ଖେଳିଥିବା ଡିଏମ୍ ସ୍କୁଲ ପକ୍ଷରୁ ଅମୋଘ ବିନାୟକ ୮ ଓ ୨୦ତମ ମିନିଟରେ ୨ଟି ଏବଂ ଫ୍ରାଗିନସନ ନାୟକ ୧୩ତମ ମିନିଟରେ ଗୋଟିଏ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ଫଳରେ ଡିଏମ ସ୍କୁଲ ବିଜୟୀ ହୋଇଥିଲା। ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ ଅରବିନ୍ଦ ମିତ୍ର ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଫ୍ରାଗିନସନ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚଟି ୟୁନିଟ-୯ ବାଳକ ବିଦ୍ୟାଳୟ ଓ ଆଇଆରସି ଭିଲେଜ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଇଆରସି ଭିଲେଜ ଦଳର ଖେଳାଳିମାନେ ଅନେକ ସୁଯୋଗ ପାଇଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଅନ୍ୟ ପକ୍ଷରେ ମ୍ୟାଚର ୨୬ତମ ମିନିଟରେ ଆର୍ଯ୍ୟ ଜେନା, ୩୨ତମ ମିନିଟରେ ବାପୁନ ମୁର୍ମୁ ଓ ୩୫ତମ ମିନିଟରେ ଆଶୁତୋଷ ମହାପାତ୍ର ଗୋଟିଏ ଲେଖାଏ ଗୋଲ ଦେଇ ୟୁନିଟ-୯ ଦଳକୁ ୩-୦ରେ ବିଜୟୀ କରାଇଥିଲେ। ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପୂର୍ବତନ ଗୋଲକିପର ଭାରତୀ ମିଶ୍ର ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଆଶୁତୋଷଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସରୋଜ ମହାରଣା, ଦୁର୍ଗା ଆଚାର୍ଯ୍ୟ, ରାଜୁ ବାରିକ, କୀର୍ତ୍ତି ସ୍ୱାଇଁ, ଶେଖାୱତ ଖାଁ, ଶ୍ରୀକାନ୍ତ ପଣ୍ଡା ଖେଳ ପରିଚାଳନା କରିଥିବାବେଳେ ମହେଶ୍ୱର ସିଂ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।





ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଫ୍ରାଗିନସନ ନାୟକ ଓ ଆଶୁତୋଷ ମହାପାତ୍ର।

**ସଂକ୍ଷେପରେ**

## ସାକ୍ଷୀ ମଲିକଙ୍କୁ ନୋଟିସ

**ନୂଆଦିଲ୍ଲୀ, ୧୯।୮ (ପି.ଟି.):** ବିନା ଅନୁମତିରେ ଜାତୀୟ କ୍ୟାମ୍ପ ଛାଡ଼ି ଚାଲିଯାଇଥିବାରୁ ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ) ଅଲିମ୍ପିକ ପଦକ ବିଜୟିନୀ ସାକ୍ଷୀ ମଲିକଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିଛି। ସମାନ ଦୋଷ ପାଇଁ ଅନ୍ୟ ୨୫ଜଣ ଶିବିରାର୍ଥୀଙ୍କୁ ବହିଷ୍କାର କରାଯାଇଛି। ଲକ୍ଷ୍ନୌସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରଠାରେ ଆୟୋଜିତ ଜାତୀୟ କ୍ୟାମ୍ପରେ ୪୫ଜଣ ମହିଳା ରେସ୍‌ଲର ଟ୍ରେନିଂ ନେଉଥିଲେ। ୨୫ଜଣଙ୍କୁ ଛାଡ଼ି ୩ଜଣ ନିକଟରେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ ସାକ୍ଷୀ (୬୨କେଜି), ସୀମା ବିସ୍‌ଲା (୫୦କେଜି) ଏବଂ କିରନ (୭୬କେଜି)। ଏହି ୩ଜଣଙ୍କୁ ବୁଧବାର ସୁଦ୍ଧା ସେମାନଙ୍କ ଜବାବ ରଖିବା ଲାଗି କୁହାଯାଇଛି। ଅନ୍ୟମାନଙ୍କୁ ପୁନଃ ଆଦେଶ ନ ହେବା ପର୍ଯ୍ୟନ୍ତ ଜାତୀୟ କ୍ୟାମ୍ପରୁ ବହିଷ୍କାର କରାଯାଇଛି। ସେମାନଙ୍କୁ ଆହୁରି ମଧ ଚାରୋଟି ଅଣ ଅଲିମ୍ପିକ କାଟେଗୋରିରେ ବିଶ୍ୱଚାମ୍ପିୟନଶିପ୍ ଟ୍ରାଏଲରେ ଅଂଶଗ୍ରହଣରୁ ବଞ୍ଚିତ କରାଯାଇଛି। ଡବ୍ଲ୍ୟୁଏଫ୍ଆଇର ସହକାରୀ ସମ୍ପାଦକ ବିନୋଦ ତୋମାରଙ୍କ କହିବା ଅନୁସାରେ, ବେଲାରୁଷ ଏବଂ ଇସ୍ତୋନିଆ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ଲାଗି ଭାରତୀୟ ଦଳର ପ୍ରସ୍ଥାନ ପରେ ଅବଶିଷ୍ଟ ରେସଲରମାନେ ବିନା ଅନୁମତିରେ କ୍ୟାମ୍ପ ଛାଡ଼ି ଚାଲିଯାଇଥିଲେ। ସେ କହିଛନ୍ତି, ଆମେ କେବଳ ସାକ୍ଷୀ, ସୀମା ଏବଂ କିରନଙ୍କୁ କରଣ ଦର୍ଶାଅ ନୋଟିସର ଜବାବ ଦେବାକୁ କହିଛୁ। ଅନ୍ୟମାନଙ୍କୁ ଏହି ନୋଟିସ୍ ଜାରି କରାଯିବାର କୌଣସି ଆବଶ୍ୟକତା ଥିବା ଅନୁଭବ କରି ନ ଥିଲୁ। ଶୃଙ୍ଖଳା ଭଙ୍ଗ ପାଇଁ ସେମାନଙ୍କୁ କେବଳ ବହିଷ୍କାର କରାଯାଇଥିଲା ମାତ୍ର।

## ସଇନି ବ୍ୟାକ୍ ଅପ୍ ବୋଲର

**ନୂଆଦିଲ୍ଲୀ,୧୯।୮(ପିଟି):** ୱେଷ୍ଟଇଣ୍ଡିଜ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳର ମ୍ୟାନେଜମେଣ୍ଟ ସ୍ପିଡ୍‌ଷ୍ଟାର ନବଦୀପ ସଇନିଙ୍କୁ କଭର ବୋଲର ଭାବେ ଦଳରେ ରଖିବାକୁ ନିଷ୍ପତ୍ତି ନେଇଛି। ଦିଲ୍ଲୀ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିବା ପେସର ନିକଟରେ ଟି୨୦ ପଦାର୍ପଣ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ସେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ପୂର୍ବରୁ ତାଙ୍କୁ ଭାରତୀୟ ଦଳ ନେଟ୍ ବୋଲର ଭାବେ ବ୍ୟବହାର କରାଯାଉଥିଲା। ଏବେ ତାଙ୍କୁ ଟେଷ୍ଟ ସିରିଜ୍ ପାଇଁ ଦଳ ସହ ରହିବାକୁ କୁହାଯାଇଛି। ରେଡ୍ ବଲ କ୍ରିକେଟରେ ସଇନି ଗତ କିଛିବର୍ଷ ହେଲା ଭଲ ପ୍ରଦର୍ଶନ କରୁଛନ୍ତି। ତାଙ୍କ ନିକଟରେ ସ୍ପିଡ୍, ସୁଇଙ୍ଗ ଓ ବାଉନ୍ସ ରହିଛି। ତାଙ୍କୁ ନେଟ୍ ବୋଲର ଭାବେ ଦଳରେ ରଖାଯାଇଛି। ତାଙ୍କୁ ଟେଷ୍ଟ ବୋଲର ଭାବେ ଗଢ଼ିବାକୁ ଟିମ୍ ମ୍ୟାନେଜମେଣ୍ଟ ଚାହେଁ। ଏହାଦ୍ୱାରା ଭାରତୀୟ ପେସ୍ ବୋଲରଙ୍କ ଗ୍ରୁପ ବୃଦ୍ଧି ପାଇବ ବୋଲି ବିସିସିଆଇର ଜଣେ ସିନିୟର କର୍ମକର୍ତ୍ତା କହିଛନ୍ତି। ଉଲ୍ଲେଖଥାଉ କି, ୪୩ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ସଇନି ୧୨୦ ଉଇକେଟ ନେଇଛନ୍ତି। ୨୬ ବର୍ଷୀୟ ପେସର ଭାରତୀୟ ଦଳ ସହ ରହିବା ଦ୍ୱାରା ବୋଲିଂ କୋଚ୍ ଭରତ ଅରୁନ ତାଙ୍କ ସହ ଅଧିକ ସମୟ ବିତାଇ ପାରିବେ।



❝ ଆମ ଟିମ୍‌କୁ ଆବଶ୍ୟକ ସହାୟତା ଦେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ନିର୍ଭର ପ୍ରତିଶ୍ରୁତି ଦେଇଛି ।
–ଇର୍ଫାନ ପଠାନ୍, ଜମ୍ମୁ–କଶ୍ମୀର କ୍ରିକେଟ ମେଣ୍ଟର



❝ ଭଗବାନଙ୍କ ଆଶୀର୍ବାଦରୁ ଅନ୍ତର୍ଜାତୀୟ କ୍ରିକେଟରେ ମୁଁ ୧୧ ବର୍ଷ ହେଲା ତିଷ୍ଠି ରହିଛି, ଯାହାକି ସ୍ୱପ୍ନ ବାହାରେ ଥିଲା ।
–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ

# ୧୧ ବର୍ଷରେ କୋହଲିଙ୍କ ୧୦ ବିରାଟ ରେକର୍ଡ

**୨୦୦୮ ଅଗଷ୍ଟ ୧୮ରେ କ୍ୟାରିୟର ଆରମ୍ଭ କରିଥିବା ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ବିରାଟ କୋହଲି ଏହା ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୧୧ ବର୍ଷ ପୂରଣ କରିସାରିଛନ୍ତି। ଏହି ଲମ୍ବା କ୍ୟାରିୟର ମଧ୍ୟରେ କୋହଲି କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ବ୍ୟାଟିଂରେ ଅନେକ ରେକର୍ଡ ପ୍ରତିଷ୍ଠା କରିସାରିଛନ୍ତି। ୧୧ ବର୍ଷର କ୍ୟାରିୟରରେ କୋହଲିଙ୍କ ନାମରେ ରହିଥିବା ୧୦ଟି ବିରାଟ ରେକର୍ଡ...**

**୧** ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ କୋହଲି ଗୋଟିଏ ଦଶନ୍ଧିରେ ୨୦ ହଜାର ଅନ୍ତର୍ଜାତୀୟ ରନ୍ ସଂଗ୍ରହ କରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଗତ ୩ୟ ଦିନିକିଆରେ ୧୧୪ ରନର ଇନିଂସ ଖେଳିବା ଅବସରରେ କୋହଲି ଏହି କୃତିତ୍ୱ ହାସଲ କରିଥିଲେ। ପୂର୍ବରୁ ଗୋଟିଏ ଦଶନ୍ଧିରେ ସର୍ବାଧିକ ଅନ୍ତର୍ଜାତୀୟ ରନ୍ ସଂଗ୍ରହ କରିବାର ରେକର୍ଡ ପ୍ରାକ୍ତନ ଅଷ୍ଟ୍ରେଲିଆ ଅଧିନାୟକ ରିକି ପଣ୍ଟିଂ (୧୮,୯୬୨ ରନ)ଙ୍କ ନାମରେ ରହିଥିଲା।

**୨** ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍‌ରେ ଦ୍ରୁତତମ ୧୦ ହଜାର ରନ୍ ସଂଗ୍ରହ କରିବାର ରେକର୍ଡ ବିରାଟଙ୍କ ନାମରେ ରହିଛି। ୨୦୧୮ରେ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରେ କୋହଲି ୧୫୭ ରନର ଅପରାଜିତ ଇନିଂସ ଖେଳିବା ଅବସରରେ ଏହି ରେକର୍ଡ ନିଜ ନାମରେ ଲିପିବଦ୍ଧ କରିଥିଲେ। ୧୦ ହଜାର ଦିନିକିଆ ରନ୍ ସଂଗ୍ରହ କରିବାକୁ କୋହଲି ୨୦୫ ଇନିଂସର ସହାୟତା ନେଇଥିଲେ। ଏହିକ୍ରମରେ ସେ ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକର (୨୫୯ ଇନିଂସ)ଙ୍କୁ ପଛରେ ପକାଇ ଦେଇଛନ୍ତି। ସେହିଭଳି ୧୦ ହଜାର ଦିନିକିଆ ରନ୍ ସଂଗ୍ରହ କରିବାକୁ କୋହଲି କମ୍ ସମୟ ମଧ ନେଇଛନ୍ତି। ଏହି ମାଇଲଖୁଣ୍ଟ ସ୍ପର୍ଶ କରିବାକୁ ୧୦ ବର୍ଷ ୬୮ ଦିନ ଲାଗିଯାଇଥିଲା। ପୂର୍ବରୁ ସଚିନ (୧୦ ବର୍ଷ ୩୧୭ ଦିନ)ଙ୍କ ନାମରେ ଏହି ରେକର୍ଡ ରହିଥିଲା।

**୩** ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଏକ ହଜାର ଦିନିକିଆ ରନ୍ ସଂଗ୍ରହ କରିବାକୁ କୋହଲି ସବୁଠାରୁ କମ୍ ଇନିଂସ ଖେଳିଛନ୍ତି। ୨୦୧୮ରେ ସେ ମାତ୍ର ୧୧ ଇନିଂସ ଖେଳି ଏକ ହଜାର ଦିନିକିଆ ରନ୍ ସଂଗ୍ରହ କରିଥିଲେ। ଏହିକ୍ରମରେ ଦକ୍ଷିଣ ଆଫ୍ରିକାର ହାସିମ ଅମ୍‌ଲା (୧୫ ଇନିଂସ)ଙ୍କୁ ସେ ପଛରେ ପକାଇଥିଲେ।

**୪** ବିଶ୍ୱର ପ୍ରଥମ କ୍ରିକେଟର୍ ଭାବେ ବିରାଟ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ବାର୍ଷିକ ପୁରସ୍କାର କ୍ଲିନ ସୁଇପ୍ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ୨୦୧୯ ଜାନୁୟାରୀରେ ଭାରତୀୟ ଦଳର ଅଧିନାୟକ ଆଇସିସି କ୍ରିକେଟର୍ ଅଫ୍ ଦି ଇୟର ବାବଦକୁ ଲଗାତର ୨ୟଥର ପାଇଁ ‘ସାର୍ ଗ୍ୟାରୀଫିଲ୍ଡ ସୋବର୍ସ ଟ୍ରଫି’ ହାସଲ କରିଥିଲେ। ସେହିଭଳି ତାଙ୍କୁ ଏହି ବର୍ଷ ମଧ ଶ୍ରେଷ୍ଠ ଟେଷ୍ଟ ଓ ଦିନିକିଆ କ୍ରିକେଟର୍ ପୁରସ୍କାର ପ୍ରଦାନ କରାଯାଇଥିଲା।



ବିରାଟ କୋହଲି।

## ଶ୍ରୀଲଙ୍କା ବିପକ୍ଷରେ ପଦାର୍ପଣ

ଭାରତୀୟ କ୍ରିକେଟ ଆଇକନ ବିରାଟ କୋହଲି ଅନ୍ତର୍ଜାତୀୟ କ୍ରିକେଟରେ ସୋମବାର ୧୧ ବର୍ଷ ପୂରଣ କରିଛନ୍ତି। ଠିକ୍ ୧୧ ବର୍ଷ ତଳେ ଦିଲ୍ଲୀ ବ୍ୟାଟ୍ସମ୍ୟାନ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ଏବେ ସେ ବିଶ୍ୱର ଶ୍ରେଷ୍ଠ ଓ ଲୋକପ୍ରିୟ ବ୍ୟାଟ୍ସମ୍ୟାନ। ଭାରତୀୟ ଦଳର ଅଧିନାୟକ କୋହଲି ଟୁଇଟରରେ ଦୁଇଟି ଫଟୋ ଶେୟାର କରିଛନ୍ତି। ୨୦୦୮ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍‌ର ଏକ ଫଟୋ ଥିବାବେଳେ ବର୍ତ୍ତମାନର ଏକ ଫଟୋ ଶେୟାର କରି ୧୧ ବର୍ଷର ଅଭିଯାନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ‘ଆଜିର ଦିନରେ ମୁଁ ଜଣେ ଟିନ୍‌ଏଜର ଭାବେ ଇଣ୍ଟରନ୍ୟାଶନାଲ କ୍ରିକେଟରେ ଅଭିଯାନ ଆରମ୍ଭ କରିଥିଲି। ମୁଁ କଦାପି ଚିନ୍ତା କରି ନ ଥିଲି ଏଭଳି ଆଶୀର୍ବାଦ ପାଇବି’ ବୋଲି କୋହଲି କହିଛନ୍ତି। ୧୯ ବର୍ଷରୁ କମ୍ କ୍ରିକେଟରେ ସଫଳତା ପରେ କୋହଲିଙ୍କୁ ଶ୍ରୀଲଙ୍କା ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିବାକୁ ସୁଯୋଗ ମିଳିଥିଲା। କ୍ୟାରିୟରର ପ୍ରଥମ ମ୍ୟାଚ୍‌ରେ ମାତ୍ର ୧୨ ରନ୍ କରି ଆଉଟ୍ ହୋଇଥିଲେ। ଏହାର ପରବର୍ଷ ସେ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ଏହାପରଠାରୁ ସେ ପଛକୁ ଫେରି ଚାହିଁ ନାହାନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ସଂଖ୍ୟକ ଶତକ ଲଗାଇଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ କେବଳ ସଚିନ ତେନ୍ଦୁଲକର (୧୦୦)ଙ୍କ ପଛକୁ କୋହଲି (୬୮) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ଏପର୍ଯ୍ୟନ୍ତ ୨୩୯ ଦିନିକିଆ, ୭୭ ଟେଷ୍ଟ ଓ ୭୦ ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି।

**୫** ବିଶ୍ୱର ପ୍ରଥମ ଖେଳାଳି ଭାବେ ଦିନିକିଆ କ୍ରିକେଟ୍‌ରେ ୨ଟି ଦେଶ ବିପକ୍ଷରେ ଲଗାତର ୩ଟି ଶତକ ହାସଲ କରିବାର ରେକର୍ଡ ବିରାଟଙ୍କ ନାମରେ ରହିଛି। ସେ ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ବିପକ୍ଷରେ ଏହି ସଫଳତା ଅର୍ଜନ କରିଥିଲେ। ପ୍ରଥମେ ଶ୍ରୀଲଙ୍କା ବିପକ୍ଷରେ ୨୦୧୨ ଫେବୃୟାରୀରୁ ୨୦୧୨ ଜୁଲାଇ ମଧ୍ୟରେ ସେ ଯଥାକ୍ରମେ ୩ଟି ଇନିଂସରେ ୧୩୩*, ୧୦୮ ଓ ୧୦୬ ରନ କରିଥିଲେ। ଏହାପରେ ୨୦୧୮ ଅକ୍ଟୋବରରେ କୋହଲି ୱେଷ୍ଟଇଣ୍ଡିଜ ବିପକ୍ଷରେ ଯଥାକ୍ରମେ ୧୪୦, ୧୫୭* ଓ ୧୦୭ ରନର ଶତକୀୟ ଇନିଂସ ଖେଳିଥିଲେ।

**୬** ଅଧିନାୟକ ଭାବେ କୋହଲି ଗୋଟିଏ କ୍ୟାଲେଣ୍ଡରରେ ସର୍ବାଧିକ ଦିନିକିଆ ରନ୍ ସଂଗ୍ରହ କରିବାର ରେକର୍ଡ କରିଛନ୍ତି। ୨୦୧୭ରେ ସେ ୭୫ ଆଭରେଜରେ ୨୬ ଦିନିକିଆରୁ ୧୪୬୦ ରନ୍ ସଂଗ୍ରହ କରିଥିଲେ। ଏହିକ୍ରମରେ ଅଷ୍ଟ୍ରେଲିଆର ରିକି ପଣ୍ଟିଂ (୧୪୨୪ ରନ, ୨୦୦୭ରେ)ଙ୍କ ନାମରେ ରହିଥିବା କୀର୍ତ୍ତିମାନକୁ ସେ ଟପିଯାଇଥିଲେ।

**୭** ପ୍ରଥମ ଅଧିନାୟକ ଭାବେ ସେ ଆଇସିସି ବିଶ୍ୱକପ୍ ଇତିହାସରେ ଲଗାତର ୫ଟି ଅର୍ଦ୍ଧଶତକ ବା ଏହାଠାରୁ ଅଧିକ ରନ୍ ସଂଗ୍ରହ କରିଥିଲେ। ଗତ ୨୦୧୯ ଆଇସିସି ବିଶ୍ୱକପ୍ ଅବସରରେ ଭାରତୀୟ ଦଳର ଅଧିନାୟକ କୋହଲିଙ୍କ ବ୍ୟାଟ୍‌ରୁ ଏହି ଦମ୍‌ଦାର ଇନିଂସ ଦେଖିବାକୁ ମିଳିଥିଲା। ଇଂଲଣ୍ଡରେ ଅନୁଷ୍ଠିତ ଏହି ବିଶ୍ୱକପ୍‌ରେ ସେ ଯଥାକ୍ରମେ ଅଷ୍ଟ୍ରେଲିଆ (୮୨ ରନ), ପାକିସ୍ତାନ (୭୭), ଆଫଗାନିସ୍ତାନ (୬୭), ୱେଷ୍ଟଇଣ୍ଡିଜ (୭୨) ଓ ଇଂଲଣ୍ଡ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରି ରେକର୍ଡ ବୁକ୍‌ରେ ସ୍ଥାନ ପାଇଥିଲେ। ଦକ୍ଷିଣ ଆଫ୍ରିକାର ଗ୍ରେମ ସ୍ମିଥ୍ ଓ ଅଷ୍ଟ୍ରେଲିଆର ଆରୋନ ଫିଞ୍ଚ୍ ଉଭୟ ଅଧିନାୟକ ଭାବେ ବିଶ୍ୱକପ୍‌ରେ ଲଗାତର ୪ଟି ୫୦+ ସ୍କୋର କରି ଏହି ରେକର୍ଡର ଅଧିକାରୀ ରହିଥିଲେ।

**୮** ପ୍ରଥମ ଟେଷ୍ଟ ଅଧିନାୟକ ଓ ପ୍ରଥମ ଭାରତୀୟ ଭାବେ ବିରାଟ କ୍ରମାଗତ ୩ଟି କ୍ୟାଲେଣ୍ଡର ବର୍ଷରେ ୧ ହଜାରରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିବାର ସୌଭାଗ୍ୟ ଲାଭ କରିଛନ୍ତି। କୋହଲି ୨୦୧୬ରେ ୧୨୧୫, ୨୦୧୭ରେ ୧୦୫୯ ଓ ୨୦୧୮ରେ ୧୩୨୨ ରନ ଟେଷ୍ଟରେ ସଂଗ୍ରହ କରିଥିଲେ।

**୯** ଅଧିନାୟକ ଭାବେ ଟେଷ୍ଟରେ ସର୍ବାଧିକ ଦ୍ୱିଶତକ କୋହଲିଙ୍କ ନାମରେ ରହିଛି। କୋହଲି ଅଧିନାୟକ ଭାବେ ଟେଷ୍ଟରେ ୬ ଦ୍ୱିଶତକ ହାସଲ କରିଛନ୍ତି। ଏହିକ୍ରମରେ ସେ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରାଙ୍କୁ ପଛରେ ପକାଇ ଦେଇଛନ୍ତି।

**୧୦** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଗୋଟିଏ ସଂସ୍କରଣରେ ସର୍ବାଧିକ ସ୍କୋର ଏହି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ନାମରେ ରହିଛି। ରୟାଲ ଚ୍ୟାଲେଞ୍ଜର୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କୋହଲି ଆଇପିଏଲ୍‌ର ୨୦୧୬ ସଂସ୍କରଣରେ ୯୭୩ ରନ୍ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି।

## ମନୀଷ, ଆୟାର ଅଧିନାୟକ

**ମୁମ୍ବାଇ, ୧୯।୮(ପି.ଟି.)**

ଚଳିତମାସ ୨୯ ତାରିଖରେ ଥିରୁଭାନନ୍ତପୁରମଠାରେ ଭାରତ‘ଏ’–ଦକ୍ଷିଣ ଆଫ୍ରିକା ‘ଏ’ ଦିନିକିଆ କ୍ରିକେଟ ସିରିଜ ଆରମ୍ଭ ହେବ। ୫ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ୩ଟି ମ୍ୟାଚରେ ମନୀଷ ପାଣ୍ଡେ ଭାରତ‘ଏ’ର ଅଧିନାୟକ ରହିବେ। ପରବର୍ତ୍ତୀ ୨ଟି ମ୍ୟାଚରେ ଶ୍ରେୟାସ ଆୟାର ନେତୃତ୍ୱ ବହନ କରିବେ। ଉଦୀୟମାନ ପ୍ରତିଭା ଶୁବମନ ଗିଲ ଉଭୟ ଅଧିନାୟକଙ୍କ ଅଧୀନରେ ଖେଳିବେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ଶଙ୍କର, ଅନମୋଲପ୍ରୀତ ସିଂ, ରିକି ଭୁଇ, ଶାର୍ଦ୍ଦୁଳ ଠାକୁର, ଅକ୍ଷର ପଟେଲ ଓ ନୀତୀଶ ରାଣା ମଧ ସୁଯୋଗ ପାଇଛନ୍ତି। ମନୀଷଙ୍କ ନେତୃତ୍ୱାଧୀନ ଦଳରେ ଇଶାନ କିଷନ ଉଇକେଟ କିପର ଦାୟିତ୍ୱ ସମ୍ଭାଳିବେ। ଆୟାରଙ୍କ ଅଧିନାୟକତ୍ୱରେ ସଞ୍ଜୁ ସାମସନ ଷ୍ଟମ୍ପ ପଛରେ ଦାୟିତ୍ୱ ନିର୍ବାହ କରିବେ। ପ୍ରଥମ ତିନୋଟି ମ୍ୟାଚରେ ଲେଗସ୍ପିନର ୟୁଜବେନ୍ଦ୍ର ଚହଲ ଖେଳିବେ। ମ୍ୟାଚ ଗୁଡ଼ିକ ଥିରୁଭାନନ୍ତପୁରମଠାରେ ଅଗଷ୍ଟ ୨୯, ୩୧, ସେପ୍ଟେମ୍ବର ୨, ୪ ଓ ୮ ତାରିଖରେ ଅନୁଷ୍ଠିତ ହେବ। ଜାତୀୟ ସିନିୟର ଚୟନ କମିଟି ବୈଠକ ବସି ଏହି ଦୁଇ ଦଳ ମନୋନୟନ କରାଯାଇଛି।



ମନୀଷ ପାଣ୍ଡେ



ଶ୍ରେୟାସ ଆୟାର

**ମନୀଷଙ୍କ ନେତୃତ୍ୱରେ ଭାରତ ‘ଏ’:** ମନୀଷ ପାଣ୍ଡେ (ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଶୁବମନ ଗିଲ,

**ଭାରତ ‘ଏ’-ଦକ୍ଷିଣ ଆଫ୍ରିକା ‘ଏ’ ଦିନିକିଆ ସିରିଜ**

ଅନମୋଲପ୍ରୀତ ସିଂ, ରିକି ଭୁଇ, ଇଶାନ କିଷନ(ଉଇକେଟ କିପର), ବିଜୟ ଶଙ୍କର, ଶିଭମ୍ ଦୁବେ, କ୍ରୁନାଲ ପାଣ୍ଡ୍ୟା, ଅକ୍ଷର ପଟେଲ, ୟୁଜବେନ୍ଦ୍ର ଚହଲ, ଶାର୍ଦ୍ଦୁଳ ଠାକୁର, ଦୀପକ ଚହର, ଖଲୀଲ ଅହମ୍ମଦ, ନୀତୀଶ ରାଣା।

**ଆୟାରଙ୍କ ନେତୃତ୍ୱରେ ଭାରତ ‘ଏ’:** ଶ୍ରେୟାସ ଆୟାର (ଅଧିନାୟକ), ଶୁବମନ ଗିଲ, ପ୍ରଶାନ୍ତ ଚୋପ୍ରା, ଅନମୋଲପ୍ରୀତ ସିଂ, ରିକି ଭୁଇ, ସଞ୍ଜୁ ସାମସନ(ଉଇକେଟ କିପର), ନୀତୀଶ ରାଣା, ବିଜୟ ଶଙ୍କର, ଶିଭମ୍ ଦୁବେ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ରାହୁଲ ଚହର, ଶାର୍ଦ୍ଦୁଳ ଠାକୁର, ତୁଷାର ଦେଶପାଣ୍ଡେ, ଇଷାନ ପୋରେଲ।

## ଦ୍ୱିତୀୟ ସ୍ଥାନରେ ସ୍ମିଥ୍

**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍**

**ଦୁବାଇ,୧୯।୮:** ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ବ୍ୟାଟ୍ସମ୍ୟାନ ର୍‍ୟାଙ୍କିଙ୍ଗ ତାଲିକାରେ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍ ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି। ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନଙ୍କୁ ହଟାଇ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିନେଇଛନ୍ତି। ଭାରତୀୟ ଅଧିନାୟକ ବିରାଟ କୋହଲି କିନ୍ତୁ ଶୀର୍ଷସ୍ଥାନ ବଜାୟ ରଖିଛନ୍ତି। ସ୍ମିଥ୍ ଇଂଲଣ୍ଡ ବିପକ୍ଷ ଆଶେସ ସିରିଜ୍‌ର ପ୍ରଥମ ଟେଷ୍ଟରେ କ୍ରମାଗତ ଶତକ ଲଗାଇବା ପରେ ଲର୍ଡ୍ସ ଟେଷ୍ଟରେ ୯୨ରନ୍‌ର ଏକ ଇନିଂସ ଖେଳିଥିଲେ। ଏଥିଯୋଗୁ ସେ ନ୍ୟୁଜିଲାଣ୍ଡର ଅଧିନାୟକ କେନ୍ ୱିଲିୟମସନଙ୍କୁ ଅତିକ୍ରମ କରି ଦ୍ୱିତୀୟ ମାନ୍ୟତା ହାସଲ କରିଛନ୍ତି। ସ୍ମିଥ୍ ଏବେ କୋହଲିଙ୍କଠାରୁ ମାତ୍ର ୯ ପଏଣ୍ଟ ପଛରେ ରହିଛନ୍ତି। ବୋଲରଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ପ୍ୟାଟ୍ କୁମିନ୍ସ ଶୀର୍ଷ ସ୍ଥାନରେ ନିଜ ସ୍ଥିତିକୁ ଦୃଢ଼ କରିଛନ୍ତି। କେତେକ



ଅଷ୍ଟ୍ରେଲିଆନ ଖେଳାଳିଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି। ଟ୍ରାଭିସ ହେଡ୍ ପୂର୍ବପେକ୍ଷା ଦୁଇଟି ସୋପାନ ଉପରକୁ ଉଠି ୧୮ତମ ସ୍ଥାନ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଗାଲେ ଟେଷ୍ଟରେ ୧୨୨ ରନ୍‌ର ବିଜୟୀ ଇନିଂସ ଖେଳିଥିବା ଶ୍ରୀଲଙ୍କାର ଦିମୁଥ କରୁଣାରତ୍ନେ ଟପ୍ ୧୦ରେ ପ୍ରବେଶ କରିଛନ୍ତି। ସେ ୮ମ ସ୍ଥାନ ଅଧିକାର କରିଛନ୍ତି। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍।

## ବ୍ୟାଟିଂ କୋଚ୍ ପାଇଁ ରାଜପୁତ ଆଶାୟୀ

**ମୁମ୍ବାଇ, ୧୯।୮ (ପି.ଟି.):** ମୁଖ୍ୟ କୋଚ୍ ପଦବୀ ଚୟନରେ ଉପେକ୍ଷିତ ହେବା ପରେ ଭାରତୀୟ କ୍ରିକେଟ ଦଳର ସହାୟକ କର୍ମଚାରୀ ଆଶାୟୀଙ୍କ ମଧ୍ୟରେ ଅଛନ୍ତି ଲାଲଚାନ୍ଦ ରାଜପୁତ। ସୋମବାର ସାକ୍ଷାତ୍‌କାର ଆରମ୍ଭ ହୋଇଛି। ଆଶାୟୀଙ୍କ ମଧ୍ୟରେ ଭେଙ୍କଟେଶ ପ୍ରସାଦଙ୍କ ଭଳି ହେଭିୱେଟ୍ ଅଛନ୍ତି। ପୂର୍ବତନ ଉଇକେଟକିପର ଏମ୍.ଏସ୍.କେ. ପ୍ରସାଦଙ୍କ ନେତୃତ୍ୱାଧୀନ ସିନିୟର ଚୟନ କମିଟି ଦ୍ୱାରା ସହାୟକ କର୍ମଚାରୀ ମନୋନୟନ ପ୍ରକ୍ରିୟା ଚାଲିଛି। ୫୭ ବର୍ଷୀୟ ରାଜପୁତ ବ୍ୟାଟିଂ କୋଚ୍ ଲାଗି ପ୍ରାର୍ଥୀ ହୋଇଛନ୍ତି। ହେଲେ ସଞ୍ଜୟ ବାଙ୍ଗରଙ୍କ ସ୍ଥାନରେ ଏହି ପଦବୀ ପାଇଁ ମୁଖ୍ୟ ଦାବିଦାର ଭାବେ ଉଭା ହୋଇଛନ୍ତି ବିକ୍ରମ ରାଠୋର। ବର୍ତ୍ତମାନ ବୋଲିଂ କୋଚ୍ ଏବଂ ଫିଲ୍ଡିଂ କୋଚ୍ ରହିଥିବା ଭରତ ଅରୁଣ ଏବଂ ଆର. ଶ୍ରୀଧର ସେମାନଙ୍କ ପଦବୀ ବଜାୟ ରଖିବା ଯଥେଷ୍ଟ ସମ୍ଭାବନା ରହିଛି। କାରଣ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଏମାନଙ୍କ ସପକ୍ଷରେ ଅଛନ୍ତି। କିନ୍ତୁ ବ୍ୟାଟିଂ କୋଚ୍ ପାଇଁ ଦରଖାସ୍ତକାରୀଙ୍କ ସଂଖ୍ୟା ଅଧିକ ରହିଥିବାରୁ ବାଙ୍ଗର କଡ଼ା



ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରନ୍ତି। ପୂର୍ବତନ ଅଲରାଉଣ୍ଡର ଭାରତ ପାଇଁ ୫୦ ଟେଷ୍ଟ ଏବଂ ୧୧୯ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ସମସ୍ତ ସାକ୍ଷାତ୍‌କାର ପରେ ଚୟନ ପ୍ରକ୍ରିୟା ଗୁରୁବାର ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଏ। ବର୍ତ୍ତମାନ ବାଙ୍ଗର, ଅରୁଣ ଓ ଶ୍ରୀଧରଙ୍କ ବ୍ୟତୀତ ପ୍ରଶାସନିକ ମ୍ୟାନେଜର ସୁନୀଲ ସୁବ୍ରମଣ୍ୟମ ସହାୟକ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ଚଳିତ ୱେଷ୍ଟଇଣ୍ଡିଜ ଟୁର୍ ପାଇଁ ଏମାନଙ୍କ ଚୁକ୍ତି ମିଆଦ ୪୫ ଦିନ ବୃଦ୍ଧି କରାଯାଇଛି। ବ୍ୟାଟିଂ କୋଚ ପାଇଁ ପ୍ରବୀଣ ଆମ୍ରେ, ମୁମ୍ବାଇ ଷ୍ଟଲୱାର୍ଟ ଅମୋଲ ମଜୁମଦାର ଏବଂ ସୌରାଷ୍ଟ୍ରର ସୀତାଂଶୁ କୋଟାକ୍ ପ୍ରମୁଖ ପ୍ରାର୍ଥୀ ହୋଇଛନ୍ତି। ଏହାଛଡ଼ା ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ହୃଷୀକେଶ କାନିଟ୍‌କର ଏବଂ ପୂର୍ବତନ ଦିଲ୍ଲୀ ବ୍ୟାଟ୍ସମ୍ୟାନ ମିଥୁନ ମନ୍‌ହସ୍‌ଙ୍କର ୫ ଜଣିଆ ଚୟନ କମିଟି ସାକ୍ଷାତ୍‌କାର ନେଇଥିବା ଶୁଣାଯାଏ। ବୋଲିଂ କୋଚ୍ ପଦବୀ ପାଇଁ ପୂର୍ବତନ ଭାରତୀୟ ପେସ୍ ବୋଲର ଭେଙ୍କଟେଶ ପ୍ରସାଦ, ପାରସ ମାହାମ୍ବ୍ରେ ଏବଂ ଅମିତ ଭଣ୍ଡାରୀ ପ୍ରମୁଖ ପ୍ରାର୍ଥୀ ରହିଛନ୍ତି। ଗତ ସପ୍ତାହରେ ୧୯୮୩ ବିଶ୍ୱକପ୍ ବିଜୟୀ ଅଧିନାୟକ କପିଳ ଦେବ, ପୂର୍ବତନ ଖେଳାଳି ଓ କୋଚ୍ ଅଂଶୁମାନ ଗାଏକ୍ୱାଡ ଏବଂ ପୂର୍ବତନ ମହିଳା ଅଧିନାୟିକା ଶାନ୍ତା ରଙ୍ଗାସ୍ୱାମୀ ପ୍ରମୁଖଙ୍କୁ ନେଇ କ୍ରିକେଟ ପରାମର୍ଶଦାତା କମିଟି (ସିଏସି) ଶାସ୍ତ୍ରୀଙ୍କୁ ୨୦୨୧ରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ଦଳର କୋଚ୍ ଭାବେ ପୁନଃ ନିଯୁକ୍ତି ଦେଇସାରିଛନ୍ତି। ବ୍ୟାଟିଂ, ବୋଲିଂ ଏବଂ ଫିଲ୍ଡିଂ କୋଚ୍ ପାଇଁ ଆବେଦନକାରୀଙ୍କ ବୟସ ସୀମା ୬୦ ବର୍ଷ ରଖାଯାଇଥିବା ବେଳେ ସେମାନେ ୧୦ଟି ଟେଷ୍ଟ କିମ୍ବା ୨୫ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ଦରକାର।

## ହନୁମା, ରାହାନେଙ୍କ ଅର୍ଦ୍ଧଶତକ

**ଆଣ୍ଟିଗୁଆ,୧୯।୮**

ସ୍ଥାନୀୟ କୁଲିଜ କ୍ରିକେଟ ଗ୍ରାଉଣ୍ଡରେ ସୋମବାର ଶେଷ ହୋଇଥିବା ଭାରତ–ୱେଷ୍ଟଇଣ୍ଡିଜ ‘ଏ’ ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ମ୍ୟାଚର ଅନ୍ତିମ ଦିବସରେ ଅର୍ଦ୍ଧଶତକ ହାସଲ କରିଥିଲେ ଭାରତର ହନୁମା ବିହାରୀ ଓ ଅଜିଙ୍କ୍ୟ ରାହାନେ। ଉଭୟଙ୍କ

**ଅଭ୍ୟାସ ମ୍ୟାଚ ଡ୍ର’**

ଅର୍ଦ୍ଧଶତକ ସହାୟତାରେ ଭାରତ ଏହାର ଦ୍ୱିତୀୟ ଇନିଂସକୁ ୧୮୮/୫ରେ ଘୋଷଣା କରିଥିଲା। ମୟଙ୍କ ଅଗ୍ରୱାଲ (୧୩), ରିଷଭ ପନ୍ତ (୧୯), ରବୀନ୍ଦ୍ର ଜାଡେଜା (୯) ପ୍ରଭାବୀ ବ୍ୟାଟିଂ କରିବାରେ ବିଫଳ ହୋଇଥିବାବେଳେ ହନୁମା ବିହାରୀ ୧୨୫ ବଲ୍‌ରୁ ୯ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୬୪ ଓ ରାହାନେ ୧୬୨ ବଲ୍‌ରୁ ୫ ଚୌକା ଓ ୧ ଛକା ସହ ୫୪ ରନ କରିଥିଲେ। ମାତ୍ର ୨୨ ରନରେ ଭାରତର ପ୍ରଥମ ଉଇକେଟ ପଡ଼ିଥିବାବେଳେ ହନୁମା ଓ ରାହାନେ ଦ୍ୱିତୀୟ ଉଇକେଟରେ ୯୬ ରନ ଯୋଡ଼ି ସ୍ଥିତି ସମ୍ଭାଳିଥିଲେ। ୱେଷ୍ଟଇଣ୍ଡିଜ ‘ଏ’ ପକ୍ଷରୁ ଆକିମ ଫ୍ରାଜର ୨ଟି ଉଇକେଟ ନେଇଥିଲେ। ଇନିଂସ ଘୋଷଣା କରି ଭାରତ ଘରୋଇ ୱେଷ୍ଟଇଣ୍ଡିଜ ‘ଏ’ ସମ୍ମୁଖରେ ୩୦୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ‘ଏ’ ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୪୭ ରନ କରିଥିବାବେଳେ ଉଭୟ ଦଳର ଅଧିନାୟକ ମ୍ୟାଚ ବନ୍ଦ କରିବାକୁ ରାଜି ହୋଇଥିଲେ। ଭାରତ ପକ୍ଷରୁ ଯଶପ୍ରୀତ ବୁମ୍‌ରା, ରବିଚନ୍ଦ୍ରନ ଅଶ୍ୱିନ ଓ ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଭାରତ ପ୍ରଥମ ଇନିଂସ୍‌କୁ ୨୯୭/୫ରେ ଘୋଷଣା କରିଥିବାବେଳେ ୱେଷ୍ଟଇଣ୍ଡିଜ ଏ’ ପ୍ରଥମ ଇନିଂସରେ ୧୮୧ ରନ କରି ଅଲଆଉଟ ହୋଇଥିଲା।



ଅଜିଙ୍କ୍ୟ ରାହାନେ



ହନୁମା ବିହାରୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୦/୨୦୧୯ Bhubaneswar, Tuesday, August 20/2019

## ଅଟୋ ଓଲଟି ୬ ଆହତ

ପୁରୀ ଅଫିସ,୧୯।୮: ସୁକଳ ଛକଠାରେ ସୋମବାର ଏକ ଅଟୋ ଓଲଟି ୬ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ବିଷ୍ଣୁ ପାତ୍ର (୧୦), ଝୁନୁ ବେହେରା (୩୦), ରାଜେନ୍ଦ୍ର ବେହେରା (୧୩), ହର୍ଷ ଦେ (୫୫), ଆଶା ପ୍ରଧାନ(୬୦) ଏବଂ ଦମୟନ୍ତୀ ପ୍ରଧାନ (୪୫)। ଏମାନଙ୍କୁ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣା ପରେ ଅଟୋଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି।




### ବନ୍ୟାଞ୍ଚଳ ବୁଲିବାବେଳେ ଭାଜପା ନେତାଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ

# ବିଜେଡି ମୁଣ୍ଡରେ ଦୋଷ ଲଦିଲା ଭାଜପା

ଭୁବନେଶ୍ୱର,୧୯।୮(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଇଦିନ ତଳେ ବଲାଙ୍ଗୀର, କଳାହାଣ୍ଡି, ସୁବର୍ଣ୍ଣପୁର ଜିଲାର ବନ୍ୟା ପ୍ରପୀଡିତ ଅଞ୍ଚଳକୁ ପରିଦର୍ଶନ କରିଥିଲେ। ଆକାଶ ମାର୍ଗରୁ ସର୍ବେକ୍ଷଣ କରି, ସେଠାର ପ୍ରଶାସନିକ ଅଧିକାରୀମାନଙ୍କ ସହ ବନ୍ୟାର କ୍ଷୟକ୍ଷତି ଆକଳନ କରି ତୁରନ୍ତ ଲୋକମାନଙ୍କୁ ପୁନଃ ଥଇଥାନ କରିବା ଏବଂ କିପରି ରିଲିଫ୍ ମିଳିପାରିବ ତାହାର ଏକ ସମୀକ୍ଷା ବୈଠକ ଆୟୋଜନ କରିଥିଲେ। କିନ୍ତୁ ବୈଠକ ଆରମ୍ଭ ପୂର୍ବରୁ ବିଜେଡି ନେତା ଓ କାର୍ଯ୍ୟକର୍ତ୍ତାମାନେ ବୈଠକ ବାହାରେ ଉଦ୍ଦେଶ୍ୟ ମୂଳକଭାବେ ଗୁଣ୍ଡାଗର୍ଦ୍ଦି କରିଥିଲେ ବୋଲି ଭାଜପା ଅଭିଯୋଗ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଘଟଣାକୁ ନିନ୍ଦା କରି କହିଛନ୍ତି, ରାଜନୈତିକ ଲଢେଇର ଏକ ନିର୍ଦ୍ଦିଷ୍ଟ ସମୟ ଅଛି। କିନ୍ତୁ ଯେତେବେଳେ ସାଧାରଣ ଲୋକେ ବନ୍ୟାରେ ଫସି ରହିଛନ୍ତି ସେତେବେଳେ ସେମାନଙ୍କ କଥା ବୁଝିବାକୁ ଯାଇଥିବା ଭାଜପା ଏମ୍‌ପିମାନଙ୍କ ପ୍ରତି ବିଜେଡିର ରାଜନୈତିକ ଆତଙ୍କବାଦ ଦୁର୍ଭାଗ୍ୟଜନକ। ଅତୀତରେ ବିଜେଡି ପକ୍ଷରୁ ଦୁଇ କେନ୍ଦ୍ରମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ଏବଂ ସାଧ୍ୱୀ ନିରଞ୍ଜନା ଜ୍ୟୋତିଙ୍କ ଉପରକୁ ପଥର ମାଡ଼ କରାଯାଇଥିଲା। ଏହି ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚୁପ୍ ରହିଥିବା ବେଳେ ଘଟଣାରେ ସମ୍ପୃକ୍ତ ରାଜନୈତିକ ବ୍ୟକ୍ତିଙ୍କୁ ଏପର୍ଯ୍ୟନ୍ତ ଦୋଷୀ ସାବ୍ୟସ୍ତ କରାଗଲାନାହିଁ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାରାଦୀପ ଗସ୍ତ ସମୟରେ ଶାସକ ଦଳ ଗୁଣ୍ଡାଗର୍ଦ୍ଦିର ନଗ୍ନରୂପ ରାଜ୍ୟବାସୀ ଦେଖିଛନ୍ତି। ମୁଖ୍ୟମନ୍ତ୍ରୀ ଏପର୍ଯ୍ୟନ୍ତ ବନ୍ୟା ଅଞ୍ଚଳକୁ ଯାଇନାହାନ୍ତି। ଭାଜପାର ଏମ୍‌ପି ଏବଂ କେନ୍ଦ୍ରମନ୍ତ୍ରୀଙ୍କୁ ବିଜେଡି ଗୁଣ୍ଡାମାନେ ଦୁର୍ବ୍ୟବହାର କରିବା ସମୟରେ ପୋଲିସ କାହିଁକି ଚୁପ ଥିଲା ବୋଲି ପୃଥ୍ୱୀରାଜ ପ୍ରଶ୍ନ କରିଛନ୍ତି। ପୋଲିସ ଜାଣିଶୁଣି ଚୁପ୍ ରହି ପରୋକ୍ଷରେ ଏପରି ବିଶୃଙ୍ଖଳାକୁ ପ୍ରୋତ୍ସାହନ କରୁଥିଲା। ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓଙ୍କୁ ସୁରକ୍ଷା ଦେବା ପାଇଁ ସେଠାରେ କୌଣସି ମହିଳା ପୋଲିସ୍ ନ ଥିବା ସେ ଅଭିଯୋଗ କରିଛନ୍ତି। ନିର୍ବାଚିତ ଜନ ପ୍ରତିନିଧିଙ୍କୁ ସାଧାରଣରେ ଦୁର୍ବ୍ୟବହାର ପ୍ରଦର୍ଶନ ପରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାହିଁକି ଗିରଫ କରାଯାଉନାହିଁ। ଏ ପର୍ଯ୍ୟନ୍ତ ବନ୍ୟା ପ୍ରଭାବିତଙ୍କ ପାଖରେ ସରକାର ରିଲିଫ ପହଞ୍ଚାଇପାରି ନାହାନ୍ତି। ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରି ଚାଲି ଆସିଛନ୍ତି ବୋଲି ପୃଥ୍ୱୀରାଜ କହିଛନ୍ତି।




### ଓୟୁଏଟି ଭେଟେରିନାରି କଲେଜକୁ କେନ୍ଦ୍ରମନ୍ତ୍ରୀଙ୍କ ଅଚାନକ ଗସ୍ତ

# ନ ଥିଲେ ପ୍ରାଣୀ ଚିକିତ୍ସକ, ମଦ ମଗାଯାଉଥିବା ଅଭିଯୋଗ

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନ ଭେଟେରିନାରି କଲେଜକୁ ସୋମବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଅଚାନକ ଗସ୍ତ କରିଥିଲେ। ଭେଟେରିନାରି କଲେଜରେ ଗୋରୁଙ୍କ ଚିକିତ୍ସା କରାଯାଉ ନ ଥିବା ଓ ମଦ ମଗାଯାଉଥିବା ଅଭିଯୋଗ ପାଇବା ପରେ ସେ ସେଠାରେ ପହଞ୍ଚି ବାସ୍ତବ ସ୍ଥିତି ଦେଖିଛନ୍ତି। ପ୍ରାଣୀ ଚିକିତ୍ସକଙ୍କ ଅନୁପସ୍ଥିତ ଦେଖି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଶୈଳଶ୍ରୀବିହାର ଛକରେ ଦୁର୍ଘଟଣାରେ ଆହତ ହୋଇଥିବା ଏକ ଷଣ୍ଢକୁ ସୋମବାର ରାଷ୍ଟ୍ରୀୟ ଶକ୍ତି ଗୋସେବା ସଂଘର ରାଜେଶ ପୃଷ୍ଟି ଓ ଆଶିଷ କୁମାର ପାତ୍ର ଚିକିତ୍ସା ପାଇଁ ଭେଟେରିନାରି କଲେଜକୁ ନେଇଥିଲେ। ଟିକେଟ କରି ପୂର୍ବାହ୍ନ ସାଢ଼େ ୧୦ଟାରୁ ଅପେକ୍ଷା କରିଥିଲେ ମଧ୍ୟ କୌଣସି ଡାକ୍ତର ଚିକିତ୍ସା କରି ନ ଥିଲେ। ଫଳରେ ଷଣ୍ଢଟି ବହୁ

#### କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ସମୟ ଧରି ସେମିତି ଖରାରେ ପଡ଼ି ରହିଥିଲା। ଏହାପରେ ସେମାନେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀଙ୍କୁ ସିଧାସଳଖ ଅଭିଯୋଗ କରିଥିଲେ। ମନ୍ତ୍ରୀ ଷଡ଼ଙ୍ଗୀ ତୁରନ୍ତ କଲେଜରେ ପହଞ୍ଚି ଡାକ୍ତର ଓ ଡିନ୍‌ଙ୍କ ସହ ଆଲୋଚନା କରିଥିଲେ। ଯେଉଁ ଡାକ୍ତର ଷଣ୍ଢଟିକୁ ଦେଖିବେ ବୋଲି କହିଥିଲେ ତାଙ୍କର ଡ୍ୟୁଟି ସମୟ ଥିଲେ ମଧ୍ୟ ସେ କଲେଜରେ ନ ଥିଲେ। ଏ ସମ୍ପର୍କରେ ପ୍ରତାପ ଷଡ଼ଙ୍ଗୀ କୁହନ୍ତି, ଓୟୁଏଟିରେ ଗୋରୁମାନଙ୍କ ଚିକିତ୍ସା କରାଯାଉ ନାହିଁ ବୋଲି ଅନେକ ଥର ଅଭିଯୋଗ ପାଇଥିଲି। ସମୟ ଅଭାବରୁ ମୁଁ ଯାଇପାରୁ ନ ଥିଲି। ସୋମବାର ଅଭିଯୋଗ ପାଇବା ପରେ ନିଜେ ଯାଇ ଅନୁଧ୍ୟାନ କରିଥିଲି। ଏନେଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲି। ଏହି ଘଟଣାରେ ଅନୁସନ୍ଧାନ କରି ଦାୟିତ୍ୱରେ ଅବହେଳା କରିଥିବା ଚିକିତ୍ସକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୌଖିକ ଭାବେ ଜଣାଇଥିଲି ଓ ପରେ ଚିଠି ପଠେଇବି ବୋଲି କହିଥିଲି। ସେହିପରି ଜଣେ ଡାକ୍ତର ସେଠାରେ ମଦ ପିଇ ବସୁଛନ୍ତି ଏବଂ କୌଣସି ଗୋରୁ ଚିକିତ୍ସା ପାଇଁ ନେଇଥିବା ଲୋକଙ୍କୁ ମଧ୍ୟ ମଦ ମାଗୁଛନ୍ତି ବୋଲି ଶୁଣିବାକୁ ପାଇଲି। ଏ ସମ୍ପର୍କରେ ମଧ୍ୟ ଅନୁସନ୍ଧାନ କରି ପଦକ୍ଷେପ ନେବା ସହ ତୁରନ୍ତ ତଦନ୍ତ ରିପୋର୍ଟ ଦେବାକୁ କହିଛି।


ଭେଟେରିନାରି କଲେଜ ପରିଦର୍ଶନରେ ଆସିଥିବା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ।

# ହଷ୍ଟେଲରେ ଛାତ୍ରଙ୍କୁ ୱାର୍ଡେନଙ୍କ ନିସ୍ତୁକ ମାଡ଼

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ଖଣ୍ଡଗିରି ଥାନାଞ୍ଚଳରେ ଥିବା ଏକ ଆବାସିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ସ୍କୁଲ୍‌ର ହଷ୍ଟେଲରେ ୱାର୍ଡେନଙ୍କ ଦାଦାଗିରି ନେଇ ଅଭିଯୋଗ ହୋଇଛି। ହଷ୍ଟେଲ ୱାର୍ଡେନ ୨ଜଣ ଛାତ୍ରଙ୍କୁ ନିସ୍ତୁକ ମାଡ଼ ମାରୁଥିବାର ଭିଡିଓ ଭାଇରାଲ ହେବାପରେ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ନଜରକୁ ଆସିଛି। ଏନେଇ କର୍ତ୍ତୃପକ୍ଷ ସମ୍ପୃକ୍ତ ୱାର୍ଡେନଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଭାଇରାଲ ଭିଡିଓ ଓ ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ୱାର୍ଡେନ ଜଣକ ଏକ ବାଡ଼ିଧରି ଛାତ୍ରଙ୍କୁ ନିର୍ଘାତ ପିଟୁଛନ୍ତି। ଛାତ୍ର ଜଣକ ଯେତେ କାକୁତି

#### ଭିଡିଓ ଭାଇରାଲ ପରେ ଥାନାରେ ଅଭିଯୋଗ

ମିନତି ହେଉଥିଲେ ମଧ୍ୟ ସେ ଛାଡୁ ନାହାନ୍ତି। ଏହି ସମୟରେ କେହି ଜଣେ ଭିଡିଓ ରେକର୍ଡିଂ କରିବା ପରେ ତାହାକୁ ସୋସିଆଲ ମିଡିଆରେ ଛାଡ଼ି ଦେଇଛନ୍ତି। ଘଟଣାକୁ ସ୍କୁଲ୍ ଅଧ୍ୟକ୍ଷ ସ୍ୱୀକାର କରିବା ସହ ସମ୍ପୃକ୍ତ ୱାର୍ଡେନଙ୍କ ନାଁରେ ଥାନାରେ ଅଭିଯୋଗ କରିଥିବା କହିଛନ୍ତି। ପୋଲିସ ଉକ୍ତ ହଷ୍ଟେଲକୁ ଯାଇ ପଚରାଉଚରା କରି ଫେରିଛି। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତ ୱାର୍ଡେନଙ୍କୁ ଗିରଫ କରି ନ ଥିଲା।

# ୮୦୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ବ୍ୟବସାୟୀ ଗିରଫ

କାକଟପୁର, ୧୯।୮(ଡି.ଏନ୍.ଏ.)

କାକଟପୁର ପୋଲିସ ସୋମବାର ଦୁଇଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିବା ସହ ୮୦୦ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଗିରଫମାନେ ହେଲେ ପ୍ରହରାଜପୁର ଗ୍ରାମର କାଳନ୍ଦୀ କାଣ୍ଡି ଏବଂ ପାଲିଛତ୍ର ଗ୍ରାମର ଲୋକନାଥ ପାତ୍ର। ଏନେଇ କାକଟପୁର ଥାନାରେ ୨୧(ବି), ଏନ୍‌ଡିପିଏସ୍ ଆକ୍ଟରେ କେସ୍ ନଂ. ୧୦୮/୧୯ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୁମତୀ ମହାନ୍ତି ସୂଚନା ଦେଇଛନ୍ତି। ଘଟଣାର ତଦନ୍ତ କରାଯାଇ ଏହି ବ୍ୟବସାୟ ନେଟୱର୍କକୁ ଠାବ କରାଯାଇଥିବାରୁ ପୋଲିସ ସବିଶେଷ ତଥ୍ୟ ଦେବାକୁ ମନାକରିଦେଇଛି। କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଅବକାରୀ ଥାନା ନାହିଁ। ଏଠାରୁ ୩୫କିମି ଦୂର ନିମାପଡ଼ାରେ ଏକ ଅବକାରୀ ଥାନା ରହିଛି। ତେବେ ସେଠାରେ ଆବଶ୍ୟକ କର୍ମଚାରୀ ଓ ସାଧନ ନ ଥିବାରୁ କୋଣାର୍କ, ଗୋପ, ନିମାପଡ଼ା, ବଳଙ୍ଗା, ଖୋଲାର, ଚାରିଛକ, ନୟାହାଟ, କାକଟପୁର, ଅସ୍ତରଙ୍ଗ, ବାଙ୍ଗୁରିଙ୍ଗା ପ୍ରଭୃତି ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଉଛି। କାକଟପୁରଠାରେ ଏକ ଅବକାରୀ କାର୍ଯ୍ୟାଳୟ ଖୋଲିବାକୁ ବହୁଦିନରୁ ଦାବି ହୋଇଆସୁଥିଲେ ମଧ୍ୟ ପ୍ରଶାସନିକ ଅବହେଳା କାରଣରୁ ଏହା ହୋଇପାରୁନାହିଁ।




| MODELS | TIGOR | NEXON | HEXA | TIAGO |
|---|---|---|---|---|
| Ex-Showroom Price | ₹5.70L* | ₹6.72L* | ₹13.26L* | ₹4.50L* |
| Maximum Benefit | ₹97,600* | ₹77,900* | ₹1,07,000* | ₹75,900* |




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ପ୍ରତ୍ୟେକ ମହତ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ ଘଟଣାର ମୁଖ୍ୟ ଅଭିଯୁକ୍ତ ଅଟକ

**ନରସିଂହପୁର,୧୯।୮(ଡି.ଏନ.ଏ.):** ଚାମୁଣ୍ଡାପଲ୍ଲୀ ବନ୍ଧରୁ ପାଣି ନେବାକୁ ନେଇ ନରସିଂହପୁର ଥାନା ଅନ୍ତର୍ଗତ ସାଗର ଓ ପାଞ୍ଚଗୋଛିଆ ଗ୍ରାମବାସୀଙ୍କ ମଧ୍ୟରେ ଗତ ୩ ତାରିଖରେ ସଂଘର୍ଷ ଘଟିଥିଲା। ଏଥିରେ ତୀରମାଡ଼ରେ ସାଗର ଗ୍ରାମର ଶ୍ରୀଧର ସାମଲଙ୍କ ମୃତ୍ୟୁ ଘଟିଥିଲା। ଉଭୟ ଗ୍ରାମରୁ ୧୫ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଏ ନେଇ ଥାନାରେ ୨ଟି ଅଭିଯୋଗ ହୋଇଥିଲା। ପୋଲିସ ଘଟଣାରେ ୨ ପକ୍ଷରୁ କେତେଜଣଙ୍କୁ ଗିରଫ କରିଥିବାବେଳେ ସୋମବାର ମୁଖ୍ୟ ଅଭିଯୁକ୍ତଙ୍କୁ ଅଟକ ରଖିଛି। ସେ ହେଲେ ପାଞ୍ଚଗୋଛିଆ ଗ୍ରାମର ଶ୍ରୀଧର ନାୟକ। ନରସିଂହପୁର ପୋଲିସ ଶ୍ରୀଧରଙ୍କୁ କଟକ ସ୍ଥିତ ବଙ୍ଗାଳି ସାହିରୁ କାବୁକରି ଥାନାକୁ ଆଣିଥିଲା। ତାଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ସୂଚନା ଦେଇଛନ୍ତି। ତୀରମାଡ଼ ଘଟଣାରେ ଶ୍ରୀଧର ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଛି।

### ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଏମ୍‌ପି, ବିଧାୟକ

**ସାଲେପୁର,୧୯।୮(ଡି.ଏନ.ଏ.):** ସାଲେପୁର ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସୋମବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଓ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଯେଉଁସବୁ କାର୍ଯ୍ୟରେ ମନ୍ଥରତା ଦେଖାଦେଇଛି ତୁରନ୍ତ ତାହାର ଅଗ୍ରଗତି କରିବା ପାଇଁ ଅଧିକାରୀଙ୍କୁ ଏମ୍‌ପି ମହାନ୍ତି ଓ ବିଧାୟକ ବେହେରା ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଡିଓ କିଶୋର କୁମାର ପଣ୍ଡା, ବ୍ଲକ ଅଧକ୍ଷା ମମତା ରାଉତ, ଦିଲୀପ ଦାଶ, ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ଜେନା, ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ଅଶୋକ କୁମାର ଭୂୟାଁ, ଶୁବାଶିଷ ପ୍ରଧାନ, ପିକୋଲ ସରପଞ୍ଚ ରଣଜିତ୍ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

### କନ୍ଧମାଳ ଡେପୁଟି କଲେକ୍ଟରଙ୍କ ପରଲୋକ

**ସାଲେପୁର,୧୯।୮(ଡି.ଏନ.ଏ.):** କନ୍ଧମାଳ ଜିଲାର ଡେପୁଟି କଲେକ୍ଟର ପରମାନନ୍ଦ ବେହେରା(୫୬)ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ଘଟିଛି।



କିଛିଦିନ ହେବ ସେ ହୃଦ୍‌ଘାତ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ। କଟକ ଜିଲା ସାଲେପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତ ଲୁଣାହାର ଗ୍ରାମରେ ଜନ୍ମିତ ପରମାନନ୍ଦ ଜଣେ ମିଷ୍ଟଭାଷୀ, ପରୋପକାରୀ, ବନ୍ଧୁବତ୍ସଳ ଓ କର୍ତ୍ତବ୍ୟନିଷ୍ଠ ଅଧିକାରୀଭାବେ ପରିଚିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ଝିଅ, ସ୍ତ୍ରୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ସଂଜ୍ଞାହୀନ ଅବସ୍ଥାରେ ଯୁବକ ଉଦ୍ଧାର

**କଟକ ସଦର,୧୯।୮(ଡି.ଏନ୍.ଏ.):** ୪୨ ମୌଜା ଫାଣ୍ଡି ଅଧୀନ ଝିଙ୍କିରିଆ ଗ୍ରାମ କାଠଯୋଡି ନଦୀ ବାଲିଘାଟ ନିକଟରୁ ସୋମବାର ସକାଳେ ଜଣେ ଯୁବକଙ୍କୁ ସଂଜ୍ଞାହୀନ ଅବସ୍ଥାରେ ପୋଲିସ ଉଦ୍ଧାର କରି କଟକ ବଡ ଡାକ୍ତରଖାନା ପଠାଇଥିଲା। ସେ ହେଲେ ସେହି ଗ୍ରାମର ହିମାଂଶୁ ଦେବତା। ପୋଲିସ ସୂତ୍ରରୁ ପ୍ରକାଶ, ହିମାଂଶୁ କଟକ ସହରରେ ଥିବା ଏକ ବହି ଦୋକାନରେ କାମ କରନ୍ତି। ରବିବାର ଥିବାରୁ ସେ ଦୋକାନକୁ ଯାଇଥିଲେ କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ। ତେବେ କେଉଁ ପରିସ୍ଥିତିରେ ବାଲିଘାଟ ନିକଟରେ ହିମାଂଶୁ ସଞ୍ଜ୍ଞାହୀନ ହୋଇ ପଡିଥିଲେ, ସେ ନେଇ ପୋଲିସ ତଦନ୍ତ ଅରମ୍ଭ କରିଛି। ତାଙ୍କ ମୁହଁରେ ଗଭୀର ଆଘାତ ଲାଗିଥିବାରୁ ଏହା ଏକ ଆକ୍ରମଣ ଘଟଣା ହୋଇଥାଇପାରେ ବୋଲି ପୋଲିସ ଅନୁମାନ କରୁଛି।

■ ନେପାଳରେ ଦାଦନ ଶ୍ରମିକଙ୍କୁ ନିର୍ଯାତନା ଅଭିଯୋଗ

# ଉଦ୍ଧାର ପାଇଁ ଥାନା ଦ୍ୱାରସ୍ଥ ହେଲେ ମା’

**ନିଶ୍ଚିନ୍ତକୋଇଲି,୧୯।୮(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ଯୁବକ ଦାଦନ ଶ୍ରମିକଭାବେ ନେପାଳରେ କାମ କରିବାକୁ ଯାଇଥିବାବେଳେ ସେଠାରେ ସେ ନିର୍ଯାତନାର ଶିକାର ହୋଇଛନ୍ତି। ଏକଥା ଯୁବକଙ୍କ ମା’ବାପା ଜାଣିବାରେ ସୋମବାର ଥାନାକୁ ଆସି ପୁଅକୁ ଉଦ୍ଧାର କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ଯୁବକ ହେଲେ ନିଶ୍ଚିନ୍ତକୋଇଲି ଗ୍ରାମର ହେମନ୍ତ ବେହେରାଙ୍କ ପୁଅ ଅକ୍ଷୟ। ଅକ୍ଷୟଙ୍କ ମା’ ପ୍ରେମଲତା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ନିଶ୍ଚିନ୍ତକୋଇଲି ବଜାରରେ ଥିବା ଆକ୍ସମାକ୍ସ ଆଇଟିଆଇ କଲେଜ ପଛପଟେ ତାଙ୍କର ଏକ ଜମି ରହିଛି। ଉକ୍ତ ଜମିକୁ ହାତେଇବା ପାଇଁ କଲେଜ ମାଲିକ ଡ. ଦେବ ମହାନ୍ତି ଉଦ୍ୟମ କରୁଛନ୍ତି। ଏଥିପାଇଁ ନେପାଳରେ ଥିବା ତାଙ୍କ ଆକ୍ସମାକ୍ସ କମ୍ପାନୀରେ ସେ ଅକ୍ଷୟଙ୍କୁ ଚାକିରି ଦେଇଥିଲେ। ଏବେ ସେଠାରେ ଅକ୍ଷୟଙ୍କୁ ଅଟକ ରଖି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି। ଗତ ୮ ତାରିଖ ସନ୍ଧ୍ୟା ୬ଟା୩୦ରେ ଆକ୍ସମାକ୍ସ ଆଇଟିଆଇ କଲେଜକୁ ଅକ୍ଷୟଙ୍କ ବାପା ଓ ଦାଦାଙ୍କୁ ଦେବ ଡକାଇଥିଲେ। ପରେ ସେଠାରେ ତାଙ୍କୁ ତାଙ୍କ ପୁଅ କମ୍ପାନୀରେ ଅର୍ଥ ତୋଷାରପାତ କରିଥିବା କହିଥିଲେ। ଏପରି କି କିଛି ଭିଡିଓ କ୍ଲିପ ମଧ୍ୟ ଦେଖାଇଥିଲେ। ଏହି ଭିଡିଓ କ୍ଲିପରେ ଅକ୍ଷୟ ଏକ ଅଣ୍ଡରଟେକିଂ ଲେଖୁଥିବା ଦେଖିବାକୁ ପାଇଥିଲେ। ପୁଅ ଅର୍ଥ ତୋଷାରପାତ କରିଥିବାରୁ ଏହି ଅର୍ଥକୁ ଭରଣା କରିବା ପାଇଁ ଅକ୍ଷୟଙ୍କ ବାପା ଓ ଦାଦାଙ୍କୁ ଦେବ ବାଧ କରିଥିଲେ। ନଚେତ ତାଙ୍କ ଆଇଟିଆଇ କଲେଜ ପଛରେ ଥିବା ଜମିକୁ ତାଙ୍କୁ ବିକ୍ରି କରିବା ପାଇଁ କହିଥିଲେ। ପୁନର୍ବାର ୧୨ ତାରିଖ ସନ୍ଧ୍ୟା ୭ଟାରେ ପୂର୍ବ କଥା ଆଲୋଚନା କରିବା ସହ ତାଙ୍କ କଥାରେ ରାଜି ନ ହେଲେ ଦେବ ଇଲିଗାଲ ଆକ୍ସନ ନେବେ ବୋଲି ଧମକ ଦେଇଥିଲେ। ପୁଣି ୧୫ ତାରିଖ ରାତି ୮ଟାରେ ନେପାଳ କମ୍ପାନୀର ଦୁଇ ଅଧିକାରୀ ଅକ୍ଷୟଙ୍କ ଘରେ ପହଞ୍ଚି ପୂର୍ବସର୍ତ୍ତକୁ ରଖିବା ସହ ଜମି ବିକ୍ରି ପାଇଁ ଏଗ୍ରିମେଣ୍ଟ କରିବାକୁ କହିଥିଲେ। ହେଲେ ଖବର ଲେଖାହେବାବେଳକୁ ଏ ନେଇ କୌଣସି ମାମଲା ହୋଇନାହିଁ। ଏ ସମ୍ପର୍କରେ ଦେବ କହିଛନ୍ତି, ଅକ୍ଷୟ ସେହି କମ୍ପାନୀରେ ୮୮ ଲକ୍ଷ ୪୦ ହଜାର ଟଙ୍କାର ତୋଷାରପାତ କରିଛନ୍ତି। ଏନେଇ ମଧ୍ୟ ଅର୍ଥ ପରିଶୋଧ କରିବା ପାଇଁ ଏକ ଏଗ୍ରିମେଣ୍ଟ୍ ମଧ୍ୟ ଲିଖିତ ଭାବେ ଦେଇଛନ୍ତି। ଜମି କିଣିବା କଥା ପଚାରିବାରୁ ତାହାକୁ ସେ ଅସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡ଼ା କହଛନ୍ତି, ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଯଦି ଏଥିରେ ସତ୍ୟତା ଥିବା ପ୍ରମାଣ ମିଳିବ ତେବେ ମାମଲା ରୁଜୁ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଘଟଣା ଯାହାବି ହେଉ ଏହାର ପ୍ରକୃତ ତଦନ୍ତ ହେଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି କୁହାଯାଉଛି। ଏଦିଗରେ ପୋଲିସ ଦୃଷ୍ଟିଦେବାକୁ ଦାବି ହୋଇଛି।

**ନିଶ୍ଚିନ୍ତକୋଇଲି ଥାନା**

■ ଜମି ହାତେଇବା ଉଦ୍ଦେଶ୍ୟରେ ନିର୍ଯାତନା

■ ଅଭିଯୋଗରେ ସତ୍ୟତା ଥିଲେ ହେବ କାର୍ଯ୍ୟାନୁଷ୍ଠାନ: ଥାନା ଅଧିକାରୀ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ବିଧାୟକ ଓ ଅନ୍ୟ ଅତିଥି।

## ଡମପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

**ବାଙ୍କୀ,୧୯।୮(ବି.ପ୍ର.)**

ଡମପଡ଼ା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଷୋଡ଼ଶ ବାର୍ଷିକ ଉତ୍ସବ ସ୍ଥାନୀୟ ଗୁଣ୍ଡିଚା ମଣ୍ଡପଠାରେ ପାଳିତ ହୋଇଯାଇଛି। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାର୍ଥୀଙ୍କୁ ସତ୍ ମାର୍ଗଦର୍ଶନ କ୍ଷେତ୍ରରେ ନେବାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରମାନଙ୍କ ଭୂମିକା ଓ ଦାୟିତ୍ୱ ବହୁ ଉର୍ଦ୍ଧ୍ୱରେ ବୋଲି ବିଧାୟକ ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ଉତ୍ସବରେ ବିଦ୍ୟାଳୟ ସଭାପତି ଶିକ୍ଷାବିତ୍ କାଶୀନାଥ ରାଉତ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ବାଙ୍କୀ ଓକିଲ ସଂଘ ସଭାପତି ଗୌରୀଶଙ୍କର ନନ୍ଦ, ପୂର୍ବତନ ସରପଞ୍ଚ ପ୍ରତାପରୁଦ୍ର ଧଳ, ସମିତିସଭ୍ୟ ପ୍ରଶାନ୍ତ ମହାନ୍ତି, ସରପଞ୍ଚ ଦେବେନ୍ଦ୍ର ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଜେ.ପି ବିଦ୍ୟାଳୟ ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର ସଭା ପରିଚାଳନା କରିଥିଲେ। ପ୍ରଧାନଆଚାର୍ଯ୍ୟ ଭାରତୀ କର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ମୁଖ୍ୟ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ସୁଶ୍ରୀ ଶୁଭଶ୍ରୀ ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଦସ୍ୟତା ସଂଗ୍ରହ ଅଭିଯାନରେ ସାମିଲ ହେଲେ ଅଶ୍ୱିନୀ



କାର୍ଯ୍ୟକ୍ରମରେ ଏମ୍‌ପି ଅଶ୍ୱିନୀ ସଦସ୍ୟତା ଗ୍ରହଣ କରିଥିବା କର୍ମୀଙ୍କୁ ପରିଚୟପତ୍ର ଦେଉଛନ୍ତି।

**ଆଠଗଡ଼,୧୯।୮(ସ୍ୱ.ପ୍ର.)**

ଆଠଗଡ଼ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଚାଲିଥିବା ସଦସ୍ୟତା ସଂଗ୍ରହ ଅଭିଯାନରେ ସୋମବାର ରାଜ୍ୟସଭା ଏମ୍‌ପି ଅଶ୍ୱିନୀ ବୈଷ୍ଣବ ସାମିଲ ହୋଇ ଅଭିଯାନକୁ ସଫଳ କରିବା ଲାଗି କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ବରିଷ୍ଠ ନେତା ବ୍ରଜେନ୍ଦ୍ର ରାୟଙ୍କ ସଂଯୋଜନାରେ ଟିଗିରିଆ ଓ ଆଠଗଡ଼ ବ୍ଲକରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଏମ୍‌ପି ବୈଷ୍ଣବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂତନ ଭାରତ ଗଠନର ଲକ୍ଷ୍ୟ ହାସଲ କରିବା ଦିଗରେ ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଆନ୍ତରିକତାର ସହ ସହଯୋଗ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ଜିଲା ସଭାପତି ଚୌଧୁରୀ ହେମନ୍ତ ସାହୁ, ଦଳ ଉପସଭାପତି ନୟନ କିଶୋର ମହାନ୍ତି, ଜିଲା ସଦସ୍ୟତା ଅଭିଯାନ ପ୍ରଭାରୀ ଦିଲୀପ ମଲ୍ଲିକ, ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ବିକ୍ରମ କେଶରୀ ଦାଶଙ୍କ ସମେତ ବହୁ ଜିଲାସ୍ତରୀୟ ଓ ସ୍ଥାନୀୟ ନେତା ଉପସ୍ଥିତ ଥିଲେ। ଟିଗିରିଆ ନିଜିଗଡ଼ଠାରେ ବୈଷ୍ଣବଙ୍କ ଉପସ୍ଥିତିରେ ସୁଶୀଲ ନନ୍ଦ, ଗିରିଶଚନ୍ଦ୍ର ମହାନ୍ତି, ରବିନାରାୟଣ ପଣ୍ଡା, ଲୁଟୁ ଗୁରୁ, ଗଙ୍ଗାଧର ସାହୁ ପ୍ରମୁଖ ଦଳର ସଦସ୍ୟତା ଗ୍ରହଣ କରିଥିଲେ। ସେହିପରି ଆଠଗଡ଼ ଗାନ୍ଧୀମାର୍ଗ, ଗୋପବନ୍ଧୁଛକ ଓ ଗଦାସାହି ଅଞ୍ଚଳରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବିଚାରପତି ଚିତ୍ତରଞ୍ଜନ ଦାଶ, ଆଠଗଡ ଓକିଲ ସଂଘ ପୂର୍ବତନ ସଭାପତି ଅଦ୍ୱୈତ ଚରଣ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷାବିତ୍ ଯୋଗୀନାଥ ଦାଶ, ଅବସରପ୍ରାପ୍ତ ବନବିଭାଗ ଅଧିକାରୀ ଉମେଶଚନ୍ଦ୍ର ମିଶ୍ର, ବିରଞ୍ଚିନାରାୟଣ ବେଜ, ରଥଗଡା ଅଞ୍ଚଳର ହେମନ୍ତ ମହାନ୍ତି, ଅଶୋକ ମହାନ୍ତି, ନାରୀନେତ୍ରୀ ହେମମଞ୍ଜରୀ ଭଞ୍ଜଦେଓ, ଅଜୟ ଦାସ, ସୁଶାନ୍ତ କୁମାର ମଲ୍ଲିକଙ୍କ ସମେତ ବହୁ ବ୍ୟକ୍ତି ଦଳର ସଦସ୍ୟତା ଗ୍ରହଣ କରିଥିଲେ। କାର୍ଯ୍ୟକର୍ତ୍ତାଙ୍କୁ ବୈଷ୍ଣବ ଉଦ୍‌ବୋଧନ ଦେଇ ଲୋକଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ବୁଝି ସମାଧାନ କରିବାକୁ କହିଥିଲେ।

## ବ୍ୟବସାୟୀ ନିଖୋଜ ନେଇ ଅଭିଯୋଗ

**ରଘୁନାଥପୁର,୧୯।୮(ଡି.ଏନ୍.ଏ.):**

ରଘୁନାଥପୁର ବ୍ଲକ ଅଞ୍ଚଳର ଜଣେ ବ୍ୟବସାୟୀ ୪ଦିନ ହେବ ନିଖୋଜ ଥିବା ନେଇ ଶନିବାର ଅଭିଯୋଗ ହୋଇଛି। ରଘୁନାଥପୁର ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ସିଦ୍ଧଭୂଇଁ ଗ୍ରାମର ହେମନ୍ତ କୁମାର ରାଉତରାୟ ସବୁଦିନ ପରି ଗତ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ରେ ରଘୁନାଥପୁର ବଜାରରେ ଥିବା ତାଙ୍କ ଦୋକାନକୁ ଯାଇଥିଲେ। ବିଳମ୍ବିତ ରାତ୍ରି ହୋଇଥିଲେ ମଧ ସେ ଘରକୁ ଫେରି ନ ଥିଲେ। ଏହା ପରେ ଘର ଲୋକ ଓ ସମ୍ପର୍କୀୟମାନେ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ନ ମିଳିବା ପରେ ସ୍ତ୍ରୀ ସୁକାନ୍ତି ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଦୋକାନକୁ ଗଲା ବେଳେ ତାଙ୍କୁ କେହି ଉଠାଇ ନେଇଥିବା ସୁକାନ୍ତି ଅନୁମାନ କରୁଥିବା କହିଛନ୍ତି। ଏ ନେଇ ପୁଅ ଲକ୍ଷ୍ମୀପ୍ରାସାଦ କୁହନ୍ତି, ତାଙ୍କ ବାପା ଜଣେ ଧର୍ମ ପରାୟଣ ବ୍ୟକ୍ତି ଥିବା ବେଳେ ତାଙ୍କର କାହା ସହିତ ଶତ୍ରୁତା ନ ଥିବା କହିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ପରିବାର ଲୋକ ଅନୁରୋଧ କରିଛନ୍ତି।

## ଏନ୍‌ଏଫ୍‌ବିଏସ୍‌ର ସଫଳ ରୂପାୟନ ହୋଇପାରୁନି

# ବିପିଏଲ ତାଲିକାରେ ବାପା ନାଁ ଥିଲେ ପୁଅକୁ ମିଳୁନି ଅର୍ଥ

**ନରସିଂହପୁର,୧୯।୮(ସ୍ୱ.ପ୍ର.)**

କେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ମଙ୍ଗଳ ଯୋଜନା ବା ନ୍ୟାଶନାଲ ଫ୍ୟାମିଲି ବେନିଫିଟ୍ ସ୍କିମ୍ (ଏନ୍‌ଏଫ୍‌ବିଏସ୍)ର ସଫଳ ରୂପାୟନ ହୋଇପାରୁନି। ଯଦ୍ଦ୍ୱାରା ବହୁ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ସହାୟତା ପାଇପାରୁ ନାହାନ୍ତି। ଯୋଜନାରେ ୬୦ ବର୍ଷରୁ କମ୍ ଗରିବ ବ୍ୟକ୍ତି ମୃତ୍ୟୁ ବରଣ କଲେ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ। କିନ୍ତୁ ଏହି ଅର୍ଥରାଶି ପ୍ରଦାନ ନିମନ୍ତେ ସରକାର ନିର୍ଦ୍ଧାରଣ କରିଥିବା ମାନଦଣ୍ଡରେ କିଛି ନିୟମାବଳୀ କାରଣରୁ ନରସିଂହପୁର ବ୍ଲକର ବହୁ ଗରିବ ପରିବାର ଯୋଜନାର ସୁଫଳ ପାଇ ପାରୁନାହାନ୍ତି। ଯୋଜନାରେ ଅର୍ନ୍ତଭୁକ୍ତ ପାଇଁ ୧୯୯୪ ମସିହା ଦାରିଦ୍ର୍ୟ ସୀମାରେଖା ମାନଦଣ୍ଡ (ବି.ପି.ଏଲ୍) ତାଲିକାରେ ନାମ ଥିବା ଆବଶ୍ୟକ ବୋଲି ଦର୍ଶାଯାଇଛି। ପରିବାରର ମୁଖ୍ୟ ବାପାଙ୍କ ନାମରେ ବିପିଏଲ କାର୍ଡ ଥିବାବେଳେ ଯଦି ପୁଅ କିମ୍ବା ପରିବାର ଅନ୍ୟ କେହି ମୃତ୍ୟୁବରଣ କରନ୍ତି ତେବେ ଏହି ମୃତକ ପରିବାରକୁ ସହାୟତା ମିଳୁନାହିଁ। ଫଳରେ ବହୁ ଅସହାୟ ଓ ଗରିବ ପରିବାର ହତାଶ ହେଉଛନ୍ତି। ନରସିଂହପୁର ବ୍ଲକ କିଡ୍‌ନୀ ପ୍ରଭାବିତ ଅଞ୍ଚଳ ହୋଇଥିବାବେଳେ ଦୈନିକ ୩୦ ରୁ ୫୦ ବର୍ଷର କିଡ୍‌ନୀ ରୋଗୀଙ୍କ ମୃତ୍ୟୁ ଘଟୁଛି। ଏହି ପରିବାର ଗରିବ ଶ୍ରେଣୀର ହୋଇଥିଲେ ବି ଫାଇଦା ପାଉନାହାନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବା ସହ ନିୟମରେ କୋହଳ କରିବା ପାଇଁ ସାମାଜିକ କର୍ମୀ ତଥା ଆଇନଜୀବୀ ଜ୍ଞାନରଞ୍ଜନ ନାୟକ ଦାବି କରିଛନ୍ତି। ଏଭଳି ଯୋଜନାରୁ ଡମକଟା ଗ୍ରାମର ମୃତ ଧରଣୀଧର ନାଏକ, ପାଇକପଡ଼ା ପାଟଣା ଗ୍ରାମର ମୃତ ରାମଚନ୍ଦ୍ର ପରିବାରଙ୍କ ପରି ଅନେକ ଲୋକ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତ। ଅଭିଯୋଗକୁ ବିଡିଓ ପ୍ରଶାନ୍ତ କୁମାର ତରାଇ ସ୍ୱୀକାର କରିଛନ୍ତି। ଏଥିସହିତ ସେ କହିଛନ୍ତି, ଏଭଳି ନିୟମ ସରକାରଙ୍କ ଉଚ୍ଚସ୍ତରୀୟ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟକାରୀ କରାଯାଇଛି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଚାହିଁଲେ ଏଥିରେ ପରିବର୍ତ୍ତନ କରିପାରିବେ।

## କଲେଜ ଛାତ୍ରୀଙ୍କୁ ଏସିଡ୍ ମାଡ଼ ଧମକ

**ଆଠଗଡ଼,୧୯।୮(ସ୍ୱ.ପ୍ର.)**

ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ କଲେଜରେ ଅଧ୍ୟୟନରତ ଜଣେ ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ବିଫଳ ହେବା ପରେ ଜଣେ ଯୁବକ ତାଙ୍କୁ ଏସିଡ୍ ମାଡ଼ କରିବାକୁ ଧମକ ଦେଇଛନ୍ତି। ଏନେଇ ସମ୍ପୃକ୍ତ ଛାତ୍ରୀ ଜଣଙ୍କ ସୋମବାର ଆଠଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଥାନା ଅଧୀନ ତରଡ଼ିଙ୍ଗ ଗ୍ରାମର ମିଥୁନ ମଲ୍ଲିକ(୨୬) ସମ୍ପୃକ୍ତ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କୁ ପୂର୍ବରୁ ହଇରାଣ ହରକତ କରୁଥିଲେ। ଫଳରେ ଛାତ୍ରୀଜଣଙ୍କ ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ସୋମବାର ଅପରାହ୍ନ ପ୍ରାୟ ୧ଟା୩୦ରେ ଛାତ୍ରୀ କ୍ଲାସ ସାରି ଫେରୁଥିବା ବେଳେ ରାସ୍ତାରେ ଏକୁଟିଆ ପାଇ ମିଥୁନ ତାଙ୍କୁ ପ୍ରେମ ନିବେଦନ କରିବା ସହ ଟଣା ଓଟରା କରିଥିଲେ। ଏପରି କି ତାଙ୍କ ବେକରୁ ଏକ ସୁନା ଚେନ ଲୁଟି ନେଇଥିଲେ। ଛାତ୍ରୀ ଏହାର ପ୍ରତିବାଦ କରିବାରୁ କାହା ଆଗରେ ଅଭିଯୋଗ କଲେ ଏସିଡ୍ ପକାଇ ପୋଡିଦେବାକୁ ଧମକ ଦେଇଥିବା ଛାତ୍ରୀ ଅଭିଯୋଗରେ ଦର୍ଶାଇଛନ୍ତି। ଖବର ଲେଖାହେବାବେଳକୁ ଏ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିଲା।

## ଚାରାରୋପଣ କାର୍ଯ୍ୟକ୍ରମ

**ଚୌଦ୍ୱାର,୧୯।୮(ଡି.ଏନ.ଏ.)**

ଚୌଦ୍ୱାର ପୌରପାଳିକା ଅଧୀନ ୧୨ ନଂ. ୱାର୍ଡ଼ର କେଦାରେଶ୍ୱର (ବୁଢ଼ାଲିଙ୍ଗ) ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ବୁଦ୍ଧିଜୀବୀ ଯୋଗଦେଇ ବୃକ୍ଷ ଚାରାରୋପଣ କରିଥିଲେ। ପଣ୍ଡିତ ଗୋପଳ ଦାଶ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ‘ଲ’ ସଙ୍ଗଠନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୫ ଆଇନଜୀବୀଙ୍କୁ ବରିଷ୍ଠ ମାନ୍ୟତା

**କଟକ ଅଫିସ, ୧୯।୮**

ଓଡ଼ିଶା ହାଇକୋର୍ଟର ୫ଜଣ ଆଇନଜୀବୀଙ୍କୁ ବରିଷ୍ଠ ମାନ୍ୟତା ମିଳିଛି। ଆଇନଜୀବୀ ନିୟମ ୧୯୬୧ ଧାରା ୧୬ ଅନୁଯାୟୀ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏହି ଆଇନଜୀବୀଙ୍କୁ ମାନ୍ୟତା ପ୍ରଦାନ କରିଛନ୍ତି। ବରିଷ୍ଠ ପାହ୍ୟାକୁ ଉନ୍ନୀତ ହୋଇଥିବା ଆଇନଜୀବୀମାନେ ହେଲେ ବିବେକାନନ୍ଦ ମହାନ୍ତି, ଗୌତମ ମିଶ୍ର, ଦେବୀପ୍ରସାଦ ଧଳ, ଗୌତମ ମୁଖାର୍ଜୀ ଏବଂ ଦୁର୍ଗାପ୍ରସାଦ ନନ୍ଦ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କର ଶିଳାନ୍ୟାସ

**ସାଲେପୁର,୧୯।୮(ଡି.ଏନ.ଏ.)**

ସାଲେପୁରଠାରୁ ପୁରୁଷୋତ୍ତମପୁର ଭାୟା ନଇଗୁଆଁ-ଚନ୍ଦ୍ରାଦେଇପୁରରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା-୨ରେ ଅନ୍ତର୍ଭୁକ୍ତ କରାଯାଇଛି। ସୋମବାର କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଓ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଅତିଥିଭାବେ ଯୋଗଦେଇ ଏହି ରାସ୍ତା କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଉକ୍ତ ରାସ୍ତା ନିର୍ମାଣ ହେଲେ ନଇଗୁଆଁ, ଶିଶୁଆ, ଚନ୍ଦ୍ରାଦେଇପୁର, ଛାଣିପୁର, ବାଲିସାହି ସମେତ ୫ ପଞ୍ଚାୟତର ସଂଯୋଗୀକରଣ ବାଟ ଖୋଲିବ ବୋଲି ଅତିଥି କହିଛନ୍ତି। କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧକ୍ଷା ଜ୍ୟୋତିରେଖା ନାୟକ, ଦିଲୀପ ଦାଶ, ବ୍ଲକ୍ ଯୁବବିଜେଡି ସଭାପତି ସଞ୍ଜିତ୍ ଦାଶ, ଚିତ୍ତରଞ୍ଜନ ପୁହାଣ, ସଞ୍ଜୟ ବେହୁରା, ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ଜେନା, ପିକୋଳ ସରପଞ୍ଚ ରଣଜିତ୍ ଦାସ, ହରିହର ବେହେରା, ପ୍ରହ୍ଲାଦ ସିଂ ଓ ସେକ୍ ଗୁଲଜାର୍ ମହମ୍ମଦଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## କାର୍ଯ୍ୟରେ ଯୋଗଦେଲେ ରାଜସ୍ୱ ପର୍ଷଦ ସଦସ୍ୟ ଭେନୁଗୋପାଳ

**କଟକ ଅଫିସ, ୧୯।୮**

ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ସି.ଜେ. ଭେନୁଗୋପାଳ ଗତ ୯ରେ ଭୁବନେଶ୍ୱର କ୍ୟାମ୍ପ କୋର୍ଟ କାର୍ଯ୍ୟାଳୟଠାରେ ରାଜସ୍ୱ ପର୍ଷଦ ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ସେ ସୋମବାର ପୂର୍ବାହ୍ନରେ କଟକସ୍ଥିତ ରାଜସ୍ୱ ପର୍ଷଦ କାର୍ଯ୍ୟାଳୟରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେଠାରେ ସଚିବ ସୁରେନ୍ଦ୍ରକୁମାର ମୀନା, ଅର୍ଥପରାମର୍ଶଦାତା ସୁବ୍ରତ ଶତପଥୀ, ଯୁଗ୍ମ ଶାସନ ସଚିବ ବିନୋଦିନୀ ପଣ୍ଡା, ଉପଶାସନ ସଚିବ ଦେବାଶିଷ ପଟ୍ଟନାୟକଙ୍କ ସମେତ ବିଭିନ୍ନ ପଦାଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ଭେନୁଗୋପାଳ ସମସ୍ତ ସଦସ୍ୟ, କର୍ମଚାରୀ ଓ ଅଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଭେନୁଗୋପାଳ ବୈଦ୍ୟୁତିକ, ସୂଚନା ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରୁଥିଲେ।

## ସାଲେପୁରରେ ୩୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ଉଦ୍‌ଘାଟିତ

# ୩ ବ୍ଲକର ମହିଳା, ଶିଶୁ ଉପକୃତ ହେବେ

**ସାଲେପୁର,୧୯।୮(ଡି.ଏନ.ଏ)**

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୩୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ୫ କୋଟି ୩୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗହୃ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା। ଏବେ ଏହା କାର୍ଯ୍ୟକାରୀ ହେବାପରେ ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ମହିଳା ଓ ଶିଶୁ ଉପକୃତ ହେବେ।

କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଭୂତି ଭୂଷଣ ନାୟକ, ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅମିତ୍ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ଏମ୍‌ପି ମହାନ୍ତି, ଉପରୋକ୍ତ ଅଧିକାରୀଙ୍କ ସହ ଏହି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପର୍କରେ ଆଲୋଚନା କରିଥିଲେ। ଆବଶ୍ୟକ ଡାକ୍ତର ଓ ଅନ୍ୟ କର୍ମଚାରୀ ଯେଭଳି ଶୀଘ୍ର ନିଯୁକ୍ତି ପାଇବେ ସେ ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ। ଏମ୍‌ପି ମହାନ୍ତି ଓ ବିଧାୟକ ବେହେରାଙ୍କୁ ଦଳୀୟ ସମର୍ଥକ ଶୋଭାଯାତ୍ରାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ପାଛୋଟି ଆଣିଥିଲେ। ସାଲେପୁର ତହସିଲଦାର୍ ଇଂ. ପଦ୍ମଜା ଦାଶ, ବିଡିଓ କିଶୋର ପଣ୍ଡା, ଆଇଆଇସି ଦେବେନ୍ଦ୍ର ମଲ୍ଲିକ, କଟକ ଜିଲାପରିଷଦ ଅଧକ୍ଷା ଜ୍ୟୋତିରେଖା ନାୟକ, ବ୍ଲକ ଉପାଧକ୍ଷ ରମେଶ ଜେନା, ଦିଲୀପ ଦାଶ, ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ଅଶୋକ ଭୂୟାଁ, ନବକିଶୋର କର, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ନରୋତ୍ତମ ଦାସ, ସମିତିସଭ୍ୟ ବିଭୂତି ଭୂଷଣ ଦାଶ, ବିଜେଡି ଯୁବସଭାପତି ସଞ୍ଜିତ୍ ଦାଶ, ଛାତ୍ର ବିଜେଡି ସଭାପତି ଶୁଭମ୍ ଦାଶ, ବାଲିସାହି ସରପଞ୍ଚ ସରସ୍ୱତୀ ବେହେରା, ବହୁଗ୍ରାମ ସରପଞ୍ଚ ମିଲିରାଣୀ ବୋଷ, ଶିଶୁଆ ସେବା ସମବାୟ ସମିତି ସଭାପତି ମଧୁସୂଦନ ସାହୁଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ, ଆଶାକର୍ମୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ଏମ୍‌ପି ଅନୁଭବ ମହାନ୍ତି ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ଉଦ୍‌ଘାଟନ କରୁଛନ୍ତି।



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ୱାଲ୍‌ମି କାର୍ଯ୍ୟାଳୟ ଗସ୍ତ କଲେ ଜଳ ସମ୍ପଦ ମନ୍ତ୍ରୀ
## ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ

**କଟକ ଅଫିସ, ୧୯।୮:** ରାଜ୍ୟ ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ସୋମବାର ପ୍ରତାପନଗରସ୍ଥିତ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ (ୱାଲ୍‌ମି)ର କାର୍ଯ୍ୟାଳୟକୁ ଅଚାନକ ଗସ୍ତ କରିଥିଲେ। ପୂର୍ବାହ୍ନ ୧୧ଟା ୧୫ରେ ମନ୍ତ୍ରୀ କାର୍ଯ୍ୟାଳୟରେ ପହଞ୍ଚିବାବେଳକୁ ସେଠାକାର ବହୁ ଅଧିକାରୀ ଓ କର୍ମଚାରୀ ଅନୁପସ୍ଥିତ ଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କାର୍ଯ୍ୟାଳୟ ପରିସରକୁ ପରିଷ୍କାର ରଖିବା ପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ୱାଲ୍‌ମିଠାରେ ଆୟୋଜିତ ପାଣି ପଞ୍ଚାୟତ ସଦସ୍ୟ, କୃଷକମାନଙ୍କର ପ୍ରଶିକ୍ଷଣ କର୍ମଶାଳାରେ ମନ୍ତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ଜଳ ଅପଚୟ ନ କରି ଏହାର ଉପଯୁକ୍ତ ପରିଚାଳନା ନିମନ୍ତେ ଯତ୍ନବାନ ହେବା ପାଇଁ ମନ୍ତ୍ରୀ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ଚାଷଜମିରେ ଯେପରି ଆବଶ୍ୟକତାଠାରୁ ଅଧିକ ଜଳ ପ୍ଲାବିତ ନ ହୁଏ ସେଥିପ୍ରତି ସଚେତନ ରହିବାକୁ କୃଷକଙ୍କୁ କହିଥିଲେ। ପ୍ରତି ସପ୍ତାହରେ ୱାଲମିରେ ୩ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ୨୦୧୬-୧୭ ବର୍ଷରେ ୯୪୯୪ ଜଣ, ୨୦୧୭-୧୮ ବର୍ଷରେ ୧୪,୦୧୫ ଜଣ, ୨୦୧୮-୧୯ ବର୍ଷରେ ୭୫୯୦ ଜଣ ଅଧିକାରୀ ଏବଂ କୃଷକଙ୍କୁ କୃଷି ଓ ଜଳ ପରିଚାଳନା ସମ୍ବନ୍ଧୀୟ ଗୁଣାତ୍ମକ ତାଲିମ ପ୍ରଦାନ କରାଯାଇଛି। ୱାଲ୍‌ମି ପରିସରରେ ଅଚଳ ହୋଇ ପଡ଼ି ରହିଥିବା ଯନ୍ତ୍ରାଂଶକୁ ପରିଚ୍ଛନ୍ନ କରିବା, ନୂତନ ପରୀକ୍ଷାଗାର ପାଇଁ ଯନ୍ତ୍ରପାତି କ୍ରୟ ନିମନ୍ତେ ରିପୋର୍ଟ ଦେବା, ପ୍ରଶାସନିକ ଭବନ ଓ ହଷ୍ଟେଲର ମରାମତି ଏବଂ ସୌନ୍ଦର୍ଯ୍ୟକରଣ ବୃଦ୍ଧି ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ଦାସ ନିର୍ଦ୍ଦେଶ ଦେଇଥିଲେ।

### ଲୋନ୍ ଖିଲାପ ଅଭିଯୋଗ
## ପୋଲିସ ଓ ଫାଇନାନ୍ସ କମ୍ପାନୀର ଚଢ଼ାଉ

**କଟକ ଅଫିସ,୧୯।୮:** ଲୋନ ଖିଲାପ ଅଭିଯୋଗରେ ବାଦାମବାଡି ପୋଲିସ ସୋମବାର ସ୍ଥାନୀୟ ରକ୍ସିଲେନ ଅଧିବାସୀ ଦିଲୀପ ରାୟଙ୍କ ବାସଭବନରେ ଚଢାଉ କରିଥିଲା। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଓ ସୁନ୍ଦରମ ଫାଇନାନ୍ସର ମିଳିତ ଅଭିଯାନରେ ସୋମବାର ତାଙ୍କ ଘର ଜବତ କରିବା ପାଇଁ ଚଢ଼ାଉ କରାଯାଇଥିଲା। ସୂଚନା ଅନୁଯାୟୀ, ଦିଲୀପ ୨୦୧୧ରେ ନିଜ ଘର ବନ୍ଧକ ରଖି ସୁନ୍ଦରମ ଫାଇନାନ୍ସ କମ୍ପାନୀରୁ ୧୫ଲକ୍ଷ ଟଙ୍କା ଲୋନ ଆଣିଥିଲେ। ହେଲେ ପରବର୍ତ୍ତୀ ସମୟରେ ଲୋନ୍ ସୁଝି ନ ଥିଲେ। ୧୫ଲକ୍ଷ ଲୋନ୍‌ର ସୁଧଟଙ୍କା ବଢି ୩୦ଲକ୍ଷରୁ ଅଧିକ ହୋଇଥିଲା। ବାରମ୍ବାର କମ୍ପାନୀ ପକ୍ଷରୁ ନୋଟିସ ହୋଇଥିଲେ ମଧ ଦିଲୀପ ଲୋନ୍ ସୁଝି ନ ଥିଲେ। ଏ ନେଇ ଫାଇନାନ୍ସ କମ୍ପାନୀ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଅଦାଲତର ନିର୍ଦ୍ଦେଶକ୍ରମେ ସୋମବାର ବାଦାମବାଡି ପୋଲିସ ସହାୟତାରେ ଦିଲ୍ଲୀପଙ୍କ ବନ୍ଧକ ରଖାଯାଇଥିବା ଘର ଜବତ ପାଇଁ ଏକ ଟିମ୍ ପଠାଯାଇଥିଲା। ଜବତ ବେଳେ ଦିଲୀପ ସୁନ୍ଦରମ ଫାଇନାନ୍ସ କମ୍ପାନୀ ସହ ବୁଝାମଣା କରି ଲୋନ୍ ବାବଦରେ କିଛିଅର୍ଥ ଚେକ୍ ଆକାରରେ ପ୍ରଦାନ କରିଥିଲେ। ଏଥିସହିତ କମ୍ପାନୀକୁ ଋଣ ପରିଶୋଧ ଲାଗି ଆଉ ୧ମାସ ସମୟ ମାଗିଥିଲେ। ତେବେ ୧ମାସ ଭିତରେ ଯଦି ସେ ଋଣ ପରିଶୋଧ ନ କରନ୍ତି ତା'ହେଲେ ତାଙ୍କ ଘର ଜବତ କରାଯିବ ବୋଲି ଜଣାପଡିଛି।

# ଅନିଶ୍ଚିତତା ଘେରରେ ଦ୍ୱିତୀୟ ହରିଣ ପାର୍କ ନିର୍ମାଣ

**କଟକ ଅଫିସ, ୧୯।୮**

କଟକରେ ହେବାକୁ ଥିବା ଦ୍ୱିତୀୟ ହରିଣପାର୍କକୁ ନେଇ ଏବେ ଅନିଶ୍ଚିତତା ଦେଖାଦେଇଛି। କଟକ ମହାନଗର ନିଗମ(ସିଏମ୍‌ସି) ଅନ୍ତର୍ଗତ ତୁଳସୀପୁର ମଧୁସୂଦନ ନଗରଠାରେ ଏକ ହରିଣ ପାର୍କ ରହିଛି। ଏଠାରେ ୫୦ରୁ ୬୦ ହରିଣ ରହିବାର କ୍ଷମତା ରହିଛି। ହେଲେ ଏଠାରେ ହରିଣ ସଂଖ୍ୟା ବୃଦ୍ଧିପାଇ ୨୧୧ରେ ପହଞ୍ଚିଲାଣି। କେନ୍ଦ୍ରୀୟ ବନ୍ୟଜନ୍ତୁ ଆଇନ ଅନୁଯାୟୀ, ଏହି ହରିଣଗୁଡ଼ିକ ରହିବା ନିମନ୍ତେ ଏକ ନୂତନ ପାର୍କ ନିର୍ମାଣ ପାଇଁ ସିଏମ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ ହରିଣଗୁଡିକୁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ଛଡାଯିବ। ଏ ନେଇ ସିଏମସି ପକ୍ଷରୁ ଗତ ଜୁଲାଇ ୧୫ରେ ମହାନଗର ନିଗମ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ ହରିଣ ପାର୍କ ନିର୍ମାଣ କିମ୍ବା ହରିଣ ସ୍ଥାନାନ୍ତର ନିମନ୍ତେ ଆଲୋଚନା ହୋଇଥିଲା। ହେଲେ ଏହି ବୈଠକକୁ ଏକ ମାସ ବିତିଯାଇଥିଲେ ମଧ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ହରିଣଙ୍କ ସୁରକ୍ଷା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କିଛିବର୍ଷ ତଳେ ଦ୍ୱିତୀୟ ହରିଣ ପାର୍କ ନିର୍ମାଣ ପାଇଁ ହାଇକୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସେଥିପାଇଁ ମର୍କତନଗର, ବିଦ୍ୟାଧରପୁର, ସତୀଚଉରାଠାରେ ଜମି ଚିହ୍ନଟ ହୋଇଥିଲେ ମଧ ବିଭିନ୍ନ କାରଣରୁ ପାର୍କ ନିର୍ମାଣ ସମ୍ଭବ ହୋଇପାରିନାହିଁ। ସେହିପରି ଉତ୍ତମାପୁରଠାରେ ଆଉ ଏକ ଜମି ଚିହ୍ନଟ ହୋଇଥିଲା। କିନ୍ତୁ ତାହାର କିଷମ ନଦୀଶଯ୍ୟା ବୋଲି ଜଣାପଡ଼ିବା ପରେ ବାତିଲ କରାଯାଇଥିଲା। ଏହାପରେ ମୁଣ୍ଡୁଳି ନିକଟସ୍ଥ ବାଆଁରାଠାରେ ଦ୍ୱିତୀୟ ପାର୍କ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ଜମି ଚିହ୍ନଟ ପ୍ରକ୍ରିୟାକୁ ଇତିମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଜମି ହସ୍ତାନ୍ତର କରାଯାଉନାହିଁ। ଅନ୍ୟପକ୍ଷରେ ଉକ୍ତ ପାର୍କରେ ହରିଣ ସଂଖ୍ୟା ବୃଦ୍ଧି ପାଉଥିବାରୁ ଚିଡ଼ିଆଖାନା କର୍ତ୍ତୃପକ୍ଷ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଫନୀବେଳେ ମଧୁସୂଦନ ନଗରଠାରେ ଥିବା ହରିଣ ପାର୍କ ଗଛ ଉପୁଡି



ମଧୁସୂଦନ ନଗରସ୍ଥିତ ହରିଣ ପାର୍କ ପାଚେରି ଭାଙ୍ଗିଯାଇଛି।

ପଡିଥିବାବେଳେ ପାଚେରୀ ଭାଙ୍ଗି ଯାଇଥିଲା। ହେଲେ ଏପର୍ଯ୍ୟନ୍ତ ପାଚେରି ମରାମତି କରାଯାଇନାହିଁ। ଫଳରେ ହରିଣ ବାହାରକୁ ଚାଲିଯିବାର ଆଶଙ୍କା ପ୍ରକାଶ ପାଇଛି।

ସମସ୍ୟା ସମ୍ପର୍କରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷକ ଅଜୟ ମହାପାତ୍ର କହିଛନ୍ତି, ସିଏମସିକୁ ଏ ନେଇ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ କୌଣସି ଖବର ଆମପାଖକୁ ଆସିନାହିଁ। ସିଏମ୍‌ସି ଯଦି ପରବର୍ତ୍ତୀ ପଦକ୍ଷେପ ନ ନେବ ତା'ହେଲେ ଉକ୍ତ ପାର୍କରୁ ହରିଣକୁ ବିଭିନ୍ନ ଜଙ୍ଗଲରେ ଛଡାଯିବ। ଅନ୍ୟପକ୍ଷରେ ସିଏମ୍‌ସି କମିଶନର ଅନନ୍ୟା ଦାଶ କହିଛନ୍ତି, ନୂତନ ହରିଣ ପାର୍କ ନିମନ୍ତେ ଜାଗା ଦେଖାଚାଲିଛି। ଜାଗା ଚିହ୍ନଟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବା ପରେ ଏ ସଂକ୍ରାନ୍ତରେ ବନ୍ୟଜନ୍ତୁ ବିଭାଗକୁ ଅବଗତ କରାଯିବ। ତା'ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି କଟକ ସହର ବନ ଅଧିକାରୀ ଦାୟିତ୍ୱରେ ଥିବା ମହମ୍ମଦ ଜମିଲ୍ କହିଛନ୍ତି, ସିଏମ୍‌ସି ଯେତେଶୀଘ୍ର ଜାଗା ଚିହ୍ନଟ କରିବ ସେତେ ଶୀଘ୍ର ହରିଣମାନେ ସ୍ଥାନାନ୍ତର ହେବେ। ଚିହ୍ନଟ ହୋଇଥିବା ଜାଗା ଆମ ପରିସର ବାହାରେ ଥିଲା। ଏଥିସହ କେନ୍ଦ୍ର ବନ୍ୟଜନ୍ତୁ ଅଥରିଟି ଅଫ ଇଣ୍ଡିଆ ପକ୍ଷରୁ ଜାଗା ଚୂଡ଼ାନ୍ତ ହୋଇପାରି ନ ଥିବାରୁ ପାର୍କ ନିର୍ମାଣ ପ୍ରକ୍ରିୟା ବିଳମ୍ବ ହୋଇଛି। ବର୍ଷ ବର୍ଷ ବିତିଯାଇଥିଲେ ସୁଦ୍ଧା ହରିଣ ସ୍ଥାନାନ୍ତର ହୋଇ ନ ପାରିବା ଫଳରେ ବନ୍ୟଜନ୍ତୁ ଆଇନ ଉଲ୍ଲଂଘନ ହେଉଥିବା ଅଭିଯୋଗ ହେଉଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ବନ୍ୟଜନ୍ତୁପ୍ରେମୀଙ୍କ ପକ୍ଷରୁ ଦାବି ହେଉଛି।

- ଆଲୋଚନା ପରେ ନିଆଯାଉନି ପଦକ୍ଷେପ
- ଚୂଡ଼ାନ୍ତ ହୋଇପାରୁନି ଜାଗା ଚିହ୍ନଟ
- ମଧୁସୂଦନ ନଗର ପାର୍କରେ ରହୁଛନ୍ତି ଆବଶ୍ୟକତାଠୁ ଅଧିକ ହରିଣ

## ଏସ୍‌ସିବି ମେଡିକାଲରେ ୨୧ ଡେଙ୍ଗୁ ରୋଗୀ

**କଟକ ଅଫିସ, ୧୯।୮**

ଏସ୍‌ସିବି ମେଡିକାଲରେ ସୋମବାର ୨୧ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧୭ ଜଣ ସ୍ୱତନ୍ତ୍ର ୱାର୍ଡରେ ଓ ଗୁରୁତର ୪ ଜଣଙ୍କୁ ଆଇସିୟୁ ରେ ଭର୍ତ୍ତି କରାଯାଇଛି। ସେହିପରି ଏଠାରେ ୮୧ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ୭ଟି ନମୁନା ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ବଲାଙ୍ଗୀର, ବୌଦ୍ଧ, ଢେଙ୍କାନାଳ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଜିଲାରୁ ଜଣେ ଲେଖାଏଁ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଯାଜପୁର ଜିଲାର ୨ଜଣଙ୍କ ରକ୍ତ ନମୁନାରେ ଡେଙ୍ଗୁ ପଜିଟିଭ୍ ରହିଛି ବୋଲି ଡେଙ୍ଗୁ ନୋଡାଲ ଅଫିସର ଡା. ଶ୍ରୀପ୍ରସାଦ ମହାନ୍ତି କହିଛନ୍ତି।

## ଚୋରି: ଅଭିଯୁକ୍ତ ଗିରଫ

**କଟକ ଅଫିସ,୧୯।୮**

ଚୋରି ଅଭିଯୋଗରେ ପୁରୀଘାଟ ପୋଲିସ ସୋମବାର ତେଲେଙ୍ଗାବଜାର ମଠସାହିର କୁନ୍ଦନ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ରବିବାର ରାତିରେ ଭଗତ୍‌ପୁର ଅଞ୍ଚଳର ଜଣଙ୍କ ଘରେ ପଶି କୁନ୍ଦନ ଚୋରି କରୁଥିଲେ। ସେହି ସମୟରେ ପରିବାର ଲୋକେ ଉଠି ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଆସି କୁନ୍ଦନଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

# ନାରୀ ସଶକ୍ତୀକରଣରେ ସରଳା ଦେବୀଙ୍କ ଅବଦାନ ଅତୁଳନୀୟ



ସମାରୋହରେ ଲେଖିକା ବନଜ ଦେବୀ ଓ ସାମାଜିକ କର୍ମୀ ଡ. ରୀନା ରାଉତରାୟଙ୍କୁ ସମ୍ମାନିତ କରାଯାଉଛି।

**କଟକ ଅଫିସ, ୧୯।୮**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସରଳା ଦେବୀ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ସୋମବାର କଟକ ସାରଳା ଭବନରେ ସରଳା ଦେବୀଙ୍କ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟଅତିଥି କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଉଦ୍‌ଘାଟନ କରିଥିଲେ। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକା ଡ. ଅର୍ଚ୍ଚନା ନାୟକ ଯୋଗଦେଇ କହିଥିଲେ, ସରଳା ଦେବୀ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସୁଲେଖିକା ଥିଲେ। ଓଡ଼ିଶାରେ ନାରୀର ସଶକ୍ତକରଣ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ସମ୍ମାନିତ ଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ସରଳା ଦେବୀଙ୍କର ଭୂମିକା ବିଷୟରେ ଆଲୋକପାତ କରିବା ସହିତ କଟକରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ଧରଣୀଧର ନାୟକ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଲେଖିକା ବନଜ ଦେବୀଙ୍କୁ ସରଳା ଦେବୀ ସ୍ମୃତି ସମ୍ମାନ ଓ ସାମାଜିକ କର୍ମୀ ଡ. ରୀନା ରାଉତରାୟଙ୍କୁ ଯୁବ ସମାଜସେବୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ସଂସଦର କାର୍ଯ୍ୟକାରୀ ସଭାପତି ରୁମ୍‌ଝୁମ୍ ନାୟକ, ସାଧାରଣ ସମ୍ପାଦକ ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ମନୋରମା ମହାପାତ୍ର ଓ ଜୟନ୍ତୀ ରଥଙ୍କ ସମେତ ସଂସଦର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ସିଏମ୍‌ସି: ଟିକସ ଆଦାୟକୁ ନେଇ ବୈଠକ

**କଟକ ଅଫିସ, ୧୯।୮**

କଟକ ମହାନଗର ନିଗମ (ସିଏମ୍‌ସି)ରେ ଟିକସ ଆଦାୟକୁ ନେଇ ସୋମବାର ସିଏମ୍‌ସି କାର୍ଯ୍ୟାଳୟରେ କମିଶନର ଅନନ୍ୟା ଦାସଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ସିଏମ୍‌ସିରେ ବିଭିନ୍ନ କ୍ଷେତ୍ରରୁ ୧୬ କୋଟି ଟଙ୍କା ହ୍ରାସ ପାଇଥିବାବେଳେ ଚଳିତବର୍ଷ ଟ୍ରେଡ୍ ଲାଇସେନ୍ସ, ଟ୍ୟାକ୍ସ କଲେକ୍ସନରେ କିପରି ବୃଦ୍ଧି ଘଟିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ସିଏମ୍‌ସିର ରାଜସ୍ୱ ବୃଦ୍ଧି ଓ ବକେୟା ଆଦାୟ କିଭଳି ହେବ, କେଉଁ କ୍ଷେତ୍ରରେ କେତେ ଟଙ୍କା ରହିଛି, କେଉଁ ସଂସ୍ଥା ଟ୍ରେଡ୍ ଲାଇସେନ୍ସ ନେଇଛନ୍ତି, କେଉଁ ସଂସ୍ଥା ଟ୍ରେଡ୍ ନେଇନାହାନ୍ତି ସେ ନେଇ ଆଲୋଚନା ହୋଇଥିଲା। ସେହିପରି ଟ୍ୟାକ୍ସ କଲେକ୍ସନ କିପରି ହୋଇପାରିବ ସେ ଦିଗରେ ପଦକ୍ଷେପ ନେବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଥିଲା। ବିଶେଷକରି ସହରରେ ଥିବା ଘରୋଇ ନର୍ସିଂହୋମ, ଦୋକାନ ଓ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରୁ କିଭଳି ଠିକ୍ ଭାବରେ ଟିକସ ଆଦାୟ କରାଯିବ ସେ ଦିଗରେ ପଦକ୍ଷେପ ନେବାକୁ କମିଶନର କହିଛନ୍ତି। ଟିକସ ଆଦାୟ ଖିଲାପ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାଇ ଦେଇଛନ୍ତି। ଚଳିତବର୍ଷ ଦିଆଯାଇଥିବା ଟିକସ ଲକ୍ଷ୍ୟଧାର୍ଯ୍ୟକୁ ପୂରଣ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସିଏମ୍‌ସି ସେକ୍ରେଟାରୀ ଲତାଶ୍ରୀ ବାଗଙ୍କ ସମେତ ଟ୍ୟାକ୍ସ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ରାଧାମାଧବ ଦାସଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା

**କଟକ ଅଫିସ, ୧୯।୮**

ମଧୁସୂଦନ ଆଇନ ମହାବିଦ୍ୟାଳୟ ପୂର୍ବତନ ଛାତ୍ର ପରିଷଦର ଆବାହକ ତଥା ଖ୍ରୀଷ୍ଟ ମହାବିଦ୍ୟାଳୟର ପୂର୍ବତନ ସାଧାରଣ ସମ୍ପାଦକ ରାଧାମାଧବ ଦାସଙ୍କ ବିୟୋଗରେ ସହରର ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନେ ମହମବତି ଶୋଭାଯାତ୍ରା ଆୟୋଜନ କରିଥିଲେ। ଖ୍ରୀଷ୍ଟ ମହାବିଦ୍ୟାଳୟରୁ ଏହି ଶୋଭାଯାତ୍ରା ବାହାରି ଚଣ୍ଡୀଛକ ଯାଏ ଯାଇଥିଲା। ଏଥିରେ ଶାଶ୍ୱତ ଜେନା, କାଳୀପ୍ରସାଦ ମୁଦୁଲି, ଅକ୍ଷୟ ବେହେରା, ବାପୁନି ପଲାଇ, ରମେଶ ସେଠୀଙ୍କ ସମେତ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

### କଟକରେ ସିରିଏଲ୍ ହତ୍ୟା ଘଟଣା
# ଶୁଣାଣି ଶେଷ, ରାୟ ସଂରକ୍ଷିତ

**କଟକ ଅଫିସ, ୧୯।୮**

କଟକ ସିରିଏଲ୍ ହତ୍ୟା ଘଟଣାରେ ଗିରଫ ହୋଇଥିବା ନାରାୟଣ ସାହୁଙ୍କ ମାମଲା ଏବେ ନୂଆ ମୋଡ଼ ନେଇଛି। ନାରାୟଣଙ୍କୁ ନିର୍ଦ୍ଦୋଷ ଘୋଷଣା କରିବା ପାଇଁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। କଟକ ଜିଲା ଦୌରାଜଜ୍ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ସୋମବାର ହୋଇଥିବା ଶୁଣାଣିରେ ଗୀତାଞ୍ଜଳିଙ୍କ ଓକିଲ ଯୁକ୍ତି ରଖିଥିଲେ ଯେ, ହତ୍ୟାକାଣ୍ଡ ଦିନ ନାରାୟଣ ତାଙ୍କ ଗାଁ ନୟାଗଡ଼ ଜିଲା ସୁନାମୁହିଁରେ ଥିଲେ। ତେଣୁ ଏହିଠାରେ ଥିବା ଏକ ବ୍ୟାଙ୍କର ସିସିଟିଭିରେ ନାରାୟଣ ବୁଲାବୁଲି କରୁଥିବାର ଦୃଶ୍ୟ ରହିଛି। ଏହାର ପୂର୍ବଦିନ ନାରାୟଣ ଭୁବନେଶ୍ୱର ସାଲିଆସାହି ଅଞ୍ଚଳରେ ତାଙ୍କ ଭଉଣୀ ଘରେ ଥିଲେ। ତେଣୁ ସାଲିଆସାହି ସ୍ଥିତ ଏକ ମଦ ଦୋକାନ ଏବଂ ସୁନାମୁହିଁସ୍ଥିତ ଉକ୍ତ ବ୍ୟାଙ୍କର ସିସିଟିଭି ଫୁଟେଜ ଜବତ କରିବା ପାଇଁ ବିଚାରପତି ପୋଲିସକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ଯୁକ୍ତି ରଖିଛନ୍ତି। ଯଦି ଏହି ଫୁଟେଜ ଜବତ କରିବାରେ ବିଳମ୍ବ ହୁଏ, ତା'ହେଲେ ପରବର୍ତ୍ତୀ ସମୟରେ ଉକ୍ତ ପ୍ରମାଣ ହାତଛଡ଼ା ହୋଇଯିବ ବୋଲି ତ୍ରିପାଠୀ କୋର୍ଟରେ ଯୁକ୍ତି ବାଢିଛନ୍ତି। ଏହି ମାମଲାରେ କୋର୍ଟ ଉଭୟ ସରକାରୀ ଓ ଗୀତାଞ୍ଜଳିଙ୍କ ଓକିଲଙ୍କ ଯୁକ୍ତି ଶୁଣିବା ପରେ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୨୪ରେ କଟକରେ ୨୪ ଘଣ୍ଟା ମଧ୍ୟରେ ୩ଜଣଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ କମିଶନରେଟ୍ ପୋଲିସ ନାରାୟଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନାରାୟଣ ଓଏମ୍‌ପି ଅଞ୍ଚଳରେ ଘଟିଥିବା ୨ଟି ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ପୋଲିସ କହିଥିଲା। ତେବେ ସ୍ୱାମୀଙ୍କୁ ନିର୍ଦ୍ଦୋଷ ପ୍ରମାଣିତ କରିବା ପାଇଁ ଗୀତାଞ୍ଜଳି କଟକ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ।

## ଜିଲାପାଳଙ୍କ ଜନଶୁଣାଣି ଶିବିର

**ନିଆଳି,୧୯।୮(ଡି.ଏନ୍.ଏ.)**

ନିଆଳି ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନି ଯୋଗଦେଇ ୨୫୦ ଜଣଙ୍କର ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ତତ୍କାଳ ୫୩ଟି ଅଭିଯୋଗର ସମାଧାନ ହୋଇଥିଲା। ବିଶେଷକରି ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ରାଶନ କାର୍ଡ, ଫନୀ ଘରଭଙ୍ଗା ସାହାଯ୍ୟ ପ୍ରଦାନ ଭଳି ୨୩୧ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ସେହିପରି ନିଆଳିରେ ମଦ ଦୋକାନ ବନ୍ଦ କରିବା, ନିଆଳି ଆଦର୍ଶ ବିଦ୍ୟାଳୟକୁ ରାସ୍ତା, ନାଟି ଗ୍ରାମରେ ଥିବା ପାନୀୟ ଜଳର ସୁବିଧା ଭଳି ସମୂହ ଅଭିଯୋଗ ହୋଇଥିଲା। ଏହି ଶିବିରରେ ଉପ ଜିଲାପାଳ ଶୁଭ୍ରାଂଶୁ ମିଶ୍ର, ଏଡିଏମ୍ ସୁବାସ ଚନ୍ଦ୍ର ଖଣ୍ଡାୟତରାୟ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅବ୍‌ଦଲ ଅଖତର, ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ, ବିଡିଓ ରଞ୍ଜନ କୁମାର ଜେନା, ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଚୌଦ୍ୱାର,୧୯।୮(ଡି.ଏନ୍.ଏ.)**

ବିଭିନ୍ନ ଦାବି ନେଇ ପରିଚାଳନା କମିଟି ଦ୍ୱାରା ନିଯୁକ୍ତିପ୍ରାପ୍ତ ଚୌଦ୍ୱାର କଲେଜର ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ସୋମବାର ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହିତ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ନିକଟରେ ଧାରଣାରେ ବସିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନଙ୍କୁ ବର୍ଦ୍ଧିତ ହାରରେ ବେତନ ପ୍ରଦାନ, ସେମାନଙ୍କୁ ଇପିଏଫ୍ ପରିସରଭୁକ୍ତ କରିବା, ଇଏଲରେ ବେତନ ପ୍ରଦାନ ଭଳି ବିଭିନ୍ନ ଦାବିକୁ କଲେଜ ପରିଚାଳନା କମିଟି ଓ କର୍ତ୍ତୃପକ୍ଷ ଅଣଦେଖା କରି ଆସୁଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ଏଥିଯୋଗୁ ସମ୍ପୃକ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ଆର୍ଥିକ, ମାନସିକ ଓ ସାମାଜିକ ଦୁର୍ଦ୍ଦଶା ଭିତରେ ରହୁଛନ୍ତି। ଆଜକୁ ଦୀର୍ଘବର୍ଷ ହେବ ଏହି କର୍ମଚାରୀମାନଙ୍କୁ ପରିଚାଳନା କମିଟି ମାଧ୍ୟମରେ ନିଯୁକ୍ତି ଦିଆଯାଇଥିଲେ ମଧ ସେମାନଙ୍କୁ କଲେଜର ଅନ୍ୟ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀଙ୍କ ପରି ଉପରୋକ୍ତ ସୁବିଧାସୁଯୋଗ ଦିଆଯାଇନାହିଁ। ଏ ସମ୍ପର୍କରେ ପୂର୍ବରୁ ଅନେକ ଥର ପରିଚାଳାନା କମିଟି ଓ କଲେଜ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ କୌଣସି ସୁଫଳ ନ ମିଳିବାରୁ ଆନ୍ଦୋଳନ କରିବାକୁ ବାଧ ହେଲୁ ବୋଲି ଆନ୍ଦୋଳନରତ ଅଧ୍ୟାପିକା ରାଜଲକ୍ଷ୍ମୀ ସାହୁ, ଶ୍ରଦ୍ଧାଞ୍ଜଳି ପୃଷ୍ଟି, ଅନୁପମା ତ୍ରିପାଠୀ, ଲୁସନା ମହାରଣା, ରଚିତା ବେହେରା, ଅଶୋକ ଦାସ ଓ ନଗେନ୍ଦ୍ରନାଥ ପରିଡ଼ା ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷା ସ୍ମୃତି ପଟ୍ଟନାୟକ କୁହନ୍ତି, ଦାବିଗୁଡ଼ିକ ସମ୍ପର୍କରେ କଲେଜ ପରିଚାଳନା କମିଟି ସଭାପତି ଓ ଉପଜିଲାପାଳଙ୍କୁ ଜଣାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଦାବିଗୁଡ଼ିକ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ତେବେ ଦାବି ପୂରଣ ସମ୍ପର୍କରେ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହାର ହେବନାହିଁ ବୋଲି ଆନ୍ଦୋଳନକାରୀମାନେ ଜିଦ୍ ଧରିଛନ୍ତି।




ଧାରଣାରେ ବସିଥିବା ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ।

**ଚୌଦ୍ୱାର କଲେଜ**



କଟକ ମାତାମଠ ରିଂବନ୍ଧ ରାସ୍ତା ଫୁଟ୍‌ପାଥରେ ଜଣେ ବ୍ୟକ୍ତି ମାଛ ଧରା ଜାଲ ବୁଣୁଛନ୍ତି।



କଟକ ଚୌଧୁରୀ ବଜାର ଅଞ୍ଚଳରେ ଥିବା ପୂଜା ସାମଗ୍ରୀ ଦୋକାନ ଉପରେ ସିଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଇ ଜବତ କରାଯାଇଥିବା ପଲିଥିନ୍ ଓ ଅନ୍ୟାନ୍ୟ ସାମଗ୍ରୀ।



କଟକସ୍ଥିତ ଯୋବ୍ରା ଆନିକଟ୍ ଫୁଟ୍‌ପାଥରେ ଗ୍ରାହକମାନେ ପୋଡ଼ାମକା କିଣୁଛନ୍ତି।

## ସଂକ୍ଷେପରେ

### ଦୋକାନରେ ଅଗ୍ନିକାଣ୍ଡ

**ଖୋର୍ଦ୍ଧା ଅଫିସ,୧୯।୮:** ଖୋର୍ଦ୍ଧା ପୁରୁଣା ବସଷ୍ଟାଣ୍ଡରେ ଥିବା ଟୁକୁ ମହାନ୍ତି କମ୍ପ୍ଲେକ୍ସରେ ଥିବା ସବ୍ୟସାଚୀ ମହାନ୍ତିଙ୍କ ଦୋକାନରେ ସୋମବାର ପୂର୍ବାହ୍ନ ପ୍ରାୟ ୮ଟା ୪୫ରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ପ୍ରାୟ ୫୦ହଜାର ଟଙ୍କାର ଡ୍ରେସ ଓ ଲୁଗା ଉପକରଣ ଜଳିଯାଇଛି। ଖବରପାଇ ଖୋର୍ଦ୍ଧା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଧୂଆଁ ବହୁ ସମୟ ଧରି ଦୋକାନ ଘରେ ରହିଥିଲା। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି।

### ଡା. ରାମକୃଷ୍ଣଙ୍କ ବାର୍ଷିକୀ ଶ୍ରାଦ୍ଧଉତ୍ସବ

**ଖୋର୍ଦ୍ଧା ଅଫିସ,୧୯।୮:** ଗୁରୁଜଙ୍ଗର ଡା. ରାମକୃଷ୍ଣ ସାମନ୍ତରାୟ ଓ ସ୍ତ୍ରୀ ଶୈବାଳିନୀ ଦେବୀଙ୍କ ସ୍ମୃତିସଭା ରାମକୃଷ୍ଣ ଭବନଠାରେ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଡା. ରାମକୃଷ୍ଣଙ୍କ ସପ୍ତଦଶ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ନିରାକାରପୁର କେବିଡିଏଭି କଲେଜର ପ୍ରାଧ୍ୟାପକ ମୃତ୍ୟୁଞ୍ଜୟ ରଥ ମୁଖ୍ୟଅତିଥି ଓ ଖୋର୍ଦ୍ଧା ପିଏନ୍ କଲେଜର ବରିଷ୍ଠ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ମୁଖ୍ୟବକ୍ତାଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପୁଅ ରାଧାକୃଷ୍ଣ ସାମନ୍ତରାୟ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଆକାଂକ୍ଷା ବିଶ୍ୱାଳ, ଦିପ୍ତିମୟୀ ଦାଶ, ଅବିନାଶ ମହାପାତ୍ର, ଅର୍ପିତା ପାଇକରାୟ, ଲାଲା ସୁଭଦ୍ରାରାଣୀ ରାୟ, ଦୀପ୍ତି ଦାସ ଓ ବିଷ୍ଣୁପ୍ରିୟା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ରାମକୃଷ୍ଣ - ଶୈବାଳିନୀ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଂଶୁମାନ ଜେନା, ଲୋକନାଥ ମିଶ୍ର, ବଦ୍ରି ନାରାୟଣ ସାହୁ, ଅନନ୍ୟା ମିଶ୍ର, ମମତା ନନ୍ଦ ପ୍ରମୁଖ ଯୋଗଦେଇଥିଲେ।

### ମାନସିକ ବିକାରଗ୍ରସ୍ତଙ୍କୁ ଉଦ୍ଧାର କଲା ସ୍ୱେଚ୍ଛାସେବୀ ସଙ୍ଗଠନ

**ଯାଁଲା,୧୯।୮(ଡି.ଏନ୍.ଏ.):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଶନ ଆଶ୍ରା ଓ ପିପୁଲ୍ସ ଫୋରମ ପକ୍ଷରୁ ସୋମବାର ୧୬ଜଣ ମାନସିକ ବିକାରଗ୍ରସ୍ତଙ୍କୁ ପୁରୀରୁ ଉଦ୍ଧାର କରାଯାଇଛି। ଉଦ୍ଧାର ହେବା ପରେ ସେମାନଙ୍କୁ ନିକଟସ୍ଥ ଥାନାରେ ଚିହ୍ନଟ କରାଯାଇ ଗଙ୍ଗପଡ଼ାର ଭାତଖୁରି ଗ୍ରାମରେ ଏକ ଭଡାଘରେ ରଖାଯାଇଛି। ଏହି ଉଦ୍ଧାର କାର୍ଯ୍ୟରେ ସଞ୍ଜୟ ପଟ୍ଟନାୟକ, ନାଗେଶ ଶୁଙ୍କାରୀ, ଦର୍ଶନ ସୂର୍ଯ୍ୟ ସାହୁ, ଜଟାଧାରୀ ସାହୁ ପ୍ରମୁଖ ସାମିଲ ଥିଲେ।

### ଗଞ୍ଜେଇ ଜବତ, ଯୁବକ ଗିରଫ

**ବାରଙ୍ଗ,୧୯।୮(ଡି.ଏନ୍.ଏ.)** ନନ୍ଦନକାନନ ଥାନା ପୋଲିସ ସୋମବାର ଅପରାହ୍ନରେ ଚେକିଂବେଳେ ଗଞ୍ଜେଇ ବୋଝେଇ ଗାଡ଼ି ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପଦାସାହି ଗ୍ରାମର ରମେଶଚନ୍ଦ୍ର ବେଉରା। ସୂଚନାଯୋଗ୍ୟ, ରମେଶ ନିଜ ସ୍କୁଟି( ନଂଓଡିଓ୩ଭି-୪୮୭୬) ଯୋଗେ ଭୁବନେଶ୍ୱରରୁ ନିଜ ଘରକୁ ଆସୁଥିଲା। ନନ୍ଦନକାନନ ଥାନା ଅଧିକାରୀ ପରମାନନ୍ଦ ନାୟକ ସଦଳବଳେ ସୋମବାର ଥାନାଠାରୁ ଅଳ୍ପଦୂରରେ ବ୍ଲକିଂକରି ଚେକିଂ କରୁଥିବାବେଳେ ରମେଶ ଧରାପଡିଥିଲେ। ସ୍କୁଟିକୁ ଯାଞ୍ଚ କରିବାବେଳେ ୧କେଜି ୩୫୦କେଜି ଓଜନର ଗଞ୍ଜେଇ ମିଳିଥିଲା। ଏ ନେଇ ପୋଲିସ ୭୯/୧୯ନଂରେ ଏକ ମାମଲା ରୁଜୁକରି କରିଛି ।

# ପାଇଖାନା ପାଇଁ ଅଟକୁଛି ଆବାସ ବିଲ୍

**ଖୋର୍ଦ୍ଧା ଅଫିସ,୧୯।୮**

- ଫାଇନାଲ ବିଲ୍ ପରେ ଦେଉ ନାହାନ୍ତି ପାଇଖାନା ଅନୁଦାନ
- ୪ବର୍ଷ ହେବ ହିତାଧିକାରୀ ଦୌଡୁଛନ୍ତି ବ୍ଲକ କାର୍ଯ୍ୟାଳୟ
- କନିଷ୍ଠଯନ୍ତ୍ରୀ, ବିଡିଓଙ୍କ ଅବହେଳା ଅଭିଯୋଗ

ଖୋର୍ଦ୍ଧା ବ୍ଲକର ୨୨ପଞ୍ଚାୟତରେ ସ୍ୱଚ୍ଛ ଭାରତ ମିଶନରେ ନିର୍ମାଣ ହେଉଥିବା ବ୍ୟକ୍ତିଗତ ପାଇଖାନା କାର୍ଯ୍ୟ ପ୍ରହସନ ପାଲଟିଛି। ସଫ୍ଟୱେର କ୍ରିଏଟ୍ ନ କରି ହିତାଧିକାରୀଙ୍କୁ ଖର୍ଚ୍ଚାନ୍ତ କରାଯାଉଛି। ପାଇଖାନା ବିଲ୍ ମଞ୍ଜୁର କରିବାରେ ବ୍ଲକ ପ୍ରଶାସନର କନିଷ୍ଠଯନ୍ତ୍ରୀ ଓ ବିଡିଓଙ୍କ ଅଣଦେଖାକୁ ଜିଲାପାଳ ଓ ପିଡି ଡିଆରଡିଏଙ୍କ ଲଗାମ ନ ଥିବାରୁ ସରକାରୀ ଯୋଜନା ପ୍ରତି ହିତାଧିକାରୀଙ୍କ ଆସ୍ଥା ତୁଟିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ଫାଇନାଲ୍ ବିଲ୍ ମଞ୍ଜୁର ପାଇଁ ହିତାଧିକାରୀଙ୍କୁ ପାଇଖାନା ନିର୍ମାଣ ଶେଷ ହୋଇଛି ବୋଲି କାଗଜାତ ଓ ଫଟୋ ଦାଖଲ କରିବାକୁ ପଡୁଛି। ଏହା ପରେ ବ୍ଲକ ପକ୍ଷରୁ ଆବାସ ଯୋଜନାରେ ଫାଇନାଲ ବିଲ୍ ମିଳୁଛି।

ସ୍ୱଚ୍ଛ ଭାରତ ମିଶନରେ ନିର୍ମାଣ ହେଉଥିବା ବ୍ୟକ୍ତିଗତ ପାଇଖାନାର ୧୨ହଜାର ଟଙ୍କା ଅନୁଦାନ ରାଶି ହିତାଧିକାରୀଙ୍କୁ ଦିଆଯାଉନାହିଁ। ଆଜି ଆସ, କାଲି ଆସ କହି ହିତାଧିକାରୀଙ୍କୁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଛି। ୨୦୧୬-୧୭ ଆର୍ଥିକ ବର୍ଷରୁ ଏଯାବତ୍ ହିତାଧିକାରୀ ପାଇଖାନା ଟଙ୍କା ପାଇବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ଦୌଡିଥିଲେ ମଧ୍ୟ ବିଲ୍ ମଞ୍ଜୁର ହୋଇପାରୁନାହିଁ। ବିଲ୍ ମଞ୍ଜୁର ନ ହେବା ପଛରେ ବ୍ଲକର କନିଷ୍ଠଯନ୍ତ୍ରୀ ଓ ବିଡିଓଙ୍କ ଅବହେଳା ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଯୋଜନାର ସୁଫଳ ହିତାଧିକାରୀ ପାଉନାହାନ୍ତି। ବ୍ଲକ ପକ୍ଷରୁ ହିତାଧିକାରୀଙ୍କ ନାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ମିଳିବା ସମୟରେ ବ୍ୟକ୍ତିଗତ ପାଇଖାନା ପାଇଁ ମଧ୍ୟ କାର୍ଯ୍ୟାଦେଶ ଦିଆଯିବା ପାଇଁ ନିୟମ ରହିଛି। ହେଲେ ଆବାସ ଯୋଜନାରେ ୱାର୍କ ଅର୍ଡର ଦେଉଥିବାବେଳେ ପାଇଖାନାର ୱାର୍କ ଅର୍ଡର ନ ଦେଇ ଅଣଦେଖା କରାଯାଉଛି। ଅନ୍ୟପକ୍ଷରେ ବିଡିଓ ନିର୍ଦ୍ଦେଶ ଦେଉଛନ୍ତି, ଆବାସ ଯୋଜନାରେ ଫାଇନାଲ ବିଲ୍ ପଇଠ ବେଳେ ଯଦି ପାଇଖାନା କାର୍ଯ୍ୟ ନ ହୋଇଥିବ ତେବେ ବିଲ୍ ଦିଆଯିବ ନାହିଁ। ସ୍ଥାନୀୟ ପଞ୍ଚାୟତର ନିର୍ବାହୀ ଅଧିକାରୀ ପାଇଖାନା କାର୍ଯ୍ୟ ସରିବା ରିପୋର୍ଟ ଦେବା ପରେ ଆବାସ ଯୋଜନାର ବିଲ୍ ମିଳୁଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ହିତାଧିକାରୀ ୧ଲକ୍ଷ ୨୦ହଜାର ଟଙ୍କା ଅନୁଦାନ ପାଉଛନ୍ତି। ପାଇଖାନା ପାଇଁ ପୁଣି ୧୨ହଜାର ଟଙ୍କା ଅନୁଦାନ ଅନୁରୂପ ରହିଛି। ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଲେ କନିଷ୍ଠ ଯନ୍ତ୍ରୀ ଏଷ୍ଟିମେଟ କରି ସିକ୍ରେଟ ପାସୱାର୍ଡ ଦ୍ୱାରା ଅନଲାଇନ୍‌ରେ ହିତାଧିକାରୀଙ୍କ ନାଁକୁ ପଞ୍ଜୀକୃତ କରିବେ। ପରେ ହିତାଧିକାରୀଙ୍କ ଟଙ୍କା ମଞ୍ଜୁର ପାଇଁ ପିଡି ଡିଆର୍‌ଡିଏ ଓ ଜିଲାପାଳଙ୍କୁ ବିଡିଓଙ୍କ ଜରିଆରେ ଆବଶ୍ୟକ କାଗଜାତ ଦାଖଲ କରିବାକୁ ପଡ଼ିବ। ହେଲେ ଖୋର୍ଦ୍ଧା ବ୍ଲକରେ କନିଷ୍ଠ ଯନ୍ତ୍ରୀମାନେ ଆଦୌ ପାଇଖାନା ସମ୍ପର୍କରେ ଏଷ୍ଟିମେଟ କରୁ ନ ଥିବା ଜଣାପଡିଛି। ହିତାଧିକାରୀଙ୍କ ନାମ ମଧ୍ୟ ଅନଲାଇନରେ ପଞ୍ଜୀକୃତ କରୁ ନାହାନ୍ତି। କନିଷ୍ଠ ଯନ୍ତ୍ରୀମାନେ କାର୍ଯ୍ୟରେ ଅବହେଳା କରୁଥିଲେ ମଧ୍ୟ ବିଡିଓ ତାଙ୍କୁ ତାଗିଦ୍ କରୁ ନ ଥିବା ଅଭିଯୋଗ ହେଉଛି। କିନ୍ତୁ ହିତାଧିକାରୀଙ୍କୁ ତାଗିଦ୍ କରି ପାଇଖାନା ନିର୍ମାଣ କରିବାକୁ ବିଡିଓ କହୁଛନ୍ତି। ଏ ନେଇ ଜଣେ ହିତାଧିକାରୀ ନାମ ଗୋପନ ରଖି କୁହନ୍ତି, ଆବାସ ଯୋଜନାରେ ଭଲ ପିସି ମିଳୁଛି। ପାଇଖାନାରେ ପିସି ନାହିଁ। ପିସି ନ ଥିବାରୁ କନିଷ୍ଠ ଯନ୍ତ୍ରୀ ଓ ବିଡିଓ ପାଇଖାନା ବିଲ୍ ମଞ୍ଜୁର କରାଇବାରେ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ସଫ୍ଟୱେର ଲୋଡ୍ ହୋଇନି କହି ବିଡିଓ ହିତାଧିକାରୀଙ୍କୁ କାର୍ଯ୍ୟାଳୟକୁ ଦୌଡ଼ାଉଛନ୍ତି। ଏ ସମ୍ପର୍କରେ ବିଡ଼ିଓ ପ୍ରଶାନ୍ତ କୁମାର ନାୟକ କୁହନ୍ତି, ଖୁବ୍‌ଶୀଘ୍ର ଆମେ ପାଇଖାନା ଟଙ୍କା କିପରି ହିତାଧିକାରୀ ପାଇବେ ତା'ର ବ୍ୟବସ୍ଥା କରିବୁ। ସଫ୍ଟୱେର ଲୋଡ ହୋଇ ନ ଥିବାରୁ ଅବ୍ୟବସ୍ଥା ହେଉଛି। ସଫ୍ଟୱେର କ୍ରିଏଟ୍ କରିବା ପାଇଁ କନିଷ୍ଠ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ଖୋର୍ଦ୍ଧା ଜିଲାପାଳଙ୍କୁ ସୋମବାର ଦାବିପତ୍ର ଦେବାକୁ ଆସିଥିବା ବଘେଇଟାଙ୍ଗୀ ଗ୍ରାମର ବାସିନ୍ଦା।





ଶ୍ରମିକ ୟୁନୟନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ରେଲୱେ ଶ୍ରମିକ ୟୁନିୟନର ବିକ୍ଷୋଭ

**ଜଟଣୀ,୧୯।୮(ଡି.ଏନ୍.ଏ.)**

ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପକ୍ଷରୁ ସୋମବାର ୧୭ଦଫା ଦାବିରେ ଜଟଣୀସ୍ଥିତ ଖୋର୍ଦ୍ଧାରୋଡ୍ ରେଲୱେ ଡିଭିଜନ ମୁଖ୍ୟଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଡିଭିଜନର ଡିଆର୍‌ଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ରେଲୱେ ବୋର୍ଡ ସର୍କୁଲାର ଅନୁଯାୟୀ ଇଞ୍ଜିନିୟରିଂ ବିଭାଗର ଟ୍ରାକ୍ ମେଣ୍ଟେନରଙ୍କ ପଦୋନ୍ନତିରେ ରେସିଓ ତଥା କ୍ୟାଡରରେ ନୂତନ ରୂପ ଦେବା, ବେତନ ନିର୍ଦ୍ଧାରଣ, ଷ୍ଟେଶନ ମାଷ୍ଟର, ଇଞ୍ଜିନିୟର ଓ ସୁପରଭାଇଜର ଶ୍ରେଣୀର ଗ୍ରେଡ୍ ପେ ୫୪୦୦ ଲାଗୁ, ଲେଭଲ କ୍ରସିଂଠାରେ ପିଇବା ପାଣି ସୁବିଧା, ରନିଂ ଷ୍ଟାଫ୍‌ଙ୍କ ପାଇଁ ତାଳଚେରରେ ରାତ୍ରି ସମୟରେ ଚାରିଚକିଆ ଯାନ ବ୍ୟବସ୍ଥା ଆଦି ଦାବିରେ ଶୋଭାଯାତ୍ରା ସହ ବିକ୍ଷୋଭ କରାଯାଇଥିଲା। ଶ୍ରମିକ ୟୁନିୟନର ସାଧାରଣ ସମ୍ପାଦକ ପ୍ରଦୀପ୍ତ ପାଟ୍ଟଶାହାଣୀ, ମଣ୍ଡଳ ସଂଯୋଜକ ନିରଞ୍ଜନ ମିଶ୍ର, ସୁବ୍ରତ ପଣ୍ଡା, ଗୌରୀଶଙ୍କର ମହାନ୍ତି ପ୍ରମୁଖଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଥିଲା।

## ସରକାରୀ ସହାୟତାରୁ ବଞ୍ଚିତ ଅଭିଯୋଗ

**ଖୋର୍ଦ୍ଧା ଅଫିସ,୧୯।୮**

ଖୋର୍ଦ୍ଧା ବ୍ଲକ ଗଡ଼ହଳଦିଆ ପଞ୍ଚାୟତ ବଘେଇଟାଙ୍ଗୀ ଗ୍ରାମର ୧୩ ଓ ୧୪ ନଂ. ୱାର୍ଡରେ ସରକାରୀ ଯୋଜନା ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁ ନାହିଁ। ଏ ନେଇ ସ୍ଥାନୀୟ ବାସିନ୍ଦା ସୋମବାର ଜିଲାପାଳଙ୍କୁ ଭେଟି ଅବଗତ କରାଇଛନ୍ତି। ଏହା ସହ ଦୁଇ ୱାର୍ଡମେମ୍ବରଙ୍କୁ ବହିଷ୍କାର କରିବା ପାଇଁ ଅନୁରୋଧ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା ପରି ଅଧିକାଂଶ ଯୋଜନାରେ ହାତଗୁଞ୍ଜା କାରବାର ହେଉଛି। ଏହି ଦୁଇ ୱାର୍ଡର ୱାର୍ଡମେମ୍ବର ସେମାନଙ୍କ ଦାୟିତ୍ୱ ଠିକ୍ ଭାବେ କରୁ ନ ଥିବାରୁ ସାଧାରଣ ଲୋକ ହଟହଟା ହେଉଥିବା ଅଭିଯୋଗ ହେଉଛି।

## ୧୨୭ ଅଭିଯୋଗର ଶୁଣାଣି କଲେ ଜିଲାପାଳ





ଜନଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ।

**ଚିଲିକା,୧୯।୮(ଡି.ଏନ.ଏ.)**

ଚିଲିକା ବ୍ଲକ ସଭାଗୃହରେ ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଚିଲିକା ବ୍ଲକ ଅନ୍ତର୍ଗତ ୧୭ ପଞ୍ଚାୟତରୁ ମୋଟ ୧୨୭ ଆବେଦନକାରୀଙ୍କ ଶୁଣାଣି କରାଯାଇଥିଲା । ବ୍ୟକ୍ତିଗତ ଭାବେ ୧୨୨ ଓ ଗୋଷ୍ଠୀଗତ ଭାବେ ୫ ଆବେଦନ ଉପରେ ବିଚାର କରାଯାଇଥିଲା । ରେଡ଼କ୍ରସ ପକ୍ଷରୁ ୧ ଜଣଙ୍କୁ ୮ହଜାର, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ୧ ଜଣଙ୍କୁ ୧୦ ହଜାର ଓ ଅନ୍ୟ ଜଣେ ଆବେଦନକାରୀଙ୍କୁ ୫ ହଜାର ଟଙ୍କାର ସହାୟତା ଅର୍ଥରାଶି ପ୍ରଦାନ କରାଯାଇଥିଲା । ଶିବିରରେ ଖୋର୍ଦ୍ଧା ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ବ୍ଲକ ଅଧ୍ୟକ୍ଷା ଝରଣା ରାଣୀ ବାରିକ, ଚିଲିକା ତହସିଲଦାର ଶରତ କୁମାର ମହାପାତ୍ର, ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ରବି ନାରାୟଣ ପାଢ଼ୀ ଓ ଏସ୍‌ପି ଅମୂଲ୍ୟ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

■ ୩ୟ ଦିନରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

## ଜିଲାପାଳ, ଅତିରିକ୍ତ ଶ୍ରମ ଅଧିକାରୀଙ୍କୁ ଦାବିପତ୍ର

**ଖୋର୍ଦ୍ଧା ଅଫିସ,୧୯।୮**

ଖୋର୍ଦ୍ଧା ମ୍ୟୁନିସିପାଲିଟିରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ୩ୟ ଦିନରେ ପହଞ୍ଚିଛି। ଫଳରେ ଖାର୍ଦ୍ଧା ସହରରେ ପରିମଳ ସେବା ଠପ୍ ହୋଇଯାଇଛି। ସଫେଇ କର୍ମଚାରୀମାନେ ସୋମବାର ଜିଲାପାଳ ଓ ଅତିରିକ୍ତ ଶ୍ରମ ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଅନ୍ୟପକ୍ଷରେ ଠିକାଦାର ଆସି ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ସଫେଇ କର୍ମଚାରୀଙ୍କୁ କହିଥିଲେ ମଧ୍ୟ ସୁଫଳ ମିଳିନାହିଁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଫେଇ କର୍ମଚାରୀମାନେ କହିଛନ୍ତି। ଅଭିଯୋଗ ଅନୁଯାୟୀ, ସଫେଇ କର୍ମଚାରୀଙ୍କୁ ଦୈନିକ ୨୮୦ଟଙ୍କା ପାରିଶ୍ରମିକ ଦିଆଯିବ ବୋଲି ଠିକାଦାରଙ୍କ ପକ୍ଷରୁ କୁହାଯାଇଥିଲା। ଇପିଏଫ ଓ ଇଏସ୍‌ଆଇ ବାବଦକୁ ଦୈନିକ ୩୮ଟଙ୍କା କଟାଯାଇ ୨୪୨ଟଙ୍କା ଦରମା ଦିଆଯାଉଛି। କୌଣସି ସଫେଇ କର୍ମଚାରୀ ଇପିଏଫ୍ ଓ ଇଏସ୍‌ଆଇ ସୁବିଧା ପାଉନାହାନ୍ତି। ମାସକୁ ୩୦ଦିନର କାମ ଦିଆ ନ ଯାଇ ୨୬ଦିନର କାମ କରିବାକୁ କୁହାଯାଉଛି। ରେନିକୋଟ ନ ଦେବାରୁ ବର୍ଷାରେ ଓଦା ହୋଇ କାମ କରିବାକୁ ପଡୁଛି। ଦୈନିକ ୮ଘଣ୍ଟା ପରିବର୍ତ୍ତେ ମନଇଚ୍ଛା କାମରେ ଲଗାଯାଉଛି। ପ୍ରତିବାଦ କଲେ ଛଟେଇ କରାଗଲା ବୋଲି କୁହାଯାଉଛି। ନିୟମିତ ଦରମା, ଇପିଏଫ୍ ଓ ଇଏସ୍‌ଆଇ ସୁବିଧା, ସଫେଇ କର୍ମଚାରୀଙ୍କୁ ଛଟେଇ ବନ୍ଦ କରିବା, ଖାତାଦାର ଜୁଲମରୁ ମୁକ୍ତ କରିବା, ଠିକାଦାରଙ୍କ ନାଁ ପ୍ରଦାନ କରିବା ସହ ଘରୋଇକରଣ ୱାର୍ଡରେ କେତେଜଣ ସଫେଇ କର୍ମଚାରୀ ନିୟୋଜିତ ହେବାର ନିୟମ ରହିଛି ସେ ସମ୍ପର୍କରେ ଲିଖିତ ଭାବେ ପ୍ରଦାନ କରିବାକୁ ଦାବି ହେଉଛି।

## ଚାରାରୋପଣ କାର୍ଯ୍ୟକ୍ରମ

**ନିରାକାରପୁର, ୧୯।୮ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଓଳସିଂହ ପଞ୍ଚାୟତସ୍ଥିତ ଦାଶରଥି ହାଇସ୍କୁଲ ଓ ସରକାରୀ ଡାକ୍ତରଖାନା ପରିସରରେ ସୋମବାର ପୂର୍ବାହ୍ନ ସମୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ଶ୍ରୀକାନ୍ତ କୁମାର ବେହେରା, ଟାଙ୍ଗୀ ବ୍ଲକ ମୃତ୍ତିକା ସଂରକ୍ଷଣ ବିଭାଗ ସହକାରୀ ଅଧିକାରୀ ମହେନ୍ଦ୍ର ବିଶ୍ୱାଳ, ସରପଞ୍ଚ ପ୍ରେମାନନ୍ଦ ପରିଡ଼ା, ସମିତି ସଭ୍ୟା ଜସ୍ମିନ ବରିସଲ, ଶିକ୍ଷାବିତ୍ ଓ ରାଜନେତା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ଚଳଚ୍ଚିତ୍ର ନିର୍ମାଣ କର୍ମଶାଳା ଉଦ୍‌ଘାଟିତ



କର୍ମଶାଳାରେ ରାଜ୍ୟ ଚଳଚ୍ଚିତ୍ର ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ଓ ଅନ୍ୟମାନେ ।

**ଜଟଣୀ,୧୯।୮(ଡି.ଏନ୍.ଏ.)**

ଜଟଣୀସ୍ଥିତ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ମିଡିଆ ଆଣ୍ଡ କମ୍ୟୁନିକେଶନ୍ ପକ୍ଷରୁ ୫ ଦିନିଆ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ନିର୍ମାଣ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଫେସର ଚନ୍ଦ୍ରଭାନୁ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟ ଚଳଚ୍ଚିତ୍ର ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ଅତିଥିଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଭୁଟାନ୍ ସମେତ ଭାରତର ବିଭିନ୍ନ ରାଜ୍ୟର ଯୁବ ପ୍ରତିଭାମାନେ ଯୋଗଦେଇଛନ୍ତି। ବିଶ୍ୱବିଦ୍ୟାଳୟର ଏଭଳି ପଦକ୍ଷେପକୁ ଅତିଥି ତ୍ରିପାଠୀ ପ୍ରଶଂସା କରିବା ସହ ଚଳଚ୍ଚିତ୍ର ନିଗମ ଆଗାମୀ ଦିନରେ ଏହାକୁ ପ୍ରୋତ୍ସାହନ ଦେବ ବୋଲି କହିଥିଲେ। ଶିବପ୍ରସାଦ ମହାନ୍ତି, ମନୋରଞ୍ଜନ ମିଶ୍ର, ମିଲି ମହାନ୍ତି ପ୍ରମୁଖ ଏହି କର୍ମଶାଳାରେ ଯୁବ ପ୍ରତିଭାମାନଙ୍କୁ ଚଳଚ୍ଚିତ୍ର ନିର୍ମାଣ ସମ୍ବନ୍ଧିତ ବିଭିନ୍ନ ବିଷୟ ଉପରେ ତାଲିମ ପ୍ରଦାନ କରିବେ ବୋଲି ଜଣାପଡ଼ିଛି।

## ଓଡ଼ିଶା ଜୀବିକା ମିଶନ ପକ୍ଷରୁ ତାଲିମ ଶିବିର ଉଦ୍‌ଯାପିତ

**ବୋଲଗଡ଼,୧୯।୮(ଡି.ଏନ.ଏ.)**

ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବୋଲଗଡ଼ ବ୍ଲକ ଆରିକମା ପଞ୍ଚାୟତ କାର୍ଯ୍ୟାଳୟଠାରେ ଚାଲିଥିବା ୨ ଦିନିଆ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମାଞ୍ଚଳର ଗରିବ ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ମାଧ୍ୟମରେ ବ୍ଲକସ୍ଥିତ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏସ୍‌ଏଚ୍‌ଜିଗୁଡ଼ିକୁ ବିଭିନ୍ନ ସୁବିଧା, ସୁଯୋଗ ଉପଲବ୍ଧ କରାଇବା ପାଇଁ ପଞ୍ଚାୟତସ୍ତରରେ ଏମ୍‌ବିକେ, ସିଆର୍‌ପି ଏବଂ ବ୍ୟାଙ୍କ ମିତ୍ରମାନଙ୍କୁ ନିଯୁକ୍ତି ଦିଆଯାଇଛି। ଉପରୋକ୍ତ କର୍ମକର୍ତ୍ତାମାନେ ତାଲିମ ନେଇ କିପରି ଗୋଷ୍ଠୀଗୁଡ଼ିକର ବିକାଶ କରିପାରିବେ ସେହି ଲକ୍ଷ୍ୟ ନେଇ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗେଡ଼ିଆପଲ୍ଲୀ ଏବଂ ଆରିକମା ପଞ୍ଚାୟତର ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କ ମିତ୍ରମାନଙ୍କୁ ତାଲିମ ଦିଆଯାଇଛି। ଏହାପରେ ଉପରୋକ୍ତ ପଞ୍ଚାୟତସ୍ଥ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀକୁ ୩ ଦିନିଆ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି ବିପିଏମ୍ ପ୍ରକାଶ ଚନ୍ଦ୍ର ବଳିୟାର୍‌ସିଂ ସୂଚନା ଦେଇଛନ୍ତି।

## ୬୪ତମ ରେଲୱେ ସପ୍ତାହ ପାଳିତ

**ଜଟଣୀ,୧୯।୮(ଡି.ଏନ୍.ଏ.):**

ଖୋର୍ଦ୍ଧାରୋଡ଼ ରେଲୱେ ଡିଭିଜନ ପକ୍ଷରୁ ଜଟଣୀସ୍ଥିତ କଲ୍ୟାଣମଣ୍ଡପରେ ୬୪ତମ ରେଲୱେ ସପ୍ତାହ ସୋମବାର ପାଳିତ ହୋଇଯାଇଛି। ବରିଷ୍ଠ କାର୍ମିକ ଅଧିକାରୀ ସୁରେଶ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଡିଭିଜନର ଡିଆର୍‌ଏମ୍ ଶଶୀକାନ୍ତ ସିଂ ଓ ଖୋର୍ଦ୍ଧାରୋଡ଼ ମହିଳା କଲ୍ୟାଣ ସଙ୍ଗଠନର ସଭାନେତ୍ରୀ ପୂର୍ଣ୍ଣିମା ସିଂ ଅତିଥିଭାବେ ଯୋଗଦେଇଥିଲେ। ବାତ୍ୟା ଫନୀରେ ଖୋର୍ଦ୍ଧାରୋଡ୍ ଡିଭିଜନରେ ହୋଇଥିବା କ୍ଷତି ଓ ରେଲୱେ କର୍ମଚାରୀଙ୍କ କଠିନ ପରିଶ୍ରମରେ ପୁନରୁଦ୍ଧାର କାର୍ଯ୍ୟ କରାଯାଇ ଯାତ୍ରୀଙ୍କୁ ସେବା ପ୍ରଦାନ କରାଯାଇଥିଲା ସେ ନେଇ ଡିଆର୍‌ଏମ୍ ଶଶୀକାନ୍ତ କହିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜୋନାଲ ସ୍ତରରେ ଏହି ଡିଭିଜନ ୧୦ଟି ସିଲ୍‌ଡ ହାସଲ କରିଥିବା ସୂଚନା ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡିଭିଜନ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ରେଲୱେ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।





ଜଣେ କାର୍ଯ୍ୟରତ ରେଲୱେ କର୍ମଚାରୀଙ୍କୁ ପୁରସ୍କୃତ କରାଯାଉଛି ।

## ବର୍ଷାରେ ଚାଲିଛି ରେଲ୍‌ୱେ ଡ୍ରେନ୍ ନିର୍ମାଣ କାର୍ଯ୍ୟ

**ନିରାକାରପୁର,୧୯।୮(ଡି.ଏନ.ଏ.)**

- ବିଭାଗ ପକ୍ଷରୁ ହେଉନି ତଦାରଖ
- ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ନିରାକାରପୁର ଷ୍ଟେଶନ ପଶ୍ଚିମ ପାର୍ଶ୍ୱ କଲୋନୀରୁ ଜଳ ନିଷ୍କାସନ ନିମନ୍ତେ ସମ୍ପ୍ରତି ଡ୍ରେନ୍ ନିର୍ମାଣ କାର୍ଯ୍ୟ କରାଯାଉଛି। ତେବେ ରେଲ୍‌ୱେ ପକ୍ଷରୁ ପୂର୍ବରୁ ନିର୍ମାଣ କରା ନ ଯାଇ ବର୍ଷା ଲାଗି ରହିଥିବାବେଳେ ସିମେଣ୍ଟ ପ୍ଲାଷ୍ଟର କାର୍ଯ୍ୟ ହେଉଥିବାରୁ ଏହାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିୟମ ଅନୁସାରେ, ବର୍ଷାରେ ଏଭଳି ନିର୍ମାଣ କାର୍ଯ୍ୟ ପ୍ରତି ବାରଣ ରହିଥିଲେ ମଧ୍ୟ ଠିକାଦାର ତରବରିଆ ଭାବେ କାମ ସାରିଦେବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ବର୍ଷାରେ କେହି ତଦାରଖ କରିବାକୁ ମଧ୍ୟ ଆସି ନ ପାରନ୍ତି।



ବର୍ଷାରେ ପ୍ଲାଷ୍ଟର କାମ କରାଯାଉଛି ।

ତେବେ ଏ ପରିସ୍ଥିତିରେ କାର୍ଯ୍ୟ କିପରି ଚାଲିଛି ତାହା ମଧ୍ୟ ଏକ ବିଚାରଯୋଗ୍ୟ ବିଷୟ ପାଲଟିଛି। ସୂଚନାଯୋଗ୍ୟ, ଅଳ୍ପ ବର୍ଷାରେ ମଧ୍ୟ ସିମେଣ୍ଟ ପ୍ଲାଷ୍ଟର ଧୋଇ ହୋଇଯାଇପାରେ। ଏହା ଶୁଖି ନ ଥିବା ଅବସ୍ଥାରେ ଅଳ୍ପ ବର୍ଷା ହେଲେ ମଧ୍ୟ ପ୍ଲାଷ୍ଟର କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯିବ। କାର୍ଯ୍ୟକ୍ଷେତ୍ରକୁ ତଦାରଖ ନିମନ୍ତେ କେହି ବିଭାଗୀୟ ଅଧିକାରୀ ଆସୁ ନ ଥିବାରୁ ଠିକାଦାର ଏଭଳି ମନମୁଖି କାର୍ଯ୍ୟ କରୁଥିବାରୁ ରେଲ୍‌ୱେର ଅର୍ଥ ଅଯଥା ଅପବ୍ୟୟ କରାଯାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ବର୍ଷାରେ କାହିଁକି କାମ କରୁଛ ବୋଲି ଜଣେ ଶ୍ରମିକଙ୍କୁ ପଚାରିବାରୁ ସେ କହିଥିଲେ, ଆମେ ଗରିବ ଲୋକ। ପେଟପାଟଣା ପାଇଁ ଆମେ ଖରା କିମ୍ବା ବର୍ଷା ସତ୍ତ୍ୱେ ବାଧହୋଇ କାମ କରୁଛୁ । ଏ ନେଇ ବାଲୁଗାଁ ରେଳ ବିଭାଗ ନିର୍ମାଣ କାର୍ଯ୍ୟ ନିରୀକ୍ଷକ ଶ୍ରୀନିବାସ ରାଓଙ୍କ ସହ ଯୋଗାଯୋଗ କରିବାରୁ ମୁଁ ବାହାରେ ଅଛି, କାର୍ଯ୍ୟାଳୟ ଗଲେ ଏହାର ଅନୁସନ୍ଧାନ କରିବି ବୋଲି କହିଥିଲେ।



ପ୍ରତ୍ୟେକ ମହତ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ପୁରୀ ଅଫିସ,୧୯।୮:** ସମୁଦ୍ରକୂଳ ଥାନା ଅଧୀନ ସିଟି ରୋଡ଼ଠାରେ ସୋମବାର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାହୁଲ କୁମାର ସେଠୀ (୪୫)। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରାହୁଲ ମରାମତି କରୁଥିବା ବେଳେ ହଠାତ୍ ଲାଇନ ଚାର୍ଜ ହୋଇଯିବାରୁ ବିଦ୍ୟୁତ ଆଘାତରେ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କଣାସରେ ନୂତନ ତହସିଲଦାରଙ୍କ ଯୋଗଦାନ

**କଣାସ, ୧୯।୮(ସ୍ୱ.ପ୍ର.)-** ପୁରୀ ଜିଲା କଣାସ ତହସିଲ୍‌ରେ ନୂତନ ତହସିଲଦାର ଭାବେ ଉମାକାନ୍ତ ରାଉତ ଯୋଗଦେଇଛନ୍ତି। ପୂର୍ବତନ ତହସିଲଦାର ଅନୀତା ପଣ୍ଡା ଭୁବନେଶ୍ୱରକୁ ବଦଳି ହେବା ପରେ ସମ୍ବଲପୁରରେ ଅତିରିକ୍ତ ଭାବେ କାର୍ଯ୍ୟକରୁଥିବା ଉମାକାନ୍ତଙ୍କୁ କଣାସକୁ ବଦଳି କରାଯାଇଛି। କାର୍ଯ୍ୟରେ ଯୋଗଦେବା ପରେ କଣାସ ଭଳି ସମସ୍ୟାବହୁଳ ଅଞ୍ଚଳରେ ଲୋକଙ୍କୁ କିପରି ସୁବିଧାରେ ସେବା ଯୋଗାଇଦେବେ ସେଥିପ୍ରତି ଧ୍ୟାନଦେବେ ବୋଲି ସୂଚନା ଦେଇଛନ୍ତି।

### ଖୁଦୁରୁକୁଣୀ ଓଷା ପାଳିଲେ କୁମାରୀ

**କଣାସ, ୧୯।୮(ସ୍ୱ.ପ୍ର.)-** କଣାସ ବ୍ଲକରେ ସମସ୍ତ ଗ୍ରାମର କୁମାରୀ ଝିଅମାନେ ଖୁଦୁରୁକୁଣୀ ଓଷା ପାଳନ କରିବା ସହିତ ମଙ୍ଗଳା ପୂଜା ଆରମ୍ଭ କରିଛନ୍ତି। ପ୍ରତ୍ୟେକ ଗ୍ରାମର ଯୁବତୀ ଓ ନବବିବାହିତ ବୋହୂମାନେ ପ୍ରଭାତରୁ ଗ୍ରାମରେ ଥିବା ପୁଷ୍କରିଣୀ ଓ ନଦୀକୁ ଯାଇ ସ୍ନାନକରି ବାଲି ଆଞ୍ଜୁଳା ଆଣି କୂଳରେ ଏକତ୍ର ରଖି ତା' ଉପରେ ବିଭିନ୍ନ କିସମର ଫୁଲ ଦେଇ ସାଙ୍ଗରେ ନେଇଥିବା ସେଓ, କଦଳୀ, ଅଙ୍ଗୁର, ଖଇକୋରା ପୂଜା ଅର୍ଚ୍ଚନା କରି ନିଜ ନିଜ ଘରକୁ ଫେରିଥିଲେ। ସନ୍ଧ୍ୟାକୁ ଯୁବତୀମାନେ ମେଳି ହୋଇ ରଙ୍ଗ ବେରଙ୍ଗର ଆଲୋକରେ ସଜା ହୋଇଥିବା ତୋରଣରେ ମା'ମଙ୍ଗଳାଙ୍କ ମୂର୍ତ୍ତି ସ୍ଥାପନ କରି ତଅପୋଇ ଉପରେ ଆଧାରିତ ପୁସ୍ତକ ପଢ଼ିଥିଲେ।

### ଚାରା ରୋପଣ

**ପୁରୀ ଅଫିସ,୧୯।୮:** ଶ୍ରୀଜଗନ୍ନାଥ ଧାମ ରୋଟାରୀ କ୍ଲବ ପକ୍ଷରୁ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ୨୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ସଭାପତି ପ୍ରଦୀପ କୁମାର ନାୟକ, ଇନର ହୁଇଲ କ୍ଲବ ସଭାପତି ଝରଣା ନାୟକ, ସରୋଜ କାନ୍ତି ଦେ, ପ୍ରଭୁଦତ୍ତ ସୁବୁଦ୍ଧି, ଦୁର୍ଗାଦତ୍ତ ସୁବୁଦ୍ଧି, ଦେବାଶିଷ କୁମାର, ଦେବରାଜ ପ୍ରଧାନ, ନିରୁପମା ଷଡ଼ଙ୍ଗୀ, ସୁନୀତା ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ।

### ପତଞ୍ଜଳି ଯୋଗ ସମିତିର ବୈଠକ

**ପୁରୀ ଅଫିସ,୧୯।୮:** ପତଞ୍ଜଳି ଯୋଗ ସମିତିର କାର୍ଯ୍ୟକାରିଣୀ ବୈଠକ ସୋମବାର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପ୍ରଭାରୀ ଭାସ୍କର କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ପୁରୀ ଜିଲାରେ ଦୈନିକ ଯୋଗ କକ୍ଷର ବିସ୍ତାର ଓ ତହସିଲସ୍ତରରେ ଯୋଗ ଶିବିର ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ସେପ୍ଟେମ୍ବର ସୁଦ୍ଧା ତହସିଲ ସମିତି ଗଠନ ପ୍ରକ୍ରିୟା ଶେଷ ହେବ ଏବଂ ଚଳିତ ମାସ ଶେଷରେ ୧୫ଦିନିଆ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର କରାଯିବ। ବିଭିନ୍ନ ସ୍ଥାନରେ ସଚେତନତା ସଭା ଆୟୋଜନ କରାଯାଇ ଯୋଗ ପ୍ରାଣାୟାମ ଦ୍ୱାରା ନିରୋଗ ରହିବା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ। ଚାରାରୋପଣ ସହ ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯିବ ବୋଲି ପତଞ୍ଜଳି ଯୋଗ ସମିତିର ପୁରୀ ଜିଲା ପ୍ରଭାରୀ ମହେଶ ପ୍ରସାଦ ରଥ କହିଛନ୍ତି। ବୈଠକରେ ମୁଖ୍ୟ ସଂରକ୍ଷକ କୈଳାସ ଚନ୍ଦ୍ର ଟିକାୟତରାୟ, ଆଜୀବନ ସଦସ୍ୟ ବିବୁଧ ରଞ୍ଜନ ମହାପାତ୍ର, ପ୍ରମିଳା ସାହୁ, ସ୍ମିତାରାଣୀ ଦାସ, ମନସ୍ମିତା ଜେନା, ନରସିଂହ ପ୍ରଧାନ, ଜ୍ୟୋତି ରଞ୍ଜନ ସାହୁ, ଝରଣା ଦାସ, ମୋହନ ଓଝା, ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

■ ବାଲୁଖଣ୍ଡ ଅଭୟାରଣ୍ୟ: ବାତ୍ୟାରେ ଭାଙ୍ଗିଥିଲା ଲକ୍ଷାଧିକ ଗଛ

# ପାଣିରେ ପଡ଼ିରହି ନଷ୍ଟ ହେଉଛି ମୂଲ୍ୟବାନ କାଠ

**ପୁରୀ ଅଫିସ,୧୯।୮**



ଭାଙ୍ଗିଯାଇଥିବା ଗଛର କାଠଗୁଡ଼ିକ ବର୍ଷାପାଣିରେ ଭିଜୁଛି।

ବାଲୁଖଣ୍ଡ ଅଭୟାରଣ୍ୟର ସବୁଜିମାକୁ ଉଜାଡ଼ି ଦେଇଥିଲା ବାତ୍ୟା 'ଫନୀ'। ଭାଙ୍ଗି ପକାଇଥିଲା ଲକ୍ଷ ଲକ୍ଷ ମୂଲ୍ୟବାନ ଗଛ। ପରବର୍ତ୍ତୀ ସମୟରେ ବନ ବିଭାଗ ସେହି ଗଛଗୁଡ଼ିକରୁ କାଠ ସଂଗ୍ରହ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲା। ଏହି କାର୍ଯ୍ୟ ଏବେ ବି ଚାଲିଛି। ବହୁସଂଖ୍ୟାରେ ଶ୍ରମିକଙ୍କୁ ଲଗାଇ କାଠ କଟାଯାଉଛି। ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ କାଠକୁ ଗଦା କରି ରଖାଯାଇଛି। ଦୀର୍ଘଦିନ ହେଲାଣି କାଠକୁ ବନ ବିଭାଗ ସୁରକ୍ଷିତ ସ୍ଥାନରେ ନେଇ ନ ରଖିବାରୁ ଏବେ ଏହା ବର୍ଷାପାଣିରେ ଭିଜୁଛି। ଏଥିଯୋଗୁ ଲକ୍ଷ ଲକ୍ଷ ଟଙ୍କାର ମୂଲ୍ୟବାନ କାଠ ନଷ୍ଟ ହେବାରେ ଲାଗିଛି।

୮୭ ବର୍ଗ କିମି ଅଞ୍ଚଳକୁ ନେଇ ପରିବ୍ୟାପ୍ତ ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ। ଏଠାରେ ୟୁକାଲିପଟାସ, କାଜୁ, ଆକାଶିଆ, ଝାଉଁ, ନିମ୍ବ ଆଦି ବିଭିନ୍ନ ପ୍ରଜାତିର ଗଛ ରହିଥିଲା। ହେଲେ ବାତ୍ୟାରେ ଏହି ଅଭୟାରଣ୍ୟ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଥିଲା। ଲକ୍ଷ ଲକ୍ଷ ସଂଖ୍ୟାରେ ଗଛ ଭାଙ୍ଗିବା ସହ ଉପୁଡ଼ି ପଡ଼ିଥିଲା। ଏହି ଗଛଗୁଡ଼ିକୁ ହାଣି କାଠ ସଂଗ୍ରହ କରୁଛି ବନ ବିଭାଗ। ବହୁସଂଖ୍ୟକ ଶ୍ରମିକ ଏଥିରେ ନିୟୋଜିତ ହୋଇଥିବା ବେଳେ କାଠଗୁଡ଼ିକୁ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ଗଦା କରି ରଖାଯାଇଛି। ତେବେ ସାଇଜ ହୋଇ କଟାଯାଇଥିବା ଏହି କାଠଗୁଡ଼ିକୁ ବନ ବିଭାଗ ପକ୍ଷରୁ ସ୍ଥାନାନ୍ତର କରାଯାଉ ନାହିଁ। କାଠଗୁଡ଼ିକ ଜଙ୍ଗଲ ଭିତରେ ସେମିତି ପଡ଼ିରହିଛି। ଏବେ ବର୍ଷା ଯୋଗୁ ଅଭୟାରଣ୍ୟର ପ୍ରାୟ ଅଧିକାଂଶ ଅଞ୍ଚଳରେ ପାଣି ଜମିଛି। ଫଳରେ କାଠଗୁଡ଼ିକ ପାଣି ଭିତରେ ରହି ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି। ୟୁକାଲିପଟାସ, ଆକାଶିଆ, ଝାଉଁ, ନିମ୍ବ ପରି ମୂଲ୍ୟବାନ କାଠ ନଷ୍ଟ ହେବା ଦ୍ୱାରା ବିଭାଗ ବହୁ ପରିମାଣର ରାଜସ୍ୱ ହରାଉଛି। ପ୍ରାୟ ଶତାଧିକ ଟନର ଏହି କାଠକୁ ଯଦି ବନ ବିଭାଗ ବିକ୍ରି କରନ୍ତା ତେବେ ବିପୁଳ ପରିମାଣର ଅର୍ଥ ପାଆନ୍ତା ଏବଂ ଏହାକୁ ଅଭୟାରଣ୍ୟର ସବୁଜିମା ପାଇଁ ବିନିଯୋଗ କରାଯାଇପାରନ୍ତା ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ସହରର ଜଣେ ବାସିନ୍ଦା ପ୍ରତାପ ଶତପଥୀ କହିଛନ୍ତି ପାଣି ଭିତରେ ଅଧିକ ଦିନ କାଠ ପଡ଼ିରହିଲେ ଏହା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯିବ ଏବଂ ବନ ବିଭାଗ ବିପୁଳ ପରିମାଣର ରାଜସ୍ୱ ହରାଇବ।

ଏ ସମ୍ପର୍କରେ ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତାଙ୍କୁ ପଚାରିବାରେ କହିଛନ୍ତି, କାଠଗୁଡ଼ିକ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ରଖାଯାଇଛି। ତେବେ ବର୍ଷା ଯୋଗୁ ପାଣି ଜମିଛି। ବିଭାଗୀୟ ଅଧିକାରୀ ଏ ପର୍ଯ୍ୟନ୍ତ କାଠଗୁଡ଼ିକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇ ନ ଥିବାରୁ କିଛି କରାଯାଇ ପାରିନାହିଁ। ତେବେ ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ।

■ ଦୁର୍ବଳ ହେଉଛି ଚିଲିକା ରିଂ ବନ୍ଧ

# ଅରଖକୁଦା ପାଇଁ ବିପଦ

**ବ୍ରହ୍ମଗିରି, ୧୯।୮(ଡି.ଏନ୍.ଏ.)**



ଚିଲିକା କୂଳରେ ବସବାସ କରୁଥିବା ଲୋକଙ୍କୁ ଚିଲିକା ଓ ସାମୁଦ୍ରିକ ଜୁଆରରୁ ସୁରକ୍ଷା ଦେବା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ରିଂ ବନ୍ଧ ବା ସୁରକ୍ଷା ପ୍ରାଚୀର। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏହି ରିଂ ବନ୍ଧ ଦୁର୍ବଳ ହେବାକୁ ବସିଲାଣି। ଫନୀରେ ଏହାର କେତେକ ଅଂଶ ଦୁର୍ବଳ ହୋଇପଡ଼ିଛି। ଚିଲିକାର ଢେଉ ମାଡ଼ରେ ରିଂ ବନ୍ଧରୁ ବଡ଼ ବଡ଼ ଖଣ୍ଡ ସବୁ ଖସୁଛି। ରିଂ ବନ୍ଧ ନଷ୍ଟହେଲେ ଚିଲିକା କୂଳରେ ଥିବା ମତ୍ସ୍ୟଜୀବୀ ଗାଁ ଅରଖକୁଦା, ସାନପାଟଣା, ଗବକୁଣ୍ଡ, ମିର୍ଜାପୁର, ଶିପକୁଦା ପ୍ରତି ବିପଦ ଘନେଇ ଆସିବ। ସାମୁଦ୍ରିକ ବାତ୍ୟା ହେଲେ ଜୁଆର ପାଣି ଏହି ଗାଁ ମଧ୍ୟରେ ପ୍ରବେଶ କରିବ। ଲଘୁଚାପ ଜନିତ ବର୍ଷା କିମ୍ବା ସୁଉଚ୍ଚ ଜୁଆରରେ ରିଂ ବନ୍ଧ ଧୋଇଯିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ତୁରନ୍ତ ଏହାର ମରାମତି ପାଇଁ ଦାବି କରିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଅଟୋ ଚାଳକ ମହାସଂଘ




ଅଟୋଚାଳକ ମହାସଂଘର କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**ପୁରୀ ଅଫିସ,୧୯।୮**

ବିଭିନ୍ନ ଦାବି ନେଇ ଅଟୋ ଚାଳକ ମହାସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ତୁରନ୍ତ ଦାବି ପୂରଣ ଲାଗି ପଦକ୍ଷେପ ନିଆ ନ ଗଲେ ମହାସଂଘ ବଡ ଧରଣର ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଥିଲା।

ପୂର୍ବାହ୍ନରେ ମହାସଂଘ ଅନୁବନ୍ଧିତ ଅଟୋଚାଳକ ସଂଘର ସଦସ୍ୟମାନେ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମହାସଂଘର ଆବାହକ ଶ୍ରୀକାନ୍ତ ପରିଜା ଉଦ୍‌ବୋଧନ ଦେଇ କହିଥିଲେ, ଗତ କିଛିଦିନ ହେଲା ଆଞ୍ଚଳିକ ପରିବହନ ବିଭାଗ ବିଭିନ୍ନ ଆଳ ଦେଖାଇ ଅଟୋଚାଳକଙ୍କ ଉପରେ ଜୁଲମ କରୁଛି। ଆବଶ୍ୟକ କାଗଜପତ୍ର ଥିବା ସତ୍ତ୍ୱେ ବେଆଇନ ଭାବେ ଜରିମାନା ଆଦାୟ କରାଯାଉଛି। ଏହାଦ୍ୱାରା ଅଟୋ ଚାଳକମାନଙ୍କ ଜୀବିକା ପ୍ରଭାବିତ ହେବାରେ ଲାଗିଛି। କିଛିଦିନ ତଳେ ପରିବହନ ବିଭାଗ ଅଟୋଚାଳକ ମହାସଂଘ ସହ କୌଣସି ଆଲୋଚନା ନ କରି ରେଟ୍ ଚାର୍ଟ ପ୍ରସ୍ତୁତ କରିଛି। ଏହାଠାରୁ ଅଧିକ ଦାବି କଲେ ଲାଇସେନ୍ସ ରଦ୍ଦ ଲାଗି ଧମକ ଦିଆଯାଉଛି। ତୁରନ୍ତ ମହାସଂଘ ସହ ଆଲୋଚନା କରି ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ପରିଜା ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ପୁରୀ ଧାମ ଅଟୋଚାଳକ ମହାସଂଘ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ସେ କହିଛନ୍ତି। ଏହି ଆନ୍ଦୋଳନରେ ଦାଶରଥି ସାହୁ, ବସନ୍ତ ରାଉତ, ଅନିଲ ଦାସ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଅକ୍ଷୟ କର, ବିଶ୍ୱନାଥ ରେଡ୍ଡୀ, ପ୍ରଫୁଲ୍ଲ ମହାପାତ୍ର, ରାମଚନ୍ଦ୍ର ବେହେରା, ନାରାୟଣ ପ୍ରହରାଜଙ୍କ ସମେତ ଶତାଧିକ ଅଟୋଚାଳକ ସାମିଲ ଥିଲେ।

# ସବୁଜିମା ଫେରାଇ ଆଣିବାକୁ ଉଦ୍ୟମ

■ ସହରବାସୀଙ୍କୁ ଚାରା ବାଣ୍ଟିବାକୁ ବୁଲିଲା ଗାଡ଼ି



ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା ଚାରା ବଣ୍ଟନ ଗାଡ଼ିର ଶୁଭାରମ୍ଭ କରୁଛନ୍ତି।

**ପୁରୀ ଅଫିସ, ୧୯।୮**

ମଣିଷ ସମାଜକୁ ଗଛର ଅବଦାନ ଅନସ୍ୱୀକାର୍ଯ୍ୟ। ଗଛ ବିନା ମଣିଷ ସମାଜ ତିଷ୍ଠିବା ଏକ ପ୍ରକାର ଅସମ୍ଭବ। ଏଥିପାଇଁ କୁହାଯାଏ ବୃକ୍ଷ ହିଁ ଜୀବନ। ହେଲେ ଆଜି କଂକ୍ରିଟ ଜଙ୍ଗଲ ବଢୁଥିବା ବେଳେ ହ୍ରାସ ପାଉଛି ପ୍ରାକୃତିକ ଜଙ୍ଗଲ। ତେଣୁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ହୋଇପଡ଼ିଛି। ବେଳେ ବେଳେ ପ୍ରାକୃତିକ ଦୁର୍ବିପାକ ଏଥିରେ ଦାଉ ସାଧୁଛି। ବାତ୍ୟା ଫନୀ ପୁରୀ ଜିଲାକୁ ଏକପ୍ରକାର ଗଛ ଶୂନ୍ୟ କରିଦେଇଛି। ଜିଲାର ଅଧିକାଂଶ ଗଛ ନଷ୍ଟ ହୋଇଯାଇଛି। ପୁଣି ସବୁଜିମା ଫେରାଇ ଆଣିବାକୁ ଉଦ୍ୟମ କରୁଛି ବନ ବିଭାଗ। ଲୋକଙ୍କୁ ସଚେତନ କରିବା ସହ ମାଗଣା ଚାରା ବାଣ୍ଟିବା ପ୍ରକ୍ରିୟା ଜାରି ରଖିଛି। ଜିଲାର ବିଭିନ୍ନ ସ୍ଥାନରେ ଗତ ଜୁଲାଇ ୧ତାରିଖଠାରୁ ପ୍ରାୟ ମାସାଧିକ ବିତରଣ କେନ୍ଦ୍ର ଖୋଲି ଚାରା ବାଣ୍ଟିଥିବା ବନ ବିଭାଗ ସୋମବାରଠାରୁ ଗାଡ଼ିରେ ଚାରା ବଣ୍ଟନର ଶୁଭାରମ୍ଭ କରିଛି। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟରେ ଥିବା ବନ ବିଭାଗର ରେଷ୍ଟ ହାଉସ୍ ବନାନୀ ପରିସରରେ ୫ଟି ଭ୍ରାମ୍ୟମାଣ ଚାରା ବଣ୍ଟନ ଗାଡିକୁ ପୁରୀ ଡିଏଫଓ ହର୍ଷବର୍ଦ୍ଧନ ଉଦ୍‌ଗାତା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ବନ ବିଭାଗ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମିଳିତ ପ୍ରୟାସରେ ଏହି ଭ୍ରାମ୍ୟମାଣ ଚାରା ବିତରଣ ଆରମ୍ଭ ହୋଇଛି।

ଏ ସମ୍ପର୍କରେ ସହକାରୀ ବନ ସଂରକ୍ଷକ ରବୀନ୍ଦ୍ର କୁମାର ମହାପାତ୍ର କହିଛନ୍ତି, ବାତ୍ୟାରେ ପୁରୀ ଜିଲାରେ ଲକ୍ଷାଧିକ ଗଛ ନଷ୍ଟ ହୋଇଯାଇଛି। ପୁରୀ ସହରର ସବୁଜିମା ମଧ୍ୟ ଉଜୁଡ଼ି ଯାଇଛି। ତେଣୁ ସବୁଜିମା ଫେରାଇ ଅଣାଯିବାକୁ ବନ ବିଭାଗ ପକ୍ଷରୁ ପ୍ରୟାସ ଚାଲିଛି। ଏହି ୫ଟି ଗାଡ଼ି ସହରର ପ୍ରତ୍ୟେକ ୱାର୍ଡ ପରିକ୍ରମା କରି ଲୋକଙ୍କୁ ଚାରା ବାଣ୍ଟିବ। ସବୁ ଗାଡ଼ିରେ କରଞ୍ଜ, ଝାଉଁ, ଲିମ୍ବ, ପିସ୍ତା ବାଦମ, ଶିଶୁ, ରାଧାଚୂଡ଼ା, ପୋଲାଙ୍ଗ, ଜାମୁ, ବଉଳ ଆଦି ବିଭିନ୍ନ ପ୍ରକାର ୨୦୦୦ ଚାରା ରହିଛି। ୫ଟି ଗାଡିରେ ୧୦ ହଜାର ଚାରା ରହିଥିବାବେଳେ ସହରର ପ୍ରତ୍ୟେକ ୱାର୍ଡରେ ଏହି ଗାଡ଼ି ପରିକ୍ରମା କରିବ। ଇଚ୍ଛୁକ ବ୍ୟକ୍ତିଙ୍କୁ ମାଗଣାରେ ଏହି ଚାରା ବଣ୍ଟାଯିବ। ଜଣଙ୍କୁ ସର୍ବାଧିକ ୫ଟି ଚାରା ପ୍ରଦାନ କରାଯିବ। ୪ଦିନ ଧରି ଏହି ଗାଡ଼ି ବୁଲିବ। ଡିଏଫ୍‌ଓ ଉଦ୍‌ଗାତା କହିଛନ୍ତି, ବିଭାଗ ପକ୍ଷରୁ ଚାରା ରୋପଣ ଦିଗରେ ଅଭିଯାନ ଜାରି ରହିଛି। ସହର ପରେ ବିଭିନ୍ନ ଗ୍ରାମାଞ୍ଚଳରେ ମଧ୍ୟ ଏପରି ଚାରା ବିତରଣ ପାଇଁ ଯୋଜନା ରହିଛି। କେବଳ ଚାରା ନେଇଗଲେ ହେବନାହିଁ, ଏହାକୁ ଉପଯୁକ୍ତ ଯତ୍ନ ଦେଇ ବଡ଼ କରିବା ଦାୟିତ୍ୱ ହେଉଛି ଗୁରୁତ୍ୱପୂର୍ଣ୍ଣ କଥା। ଏ ଦିଗରେ ଧ୍ୟାନ ଦେଲେ ଆମେ ଉଜୁଡ଼ି ଯାଇଥିବା ସବୁଜିମା ଫେରିପାଇବା।

## ଗୋ ସୁରକ୍ଷା, ଚାରା ରୋପଣ ନେଇ ବୈଠକ

**ସାକ୍ଷୀଗୋପାଳ, ୧୯।୮(ସ୍ୱ.ପ୍ର.)**

ସ୍ଥାନୀୟ ବରାଳ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଗୋ'ସୁରକ୍ଷା ଓ ଚାରା ରୋପଣ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫନୀରେ ବଡ଼ ବଡ଼ ଗଛ ସବୁ ଉପୁଡ଼ି ଯାଇଥିବାରୁ ଟ୍ରଷ୍ଟ ଦ୍ୱାରା ୨୫୦ଟି ନିମ୍ବ, କରଞ୍ଜ, କୃଷ୍ଣଚୂଡ଼ା ଗଛ ଲଗାଯିବାକୁ ସ୍ଥିର କରାଯାଇଥିଲା। ସେହିଭଳି ଗୋ ସୁରକ୍ଷା, ବେଆଇନ ଗୋଚାଲାଣକୁ ରୋକିବା ଦିଗରେ ଟ୍ରଷ୍ଟର ସଭାପତି ମହେଶ୍ୱର ପ୍ରଧାନ ଓ ଅନ୍ୟ ସଭ୍ୟମାନେ ନିଷ୍ପତ୍ତି ନେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁଧୀର ଚକ୍ରବର୍ତ୍ତୀ, ବିଭୂତିଭୂଷଣ ମହାପାତ୍ର, ପ୍ରଭାତ ମହାପାତ୍ର, ଆଲୋକ ମହାପାତ୍ର, ସୁଦର୍ଶନ ବିଶ୍ୱାଳ ଏବଂ ଅଶୋକ ଭଗବତ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଫଟୋଗ୍ରାଫି ଦିବସରେ ପରିବେଶ ସୁରକ୍ଷା ବାର୍ତ୍ତା

**ପୁରୀ ଅଫିସ, ୧୯।୮**

ପୁରୀ ବେଳାଭୂମି ଫଟୋଗ୍ରାଫର ମହାସଂଘ ପକ୍ଷରୁ ସୋମବାର ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଫଟୋଗ୍ରାଫରମାନେ ବେଳାଭୂମିର ଦିଗବାରେଣୀ ଖୁଣ୍ଟିଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଶ୍ୱମ୍ଭର ବିଦ୍ୟାପୀଠରେ ପହଞ୍ଚିଥିଲେ। ସେମାନେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ପର୍ଯ୍ୟଟନ ବିଭାଗର ସହନିର୍ଦ୍ଦେଶକ ବିଜୟ କୁମାର ଜେନା ଏବଂ ପ୍ରଧାନଶିକ୍ଷକ ସୁଶୀଲ କୁମାର ବ୍ରହ୍ମା ଯୋଗ ଦେଇଥିଲେ। ମହାସଂଘର ସଭାପତି ରଞ୍ଜନ କୁମାର ଦାସ, ଉପସଭାପତି ଏସ୍. ଶିବ, ସମ୍ପାଦକ ହେମନ୍ତ କୁମାର ଦାସ, ସୌମିତ୍ର ଘୋଷ, ରାମଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ଘରଭଙ୍ଗା କ୍ଷୟକ୍ଷତି ରିପୋର୍ଟରେ ଅନିୟମିତତା ଅଭିଯୋଗ

# ସରପଞ୍ଚଙ୍କ ବିରୋଧରେ ଜିଲାପାଳଙ୍କୁ ଫେରାଦ

**ପୁରୀ ଅଫିସ, ୧୯।୮**

ବାତ୍ୟାରେ ଘର ଭାଙ୍ଗିଥିବା କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ ଲାଗି ପ୍ରସ୍ତୁତ କ୍ଷୟକ୍ଷତି ରିପୋର୍ଟରେ ଅନିୟମିତତା ହୋଇଛି। ଏ ନେଇ ବ୍ରହ୍ମଗିରି ବ୍ଲକର କୁଶୁବେଣ୍ଟି ସରପଞ୍ଚଙ୍କ ବିରୋଧରେ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେତେକ ଲୋକ ଜିଲାପାଳଙ୍କୁ ଫେରାଦ ହେବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, କୁଶୁବେଣ୍ଟି ପଞ୍ଚାୟତରେ ଗ୍ରାମୱାରି ଘରଭଙ୍ଗା ସର୍ଭେ କରାଯାଇ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଛି। ମାତ୍ର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହିତାଧିକାରୀଙ୍କ ତାଲିକାରେ ସରପଞ୍ଚ ମନମୋହନ ସାହୁଙ୍କ ପରିବାରର ୫ଜଣଙ୍କ ନାମ ରହିଛି। ସରପଞ୍ଚଙ୍କ ପରିବାରର ଆଜବେଷ୍ଟସ ଘର ବାତ୍ୟାରେ କିଛି କ୍ଷତି ହୋଇ ନ ଥିବା ସ୍ଥଳେ ସେ କ୍ଷମତାର ଅପବ୍ୟବହାର କରି ସରକାରୀ ଅନୁଦାନ ଆତ୍ମସାତ କରିବାକୁ ଚେଷ୍ଟା କରିଛନ୍ତି। ତେଣୁ ଏହାର ପୁନଃ ତଦନ୍ତ ପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷେ ଏ ସମ୍ପର୍କରେ ସରପଞ୍ଚ ସାହୁଙ୍କୁ ପଚାରିବାରୁ କହିଛନ୍ତି, ଆମ ପରିବାର ଅଲଗା ହୋଇ ଯାଇଛୁ। ଏତଦ୍‌ବ୍ୟତୀତ ଯେଉଁ ଘରଭଙ୍ଗା କ୍ଷୟକ୍ଷତି ରିପୋର୍ଟ ପ୍ରକାଶ ପାଇଛି ତାହାକୁ ମୁଁ ପ୍ରସ୍ତୁତ କରିନାହିଁ। କ୍ଷୟକ୍ଷତି ଆକଳନରେ ସାମିଲ ପ୍ରଶାସନିକ ଅଧିକାରୀ ଯାଞ୍ଚ କରି ତାଙ୍କ ରିପୋର୍ଟ ଦେଇଛନ୍ତି। ତେଣୁ ମୁଁ ଏ ବିଷୟରେ ଅଧିକ କିଛି ଜାଣିନାହିଁ।

# ବିଶ୍ୱ ମାନବତାବାଦୀ ଦିବସ, ୩୨ ସାମାଜିକ କର୍ମୀ ସମ୍ବର୍ଦ୍ଧିତ

**କୋଣାର୍କ, ୧୯।୮(ଡି.ଏନ୍.ଏ.)**

କୋଣାର୍କ ଯାତ୍ରୀନିବାସ ସମ୍ମେଳନ କକ୍ଷରେ ସୋମବାର ୟଙ୍ଗଇଣ୍ଡିଆ ଓ ଆକସନଏଡ୍ ଦ୍ୱାରା ବିଶ୍ୱ ମାନବତାବାଦୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର, କନ୍ଧମାଳ, ଖୋର୍ଦ୍ଧା, ଗଞ୍ଜାମ, ପୁରୀ ଜିଲାରୁ ଶତାଧିକ ସାମାଜିକ କର୍ମୀ ଏକତ୍ରିତ ହୋଇଥିଲେ। ଫନୀ ସମୟରେ ସେମାନଙ୍କର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥିଭାବେ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ସାମାଜିକ କର୍ମୀମାନଙ୍କର ଏତାଦୃଶ କାର୍ଯ୍ୟଧାରାର ଭୂୟସୀ ପ୍ରଶଂସା କରିଥିଲେ। ଯେଉଁମାନେ ବିପର୍ଯ୍ୟୟ ସମୟରେ ଜନସେବା କରୁଛନ୍ତି ସେମାନେ ନମସ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏପ୍ରକାର କାର୍ଯ୍ୟକୁ ରାଜ୍ୟ ସରକାର ସର୍ବଦା ସହଯୋଗର ହାତ ବଢାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଅନ୍ୟତମ ଅତିଥିଭାବେ ଯୋଗଦେଇ କାକଟପୁର ତହସିଲଦାର ରୋଜିନା ଦାଶ ବର୍ତ୍ତମାନ ସମୟରେ ମାନବବାଦୀ କାର୍ଯ୍ୟର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ଆୟୋଜକ ସଂସ୍ଥା ୟଙ୍ଗଇଣ୍ଡିଆର ସଭାପତି ଏନ.ଏ. ଶାହା ଅନସାରୀ, ଆକସନଏଡର ଆଞ୍ଚଳିକ ପରିଚାଳକ ଦେବବ୍ରତ ପାତ୍ର, ଅଧିକାରୀ ଘାସିରାମ ପଣ୍ଡା, ବି.ଏନ୍. ଦୁର୍ଗା, ସୁଦେଷ୍ଣା ମିଶ୍ର, ସୁଦତ୍ତା ଖୁଣ୍ଟିଆ, ଲୋପାମୁଦ୍ରା ବେହେରା, ପୁଷ୍ପଶ୍ରୀ ଦେବୀ ପ୍ରମୁଖ ଉପସ୍ଥିତ ରହି ବିପର୍ଯ୍ୟୟ ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ। ବିପର୍ଯ୍ୟୟ ସମୟରେ ପ୍ରଭାବଶାଳୀ ପଦକ୍ଷେପ ନେଇଥିବା ୩୨ ଜଣ ସାମାଜିକ କର୍ମୀଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନ୍ଦାଜ ଆରନ, ରୋଜାଲିନ ପ୍ରଧାନ, ଏସ୍. କାଜଲ ପ୍ରମୁଖ ପରିଚାଳନା କରିଥିଲେ।

# ଘରୋଇ ଶିକ୍ଷାନୁଷ୍ଠାନକୁ ନେଇ କମ୍ପିଲା ସମିତି ଗୃହ

**ଅଧାରୁ ବନ୍ଦ ହେଲା ବୈଠକ**

**ଗୋପ, ୧୯।୮(ଡି.ଏନ୍.ଏ.)**



ବୈଠକରେ ଉପସ୍ଥିତ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ତୁଷାରକାନ୍ତି ବେହେରା, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଅନ୍ୟମାନେ।

ଗୋପ ବ୍ଲକରେ ଛତୁଫୁଟିଲା ଭଳି ଖୋଲିଥିବା ଘରୋଇ ଶିକ୍ଷାନୁଷ୍ଠାନକୁ ନେଇ ସୋମବାର ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ତୁମ୍ବି ତୋଫାନ ହୋଇଥିଲା। ଜନପ୍ରତିନିଧିମାନେ ଏହା ଉପରେ କାହିଁକି ଅଙ୍କୁଶ ଲଗାଯାଉ ନାହିଁ ବୋଲି ବୈଠକରେ ଉପସ୍ଥିତ ଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ପ୍ରଶ୍ନ କରିବା ସହ କହି ହୋ ହଲ୍ଲା କରିଥିଲେ। ମାତ୍ର ମନ୍ତ୍ରୀଙ୍କ ନୀରବତା ଉପସ୍ଥିତ ଜନ ପ୍ରତିନିଧି ଓ ସରକାରୀ କର୍ମଚାରୀମାନଙ୍କୁ ଚକିତ କରିଥିଲା। ବୈଠକ ଲାଗି ରହିଥିବା ଏଜେଣ୍ଡାଗୁଡ଼ିକ ଆଲୋଚନା ହୋଇ ନ ଥିବାବେଳେ ସେତିକି ଥାଉ ବୋଲି ମନ୍ତ୍ରୀ ଅଧାରୁ ଉଠି ଚାଲିଯାଇଥିଲେ। ଏହାପରେ କିଛି ସମୟ ଧରି ଗୃହରେ ହୋହଲ୍ଲା ଲାଗି ରହିଥିବାବେଳେ ବୈଠକକୁ ଅଧାରୁ ବନ୍ଦ କରିଦିଆଯାଇଥିଲା।

ପୂର୍ବ ସୂଚନା ଅନୁଯାୟୀ ବୈଠକ ସୋମବାର ବ୍ଲକ୍ ଚେୟାରମ୍ୟାନ୍ ପ୍ରକାଶ ଚନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣଶିକ୍ଷା ମନ୍ତ୍ରୀ, କାକଟପୁର ବିଧାୟକ ତଥା କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଏମ୍‌ପିଙ୍କ ପ୍ରତିନିଧି ବାଲୁଙ୍କେଶ୍ୱର ସାହୁ, ଜିଲା ପରିଷଦ ସଭ୍ୟ ଦିବାକର ପାତ୍ର, ସରୋଜିନୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ୍‌ର ୩୧ଗୋଟି ଗ୍ରାମପଞ୍ଚାୟତର ସମସ୍ତ ଜନ ପ୍ରତିନିଧି ବୈଠକରେ ଉପସ୍ଥିତ ଥିଲେ। ଆରମ୍ଭରୁ ଦୁଇ ମନ୍ତ୍ରୀ ଓ ବିଧାୟକଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯିବା ପରେ ବୈଠକ ଆରମ୍ଭ ହୋଇଥିଲା। ବୈଠକରେ ସ୍ୱାସ୍ଥ୍ୟ, କୃଷି ଓ ପାନୀୟ ଜଳ, ଗ୍ରାମୀଣ ଗୃହ ନିର୍ମାଣ, ଯୋଗାଣ, ବିଦ୍ୟୁତ୍ ଆଦି ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିବାବେଳେ ପଶୁ ସମ୍ପଦ, ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗ ଓ ୧୪ଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ ଏବଂ ବିନିଯୋଗ ସମ୍ପର୍କରେ ଆଲୋଚନା କରାଯାଇ ନ ଥିଲା। ବ୍ଲକ୍ ଶିକ୍ଷାଧିକାରୀ ଶିକ୍ଷା ସମ୍ପର୍କରେ ଗୃହରେ ତଥ୍ୟ ରଖିବା ବେଳେ ଅଣ୍ଟେରା ଇଚ୍ଛାପୁର ସରପଞ୍ଚ ବନରଞ୍ଜନ ପଟ୍ଟନାୟକ, ବଉଲାଙ୍ଗ ସରପଞ୍ଚ କମଳାକାନ୍ତ କୁଅଁର, ସମିତି ସଭ୍ୟ ଚନ୍ଦ୍ରକାନ୍ତ ସାହୁ ପ୍ରମୁଖ ସରକାରୀ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବାବେଳେ ଛତୁ ଫୁଟିଲା ଭଳି ଘରୋଇ ଶିକ୍ଷାନୁଷ୍ଠାନ ଖୋଲୁଥିବା କଥା ଉଠାଇଥିଲେ। ଗଣଶିକ୍ଷା ମନ୍ତ୍ରୀ ଘରୋଇ ଶିକ୍ଷାନୁଷ୍ଠାନ ଖୋଲିଥିବା କଥା ମାନିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ପରେ ମନ୍ତ୍ରୀ ଦାଶ ବୈଠକ ସେତିକି ଥାଉ କହି ଉଠି ପଳାଇଯିବାରୁ ଗୋପ ସରପଞ୍ଚ ସୁଶାନ୍ତ ସ୍ୱାଇଁ, ସମିତି ସଭ୍ୟ ଚନ୍ଦ୍ରକାନ୍ତ ସାହୁଙ୍କ ସହିତ ଆଉ କେତେକ ଜନ ପ୍ରତିନିଧି ଆଲୋଚନା ଅଧାରୁ କାହିଁକି ବନ୍ଦ କରାଗଲା ବୋଲି ହୋହଲ୍ଲା କରିଥିଲେ। ପୁରୀ ବିଧାୟକ ଷଡ଼ଙ୍ଗୀ ନିଜର ଅନୁଭୂତି ବଖାଣିଥିବାବେଳେ ମନ୍ତ୍ରୀ ବେହେରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନୀରବ ରହିଥିଲେ। ବୈଠକରେ ବିଡିଓ ଦୀପ୍ତିରାଣୀ ଦାସ, ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ଗୋପ ସ୍ୱାସ୍ଥ୍ୟ ଅଧିକାରୀ ଶିବ ପ୍ରସାଦ ମଙ୍ଗରାଜ, ଥାନାଧିକାରୀ ସୁଧୀର ରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।